# ଧରିତ୍ରୀ
DHARITRI

ବୁଧବାର, ଏପ୍ରିଲ ୨୯/୨୦୨୦ (୧୮ ପୃଷ୍ଠା) | Wednesday, April 29/2020

୪୬ଶ ଭାଗ ୧୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ବୋଲ୍ଡ ଅନ୍ଦାଜରେ ନାଗାର୍ଜୁନଙ୍କ ବୋହୂ**

ସାଉଥ୍ ସୁପର୍‌ଷ୍ଟାର ନାଗାର୍ଜୁନଙ୍କ ବୋହୂ ସମନ୍ଥା ଜନ୍ମଦିନରେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଭିନ୍ନ ଗେଟ୍‌ଅପ୍‌ର ହଟ୍ ଲୁକ୍ସ ଫଟୋ ଦର୍ଶକଙ୍କ ପାଇଁ ଶେୟାର କରିଛନ୍ତି। ୦୭

୧୮ **ସରୱାନ କରୋନା ଭାଇରସ୍‌ଠାରୁ ମାରାତ୍ମକ**

ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପନର କ୍ରିସ୍ ଗେଲ୍ କହିଛନ୍ତି, ତାଙ୍କ ପୂର୍ବତନ ଟିମ୍‌ମେଟ୍ ରାମନରେଶ ସରୱାନ କରୋନା ଭାଇରସ୍‌ଠାରୁ ମାରାତ୍ମକ।




# ଖବରଦାତାଙ୍କ ବେକରେ ଦଉଡ଼ି

**ନୂଆଦିଲ୍ଲୀ,୨୮।୪**

ମହାମାରୀ କରୋନା ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ଛଡ଼ାଇନେଇଛି। ଏଥିରୁ ବାଦ୍ ପଡ଼ିନାହାନ୍ତି ଖବରଦାତା। କର୍ମକ୍ଷେତ୍ର ସଙ୍କୁଚିତ ହୋଇଯାଇଥିବାବେଳେ ନିର୍ଭୟରେ ରିପୋର୍ଟ କରିବା ମଧ୍ୟ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଖବରଦାତା ଓ ସାମ୍ବାଦିକତା ନ୍ୟୁଜ୍ ପାଲଟିଲେ ଆମକୁ ଚିନ୍ତା କରିବାକୁ ପଡ଼ିବ। କଶ୍ମୀରରେ ୭୨ ଘଣ୍ଟା ମଧ୍ୟରେ ତିନିଜଣ ଖବରଦାତାଙ୍କ ବେକରେ ମାମଲାର ଦଉଡ଼ି ଛନ୍ଦିଦିଆଗଲା। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ଓ ତଥ୍ୟଗତ ତ୍ରୁଟି ଥିବା ରିପୋର୍ଟକୁ ନେଇ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ କଠୋର ମାମଲା କରାଗଲା। ପୋଲିସ ଓ ସୁରକ୍ଷା ବଳର ଏପରି ମାମଲା ଓ ଧମକପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ କଶ୍ମୀରରେ ନିତିଦିନିଆ ଘଟଣା ହୋଇଥିଲେ ମଧ୍ୟ ହାତଗଣତି କେତେଜଣ ମହିଳା ଖବରଦାତାଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯିବା ନିଶ୍ଚିତ ଭାବେ ନୂଆ କଥା।

ମସ୍‌ରତ ଜହରା ଜଣେ ମେଧାବୀ ଯୁବ ଫଟୋଜର୍ନାଲିଷ୍ଟ, ଯାହାଙ୍କ ରିପୋର୍ଟିଂ ଅଲ୍ ଜଜିରା, ୱାଶିଂଟନ ପୋଷ୍ଟ ଓ ଅନ୍ୟ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉପତ୍ୟକାରେ ପତ୍ରକାରିତା ଏକ ପୁରୁଷ ପ୍ରଧାନ ବୃତ୍ତି ହୋଇଥିବାବେଳେ ମସ୍‌ରତ ଏହାକୁ ଆପଣାଇ ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି। ସମ୍ପ୍ରତି ଜହରାଙ୍କ ବ୍ୟତୀତ ଆହୁରି ଅନେକ ମହିଳା ଖବରଦାତା ନିଜ ସାହସ ଓ ଗୁଣବତ୍ତା ବଳରେ କାର୍ଯ୍ୟରେ ନିପୁଣତା ପ୍ରତିପାଦିତ କରିପାରିଛନ୍ତି। ୨୦୦୮ ଓ ୨୦୧୮ ମସିହାର ଫେସ୍‌ବୁକ ପୋଷ୍ଟକୁ ନେଇ ୟୁଏପିଏ ବଳରେ ମାମଲା ରୁଜୁ କରାଯିବା ଏବଂ ଖବରଦାତା ଭାବେ ଚିହ୍ନଟ ନ ହୋଇ କେବଳ ଜଣେ ଫେସ୍‌ବୁକ ୟୁଜର ଭାବେ ପରିଗଣିତ ହେବା ଜହରାଙ୍କ ପାଇଁ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ତାଙ୍କୁ କାହିଁକି ଟାର୍ଗେଟ କରାଗଲା ? ପୂର୍ବ ପ୍ରକାଶିତ କେତେକ ଫଟୋଗ୍ରାଫ୍ ପୋଷ୍ଟ କରିଥିବାରୁ ତାଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଅନେକ ଦିଗକୁ ଉନ୍ମୋଚନ କରିବ ଆଗାମୀ ଦିନରେ।

ଚିନ୍ତାର ବିଷୟ ହେଉଛି ନୂଆଦିଲ୍ଲୀର ନିର୍ଦ୍ଦେଶ ମାନି ଏଭଳି କାର୍ଯ୍ୟାନୁଷ୍ଠାନ ବଳରେ ସାମଗ୍ରିକ ଭାବେ ଦିଆଯାଇଥିବା ସନ୍ଦେଶ। ଜହରାଙ୍କ ସମେତ 'ଦି ହିନ୍ଦୁ'ର ପୀରଜାଦା ଆଶିକ୍ ଓ ଲେଖକ ତଥା ଖବରଦାତା ଗୋହାର ଗିଲାନିଙ୍କ ଭଳି ଦୁଇଜଣ ଅନୁଭୂତିସମ୍ପନ୍ନ ଖବରଦାତାଙ୍କୁ ଆଇନର କାଠଗଡ଼ାକୁ ଟଣାଯିବା ସୂଚାଇ ଦେଉଛି ଯେ, ସେମାନଙ୍କ ପାଇଁ କିଛି ବଦଳିନାହିଁ। ଏପରି କି କୋଭିଡ୍-୧୯ ମହାମାରୀ ସମୟରେ ମଧ୍ୟ ସବୁକିଛି ଅପରିବର୍ତ୍ତିତ ରହିଛି। ସେମାନଙ୍କ ସ୍ୱାଧୀନତା କେବଳ ☞ପୃଷ୍ଠା-୪



ପୀରଜାଦା ଆଶିକ୍



ଗୋହାର ଗିଲାନି



ମସ୍‌ରତ ଜହରା

## ଟିକସ ବୃଦ୍ଧି ପ୍ରସଙ୍ଗରେ ୩ ଅଧିକାରୀଙ୍କୁ ଚାର୍ଜଶିଟ

**ନୂଆଦିଲ୍ଲୀ,୨୮।୪**

ଅତି ଧନୀ (ସୁପର ରିଚ୍)ଙ୍କ ଉପରେ ଟିକସ ବୃଦ୍ଧି କରିବା ନେଇ ସରକାରଙ୍କୁ ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍)ର ୫୦ ଜଣ ଅଧିକାରୀ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି)କୁ ସୁପାରିସ କରିଥିଲେ। ଆୟକରରେ ବୃଦ୍ଧି ନେଇ ମଧ୍ୟ ପ୍ରସ୍ତାବ ରହିଥିଲା। ଏହା ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଥିବା ବେଳେ ତାହାକୁ ସରକାର ଖାରଜ କରିଦେଇଛନ୍ତି। ଏଥିସହିତ ଉକ୍ତ ରିପୋର୍ଟ ଦେଇଥିବା ୩ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ସିବିଡିଟି ପକ୍ଷରୁ ସୋମବାର ଚାର୍ଜଶିଟ୍ ଦାଖଲ କରାଯାଇଛି। ସରକାରୀ ନିୟମ କାନୁନ୍ ଓ ନିର୍ଦ୍ଧାରିତ ମାଧ୍ୟମରେ ବୋର୍ଡକୁ ରିପୋର୍ଟ ପଠାଇବା ପରିବର୍ତ୍ତେ ଅଫିସରମାନେ ସୋସିଆଲ ମିଡିଆରେ ଏହାକୁ ପ୍ରଘଟ କରିଥିଲେ। ସେହିଭଳି ୫୦ଜଣ ଅଧିକାରୀଙ୍କୁ ସମ୍ପୃକ୍ତ ୩ ଅଫିସର ଭ୍ରମରେ ☞ପୃଷ୍ଠା-୪

## ଖାଦାନରେ ପଥର ଖସି ୩ ଶ୍ରମିକ ମୃତ

**ପୁରୁଷୋତ୍ତମପୁର, ୨୮।୪ (ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଭାଟକୁମରଡ଼ା କଲେଜ ନିକଟ ପଥର ଖାଦାନରେ ମଙ୍ଗଳବାର ଅପରାହ୍ନରେ କାମ କରୁଥିବା ବେଳେ ଏକ ବଡ଼ ପଥର ଖସି ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ମୃତକମାନେ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଗ୍ରାମର ନମିତା ନାୟକ (୩୦), ପଙ୍କଜ ଦାସ (୧୯) ଏବଂ ଖଲ୍ଲିକୋଟ ଥାନା ବିକ୍ରମପୁର ଗ୍ରାମର ଭକ୍ତ ପରିଡା (୩୫)। ମୃତଦେହଗୁଡ଼ିକୁ ପୋଲିସ ଜବତ କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛି। ହେଲେ ସନ୍ଧ୍ୟା ହୋଇଯାଇଥିବାରୁ ବ୍ୟବଚ୍ଛେଦ କରାଯାଇପାରିନି। ଖାଦାନ ଲିଜ୍‌ଧାରୀଙ୍କ ଦାୟିତ୍ୱହୀନତାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଆମ ଉପରେ ନିର୍ଭର




ଭୁବନେଶ୍ୱର ଉତ୍ତର ଜୋନ୍‌ରେ ବିଏମ୍‌ସି ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ବିଶୋଧନ କରାଯାଉଛି। (ରିପୋର୍ଟ: ପୃଷ୍ଠା-୫)

# ଚିନ୍ତା ବଢ଼ାଇଲେ ସୁପରସ୍ପ୍ରେଡର

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ଲକ୍‌ଡାଉନ୍ ଜାରି ରହିଥିବାବେଳେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରତିଦିନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାସତ୍ତ୍ୱେ ସଂକ୍ରମଣ ବଢ଼ି ଚାଲିଛି। ପ୍ରଥମେ ବିଦେଶ ଫେରନ୍ତା, ପରେ ନିଜାମୁଦ୍ଦିନ, ଆଉ ଏବେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ମଧ୍ୟରୁ କେତେଜଣ ସୁପରସ୍ପ୍ରେଡର ସାଜିଛନ୍ତି। ଏମାନଙ୍କୁ ନେଇ ସରକାରଙ୍କ ଚିନ୍ତା ବଢ଼ିଛି। ସପ୍ତାହକ ଭିତରେ ରାଜ୍ୟରେ ପ୍ରାୟ ଏକ ତୃତୀୟାଂଶ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପଛରେ ପଶ୍ଚିମବଙ୍ଗ ଫେରନ୍ତା ସୁପରସ୍ପ୍ରେଡରଙ୍କ ବଡ଼ ଭୂମିକା ରହିଛି। ବିଶେଷକରି ସୁପରସ୍ପ୍ରେଡରଙ୍କ ପାଇଁ ବାଲେଶ୍ୱର ଓ ସୁନ୍ଦରଗଡ଼ରେ ସ୍ଥିତି ବିଗିଡ଼ିବାରେ ଲାଗିଛି।

ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୂର୍ବ ୫ ଜଣ ଅର୍ଥାତ୍ ୧୦୪ ରୁ ୧୦୮ ନମ୍ବର ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରିଛନ୍ତି। ଏମାନେ ସମସ୍ତେ ବାଲେଶ୍ୱର ନେଳିଆବାଗ ଅଞ୍ଚଳର। ୧୦୪ରୁ ୧୦୭ ନଂ. ଆକ୍ରାନ୍ତ ନେଳିଆବାଗ ଅଞ୍ଚଳର ୬୧ନଂ. ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ☞ପୃଷ୍ଠା-୪

**୫ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କଲା ସ୍ୱାସ୍ଥ୍ୟ ବିଭାଗ**

- ୧୨ଜଣଙ୍କୁ ସଂକ୍ରମିତ କରିଛନ୍ତି ୬୧ନଂ. ଆକ୍ରାନ୍ତ
- ୫୨ନଂ. ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି ୮ଜଣ

## ରାଜ୍ୟରେ ଆଉ ୭ ପଜିଟିଭ୍

- ଭଦ୍ରକର ୩ ଆକ୍ରାନ୍ତ କୋଲକାତା ଫେରନ୍ତା
- ସୁନ୍ଦରଗଡ଼ର ୪ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି
- ଭୁବନେଶ୍ୱରରୁ ପୁଣି ଜଣେ ସୁସ୍ଥ ହେଲେ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ରାଜ୍ୟରେ ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଲକ୍‌ଡାଉନ ସତ୍ତ୍ୱେ ସଂକ୍ରମିତଙ୍କ ସଂଖ୍ୟା ଥମିବାର ନା ନେଉନାହିଁ। ମଙ୍ଗଳବାର ଆଉ ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଭଦ୍ରକ ଜିଲାର ୩ଜଣ ଓ ସୁନ୍ଦରଗଡ଼ର ୪ଜଣ ରହିଛନ୍ତି। ଭଦ୍ରକରୁ ଚିହ୍ନଟ ଆକ୍ରାନ୍ତମାନେ ହେଲେ ବାସୁଦେବପୁର ବ୍ଲକର ୨ଜଣ ଏବଂ ବନ୍ତ ବ୍ଲକର ଜଣେ। ସମସ୍ତେ ପୁରୁଷ ହୋଇଥିବାବେଳେ ଏମାନଙ୍କ ବୟସ ଯଥାକ୍ରମେ ୪୫, ୨୯ ଏବଂ ୨୮ ବର୍ଷ। ଏମାନଙ୍କର କୋଲକାତା ଲିଙ୍କ୍ ରହିଥିବା ଓ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡ଼ିଛି। ତେଣୁ ପ୍ରଶାସନ ପକ୍ଷରୁ ଆକ୍ରାନ୍ତ ରହୁଥିବା ଅଞ୍ଚଳକୁ ସିଲ୍ କରିଦିଆଯାଇଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭଦ୍ରକ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୧୯କୁ ବୃଦ୍ଧି ହୋଇଛି। ଇତିମଧ୍ୟରେ ୨ଜଣ ସୁସ୍ଥ ହୋଇଛନ୍ତି ଓ ସକ୍ରିୟ ଥିବା ୧୭ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

ସେହିପରି ସୁନ୍ଦରଗଡ଼ରୁ ଚିହ୍ନଟ ସମସ୍ତ ନୂଆ ଆକ୍ରାନ୍ତ ରାଉରକେଲା ନାଲା ରୋଡ୍‌ର ବୋଲି ଜଣାପଡ଼ୁଛି। ଏମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଓ ଦୁଇଜଣ ପୁରୁଷ ରହିଥିବାବେଳେ ବୟସ ଯଥାକ୍ରମେ ୫୫, ୩୫, ୩୮ ଓ ୨୭ ବର୍ଷ ରହିଛି। ସମସ୍ତଙ୍କ ନିକଟରେ ଅଳ୍ପ କିଛି କରୋନା ଲକ୍ଷଣ ଦେଖା ଦେଇଥିଲା। ତେବେ ଏମାନେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ସୁନ୍ଦରଗଡ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦କୁ ବୃଦ୍ଧି ହୋଇଛି। ୭ଜଣ ଆକ୍ଟିଭ୍ କେସ୍ ରହିଥିବାବେଳେ ୩ଜଣ ସୁସ୍ଥ ହୋଇଛନ୍ତି।

ସେପଟେ ନୂଆ ୭ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ବର୍ତ୍ତମାନ କରୋନା ପଜିଟିଭ୍ ସଂଖ୍ୟା ୧୧୮ରେ ପହଞ୍ଚିଛି। ରାଜ୍ୟର ୧୧ ଜିଲାକୁ ଭାଇରସ୍ କୋଭିଡ୍-୧୯ ଡେଇଁଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୬ ଆକ୍ରାନ୍ତ ରହିଛନ୍ତି। ଏହା ତଳକୁ ଭଦ୍ରକରେ ୧୯, ଯାଜପୁର ୧୯, ବାଲେଶ୍ୱର ୧୬, ସୁନ୍ଦରଗଡ଼ ୧୦, କେନ୍ଦ୍ରାପଡ଼ା ୨, କଳାହାଣ୍ଡି ୨, କଟକ, ପୁରୀ, ଢେଙ୍କାନାଳ ଓ କୋରାପୁଟ ଜିଲାରେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ସୋମବାର ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେ ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ଫଳରେ ଭୁବନେଶ୍ୱରରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୬ରେ ପହଞ୍ଚିଛି ଏବଂ ରାଜ୍ୟରେ ଏହା ୩୮ ହୋଇଛି। ସେହିପରି ଭୁବନେଶ୍ୱରରେ ସକ୍ରିୟ ଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୯ ଓ ରାଜ୍ୟରେ ୭୯କୁ ଖସି ଆସିଛି।

# ଚୋକ୍‌ସି, ମାଲ୍ୟାଙ୍କ ସମେତ ଖିଲାପକାରୀଙ୍କୁ ଋଣ କ୍ଷମା

- ଆର୍‌ଟିଆଇ ଜରିଆରେ ଆର୍‌ବିଆଇର ତଥ୍ୟ ପ୍ରଦାନ
- ୬୮,୬୦୭ କୋଟି ଟଙ୍କାର ଋଣ ରାଇଟ୍ ଅଫ୍

**ନୂଆଦିଲ୍ଲୀ,୨୮।୪**

ଦେଶରେ ଲକ୍‌ଡାଉନ୍ ଜାରି ରହିଥିବାରୁ ଅନାଦାୟ ଋଣ(ଏନ୍‌ପିଏ) ସ୍ତର ବଢ଼ିବା ଆଶଙ୍କା ରହିଛି। ଏଭଳି ସ୍ଥଳେ ବୃହତ୍ ପରିମାଣର ଋଣ ନେଇ ପରିଶୋଧ କରି ନ ଥିବା ୫୦ ଇଚ୍ଛାକୃତ ଖିଲାପକାରୀଙ୍କ ୬୮,୬୦୭ କୋଟି ଟଙ୍କାକୁ ଭାରତୀୟ ବ୍ୟାଙ୍କଗୁଡ଼ିକ ରାଇଟ୍ ଅଫ୍ କରିବା ଏବେ ସମସ୍ତଙ୍କୁ ଚକିତ କଲା ଭଳି ବିଷୟ ପାଲଟିଛି। ୨୦୧୯ ସେପ୍ଟେମ୍ବର ୩୦ ସୁଦ୍ଧା ଉପରଲିଖିତ ଋଣ ରାଇଟ୍ ଅଫ୍ କରାଯାଇଛି ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମଗାଯାଇଥିବା ପ୍ରଶ୍ନର ଲିଖିତ ଉତ୍ତରରେ ରିଜର୍ଭ ବ୍ୟାଙ୍କ ଏହା କହିଛି। ମେହୁଲ ଚୋକ୍‌ସି, ବିଜୟ ମାଲ୍ୟାଙ୍କ ଭଳି ବଡ଼ବଡ଼ିଆ ଏଭଳି ବୃହତ୍ ପରିମାଣର ଋଣ ନେଇ ଚମ୍ପଟ ମାରିଛନ୍ତି। ତେଣୁ ବହୁ ପରିମାଣର ଋଣ ଅର୍ଥ ବ୍ୟାଙ୍କକୁ ଆଉ ଫେରିବ ବୋଲି କୁହାଯାଇ ନ ପାରେ। ସାଧାରଣତଃ ଯେଉଁ ଋଣ ଫେରିବାର ଆଉ ସମ୍ଭାବନା ନ ଥାଏ, ତାହାକୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ହିସାବ ଖାତାରୁ ବାଦ୍ ଦେଇଥାନ୍ତି। ତାକୁ ରାଇଟ୍ ଅଫ୍ କୁହାଯାଏ।

ଗୀତାଞ୍ଜଳି ଜେମ୍‌ସ ମାଲିକ ମେହୁଲ ଚୋକ୍‌ସି ଖିଲାପକାରୀ ବ୍ୟକ୍ତିଙ୍କ ତାଲିକାର ଆଗରେ ଅଛନ୍ତି। ସେ ବ୍ୟାଙ୍କଗୁଡ଼ିକରୁ ୫,୪୯୨ କୋଟି ଟଙ୍କା ଋଣ ଠକେଇରେ ସମ୍ପୃକ୍ତ ଅଛନ୍ତି। ଏବେ ଆଣ୍ଟିଗୁଆ ପଳାୟନ କରି ସେଠାରେ ରହୁଛନ୍ତି। ତାଙ୍କୁ ଭାରତ ଫେରାଇ ଆଣିବାକୁ ସରକାର ପ୍ରୟାସ କରିଥିଲେ ମଧ୍ୟ ବର୍ତ୍ତମାନ ଯାଏ ସଫଳ ହୋଇ ନାହାନ୍ତି। ସେହିଭଳି ରେଇ ଆଗ୍ରୋ ନାମକ କମ୍ପାନୀ ଉପରେ ୪, ୩୧୪ କୋଟି ଏବଂ ୱିନ୍‌ସମ୍ ଡାଇମଣ୍ଡ ଉପରେ ୪,୦୭୬ କୋଟି ଟଙ୍କାର ଋଣ ରହିଛି। ଋଣ ରାଇଟ୍ ଅଫ୍ କରାଯାଇଥିବା ଅନ୍ୟ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରେ ରୋଟୋମାକ୍ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ୍ (୨,୮୫୦ କୋଟି), କୋଡୋସ୍ କେମି ଲିମିଟେଡ (୨,୩୨୬ କୋଟି), ରୁଚି ସୋୟା (୨,୨୧୨ କୋଟି), ଜୁମ୍ ଡେଭଲପର ପ୍ରାଇଭେଟ ଲିମିଟେଡ୍‌ର (୨,୦୧୨ କୋଟି) ଋଣ ଟଙ୍କା ରହିଛି।

ଏହି ତାଲିକାର ନବମ ସ୍ଥାନରେ ଥିବା ବିଜୟ ମାଲ୍ୟାଙ୍କ କିଙ୍ଗଫିସର ଏୟାରଲାଇନ୍ସ ଉପରେ ୧,୯୪୩ ଟଙ୍କା ଋଣ ରହିଛି। ଏହାକୁ ମଧ୍ୟ ରାଇଟ୍ ଅଫ୍ କରାଯାଇଛି। ☞ପୃଷ୍ଠା-୪



ମେହୁଲ ଚୋକ୍‌ସି



ବିଜୟ ମାଲ୍ୟା

# ଅସ୍ଥାୟୀ କ୍ୟାମ୍ପ ପାଇଁ ଗାଇଡ୍‌ଲାଇନ ଜାରି

- ବ୍ୟକ୍ତି ସ୍ୱାଧୀନତା, ସୁରକ୍ଷା, ଆତ୍ମସମ୍ମାନ ସହ ହେବନି ସାଲିସ୍
- ଭେଦଭାବକୁ ବରଦାସ୍ତ କରାଯିବନି
- କ୍ୱାରାଣ୍ଟାଇନ୍ ଶେଷ ନ ହେବା ଯାଏ ଯାଇପାରିବେନି ଘରକୁ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ରାଜ୍ୟ ବାହାରୁ ଫେରୁଥିବା ଲୋକମାନଙ୍କ ଲାଗି ପଞ୍ଚାୟତ ଓ ପୌରାଞ୍ଚଳରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଚିକିତ୍ସା ଶିବିର ବା କ୍ୱାରାଣ୍ଟାଇନ୍ ସେଣ୍ଟର ପରିଚାଳନା ନେଇ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗାଇଡ୍‌ଲାଇନ ଜାରି କରାଯାଇଛି। ବାହାର ରାଜ୍ୟରୁ ଫେରୁଥିବା କୌଣସି ବ୍ୟକ୍ତିଙ୍କୁ ୧୪ଦିନିଆ କ୍ୱାରାଣ୍ଟାଇନ୍ ଶେଷ ନ ହେବା ଯାଏ ଘରକୁ ଛଡାଯିବ ନାହିଁ। ଏହି ସମୟରେ ମହିଳା, ପୁରୁଷ, ପିଲା, ବୃଦ୍ଧ, ରୋଗୀ, ଶାରୀରିକ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଯେପରି କୌଣସି ଅସୁବିଧାରେ ନ ପଡନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଗର୍ଭବତୀ, କିଶୋରୀ, ସ୍ତନ୍ୟପାନ କରାଉଥିବା ମା'ଙ୍କ ପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୩ ବିଷୟକୁ ଗାଇଡ୍‌ଲାଇନ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେଗୁଡିକ ହେଲା, ବ୍ୟକ୍ତି ସ୍ୱାଧୀନତା, ସୁରକ୍ଷା ଏବଂ ଆତ୍ମସମ୍ମାନ। ପ୍ରଥମତଃ ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ପାଇଖାନା ଓ ଗାଧୁଆ ଘର ବ୍ୟବସ୍ଥା କରିବା। ସମସ୍ତଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଏବଂ ତୃତୀୟତଃ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମ୍ମାନ ମିଳିବା ଦରକାର। କୌଣସି ପ୍ରକାର ଭେଦଭାବ ଯେପରି ନ ହେବ ସେଥିପ୍ରତି କଡା ଦୃଷ୍ଟି ରଖିବାକୁ ଉଲ୍ଲେଖ କରାଯାଇଛି। କ୍ୟାମ୍ପର ସମସ୍ତଙ୍କ ସମ୍ପୂର୍ଣ୍ଣ ବିରଣୀ ରେଜିଷ୍ଟରରେ ଉଲ୍ଲେଖ କରାଯିବ। ପ୍ରତ୍ୟେକ କ୍ୟାମ୍ପରେ ସରପଞ୍ଚ, ନୋଡଲ ଅଫିସର, ସ୍ୱାସ୍ଥ୍ୟ ଅଧିକାରୀ, ଆଶା, ଅଙ୍ଗନୱାଡି କର୍ମୀ ଏବଂ ଏଏନ୍‌ଏମ୍‌ଙ୍କୁ ଯୋଗାଯୋଗ କରିବା ଲାଗି ସୂଚନା ବୋର୍ଡ ରହିବ। କ୍ୟାମ୍ପରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯିବ। କ୍ୟାମ୍ପଗୁଡ଼ିକୁ ଦିନକୁ ୩ ଥର ସଫା କରାଯିବ। ଛେପ ପକାଇବା, ଧୂମପାନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସକାଳ ଜଳଖିଆ, ଦ୍ୱି ପ୍ରହରରେ ଭୋଜନ, ସନ୍ଧ୍ୟାରେ ଚା' ଓ ସ୍ନାକ୍ସ ଏବଂ ରାତ୍ରି ଭୋଜନ ପ୍ରଦାନ କରିବାକୁ କୁହାଯାଇଛି।

## କ୍ୱାରାଣ୍ଟାଇନ୍ ସେଣ୍ଟର ଖର୍ଚ୍ଚ ଚୂଡ଼ାନ୍ତ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଲକ୍‌ଡାଉନ ଯୋଗୁ ରାଜ୍ୟ ବାହାରେ ବହୁ ଶ୍ରମିକ ଫସି ରହିଛନ୍ତି। ଏହା ଉଠିବା ପରେ ଶ୍ରମିକମାନେ ଘରବାହୁଡ଼ା ଆରମ୍ଭ କରିବେ। ସେମାନଙ୍କ କରୋନା ପରୀକ୍ଷା ପାଇଁ ରାଜ୍ୟ ସରକାର ସବୁ ପଞ୍ଚାୟତ ଓ ପୌରାଞ୍ଚଳଗୁଡିକରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ(ଟିଏମ୍‌ସି), କ୍ୱାରାଣ୍ଟାଇନ୍ ସେଣ୍ଟର ନିର୍ମାଣ କରିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନେ ପହଞ୍ଚିବା ପରେ ସେଠାରେ ସେମାନଙ୍କୁ ରଖାଯାଇ ମାଗଣାରେ ଖାଇବା ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ରାଜ୍ୟ ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରିବେ। ଖାଦ୍ୟ, ପରିମଳ ଓ ଶୋଇବା ଆଦି ପାଇଁ ସରକାର ବ୍ୟୟ ବରାଦ କରିଛନ୍ତି। ଏ ନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଜଣେ ବୟସ୍କ ବ୍ୟକ୍ତିଙ୍କର ଦିନକୁ ଖାଇବା ଖର୍ଚ୍ଚ ବାବଦରେ ୧୨୦ ଟଙ୍କା, ୧୪ ବର୍ଷରୁ କମ୍ ପିଲାଙ୍କ ପାଇଁ ୧୦୦ ଟଙ୍କା ପ୍ରତ୍ୟେକ ପଞ୍ଚାୟତ ଓ ପୌରସଂସ୍ଥାରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ୧୪ ଦିନ ଲାଗି ଯୋଗାଇ ଦିଆଯିବ। ସେହିପରି ଜଣେ ବ୍ୟକ୍ତିଙ୍କୁ ଟୁଥ୍ ବ୍ରସ୍, ପେଷ୍ଟ, ଜିଭ ଛେଲା, ସାବୁନ୍, ତେଲ, ରେଜର, ସାନିଟାରି ପ୍ୟାଡ୍, ମଗ୍, ☞ପୃଷ୍ଠା-୪

- ବୟସ୍କଙ୍କ ଖାଦ୍ୟ ଖର୍ଚ୍ଚ ୧୨୦ ଟଙ୍କା, ନାବାଳକଙ୍କ ପାଇଁ ୧୦୦ ଟଙ୍କା
- ପରିମଳ, ସୁରକ୍ଷାରେ ଦୈନିକ ୨ ହଜାର ଟଙ୍କା

ଧରିତ୍ରୀ DHARITRI
ବୁଧବାର, ୨୯ ଏପ୍ରିଲ, ୨୦୨୦



ଦିଲ୍ଲୀବାସୀଙ୍କୁ କୋଭିଡ୍-୧୯ ସମ୍ପର୍କିତ ତଥ୍ୟ ପ୍ରଦାନ ନିମନ୍ତେ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ସରକାର ଏକ ୱେବ୍‌ସାଇଟ୍ ଲଞ୍ଚ୍ କରିଛନ୍ତି। delhifightscorona.in ୱେବ୍‌ସାଇଟ୍‌ରେ ୫ଟି ବିଭାଗ ରହିଛି। ସେଗୁଡ଼ିକ ହେଲା କଣ୍ଟେନ୍‌ମେଣ୍ଟ ଜୋନ୍, ଟେଷ୍ଟିଂ ଫାସିଲିଟି, କି' ଲୋକେଶନ, ଇ-ପାସ୍ ଏବଂ ପ୍ରେସ୍ ରିଲିଜ୍।





ନୂଆଦିଲ୍ଲୀରେ ଯମରାଜ ଭଳି ବେଶ ଧାରଣ କରି ସଚେତନତା ସୃଷ୍ଟି କରୁଛନ୍ତି ଜଣେ କଳାକାର।

## ଆଇସିୟୁରେ ଇର୍ଫାନ୍ ଖାନ୍

ମୁମ୍ବାଇ,୨୮।୪: ବଲିଉଡ୍ ଅଭିନେତା ଇର୍ଫାନ୍ ଖାନ୍ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କୁ ମଙ୍ଗଳବାର ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ପେଟ ଓ ମଳାଶୟ ସଂକ୍ରମଣ ଯୋଗୁ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ଏବେ ଡାକ୍ତରମାନେ ତାଙ୍କୁ ନିରୀକ୍ଷଣ କରୁଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ସେ ନ୍ୟୁରୋଏଣ୍ଡୋକ୍ରାଇନ୍ ଟ୍ୟୁମର



ଯୋଗୁ ବିଦେଶରେ ଚିକିତ୍ସିତ ହୋଇ ଫେରିଥିଲେ। ଗତ ଶନିବାର ସେ ତାଙ୍କ ମା' ସଇଦା ବେଗମ୍(୯୫) ଙ୍କୁ ହରାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଇର୍ଫାନ୍ ଅଭିନୀତ ହିଟ୍ ଫିଲ୍ମ 'ଅଙ୍ଗ୍ରେଜି ମିଡିୟମ୍' କରୋନା ଆସିବା ପୂର୍ବରୁ ରିଲିଜ୍ ହୋଇସାରିଛି।



ଜର୍ମାନୀ ରାଜଧାନୀ ବର୍ଲିନସ୍ଥିତ ଏକ ପ୍ରାଚୀରରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ତାଙ୍କ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ୍ ମାସ୍କ ପିନ୍ଧି ପରସ୍ପରକୁ ଚୁମ୍ବନ ଦେଉଥିବା ଚିତ୍ର ଅଙ୍କାଯାଇଛି।

# 'ପ୍ଲାଜ୍‌ମା ଥେରାପିର ଅଧିକ ଗବେଷଣା ଜରୁରୀ'

ନୂଆଦିଲ୍ଲୀ,୨୮।୪: କରୋନା ଭୂତାଣୁର ଉପଚାର ଲାଗି ପ୍ଲାଜ୍‌ମା ଥେରାପିକୁ ସମର୍ଥନ କରାଯିବାର କୌଣସି ଭିତ୍ତି ନାହିଁ। ଏହାର ଅଧିକ ଗବେଷଣା ଜରୁରୀ ବୋଲି ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ପ୍ଲାଜ୍‌ମା ଥେରାପିକୁ ସମର୍ଥନ କରିବାର ସେଭଳି କୌଣସି ଠୋସ୍ ପ୍ରମାଣ ନାହିଁ। ଏହାର ଉପଯୋଗ ଠିକ୍ ଭାବେ କରା ନ ଗଲେ ସଂକ୍ରମିତଙ୍କ ଜୀବନ ପ୍ରତି ବିପଦ ଦେଖାଦେବା ଆଶଙ୍କା ରହିଛି। କେବଳ ଭେଣ୍ଟିଲେଟର ସପୋର୍ଟରେ ଥିବା ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରେ।



- ସ୍ପଷ୍ଟ କଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ
- ଆଇସିଏମ୍ଆର୍ ଗବେଷଣା ଜାରି

ପ୍ରକାଶଥାଉ କି, ମୁମ୍ବାଇରେ ମଙ୍ଗଳବାରଠାରୁ ଏହି ପ୍ଲାଜ୍‌ମା ଥେରାପି ଟ୍ରାଏଲ୍ ଭାବେ ଗ୍ରହଣ କରାଯାଇଛି। କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ପ୍ଲାଜ୍‌ମାକୁ ଜଣେ ଗୁରୁତର କରୋନା ରୋଗୀଙ୍କ ଦେହରେ ଲଗାଇ ରକ୍ତ ସଞ୍ଚାଳନ କରାଯାଇ ସୁସ୍ଥ କରାଯାଇଥାଏ। କାରଣ କରୋନାରୁ ମୁକ୍ତ ହୋଇଥିବା ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ। ଜଣେ ବ୍ୟକ୍ତି ୪୦୦ ମିଲିଗ୍ରାମ୍‌ର ପ୍ଲାଜ୍‌ମା ଦାନ କରିପାରିବେ ବୋଲି ଡାକ୍ତର କହିଛନ୍ତି। ଏଥିରେ ୨ ରୋଗୀଙ୍କୁ ବଞ୍ଚାଯାଇପାରିବ। ହେଲେ ପ୍ଲାଜ୍‌ମା ଥେରାପି କେତେଦୂର କରୋନା ରୋଗୀଙ୍କ ଜୀବନ ରକ୍ଷା କରିବ ତାହା ଗବେଷଣା ପରେ ହିଁ ଜଣାପଡ଼ିବ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆଇସିଏମ୍ଆର ପକ୍ଷରୁ ଜାତୀୟସ୍ତରରେ ଏନେଇ ଅଧିକ ତର୍ଜମା ଜାରି ରହିଛି। ଏହା ରୋଗୀଙ୍କ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିପାରେ। ଦିଲ୍ଲୀରେ ଗତ ସପ୍ତାହରେ ପ୍ଲାଜ୍‌ମା ଥେରାପି ସଫଳ ହୋଇଥିଲେ ହେଁ ଏବେ ଅଧିକ ଗବେଷଣା ଉପରେ ଗୁରୁତ୍ୱ ଦିଆଯାଉଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଲଭ୍ ଅଗ୍ରୱାଲ କହିଛନ୍ତି,

# ସହରୀ ବସ୍ତିକୁ ବଡ଼ ବିପଦ

ନ୍ୟୁୟର୍କ,୨୮।୪: ମହାମାରୀ କରୋନା ସ୍ଥାନକାଳ ବାଛ ବିଚାର କରୁନାହିଁ। ଯେଉଁଠି ଯେତେବେଳେ ପାରିଲା ମାଡ଼ିଯାଉଛି। ତେବେ ଅସ୍ୱଚ୍ଛ ଓ ଅସ୍ୱସ୍ତିକର ପରିବେଶରେ ଏହି ଘାତକ ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ରହିଥାଏ। ସହରାଞ୍ଚଳର ବସ୍ତିଗୁଡ଼ିକରେ ରହୁଥିବା ଲୋକଙ୍କ ପାଇଁ କୋଭିଡ୍-୧୯ ବେଶି ବିପଜ୍ଜନକ ବୋଲି ଏକ ନୂଆ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି। ତେଣୁ ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇଥିବା ସହରର ବସ୍ତି ବାସିନ୍ଦାମାନଙ୍କୁ ସରକାର ସ୍ୱଚ୍ଛଜଳ, ପରିମଳ ଓ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବା ଉଚିତ ବୋଲି ଏହି ଗବେଷକମାନେ ପରାମର୍ଶ ଦେଇଛନ୍ତି।

ଅଧ୍ୟୟନ ଅନୁସାରେ ସରକାରଙ୍କ ପକ୍ଷରୁ ସୋସିଆଲ ଆଇସୋଲେଶନ

**ବିଶେଷଜ୍ଞଙ୍କ ଆକଳନ**

- ସଙ୍କଟରେ ୧୦୦ କୋଟି ବାସିନ୍ଦା
- ମହାମାରୀଠୁ ବଳିଯିବ ପରବର୍ତ୍ତୀ ସ୍ଥିତି



କରାଗଲେ ବହୁସଂଖ୍ୟକ ଲୋକେ କୋଭିଡ୍-୧୯ ସଂକ୍ରମଣରୁ ମୁକ୍ତ ହୋଇପାରିବେ। କିନ୍ତୁ ଏହି ପଦକ୍ଷେପ ବିଶ୍ୱର ସହରାଞ୍ଚଳ ବସ୍ତିଗୁଡ଼ିକରେ ବସବାସ କରୁଥିବା ପ୍ରାୟ ୧୦୦ କୋଟି ଲୋକଙ୍କ ଜୀବିକା ଉଜାଡ଼ିପାରେ, ଯେଉଁଠି ସ୍ଥାନାଭାବ ଏକ ବଡ଼ ସମସ୍ୟା ଓ ମଜୁରି ଉପରେ ଅନେକେ ନିର୍ଭରଶୀଳ। ଜର୍ନାଲ ଅଫ୍ ଅର୍ବାନ ହେଲ୍‌ଥରେ ପ୍ରକାଶିତ ରିପୋର୍ଟରେ ଦାରିଦ୍ର୍ୟ ଭିତରେ ରହୁଥିବା ଲୋକଙ୍କ ଉପରେ କରୋନାର ପ୍ରଭାବକୁ ହ୍ରାସ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ପାଇଁ କେତେକ ସୁପାରିସ କରାଯାଇଛି। ଆମେରିକାର କାଲିଫର୍ନିଆ-ବର୍କେଲେ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ, କରୋନା ଭାଇରସ୍ ସଂକ୍ରମଣ ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ରାଜନୈତିକ ଓ ଅର୍ଥନୈତିକ ସଙ୍କଟ ଆଗକୁ ଆହୁରି ଜଟିଳ ସ୍ଥିତି ସୃଷ୍ଟି କରିବ। ଏହାର ପ୍ରଭାବରେ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟାଠାରୁ ଅଧିକ ଜୀବନ ନେବ। ଏଥିଲାଗି ଅଧିକ ଯୋଜନାବଦ୍ଧ ଓ ସଙ୍ଗଠିତ ଭାବେ ରଣନୀତି ଆପଣାଯିବା ଆବଶ୍ୟକ ବୋଲି ଗବେଷକ ଜାସୋନ୍ କୋର୍‌ବର୍ନ କହିଛନ୍ତି। ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ବସ୍ତିବାସିନ୍ଦାମାନେ ମୂଳରୁ ଅସୁବିଧାରେ ଥିବାବେଳେ ଏବେ ସଂକ୍ରମିତ ହେବା ଆଶଙ୍କା ରହିଛି। ଫଳରେ ଘରେ ରହିବା ଛଡ଼ା ସେମାନଙ୍କ ନିକଟରେ ଅନ୍ୟ ବିକଳ୍ପ ନାହିଁ। ଜୀବିକା ହରାଇଥିବା ଏହି ଗରିବଙ୍କ ପାଇଁ ସବୁ ରାଷ୍ଟ୍ରର ସରକାର ବ୍ୟବସ୍ଥା କରିବା ଉଚିତ ବୋଲି ଗବେଷକମାନେ ମତ ଦେଇଛନ୍ତି।

# ପିଲାଚୋର ଭାବି ୨ ସାଧୁଙ୍କୁ ହତ୍ୟା

ମୁମ୍ବାଇ/ବୁଲନ୍ଦସର,୨୮।୪

**ଅଭିଯୁକ୍ତଙ୍କ ଗିରଫ ଦାବିକଲେ ଉଦ୍ଧବ**

ଉତ୍ତରପ୍ରଦେଶର ବୁଲନ୍ଦସରରେ ୨ ସାଧୁଙ୍କୁ ପିଲାଚୋର ଭାବି ଲୋକମାନେ ପିଟି ପିଟି ହତ୍ୟା କରିବା ଘଟଣା ରାଜନୈତିକ ରୂପ ନେବାରେ ଲାଗିଛି। ଏନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ମଙ୍ଗଳବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଟେଲିଫୋନ୍‌ରେ କଥାହୋଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହାକୁ ପାଲ୍‌ଘର ଘଟଣା ଭଳି ସାମ୍ପ୍ରଦାୟିକ ରୂପ ନ ଦେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଏନେଇ ଶିବସେନା ନେତା ସଞ୍ଜୟ ରାଉତ କହିଛନ୍ତି, ଦୁଇନେତାଙ୍କ ମଧ୍ୟରେ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଓ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆଲୋଚନା ହୋଇଥିବା କହିଛନ୍ତି। ଦେଶରେ କରୋନା ତାଣ୍ଡବ ଲାଗିରହିଥିବା ବେଳେ ଏଭଳି ସ୍ଥିତିରେ ଦୁଇ ସାଧୁଙ୍କ ପିଟି ପିଟି ହତ୍ୟା କରାଯିବା ଲଜ୍ଜାର ବିଷୟ ବୋଲି ସଞ୍ଜୟ ପ୍ରକାଶ କରିଛନ୍ତି।

# ପେଣ୍ଟାଗନ ଜାରି କଲା ୟୁଏଫ୍‌ଓ ଭିଡିଓ

ୱାଶିଂଟନ,୨୮।୪: ପୃଥିବୀ ବାହାରରେ ଥିବା ଦୁନିଆ ଓ ସେଠାରେ ବସବାସ କରୁଥିବା ଏଲିଅନ୍‌ଙ୍କୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ଜୋର୍ ଧରିଥାଏ। ଅନେକ ସମୟରେ ଅନ୍‌ଆଇଡେଣ୍ଟିଫାଏଡ୍ ଫ୍ଲାଇଂ ଅବ୍‌ଜେକ୍ଟ (ୟୁଏଫ୍‌ଓ)କୁ ଦେଖିଥିବା ଲୋକେ ଦାବି କରିଥାନ୍ତି। ତେବେ ଅଦ୍ୟାବଧି ଏହାର ସତ୍ୟତା ପ୍ରମାଣିତ ହୋଇ ନ ଥିବାବେଳେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ପକ୍ଷରୁ ସୋମବାର ତିନୋଟି 'ଅନ୍‌ଏକ୍ସପ୍ଲେନ୍ଡ ଏରିଆଲ ଫେନମେନା' ଭିଡିଓ ଜାରି କରାଯାଇଛି। ନେଭାଦାର ପୂର୍ବତନ ସିନେଟର ତଥା ଡେମୋକ୍ରାଟିକ୍ ନେତା ହେରି ରିଡ୍ ମଧ୍ୟ ଏହି ଭିଡିଓଗୁଡ଼ିକୁ ଟୁଇଟ୍ କରିଛନ୍ତି। ଏଥିରେ ୨୦୦୪ରେ




ଗୋଟିଏ ଓ ୨୦୧୫ରେ ଦୁଇଟି ୟୁଏଫ୍‌ଓକୁ ଆମେରିକାର ନୌସେନା ପାଇଲଟମାନେ ରେକର୍ଡ କରିଥିବା କୁହାଯାଇଛି। ତେବେ ଏହି ୩ ଭିଡିଓ ୨୦୦୭ ଓ ୨୦୧୭ରେ ଲିକ୍ ହୋଇଥିଲା। ଲୋକଙ୍କ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଏହାକୁ ସାର୍ବଜନୀନ କରାଯାଇଥିବା ପେଣ୍ଟାଗନର ୱେବ୍‌ସାଇଟ୍‌ରେ କୁହାଯାଇଛି।

# 'ମୁସ୍‌ଲିମ୍ ପରିବା ବ୍ୟବସାୟୀଙ୍କୁ ସାବଧାନ'

ନୂଆଦିଲ୍ଲୀ,୨୮।୪: ଉତ୍ତରପ୍ରଦେଶର ଦେଓରିଆ ବିଧାୟକ ସୁରେଶ ତିୱାରୀ(୭୪) 'ମୁସଲମାନ୍ ପରିବା ବ୍ୟବସାୟୀଙ୍କଠାରୁ ପରିବା କିଣନାହିଁ ଓ ସେମାନଙ୍କଠାରୁ ଦୂରେଇ ରୁହ' ବୋଲି ସର୍ବସାଧାରଣରେ କହିବା ପରେ ଏହାକୁ ଭାଜପା ଅଧ୍ୟକ୍ଷ ଜେ.ପି.ନଡ୍ଡା ସମାଲୋଚନା କରିଛନ୍ତି। ଲକ୍‌ଡାଉନ୍ ପରେ ଲୋକମାନେ ବିଭିନ୍ନ ପରିବା ବ୍ୟବସାୟୀଙ୍କୁ ଟାର୍ଗେଟ କରୁଥିବା ବେଳେ ତିୱାରୀଙ୍କ ଏହି ମେସେଜ୍ ସୋସିଆଲ୍ ମିଡିଆରେ ଏବେ ଘୂରିବୁଲୁଛି। ଏଭଳି ମନ୍ତବ୍ୟକୁ ନେଇ ତିୱାରୀ କିଛି ଭୁଲ୍ କହି ନ ଥିବା ପ୍ରକାଶ କରିଛନ୍ତି। ମୁସଲମାନ ବ୍ୟବସାୟୀମାନେ ପରିବାରେ ଲାଳ ଲଗାଇବା ନୂଆ ରୋଗୀ ସୃଷ୍ଟିକରୁଛି ବୋଲି ସେ ମତ ରଖିଛନ୍ତି।

- ବିଧାୟକଙ୍କ ମନ୍ତବ୍ୟକୁ ଭାଜପା ଅଧ୍ୟକ୍ଷଙ୍କ ସମାଲୋଚନା



ସୁରେଶ ତିୱାରୀ

ତେବେ ଏଭଳି ବିବାଦୀୟ ମନ୍ତବ୍ୟକୁ ବରଦାସ୍ତ କରାଯିବନି ବୋଲି ନଡ୍ଡା କହିଛନ୍ତି। ଏନେଇ ପ୍ରଦେଶ ଭାଜପାକୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମନ୍ତବ୍ୟରୁ ଦୂରେଇ ରହିବା ଲାଗି ସେ ଦଳୀୟ କର୍ମକର୍ତ୍ତାଙ୍କୁ କହିଛନ୍ତି।

# ଖରାପ ଟେଷ୍ଟ କିଟ୍ ଅର୍ଡର ରଦ୍ଦ କଲା ଭାରତ

ନୂଆଦିଲ୍ଲୀ,୨୮।୪: ଭାରତରେ କରୋନା ସଂକ୍ରମଣ ନେଇ ସଙ୍କଟ ଦେଖାଦେଇଛି। ଦେଶରେ ବ୍ୟାପକ ଟେଷ୍ଟ କରାଇବା ପାଇଁ ଚାଇନାରୁ ୫ ଲକ୍ଷ ର୍‍ୟାପିଡ୍ ଆଣ୍ଟିବଡ଼ି ଟେଷ୍ଟ କିଟ୍ ଅଣାଯିବା ଲାଗି ଅର୍ଡର ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଟେଷ୍ଟ କିଟ୍ ତ୍ରୁଟିଯୁକ୍ତ ବୋଲି ଜଣାପଡ଼ିଥିଲା। ଏଭଳି କିଟ୍ ଦ୍ୱାରା ମାତ୍ର ୩୦ ମିନିଟ୍ ମଧ୍ୟରେ କରୋନା ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇପାରିଥାଏ। ତେବେ କିଟ୍ ଖରାପ ଥିବାରୁ ଭାରତ ଅର୍ଡର ରଦ୍ଦ କରିଛି। ଭାରତର ଏଭଳି ଅଭିଯୋଗକୁ ଚାଇନା ଖଣ୍ଡନ କରିଛି। ଚାଇନା ଦୂତାବାସ ପ୍ରବକ୍ତା ଜେ ରୋଙ୍ଗ୍ ଏହି ଅଭିଯୋଗ ନେଇ କହିଛନ୍ତି ଯେ, ଚାଇନା ସବୁବେଳେ ଗୁଣବତ୍ତା ଉତ୍ପାଦ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏପରିସ୍ଥଳେ ଟେଷ୍ଟ କିଟ୍‌କୁ ତ୍ରୁଟିଯୁକ୍ତ କହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ସେ କହିଛନ୍ତି।

## ଭାରତରେ କରୋନା ତାଣ୍ଡବ

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୮,୫୯୦ | ୬,୯୩୯ | ୧,୨୮୨ | ୩୬୯ |
| ତାମିଲନାଡୁ | ୨,୦୫୮ | ୯୦୫ | ୧,୧୨୮ | ୨୫ |
| ଦିଲ୍ଲୀ | ୩,୧୦୮ | ୨,୧୭୭ | ୮୭୭ | ୫୪ |
| ତେଲଙ୍ଗାନା | ୧,୦୦୯ | ୬୧୦ | ୩୭୪ | ୨୫ |
| କେରଳ | ୪୮୬ | ୧୨୩ | ୩୫୯ | ୪ |
| ଉତ୍ତରପ୍ରଦେଶ | ୨,୦୫୩ | ୧,୫୫୭ | ୪୬୨ | ୩୪ |
| ଆନ୍ଧ୍ରପ୍ରଦେଶ | ୧,୨୫୯ | ୯୭୦ | ୨୫୮ | ୩୧ |
| ରାଜସ୍ଥାନ | ୨,୩୬୪ | ୧,୫୬୮ | ୭୪୪ | ୫୨ |
| ମଧ୍ୟପ୍ରଦେଶ | ୨,୩୮୭ | ୧,୮୯୪ | ୩୭୩ | ୧୨୦ |
| କର୍ଣାଟକ | ୫୨୩ | ୨୯୬ | ୨୦୭ | ୨୦ |
| ଗୁଜରାଟ | ୩,୭୭୪ | ୩,୧୫୯ | ୪୩୪ | ୧୮୧ |
| ହରିୟାଣା | ୩୦୮ | ୮୧ | ୨୨୪ | ୩ |
| ଜମ୍ମୁ-କଶ୍ମୀର | ୫୬୫ | ୩୮୧ | ୧୭୬ | ୮ |
| ପଶ୍ଚିମବଙ୍ଗ | ୬୯୭ | ୫୬୬ | ୧୦୯ | ୨୨ |
| ପଞ୍ଜାବ | ୩୩୦ | ୨୧୩ | ୯୮ | ୧୯ |
| ଓଡ଼ିଶା | ୧୧୮ | ୭୯ | ୩୮ | ୧ |
| ବିହାର | ୩୬୬ | ୩୦୦ | ୬୪ | ୨ |
| ଉତ୍ତରାଖଣ୍ଡ | ୫୪ | ୨୦ | ୩୪ | - |
| ଆସାମ | ୩୮ | ୧୦ | ୨୭ | ୧ |
| ଚଣ୍ଡିଗଡ଼ | ୫୬ | ୩୯ | ୧୭ | - |
| ଲଦାଖ | ୨୨ | ୬ | ୧୬ | - |
| ହିମାଚଳ ପ୍ରଦେଶ | ୪୦ | ୧୩ | ୨୫ | ୨ |
| ଆଣ୍ଡାମାନ ଓ ନିକୋବର | ୩୩ | ୧୮ | ୧୫ | - |
| ଛତିଶଗଡ଼ | ୩୭ | ୩ | ୩୪ | - |
| ଗୋଆ | ୭ |  | ୭ | - |
| ପୁଡୁଚେରୀ | ୮ | ୩ | ୫ | - |
| ଝାଡ଼ଖଣ୍ଡ | ୧୦୪ | ୮୪ | ୧୭ | ୩ |
| ମଣିପୁର | ୨ |  | ୨ | - |
| ଅରୁଣାଚଳ ପ୍ରଦେଶ | ୧ |  | ୧ | - |
| ନାଗାଲାଣ୍ଡ | ୧ |  | ୧ | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨ |  | ୨ | - |
| ମୋଟ | ୩୦,୪୨୪ | ୨୨,୦୩୫ | ୭,୪୧୨ | ୯୭୭ |

https://www.covid19india.org ତଥ୍ୟ ଅନୁଯାୟୀ(ମଙ୍ଗଳବାର ରାତି ୯ଟା ୩୦ ସୁଦ୍ଧା)

# 'ଗରିବ ଶ୍ରମିକଙ୍କୁ ପ୍ରଥମେ ଆଣ'

**ବିଦେଶରୁ ଫେରିବେ ସହସ୍ରାଧିକ ଭାରତୀୟ**

ନୂଆଦିଲ୍ଲୀ,୨୮।୪: ବିଭିନ୍ନ ଦେଶରେ ଅଟକି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ବୈଦେଶିକ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଯୋଜନାବଦ୍ଧଭାବେ ଏହି ସହସ୍ରାଧିକ ଲୋକଙ୍କୁ ଅଣାଯିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇଛି। ତେବେ ପ୍ରଥମେ ଗରିବ ଶ୍ରେଣୀର ଶ୍ରମିକମାନଙ୍କୁ ସ୍ୱଦେଶକୁ ଅଣାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି। ସ୍ୱତନ୍ତ୍ର ବିମାନରେ ଏମାନଙ୍କୁ ପ୍ରଥମେ ଟିକେଟ୍ ମିଳିବା ଦରକାର। ଏହା ପରେ ଛାତ୍ରୀଛାତ୍ରମାନଙ୍କୁ ଗୁରୁତ୍ୱ ଦିଆଯାଇ ନିଜ ଜନ୍ମମାଟିକୁ ଅଣାଯାଉ। ତା' ପରେ ଅନ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ଅଣାଯାଉ ବୋଲି ମୋଦି ମଙ୍ଗଳବାର କହିଛନ୍ତି।

୧୯୯୮ରେ ପରମାଣୁ ବୋମା ପରୀକ୍ଷଣ ବେଳେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ସତ୍ତ୍ୱେ ବିଦେଶରେ ଥିବା ଗରିବ ଶ୍ରମିକମାନେ ଦେଶର ଆର୍ଥିକ ସ୍ଥିତି ସୁଧାରରେ ସହଯୋଗ କରିଥିବା ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏବେ କୋଭିଡ୍-୧୯ ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କୁ ଅସୁବିଧାରେ ପକାଇଛି। କଳ



କାରଖାନା ବନ୍ଦ ହୋଇଯିବା ପରେ ଅନେକେ କାମ ହରାଇବା ସହ ଭୋକ ଉପାସରେ ରହି ଘରକୁ ଫେରିବାର ବାଟ ଦେଖୁଛନ୍ତି। ସେମାନଙ୍କ ଯତ୍ନ ନେବା ଲାଗି ଉପସାଗରୀୟ ଦେଶଗୁଡ଼ିକୁ ଅନୁରୋଧ କରାଯାଇଥିଲେ ହେଁ ଶ୍ରମିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୟୁଏଇରେ ୩.୪ ନିୟୁତ, ସୌଦି ଆରବରେ ୨.୬ ନିୟୁତ, କୁଏତ୍, ଓମାନ୍, ବାହାରିନ୍ ଆଦି ରାଷ୍ଟ୍ରରେ ୨.୯ ନିୟୁତ ଭାରତୀୟ ରହୁଛନ୍ତି। ଉପସାଗରୀୟ ଦେଶରେ ମୋଟ ୧୨.୬ ନିୟୁତ ଭାରତୀୟ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି।

ସେହିଭଳି ବ୍ରିଟେନ, ଆମେରିକା, ରୁଷିଆ, କାନାଡ଼ା, ସିଙ୍ଗାପୁର, ଫିଲିପାଇନ୍ସ ଭଳି ଦେଶରେ ୧୫ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଫସି ରହିଛନ୍ତି। ଏଥିସହ ଅନ୍ୟମାନଙ୍କୁ ମଧ୍ୟ ପର୍ଯ୍ୟାୟ କ୍ରମେ ଭାରତ ଅଣାଯିବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ସେମାନଙ୍କୁ ସ୍ୱଦେଶ ଅଣାଯିବା ପରେ ବିଭିନ୍ନ ରାଜ୍ୟରେ ସେମାନଙ୍କୁ ପ୍ରଥମେ ସ୍କ୍ରିନିଂ ଓ ପରେ ଆବଶ୍ୟକ ସ୍ଥଳେ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ଜଣାପଡ଼ିଛି। ହେଲେ ପ୍ରଥମେ ରାଜ୍ୟଗୁଡ଼ିକ ଏଥିଲାଗି କ୍ଷେତ୍ର ପ୍ରସ୍ତୁତ କରିବା ଜରୁରୀ। ଆସିବା ପରେ ସେମାନଙ୍କ ଲାଗି କ୍ୱାରାଣ୍ଟାଇନ୍ ସୁବିଧା କିମ୍ବା ହସ୍ପିଟାଲର ବ୍ୟବସ୍ଥା କରାଯିବା ଉଚିତ। ଏଥିଲାଗି କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବା ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି।

# ୧୫ ସ୍ଥାନରେ ଦେଶର ୬୦% କରୋନା ରୋଗୀ

ନୂଆଦିଲ୍ଲୀ,୨୮।୪: ଦିଲ୍ଲୀ ଓ ମୁମ୍ବାଇ ସମେତ ୧୫ ସ୍ଥାନରେ ଦେଶର ୬୦ ପ୍ରତିଶତ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଛି। ନୀତି ଆୟୋଗର ତଥ୍ୟରେ ଏହା ଦର୍ଶାଯାଇଛି। ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ୍ କାନ୍ତ କହିଛନ୍ତି, ଏହି ମହାମାରୀକୁ ରୋକିବାକୁ ହେଲେ ବ୍ୟାପକ ଟେଷ୍ଟ ସହ ନିରୀକ୍ଷଣ, ଚିକିତ୍ସା ସୁବିଧାର ବିଶେଷ ଆବଶ୍ୟକତା ରହିଛି। ଦିଲ୍ଲୀର ୧୧ ଜିଲାରେ ଦେଶର ୧୨.୬୨% କରୋନା ରୋଗୀ ଅଛନ୍ତି। ମୁମ୍ବାଇ, ଇନ୍ଦୋର, ଚେନ୍ନାଇ, ହାଇଦ୍ରାବାଦ, ଅହମଦାବାଦ ଭଳି କେତେକ ସ୍ଥାନ ସମ୍ପର୍କରେ ଏଥିରେ କୁହାଯାଇଛି। ମୁମ୍ବାଇରେ ମହାରାଷ୍ଟ୍ରର ୩୩%, ଅହମଦାବାଦରେ ଗୁଜରାଟର ୬୬%, ଇନ୍ଦୋରରେ ମଧ୍ୟପ୍ରଦେଶର ୪୯.୫%, ହାଇଦ୍ରାବାଦରେ ତେଲଙ୍ଗାନାର ୫୫.୬% କରୋନା ରୋଗୀ ଥିବା ଦର୍ଶାଯାଇଛି। ଜନସଂଖ୍ୟା ଘନତ୍ୱ ଯୋଗୁ ଭୂତାଣୁ ସହଜରେ ବ୍ୟାପୁଥିବା କୁହାଯାଇଛି।

## ସଂକ୍ଷେପରେ

### ରାହୁଲ ପି.ଆର୍.ଙ୍କୁ ଝାରସୁଗୁଡ଼ା ଏସ୍‌ପି ଦାୟିତ୍ୱ



**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ୨୦୧୩ ବ୍ୟାଚ୍‌ର ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଫିସର ରାହୁଲ ପି.ଆର୍‌ଙ୍କୁ ଝାରସୁଗୁଡ଼ା ଜିଲା ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ରାହୁଲଙ୍କ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଝାରସୁଗୁଡ଼ା ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ଅଶ୍ୱିନୀ କୁମାର ମହାନ୍ତି ଅବସର ନେବାକୁ ଯାଉଛନ୍ତି। ତାଙ୍କ କାର୍ଯ୍ୟକାଳ ପରେ ରାହୁଲ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ବର୍ତ୍ତମାନ ରାହୁଲ ଏସ୍‌ଟିଏଫ୍ (ସ୍ପେଶିଆଲ ଟାସ୍କଫୋର୍ସ)ଅପରାଧ ଅନୁସନ୍ଧାନ ବିଭାଗ(ସିଆଇଡି) କ୍ରାଇମବ୍ରାଞ୍ଚ(ସିବି)ର ଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି।

### ରୋହିତ ଫେରୋଟେକ କାରଖାନା ପରିସରରେ ଶ୍ରମିକଙ୍କ ଆତ୍ମହତ୍ୟା ଘଟଣା

### ଏନ୍‌ଏଚ୍‌ଆର୍‌ସିରେ ରୁଜୁ ହେଲା ମାମଲା

**ଯାଜପୁର ଅଫିସ,୨୮।୪:** ଯାଜପୁର ଜିଲା କଳିଙ୍ଗନଗର ରୋହିତ ଫେରୋଟେକ କାରଖାନାରେ ଶନିବାର ରାତିରେ ଶ୍ରମିକ ସୁନିଲ କର୍ମକାର (୫୫)ଙ୍କ ଆତ୍ମହତ୍ୟା ଘଟଣା ଭିନ୍ନମୋଡ ନେଇଛି। କାରଖାନା କର୍ତ୍ତୃପକ୍ଷ ମାନସିକ ନିର୍ଯ୍ୟାତନା ଦେବାରୁ ଶ୍ରମିକ ଆତ୍ମହତ୍ୟା କରିଥିବା ଅଭିଯୋଗ କରି ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ନିକଟରେ ଫେରାଦ ହୋଇଛନ୍ତି। ମୃତକଙ୍କ ପରିବାରବର୍ଗଙ୍କୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଅଭିଯୁକ୍ତଙ୍କ ବିରୋଧରେ ୩୦୬ ଦଫାରେ ମାମଲା ରୁଜୁ କରିବାକୁ ନିବେଦନ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ତତ୍ପରତା ପ୍ରକାଶ କରି ୧୨୪୬/୧୮।୪।୨୦୨୦ରେ ଏକ ମାମଲା ପଞ୍ଜୀକୃତ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ମାନବାଧିକାର କର୍ମୀ ବିଶ୍ୱାଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୁନିଲ ପଶ୍ଚିମବଙ୍ଗ ରାଜ୍ୟ ବାଙ୍କୁଡ଼ା ଜିଲା ବିଷ୍ଣୁପୁର ଗ୍ରାମସ୍ଥିତ ଘରକୁ ଯାଇ ମାର୍ଚ୍ଚ ୨୧ରେ କାରଖାନାକୁ ଫେରିଥିଲେ। ସେ କାରଖାନାର ବ୍ରିକେଟ ପ୍ଲାଣ୍ଟ ସାଇଟରେ ଏ.କେ. ଘାତକ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ତେବେ ସେ ପଶ୍ଚିମବଙ୍ଗରୁ ଫେରିଥିଲେ ହେଁ କରୋନା ସଂକ୍ରମଣ ସମୟରେ ସରକାରଙ୍କ କୌଣସି ଗାଇଡଲାଇନକୁ ଠିକାସଂସ୍ଥା ମାନି ନ ଥିଲା। ଏପରିକି ତାଙ୍କୁ ୩ ମାସର ଦରମା ଦିଆଯାଇ ନ ଥିଲା। ଫଳରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ହୋଇଛି।

# କ୍ଷମତା ଲୋଭରେ ବିପଦକୁ ଆମନ୍ତ୍ରଣ

**କୋଭିଡ୍-୧୯କୁ ଅସ୍ତ୍ରକରି ସତ୍ୟର କଣ୍ଠରୋଧ**



**ବେଜିଂ,୨୮।୪**

କ୍ଷମତାସୀନ ନେତାମାନେ ନିଜ ଦୋଷ ଦୁର୍ବଳତା ଘୋଡ଼ାଇବାକୁ କ୍ଷମତାର ଅପବ୍ୟବହାର କରିଚାଲିଛନ୍ତି। ଏପରି କି ମୁକ୍ତ ସାମ୍ବାଦିକତାର କଣ୍ଠରୋଧ କରି ନିଜକୁ ପ୍ରଭାବଶାଳୀ ଭାବେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ସମ୍ପ୍ରତି କରୋନା ଭାଇରସ୍ ସଙ୍କଟ ବିଭିନ୍ନ ରାଷ୍ଟ୍ରରେ ସମାଲୋଚକଙ୍କୁ ନୀରବ ରଖିବା ସହିତ ନେତାମାନଙ୍କ ଶକ୍ତି ଏକତ୍ର କରିବା ପାଇଁ ଏକ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଛି। ଚାଇନା ସମେତ ବିଭିନ୍ନ ରାଷ୍ଟ୍ରରେ ଶାସକଙ୍କ ଦୋଷ ଲୁଚାଇବା ଏହି ମହାମାରୀକୁ ବୃଦ୍ଧି କରିବାରେ ସହଯୋଗ କରୁଛି। ଏହା ସ୍ୱାସ୍ଥ୍ୟ ସଙ୍କଟକୁ ଜଟିଳ କରିବା ସହ ସରକାରଙ୍କ ସ୍ୱେଚ୍ଛାଚାରିତାକୁ ମଧ୍ୟ ବୃଦ୍ଧି କରାଇବ। ଫଳରେ କ୍ଷମତାର ଦୁରୁପଯୋଗ ହେବା ସହ ଆଉ ଏକ ମହାମାରୀର ସ୍ଥାୟୀ ଉତ୍ତରାଧିକାରୀ ସୃଷ୍ଟି କରିବ ବୋଲି ବିଶେଷଜ୍ଞ ମହଲରେ ଆଲୋଚନା ହେଉଛି।

କୌଣସି ସଙ୍କଟ ବା ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ସ୍ୱାସ୍ଥ୍ୟ ସେହି ସମୟରେ ମିଳୁଥିବା ଉପଯୁକ୍ତ ସୂଚନା ଉପରେ ନିର୍ଭର କରିଥାଏ। ହେଲେ ଚାଇନା ସରକାର ଏହାକୁ ହେୟମନେ କଲେ, ଯାହାକି ଏକ ବିପର୍ଯ୍ୟୟ ସୃଷ୍ଟି କଲା। ଗତ ଡିସେମ୍ବରରେ ଯେତେବେଳେ ଉହାନର ଡାକ୍ତରମାନେ କରୋନା ଭାଇରସ୍‌ର ଉପସ୍ଥିତି ନେଇ ସରକାରଙ୍କୁ ସୂଚାଇବାକୁ ଚାହିଁଲେ ସେତେବେଳେ ସେଠାକାର ପ୍ରଶାସନ ଚୁପ ରହିବା ସହ ଡାକ୍ତରମାନଙ୍କୁ ତାଗିଦ୍ କରିବାରେ ଲାଗିଲେ। ଡାକ୍ତରମାନଙ୍କ ଚେତାବନୀକୁ ବେଖାତିର କରିବା ଫଳରେ ୩ସପ୍ତାହ ମଧ୍ୟରେ କୋଭିଡ-୧୯ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଏଥିରୁ ବର୍ତ୍ତିବା ପାଇଁ ଲକ୍ଷ ଲକ୍ଷ ଲୋକ ଉହାନ ଛାଡ଼ି ପଳାଇ ଆସିଲେ, ଫଳରେ କରୋନା ଭାଇରସ ଚାଇନା ସହ ସମଗ୍ର ବିଶ୍ୱକୁ ବ୍ୟାପିଗଲା। ଏହାସତ୍ତ୍ୱେ ଚାଇନା ସରକାର ଜନସ୍ୱାସ୍ଥ୍ୟ ଅପେକ୍ଷା ରାଜନୈତିକ ସ୍ଥିତିକୁ ଜାହିର କରିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। କରୋନା ଭାଇରସ୍ ଏବେ ଦୁର୍ବଳ ହୋଇଗଲାଣି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିଲେ ସୁଦ୍ଧା ଏହାର ନିରପେକ୍ଷ ତଦନ୍ତ କରିବାକୁ ଦିଆଯାଉ ନାହିଁ। ଏପରି କି ଏସମ୍ପର୍କରେ ସବିଶେଷ ତଥ୍ୟ ପ୍ରକାଶ କରିବାକୁ ଚାହୁଁଥିବା ଆମେରିକାର କିଛି ପ୍ରମୁଖ ପ୍ରକାଶନର ଅନେକ ଖବରଦାତାଙ୍କୁ ବହିଷ୍କାର କରାଯାଇଛି। ଏଥିସହିତ ଉହାନକୁ ଯାଇଥିବା ଚାଇନାର କେତେକ ନିରପେକ୍ଷ ଖବରଦାତାଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏବେ ବେଜିଂ ନିଜର ଦୋଷକୁ ଲୁଚାଇବା ସହ ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ କରୋନାର ଉତ୍ପତ୍ତି ସହ ବନ୍ୟଜନ୍ତୁଙ୍କ ସମ୍ପର୍କକୁ ପ୍ରମାଣିତ କରାଇବାକୁ ଚେଷ୍ଟା କରୁଛି।

ଚାଇନାର ଏଭଳି ଏକଚାଟିଆ ଆଭିବମୁଖ୍ୟକୁ ଅନ୍ୟ କିଛି ରାଷ୍ଟ୍ର ମଧ୍ୟ ଆପଣାଉଥିବା ଦେଖିବାକୁ ମିଳୁଛି। ଥାଇଲାଣ୍ଡ, କମ୍ବୋଡିଆ, ଭେନେଜୁଏଲା, ବାଂଲାଦେଶ ଏବଂ ତୁର୍କୀ ସରକାର ସେଠାକାର ସାମ୍ବାଦିକ, ବିରୋଧୀ ଦଳର କର୍ମୀ, ସ୍ୱାସ୍ଥ୍ୟକର୍ମୀ ଏବଂ ଯେଉଁମାନେ କରୋନା ଭାଇରସ୍ ମୁକାବିଲାରେ ବିଫଳତା ନେଇ ସରକାରଙ୍କ ବିରୋଧରେ ଯାଉଛନ୍ତି, ସେମାନଙ୍କୁ ତୁରନ୍ତ ଅଟକ ରଖାଯାଉଛି। ମୁକ୍ତ ଗଣମାଧ୍ୟମ ଚୁପ୍ ବସିଗଲେ ସରକାର ବାସ୍ତବସ୍ଥିତିକୁ ଅଣଦେଖା କରି ନିଜର ପ୍ରଚାରପ୍ରସାର କରିବାରେ ଲାଗିବେ। ଯେପରି କି ଇଜିପ୍ଟର ରାଷ୍ଟ୍ରପତି ଅବ୍‌ଦଲ ଫତାହ ଏଲ୍-ସିସି ଦେଶର ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେବାକୁ ଯାଇ କରୋନା ଭାଇରସ୍‌କୁ ଗତ କିଛି ସପ୍ତାହ ପାଇଁ ହେୟଜ୍ଞାନ କଲେ। ଦେଶରେ କରୋନା ଭାଇରସ୍ ସଂକ୍ରମଣର ସ୍ଥିତି ନେଇ ସରକାରଙ୍କ ପଦକ୍ଷେପ ଉପରେ ପ୍ରଶ୍ନ କରି ଖବର ପରିବେଷଣ କରାଯିବାରୁ ଖବର ସରବରାହ ସଂସ୍ଥା ଗାର୍ଡିଆନର ଜଣେ ଖବରଦାତାଙ୍କୁ ବହିଷ୍କାର କରାଯିବା ସହ ନ୍ୟୁୟର୍କ ଟାଇମ୍‌ସର ଜଣେ ସାମ୍ବାଦିକଙ୍କୁ ଚେତାବନୀ ଦିଆଯାଇଥିଲା। ସେହିପରି ତୁର୍କୀରେ ମଧ୍ୟ ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍ଦୋଗାନ ତାଙ୍କ ଦେଶର ଜେଲ୍‌ରେ କେହି କୋଭିଡ୍-୧୯ରେ ସଂକ୍ରମିତ ହୋଇ ନ ଥିବା ସୂଚନା ଦେଇଥିଲେ। ହେଲେ ପରେ ଜେଲ୍‌ରେ ଜଣେ ୭୦ବର୍ଷୀୟ ବନ୍ଦୀ ଏବଂ ଜେଲ୍‌ର ଜଣେ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହି ବିଷୟ ପ୍ରଘଟ କରିଥିବା ଜଣେ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ ପ୍ରୟୁତ୍ ଚାନ ମଧ୍ୟ ସେଠାକାର ଗଣମାଧ୍ୟମ ଉପରେ କଟକଣା ଲଗାଇଛନ୍ତି। ସରକାରୀ ପ୍ରେସ୍ ବିବୃତି ବ୍ୟତୀତ କିଛି ଲେଖିବାକୁ ମନା କରିଛନ୍ତି।

ମୁକ୍ତ ଗଣମାଧ୍ୟମ କେବଳ ଏକ ପ୍ରତିକାର ନୁହେଁ। ଏକ ଦାୟିତ୍ୱସମ୍ପନ୍ନ ସରକାର ମଧ୍ୟ ଆବଶ୍ୟକ। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ପ୍ରଥମେ କରୋନା ଭାଇରସ୍‌କୁ ଗୁଜବ ବୋଲି କହିଥିଲେ। ବ୍ରାଜିଲ ରାଷ୍ଟ୍ରପତି ଜ୍ୟୋର ବୋଲ୍‌ସୋନାରୋ ଭୂତାଣୁକୁ ଏକ କାଳ୍ପନିକ ବିଷୟ ବୋଲି ତାଚ୍ଛଲ୍ୟ କରିଥିଲେ। ସେହିପରି ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରୁସ ମାନୁଏଲ ଲୋପେଜ୍ ଓବ୍ରାଡର ବିଭିନ୍ନ ରାଲି ଆୟୋଜନ କରିବା ସହ ସମର୍ଥକଙ୍କୁ କୋଳେଇ ଚୁମ୍ବନ ମଧ୍ୟ ଦେଲେ। ଏହି ସବୁ ଦାୟିତ୍ୱହୀନ କାର୍ଯ୍ୟକୁ ମୁକ୍ତ ଗଣମାଧ୍ୟମ ସଜାଗ ରହି ସ୍ୱର ଉତ୍ତୋଳନ କରୁଥିବାବେଳେ ସୁପ୍ତ ଗଣମାଧ୍ୟମ ସରକାରଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହସ କରିପାରୁ ନାହାନ୍ତି। ଏପରି କାର୍ଯ୍ୟଧାରା ଏକ ସୁସ୍ଥ ପରମ୍ପରା ସୃଷ୍ଟି କରୁନାହିଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ପ୍ରବାସୀ ଶ୍ରମିକଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କର

**ଜିଲା ପର୍ଯ୍ୟବେକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

- ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହେବ
- ଦୈନିକ ୧୫ହଜାର ନମୁନା ପରୀକ୍ଷା ନିର୍ଦ୍ଦେଶ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଓଡ଼ିଶାକୁ ଫେରୁଥିବା ସବୁ ଶ୍ରମିକ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହେବେ। କାର୍ଡ ଥାଉ କି ନ ଥାଉ ଏହି ଶ୍ରମିକ ଓ ତାଙ୍କ ପରିବାର ଯେପରି ରାଶନ ପାଇବାରେ ଅସୁବିଧାର ସମ୍ମୁଖୀନ ନ ହେବେ ତାହା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍- ୧୯ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାହାର ରାଜ୍ୟରୁ ଅନେକ ଶ୍ରମିକ ଫେରିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଯେପରି ବହୁ ପରିମାଣରେ ନମୁନା ସଂଗ୍ରହକରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆସିଏମ୍‌ଆର ଦ୍ୱାରା ସ୍ୱୀକୃତିପ୍ରାପ୍ତ ଘରୋଇ ପରୀକ୍ଷାଗାର ବ୍ୟବହାର କରିବା ସହିତ ଦୈନିକ ନମୁନା ପରୀକ୍ଷା ୧୫ ହଜାରକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସଂକ୍ରମଣ ରୋକିବାକୁ ନେଇ ବିଭିନ୍ନ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ କୋଭିଡ୍-୧୯ ନିୟନ୍ତ୍ରଣ କରିବା ହେଉଛି ବରିଷ୍ଠ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ। ଏହା ଅତିରିକ୍ତ ଦାୟିତ୍ୱ ନୁହେଁ। ଏଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ୮ରୁ ୧୦ ଦିନକୁ ଦୃଷ୍ଟିରେ ରଖି ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ପଞ୍ଚାୟତସ୍ତରରେ ଏଥିପାଇଁ ଅଧିକ ସୁବିଧା ସୁଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏବେ ହେଉଥିବା ୫ ଲକ୍ଷ ଶ୍ରମ ଦିବସକୁ ଆସନ୍ତା ସପ୍ତାହେ ସୁଦ୍ଧା ଦିନକୁ ୧୦ ଲକ୍ଷରେ ପରିଣତ କରାଯିବ। ଜଙ୍ଗଲ ବିଭାଗ ତୁରନ୍ତ ଶ୍ରମଭିତ୍ତିକ କାର୍ଯ୍ୟଦିବସ ଆରମ୍ଭ କରି କେନ୍ଦୁପତ୍ର କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ୍-୧୯ରେ ମୁତୟନ ସମସ୍ତ କର୍ମଚାରୀ ଜଣେ ଜଣେ ଯୋଦ୍ଧା। ଡାକ୍ତରଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ତଥା ଅନ୍ୟ କର୍ମଚାରୀଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା କୃଷି ଉତ୍ପାଦନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଏବଂ ବିଭିନ୍ନ ଜିଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ।

# ପୁଣି ବୋଟ୍‌ରେ ଆସିଲେ ୩୩ ମତ୍ସ୍ୟଜୀବୀ

- ସମୁଦ୍ର ପଥରେ ଚେନ୍ନାଇରୁ ଆସିଲେଣି ୧୧୦ ଜଣ
- କ୍ୱାରାଣ୍ଟାଇନ୍‌ରେ ରଖିଛି ପ୍ରଶାସନ, ଜଗିଛି ପୋଲିସ

**ଛତ୍ରପୁର,୨୮।୪(ଡି.ଏନ୍.ଏ.)**

ଲକ୍‌ଡାଉନ୍ ଯୋଗୁ ଚେନ୍ନାଇରେ ଫସି ରହିଥିବା ମତ୍ସ୍ୟଜୀବୀ ଓ ଶ୍ରମିକମାନେ ନିଜ ଉଦ୍ୟମରେ ବୋଟ୍ କିଣି ସମୁଦ୍ର ପଥରେ ଗଞ୍ଜାମ ଫେରିବାରେ ଲାଗିଛନ୍ତି। କରୋନା ଭୟ ହେଉ କି କାମଧନ୍ଦା ମିଳୁ ନ ଥିବାରୁ ଖାଦ୍ୟ ଯୋଗାଡ଼ କରି ନ ପାରି ସେମାନେ ଏହି ବିପଦପୂର୍ଣ୍ଣ ଉପାୟ ଅବଲମ୍ବନ କରୁଛନ୍ତି; ଯାହାକି ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ସମୁଦ୍ର ପଥରେ ଏ ପର୍ଯ୍ୟନ୍ତ ୩ ଥରରେ ମୋଟ ୧୧୦ ଜଣ ଚେନ୍ନାଇରେ ଆସିଲେଣି। ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉଛି।

ସୋମବାର ଗଞ୍ଜାମକୁ ୨ଟି ବୋଟ୍‌ରେ ମତ୍ସ୍ୟଜୀବୀମାନେ ଫେରିଥିଲେ। ୩୯ ଜଣଙ୍କୁ ନେଇ ଆସିଥିବା ଗୋଟିଏ ବୋଟ୍ ଅପରାହ୍ନ ପ୍ରାୟ ୩ଟାରେ ଚିକିଟି ବ୍ଲକ ରାମେୟାପାଟଣା ମୁହାଣରେ ଲାଗିଥିଲା। ମତ୍ସ୍ୟଜୀବୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ରାମେୟାପାଟଣା ଗ୍ରାମସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ଅନ୍ୟ ବୋଟ୍‌ଟି ରାତି ପ୍ରାୟ ୧ଟାରେ ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟ ଫିସେରି ଜେଟିଠାରେ ପହଞ୍ଚିଥିଲା। ଏଥିରେ ୩୩ ମତ୍ସ୍ୟଜୀବୀ ଆସିଥିଲେ। ଏମାନେ ଚେନ୍ନାଇର କାଶୀମେଡୁ ଫିସିଂ ହାରବର ନାମକ ଏକ ସଂସ୍ଥାରେ ଗତ ୪ ମାସ ହେଲା କାମ କରି ଆସୁଥିଲେ। କରୋନା ଯୋଗୁ ସଂସ୍ଥା ବନ୍ଦ ହୋଇଯିବା ଫଳରେ ବହୁ କଷ୍ଟରେ ଦିନ କାଟୁଥିଲେ। ଖାଇବାକୁ ମିଳି ନ ଥିଲା। ତେଣୁ ଏମାନେ ୧ ଲକ୍ଷ ୮୦ ହଜାର ଟଙ୍କାରେ ଏକ ବୋଟ୍ କିଣି ଗତ ୨୪ ତାରିଖରେ ଚେନ୍ନାଇରୁ ବାହାରିଥିଲେ। ସମୁଦ୍ର ପଥରେ ବୋଟ୍‌ରେ ମତ୍ସ୍ୟଜୀବୀ ଆସୁଥିବା ଖବର ପାଇଥିବାରୁ ପ୍ରଶାସନିକ ଅଧିକାରୀ ଓ ପୋଲିସ ଫିସେରି ଜେଟିଠାରେ ସେମାନଙ୍କୁ ଅପେକ୍ଷା କରିଥିଲେ। ବିଳମ୍ବିତ ରାତିରେ ବୋଟ୍ ସେଠାରେ ପହଞ୍ଚିବା ପରେ ସମସ୍ତ ୩୩ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇ ଆର୍ଯ୍ୟପଲ୍ଲୀ ହାଇସ୍କୁଲରେ ଖୋଲାଯାଇଥିବା ଆଇସୋଲଶନ ସେଣ୍ଟରକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରେ ସାନ ଆର୍ଯ୍ୟପଲ୍ଲୀ ଗାଁର ୨୧ଜଣ, ମାର୍କଣ୍ଡି ଗାଁର ୫, ପାତିସୁନାପୁର, ରାମେୟାପାଟଣା, ନୋଳିଆ ନୂଆଁଗାଁ, ଗୋଲାବନ୍ଧର ଜଣେ ଲେଖାଏ, ପୁରୀ ଜିଲାର ଜଣେ ଓ ଆନ୍ଧ୍ରପ୍ରଦେଶର ୨ ଜଣେ ଥିବା ଜଣାପଡିଥିଲା। ସମସ୍ତଙ୍କୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନରେ ରଖାଯିବ ବୋଲି ସୂଚନା ମିଳିଛି। ବାହାରେ ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ଛତ୍ରପୁର ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ସେଠାରେ ପହଞ୍ଚି ଇନ୍‌ଫ୍ରାରେଡ୍ ଥର୍ମୋମିଟର ଗନ ଦ୍ୱାରା ସମସ୍ତଙ୍କ ଶରୀରର ତାପମାତ୍ରା ଯାଞ୍ଚ କରିଥିଲେ। ଜ୍ୱର ଥିବା ୪ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ୩୮ ଦାଦନ ଶ୍ରମିକ ଚେନ୍ନାଇରୁ ବୋଟ୍‌ରେ ଆସି ଚିକିଟି ବ୍ଲକ୍ ସୁନୁପୁର ମୁହାଣ ନିକଟରେ ଓହ୍ଲାଇଥିଲେ। ସେମାନେ ମଧ୍ୟ ଆଇସୋଲେଶନ ସେଣ୍ଟରରେ ରହିଛନ୍ତି।



ସମୁଦ୍ର କୂଳରୁ ମତ୍ସ୍ୟଜୀବୀମାନଙ୍କୁ ଉଦ୍ଧାର କରାଯାଉଛି।

### ପରିବହନ ଶିଳ୍ପ ସମସ୍ୟା ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ଆନ୍ତଃରାଜ୍ୟ, ଆନ୍ତଃଜିଲା ବସ୍ ଚଳାଚଳ ବନ୍ଦ ରହିଛି। ଏହାଦ୍ୱାରା ବସ୍ ଉପରେ ନିର୍ଭରଶୀଳ ଚାଳକ, ହେଲ୍‌ପର, ସୁପରଭାଇଜର ପ୍ରମୁଖ ପ୍ରଭାବିତ ହୋଇଛନ୍ତି। ଏହି ସବୁ ସମସ୍ୟା ନେଇ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମନ୍ତ୍ରୀ ବେହେରାଙ୍କ ପକ୍ଷରୁ ବୀମା ଅବଧି ୬ ମାସ ବଢାଇବା ପାଇଁ ଦାବି କରାଯାଇଛି। ଉଭୟଙ୍କ ମଧ୍ୟରେ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା ହୋଇଥିବା ଜଣାପଡିଛି। ତେଣୁ ସେମାନଙ୍କ ଆର୍ଥିକ କ୍ଷତି ଭରଣା ପାଇଁ ପ୍ରଶାସନିକସ୍ତରରେ ଚିନ୍ତା କରାଯାଉଛି। ବସ୍ କ୍ରୟ ପାଇଁ ମାଲିକମାନେ ବିଭିନ୍ନ ବ୍ୟାଙ୍କ୍‌ରୁ ଋଣ ନେଇଛନ୍ତି। ହେଲେ ବସ୍ ଚଳାଚଳ ହେଉ ନ ଥିବାରୁ ସେମାନେ ମାସିକ କିସ୍ତି ଦେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଆଉ ୩ ସ୍ଥାନରେ ସ୍ଥାପନ ହେବ କୋଭାସ୍ ମେଶିନ

**ବଲାଙ୍ଗୀର, କୋରାପୁଟ, ବାଲେଶ୍ୱରରେ ମେଡିକାଲ କଲେଜ ଓ ହସ୍ପିଟାଲରେ ହେବ ସ୍ଥାପନ**

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

କରୋନାକୁ ମୁକାବିଲା କରିବା ପାଇଁ ଏବେ ରାଜ୍ୟର ସବୁ ବିଭାଗ ଏକତ୍ର ହୋଇ କାର୍ଯ୍ୟ କରୁଛି। ରାଜ୍ୟବାସୀଙ୍କୁ କରୋନା କବଳରୁ କିପରି ରକ୍ଷା କରାଯାଇପାରିବ ତାହା ହିଁ ଏବେ ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଛି। ଶୀଘ୍ର ନମୁନା ପରୀକ୍ଷା ପାଇଁ ଆସନ୍ତା ୨ମାସ ଭିତରେ ରାଜ୍ୟର ଆଉ ୩ଟି ସ୍ଥାନରେ ଉଚ୍ଚ କ୍ଷମତା ସମ୍ପନ୍ନ କୋଭାସ୍ ମେଶିନ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ରାଜ୍ୟରେ କେବଳ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିରେ ଏହି କୋଭାସ୍ ମେଶିନ ରହିଛି। ତେବେ ଆଗକୁ ବଲାଙ୍ଗୀର, କୋରାପୁଟ ଏବଂ ବାଲେଶ୍ୱରରେ ଥିବା ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ମେଶିନ ସ୍ଥାପନ କରାଯିବ ବୋଲି ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା କହିଛନ୍ତି।

କରୋନା ମୁକାବିଲା ପାଇଁ ଧନ, ଜନ, ଜ୍ଞାନ ବଳରେ ଥିବା ଦେଶମାନେ ମଧ୍ୟ ସାମଗ୍ରୀ ବଳରେ ପଛରେ ପଡ଼ି ଯାଉଛନ୍ତି। ଏପରିସ୍ଥିତିରେ ଛୁଞ୍ଚିଠାରୁ ପିପିଇ, ମାସ୍କଠାରୁ ସାନିଟାଇଜର୍ ଏବଂ ଭିଟିଏମ୍ କିଟ୍‌ଠାରୁ ଭେଣ୍ଟିଲେଟର ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀକୁ ନେଇ ଓଡ଼ିଶାର ସ୍ଥିତି କ'ଣ ରହିଛି ସେନେଇ ରାଜ୍ୟ କୋଭିଡ୍-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଏକ ପ୍ରଶ୍ନ ରଖିଥିଲେ। ଉତ୍ତରରେ ରାଜ୍ୟ ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀ ଓ ଉପକରଣ ଯୋଗାଣ ଦାୟିତ୍ୱରେ ଥିବା ହେମନ୍ତ ଶର୍ମା କହିଥିଲେ, କରୋନା ମୁକାବିଲା ପାଇଁ ଆଗୁଆ ୬ ମାସର ଯୋଜନା ପ୍ରସ୍ତୁତ କରାଯାଇଛି। ଏପରିକି କରୋନା ଯୁଦ୍ଧରେ ବିଜୟ ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀ କମ୍ ସମୟରେ ପହଞ୍ଚାଇବା କାର୍ଯ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ମେଡିସିନ, ଦ୍ୱିତୀୟଟି ହେଲା ଭେଣ୍ଟିଲେଟରଠାରୁ ଆରମ୍ଭ କରି କୋଭିଡ୍ ହସ୍ପିଟାଲର ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ତୃତୀୟ ହେଲା ଟେଷ୍ଟିଂ ସରଞ୍ଜାମ। ପ୍ରତିଦିନ ଗ୍ରୁପ୍ କଲ୍ ମାଧ୍ୟମରେ ଏହି କାର୍ଯ୍ୟକୁ ଆଗେଇ ନିଆଯାଉଛି। କେଉଁଠୁ ଆସିବ ଏବଂ କେମିତି ଆସିବ ସେନେଇ ବିତରକମାନଙ୍କ ସହ ଆଲୋଚନା କରାଯାଉଛି। ନମୁନା ପରୀକ୍ଷଣକୁ ଦ୍ୱିଗୁଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଧିକ ପ୍ରାଥମିକତା ଦିଆଯାଇ ପଦକ୍ଷେପ ନିଆଯାଉଛି। ତେଣୁ କୋଭାସ୍ ମେଶିନ କାର୍ଯ୍ୟକ୍ଷମ ହେବାପରେ ହିଁ ଦିନକୁ ଓଡ଼ିଶାରେ ୨୫୦୦ ଟେଷ୍ଟିଂ କରିବାକୁ ସମ୍ଭବ ହେଉଛି ବୋଲି ହେମନ୍ତ ଶର୍ମା କହିଛନ୍ତି।

# ବ୍ରିଟେନରେ ପିଲାଙ୍କୁ ବିରଳ ରୋଗ



- କରୋନା ସଂକ୍ରମଣର ଭିନ୍ନ ରୂପ ନେଇ ଆଶଙ୍କା
- ଆଇସିୟୁରେ ଭର୍ତ୍ତି ହୋଇଛନ୍ତି ୧ ଡଜନରୁ ଊର୍ଦ୍ଧ୍ୱ ଶିଶୁ
- ପେଟ ଯନ୍ତ୍ରଣା, ହୃତ୍‌ପିଣ୍ଡ ଫୁଲିଯିବା ଭଳି ଲକ୍ଷଣ ଦେଖାଯାଉଛି

**ଲଣ୍ଡନ,୨୮।୪**

କିଛିଦିନ ହେଲା ଆମେରିକା, ଇଟାଲୀ ଓ ସ୍ପେନରେ କରେନା (କୋଭିଡ୍-୧୯) ସଂକ୍ରମଣର ସ୍ଥିତିରେ ଧୀରେ ଧୀରେ ସୁଧାର ହେଉଥିବା ଲକ୍ଷ୍ୟ କରାଯାଉଥିବାବେଳେ ବ୍ରିଟେନରେ ଏହି ମହାମାରୀର ପ୍ରକୋପ ଜାରି ରହିଛି। ଏବେ ବ୍ରିଟେନରେ ଆଉ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଦେଶର କେତେକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିବା ବିଭିନ୍ନ ବୟସର ଏକ ଡଜନରୁ ଊର୍ଦ୍ଧ୍ୱ ପିଲାଙ୍କ ହୃତ୍‌ପିଣ୍ଡ ଫୁଲିଯିବା ସହ ପେଟ ଯନ୍ତ୍ରଣା, ଝାଡ଼ାବାନ୍ତି ଆଦି ଲକ୍ଷଣ ଦେଖିବାକୁ ମିଳିଛି। ଏହାକୁ ନେଇ ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍‌ଏଚ୍‌ଏସ୍) ପକ୍ଷରୁ ଆଲର୍ଟ ଜାରି କରାଯାଇଛି। ସେଥିରେ ପିଲାମାନଙ୍କଠାରେ କରୋନା ସଂକ୍ରମଣର ଲକ୍ଷଣ ବୟସ୍କମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଦର୍ଶାଯାଇଛି। ଏହାସହ ଶିଶୁଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପ୍ରତି ଡାକ୍ତର ଏବଂ ଅଭିଭାବକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ହେଲେ କରୋନା ସଂକ୍ରମଣ ଯୋଗୁ ପିଲାମାନଙ୍କଠାରେ ଏଭଳି ଲକ୍ଷଣ ଦେଖାଯାଉଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପେଡିଆଟ୍ରିକ ଇଣ୍ଟେନ୍ସିଭ କେୟାର ସୋସାଇଟିର ଏକ ଟୁଇଟ୍ ଅନୁଯାୟୀ, ପିଲାମାନଙ୍କଠାରେ ଏକାଥରକେ ଟକ୍ସିକ୍ ଶକ୍ ସିଣ୍ଡ୍ରୋମ୍ (ଭୂତାଣୁଗୁଡ଼ିକର ବିଷାକ୍ତ ପଦାର୍ଥ ଯୋଗୁ ସଂଘଟିତ ହୁଏ), କାୱାସାକି (ଶିରାଜନିତ ରୋଗ) ଏବଂ କୋଭିଡ୍-୧୯ର ଗମ୍ଭୀର ଲକ୍ଷଣ ଦେଖାଯାଉଛି। ପିଲାମାନେ ପେଟରେ ଯନ୍ତ୍ରଣା ଅନୁଭବ କରିବା ଏକ ପ୍ରକାର ଜରୁରିକାଳୀନ ପରିସ୍ଥିତି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ପିଲାମାନେ ଡାକ୍ତରଖାନା ଆସିବା ବେଳକୁ ସେମାନଙ୍କ ଅବସ୍ଥା ଏତେ ଗୁରୁତର ହୋଇପଡ଼ିଥିଲା ଯେ ସେମାନଙ୍କୁ ସିଧା ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଲା। ସ୍ୱାବ୍ ପରୀକ୍ଷା ପରେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ କରୋନା ପଜିଟିଭ୍ ଏବଂ କେତେଜଣ ନେଗେଟିଭ୍ ରିପୋର୍ଟ ଆସିଥିଲା। ହେଲେ ଏହି ରିପୋର୍ଟ ୧୦୦% ବିଶ୍ୱାସଯୋଗ୍ୟ ନୁହେଁ ବୋଲି କେତେଜଣ ଡାକ୍ତର କହୁଛନ୍ତି। ଏନ୍‌ଏଚ୍‌ଏସ୍ ସହିତ ଜଡିତ ଡାକ୍ତରମାନେ ଏହାକୁ ଇନ୍‌ଫ୍ଲାମେଟୋରି ସିଣ୍ଡ୍ରୋମ୍ ବୋଲି କହୁଛନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ, ଏହାର କରୋନା ଭୂତାଣୁ ସହିତ ସିଧାସଳଖ ସମ୍ପର୍କ ଥାଇପାରେ, ଯାହା ବିଳମ୍ବରେ ସାମ୍ନାକୁ ଆସିଛି। ପିଲାମାନଙ୍କ ଲକ୍ଷଣଗୁଡ଼ିକୁ ଟକ୍ସିକ୍ ଶକ୍ ସିଣ୍ଡ୍ରୋମ୍ ଓ କାୱାସାକି ରୋଗ ସହିତ ତୁଳନା କରାଯାଇଛି। ଏହି ଦୁଇ ରୋଗର ଲକ୍ଷଣ ହେଲା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଫୁଲିଯିବା ଏବଂ କରୋନାର ଲକ୍ଷଣ ପରି ଜ୍ୱର ଆସିବା ଏବଂ ନିଃଶ୍ୱାସ ନେବାରେ ଅସୁବିଧା ହେବା। ବିଶେଷକରି କାୱାସାକି ରୋଗରେ ଶିରାଗୁଡ଼ିକରେ ଫୁଲା ଦେଖାଯାଏ। ଏହାଦ୍ୱାରା ହୃତ୍‌ପିଣ୍ଡକୁ ରକ୍ତ ସଂଚାଳନ କରୁଥିବା ଧମନୀ ଦୁର୍ବଳ ହୋଇଯାଏ। ସାଧାରଣତଃ ୫ ବର୍ଷରୁ କମ୍ ବୟସର ପିଲା ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ଲକ୍ଷଣ ହେଉଛି ଜ୍ୱର, ଚର୍ମରେ ଦାଗ, ହାତରେ ଫୁଲା ଦେଖାଯିବା, ଆଖିର ଧଳା ଅଂଶରେ ଲାଲ ରଙ୍ଗ ଏବଂ ଗଳା ଫୁଲିଯିବା। ପରିସ୍ଥିତି ଜଟିଳ ହେଲେ ହୃଦ୍‌ଘାତ ହୋଇପାରେ। ବ୍ରିଟିଶ ଶିଶୁରୋଗ ବିଶେଷଜ୍ଞ ଡ. ଏଲିଜାବେଥ ୱିଟେକର କହିଛନ୍ତି ଯେ, ଏଭଳି ମାମଲା ସଂଖ୍ୟା କମ୍ କିନ୍ତୁ ଏହାକୁ ଅଣଦେଖା କରାଯାଇପାରିବ ନାହିଁ।

ଡାକ୍ତରମାନେ କହିଛନ୍ତି ଯେ, ଉପରୋକ୍ତ ପିଲାମାନଙ୍କଠାରେ କରୋନା ଏବଂ କାୱାସାକିର ମିଶ୍ରିତ ଲକ୍ଷଣ ରହିଛି, ଯାହା ଅସ୍ୱାଭାବିକ। ତାହାର ଅନୁସନ୍ଧାନ କରାଯାଉଛି। ପ୍ରକୃତ କାରଣ ଜାଣିବା ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ଉଚିତ ନୁହେଁ।

ସୂଚନାଥାଉ କି, ବ୍ରିଟେନରେ ଏବେଯାଏ ପ୍ରାୟ ୧ ଲକ୍ଷ ୬୦ ହଜାର ଲୋକ କରୋନାରେ ସଂକ୍ରମିତ ହୋଇଥିବାବେଳେ ୨୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଗଲାଣି। ଚଳିତମାସ ଆରମ୍ଭରୁ ଅଦ୍ୟାବଧି ପ୍ରତିଦିନ ହାରାହାରି ୪୮୦୦ରୁ ଊର୍ଦ୍ଧ୍ୱ ଲୋକ ସଂକମିତ ହେଉଛନ୍ତି। କରୋନାର ସାଧାରଣ ଲକ୍ଷଣ ମଧ୍ୟରେ ପ୍ରବଳ ଜ୍ୱର, ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ, ଶୁଖିଲା କାଶ ଅନ୍ତର୍ଭୁକ୍ତ। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଥିଲା ଯେ ଝାଡ଼ା, ପେଟ ଯନ୍ତ୍ରଣା ମଧ୍ୟ କରୋନା ସଂକ୍ରମଣର ଲକ୍ଷଣ। ଅନ୍ୟପକ୍ଷରେ ଆମେରିକୀୟ ବିଶେଷଜ୍ଞଙ୍କ କହିବାନୁଯାୟୀ, ଗନ୍ଧ ଓ ସ୍ୱାଦ ଅନୁଭବ ନ କରିବା ମଧ୍ୟ କରୋନା ସଂକ୍ରମଣର ଲକ୍ଷଣ। ହେଲେ ପ୍ରାୟ ୩ ସପ୍ତାହ ହେଲା ବ୍ରିଟେନରେ ପିଲାମାନଙ୍କଠାରେ ଆଉ କେତେକ ଲକ୍ଷଣ ଦେଖିବାକୁ ମିଳିଛି। ଏହା କରୋନା ଭୂତାଣୁର ଭିନ୍ନ ରୂପ ହୋଇପାରେ କିମ୍ବା ପିଲାମାନଙ୍କୁ ଭିନ୍ନ ଭାବରେ କ୍ଷତି ପହଞ୍ଚାଥାଇପାରେ। ଡ. ଏଲିଜାବେଥ ୱିଟେକର କହିଛନ୍ତି ଯେ, ଇଟାଲୀ ଏବଂ ସ୍ପେନରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଥିଲା, ଯଦିଓ ସେମାନଙ୍କ ସଂଖ୍ୟା ବହୁତ କମ୍ ଥିଲା।

**ଆଜିର ମନ୍ତବ୍ୟ** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କରୋନାକୁ ନେଇ ରାଜନୀତି କରିବା ପରିବର୍ତ୍ତେ ସଂକ୍ରମିତଙ୍କ ସ୍ୱାସ୍ଥ୍ୟ କଥା ଚିନ୍ତା କରନ୍ତୁ। **-ଜଗଦୀପ ଧନଖର, ପଶ୍ଚିମବଙ୍ଗ ରାଜ୍ୟପାଳ**



# ଡାକ୍ତରଙ୍କୁ ପଚାରି ଖାଇହେବ ହାଇଡ୍ରୋକ୍ସିକ୍ଲୋରୋକୁଇନ୍

**ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜାରି କଲା ସଂଶୋଧିତ ନିୟମାବଳୀ**

- ସାମାନ୍ୟ ଲକ୍ଷଣ ଥିଲେ ହୋମ୍ ଆଇସୋଲେଶନରେ ରହି ପାରିବେ
- ୨୪ ଘଣ୍ଟିଆ ନଜର ରଖିବେ ସେବାକାରୀ
- ଆରୋଗ୍ୟ ସେତୁ ଡାଉନ୍‌ଲୋଡ୍ ବାଧ୍ୟତାମୂଳକ
- ମେଡିକାଲ ଅଫିସରଙ୍କ ସବୁଜ ସଙ୍କେତ ପରେ ମିଳିବ ଛାଡ଼

ଭୁବନେଶ୍ୱର,୨୮।୪(ବ୍ୟୁରୋ)

କରୋନା ସଂକ୍ରମଣର ସାମାନ୍ୟ କିମ୍ବା ସେଭଳି କିଛି ଲକ୍ଷଣ ଦେଖାଯାଉଥିବା ବ୍ୟକ୍ତିମାନେ ନିଜ ଘରେ ଏକାନ୍ତବାସ ବା ସଙ୍ଗରୋଧ( ହୋମ୍ ସେଲ୍‌ଫ ଆଇସୋଲେଶନ)ରେ ରହି ପାରିବେ। ସେଭଳି ରୋଗୀ କୋଭିଡ୍ ହସ୍ପିଟାଲ କିମ୍ବା କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଦରକାର ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ସଂଶୋଧିତ ଗାଇଡ୍‌ଲାଇନ୍ ବା ନିୟମାବଳୀ ଜାରି କରାଯାଇଛି। ଏଥିରେ କୁହାଯାଇଛି, ସାମାନ୍ୟ କୋଭିଡ୍ ଲକ୍ଷଣ ଦେଖାଯାଉଥିବା ନେଇ ମେଡିକାଲ ଅଫିସର ଯଦି ଘୋଷଣା କରିବେ ସେହି ରୋଗୀମାନେ ଘରେ ପରିବାରଠାରୁ ଅଲଗା ରହିପାରିବେ। ସେହି ସଂକ୍ରମିତ ବ୍ୟକ୍ତିଙ୍କର ଯତ୍ନ ନେବା ପାଇଁ ଜଣେ ସେବାକାରୀ ୨୪ ଘଣ୍ଟା ପାଖରେ ରହିବା ଦରକାର। ସେବା ଯୋଗାଉଥିବା ବ୍ୟକ୍ତି ମେଡିକାଲ ଅଫିସରଙ୍କ ପରାମର୍ଶ ନେଇ କୋଭିଡ୍ ସଂକ୍ରମିତଙ୍କୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ପ୍ରଫିଲାକ୍ସିସ୍ ଔଷଧ ଖାଇବାକୁ ଦେଇ ପାରିବେ। ଏଥିସହିତ ନିଜ ମୋବାଇଲରେ ଆରୋଗ୍ୟ ସେତୁ ଡାଉନ୍‌ଲୋଡ୍ କରିବା ସହିତ ୨୪ଘଣ୍ଟିଆ ଏହାକୁ କାର୍ଯ୍ୟକ୍ଷମ କରିବାକୁ (ବ୍ଲୁ ଟୁଥ୍/ ୱାଇଫାଇ ସଂଯୋଗ)ପରାମର୍ଶ ଦିଆଯାଇଛି। ସଂକ୍ରମିତ ବ୍ୟକ୍ତି ନିୟମିତ ଭାବେ ନିଜର ସ୍ୱାସ୍ଥ୍ୟ ବିଷୟରେ ତଦାରଖ କରିବାକୁ ଜିଲା ସେର୍ଭିଲାନ୍ସ ଅଫିସରଙ୍କୁ ଜଣାଇବା ସହିତ ପରବର୍ତ୍ତୀ ସମୟରେ ସର୍ଭେଲାନ୍ସ ଟିମ୍‌କୁ ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ ଅନୁମତି ଦେବାକୁ ପଡିବ। ସେଲ୍‌ଫ ଆଇସୋଲେଶନରେ ରହିବା ପୂର୍ବରୁ ସଂକ୍ରମିତଙ୍କୁ ଲିଖିତ ଆକାରରେ ଦେବାକୁ ହେବ। ଏଥିସହିତ ହୋମ୍ କ୍ୱାରାଣ୍ଟାଇନ୍‌ର ଗାଇଡ୍‌ଲାଇନ୍ ଅନୁସରଣ କରିବାକୁ ପଡିବ। କରୋନା ସଂକ୍ରମିତଙ୍କ ଯତ୍ନ ନେଉଥିବା ବ୍ୟକ୍ତି ନିୟମିତ ଭାବେ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ରଖିବେ। ଯଦି ସମ୍ପୃକ୍ତ ରୋଗୀଙ୍କର ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିବ, ଛାତିରେ ଯନ୍ତ୍ରଣା, ମାନସିକସ୍ତରରେ ଦୁର୍ବଳ କିମ୍ବା କଥା କହିବାକୁ ଅକ୍ଷମ ହେଉଥିବେ, ଓଠ କିମ୍ବା ମୁହଁରେ ନୀଳ ରଙ୍ଗର କେତେକ ପରିବର୍ତ୍ତନ ହେଉଥିବ କିମ୍ବା ମେଡିକାଲ ଅଫିସରଙ୍କ ପରାମର୍ଶକ୍ରମେ ସେହି ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଘରେ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କର ଯଦି କୌଣସି କରୋନା ଲକ୍ଷଣ ଦେଖାଯାଉଥିବା ମନେ ହେବ ନାହିଁ, କିମ୍ବା ମେଡିକାଲ ଅଫିସର ସମ୍ପୃକ୍ତ ବ୍ୟକ୍ତିଙ୍କର କୌଣସି ଲକ୍ଷଣ ନ ଥିବା ନେଇ ଲିଖିତ ଆକାରରେ ଦେବେ ସମ୍ପୃକ୍ତ ବ୍ୟକ୍ତି ଗୃହ ସଙ୍ଗରୋଧ ବା ହୋମ୍ ଆଇସୋଲେଶନରୁ ମୁକ୍ତି ପାଇପାରିବେ ବୋଲି ନୂତନ ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୨୦୨୦ ଏପ୍ରିଲ ୭ରେ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଅନୁଯାୟୀ, ସାମାନ୍ୟ କରୋନା ଲକ୍ଷଣ ଦେଖାଦେଲେ ମଧ୍ୟ ରୋଗୀଙ୍କୁ କୋଭିଡ୍ ହସ୍ପିଟାଲକୁ ନେବାକୁ ପରାମର୍ଶ ଦିଆଯାଇଥିଲା। ଗୋଷ୍ଠୀ ସଂକ୍ରମଣକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଥିଲା।

# ଗଜା ହେଲା ୧୦୦ କୁଇଣ୍ଟାଲ ଧାନ



ମଣ୍ଡିରେ ପଡି ନଷ୍ଟ ହୋଇଥିବା ଧାନକୁ ଚାଷୀମାନେ ନିଜ ଉଦ୍ୟମରେ ବିକ୍ରି କରୁଛନ୍ତି।

- ୪ମାସ ହେଲା ମଣ୍ଡିରେ ପଡ଼ିଥିଲା
- ଟୋକନ ଆସି ନ ଥିବାରୁ ବିକ୍ରି ହେଲା ନାହିଁ
- ଅଭାବୀ ବିକ୍ରିର ଶିକାର ହେଲେ ୧୧ ଚାଷୀ

ମୋହନଗିରି,୨୮।୪ (ଡି.ଏନ୍.ଏ.)

ମାସେ କି ଦୁଇ ମାସ ନୁହେଁ, ୪ ମାସ ତଳେ ବିକ୍ରି ପାଇଁ ମଣ୍ଡିକୁ ଆସିଥିଲା ଧାନ। ହେଲେ ଖରାବର୍ଷାରେ ସେହି ଧାନ ପଡି ରହିଲା। ଚାଷୀମାନେ ବି ଦିନରାତି ଜଗି ରହିଲେ। ତଥାପି ଧାନ ବିକ୍ରି ହେଲାନି। କାଳବୈଶାଖୀ ଜନିତ ବର୍ଷାରେ ଭିଜିଲା ଧାନବସ୍ତା। ଏବେ ସେହି ଧାନ ଗଜାହେବାକୁ ବସିଛି। କଳାହାଣ୍ଡି ଜିଲା ମ .ରାମପୁର ବ୍ଲକ ମୋହନଗିରି ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ଚାଷୀମାନେ ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ମୋହନଗିରି ଅଞ୍ଚଳର ୧୧ ଜଣ ଚାଷୀ ଚଳିତ ଖରିଫ ଋତୁରେ ୪୫୦ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଜାନୁୟାରୀ ମାସରୁ ମଣ୍ଡିକୁ ଆଣିଥିଲେ। ଇତିମଧ୍ୟରେ ୪ମାସ ବିତିଛି। ମଣ୍ଡିରେ ଧାନ ପଡି ରହିଥିଲେ ମଧ୍ୟ ବିକ୍ରି ହୋଇପାରୁନାହିଁ। ବର୍ଷା କାକରରେ ଭିଜି ୧୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଗଜା ହୋଇ ନଷ୍ଟ ହେବାକୁ ବସିଛି। ଏ ନେଇ ଚାଷୀମାନେ ବାରମ୍ବାର ମ .ରାମପୁର ତହସିଲଦାର ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ବି କିଛି ସୁଫଳ ମିଳୁନାହିଁ।

ଚଳିତ ବର୍ଷ ମୋହନଗିରି ସେବା ସମବାୟ ସମିତି ତରଫରୁ ୩୦ହଜାର ୮୦୦ କୁଣ୍ଟାଲ ଧାନ କିଣାଯାଇଥିଲା। ତେବେ କେଉଁ ପରିସ୍ଥିତିରେ ଉପରୋକ୍ତ ୧୧ ଜଣ ଚାଷୀଙ୍କ ଧାନ କିଣା ଗଲା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ସମବାୟ ସମିତିର ଡାଟା ଅପରେଟର ତଥା ସମ୍ପାଦକ ଦାୟିତ୍ୱରେ ଥିବା ଟୁକୁସାନ ଧାରୁଆଙ୍କୁ ପଚାରିବାରୁ ଇ ଟୋକନ ବ୍ୟବସ୍ଥାରେ ସଂପୃକ୍ତ ଚାଷୀମାନଙ୍କ ନାମ ପଞ୍ଜୀକରଣ ହୋଇ ପାରି ନ ଥିଲା। ଶେଷରେ ଆସିଥିବା ଟୋକନ ଖାରଜ ହୋଇଯିବା କାରଣରୁ ସେମାନଙ୍କ ଧାନ ଉଠିପାରିଲା ନାହିଁ ବୋଲି ସେ କହିଛନ୍ତି। ବର୍ଷାରେ ଭିଜି ନଷ୍ଟ ହୋଇଥିବା ଧାନକୁ ଦେଖାଇବା ପାଇଁ ସଂପୃକ୍ତ ଚାଷୀମାନେ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଯାଇଥିଲେ। ସମ୍ପୃକ୍ତ ଅଧିକାରୀ ଭିଜି ନଷ୍ଟ ହୋଇଥିବା ଧାନକୁ ଦେଖିବାକୁ ବି ଆସିଲେ ନାହିଁ। ତେଣୁ ବାଧ ହୋଇ ଆମେମାନେ ଅଭାବୀ ବିକ୍ରିର ଶିକାର ହୋଇଛୁ। କୁଇଣ୍ଟାଲ ପିଛା ୧ହଜାରରୁ ୧୧ ଶହ ଟଙ୍କା ଦରରେ ଆମେ ସେହି ଧାନ ବିକ୍ରି କରିଛୁ ବୋଲି ଚାଷୀ ଶୁକଦେବ ସାହୁ, ମହୀଧର ବିଶ୍ୱାଳ, ମନୋରଞ୍ଜନ ସାହୁ ପ୍ରମୁଖ କହିଛନ୍ତି।

# ଉପକୂଳ, ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଛତିଶଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏଥିସହିତ ସମୁଦ୍ର ପତ୍ତନରୁ ୯ କି.ମି. ଉପରେ ଦକ୍ଷିଣ ଛତିଶଗଡ଼ରୁ ଦକ୍ଷିଣ ତାମିଲନାଡୁ ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, କନ୍ଧମାଳ ଏବଂ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ୩୦ ତାରିଖ ଯାଏ କେତେକ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଯଶୀପୁରରେ ସର୍ବାଧିକ ୯ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ବାସୁଦେବପୁର ୫, ବାରକୋଟ ୫, ଦଶପଲ୍ଲା ୪, ଖୋର୍ଦ୍ଧା ୩, ସୋର ୩, ପଟାଙ୍ଗୀ ୩, ବାଙ୍ଗିରିପୋଷି ୩ ଏବଂ ଖପ୍ରାଖୋଲରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଖରା ଛୁଟିରେ ଖୋଲିବ ହାଇକୋର୍ଟ, ନିମ୍ନକୋର୍ଟ

କଟକ ଅଫିସ,୨୮।୪

ଚଳିତବର୍ଷ ଖରାଛୁଟିରେ ହାଇକୋର୍ଟ କିମ୍ବା ନିମ୍ନକୋର୍ଟଗୁଡ଼ିକ ବନ୍ଦ ରହିବ ନାହିଁ। ମଙ୍ଗଳବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରେଜିଷ୍ଟ୍ରାର୍ (ଜୁଡ଼ିସିଆଲ୍) ଲଳିତ କୁମାର ଦାସଙ୍କ ତରଫରୁ କୁହାଯାଇଛି ଯେ, ଲକ୍‌ଡାଉନ୍ ଯୋଗୁ କୋର୍ଟଗୁଡ଼ିକ ଏକ ପ୍ରକାର ବନ୍ଦ ରହିଛି। ଏନେଇ ହାଇକୋର୍ଟ ପକ୍ଷରୁ ଆଡଭୋକେଟ୍ ଜେନେରାଲ୍, ଓଡ଼ିଶା ହାଇକୋର୍ଟ ଓକିଲ ସଂଘର ସଭାପତି, ଉପସଭାପତି ଏବଂ ସମ୍ପାଦକଙ୍କ ସହ ଆଲୋଚନା କରାଯାଇଥିଲା। ମେ’ ୩ ପରେ ଲକ୍‌ଡାଉନ୍‌କୁ ବୃଦ୍ଧି କରା ନ ଗଲେ ଆସନ୍ତା ଖରାଛୁଟିରେ ହାଇକୋର୍ଟ ଖୋଲା ରହିବ ବୋଲି ରେଜିଷ୍ଟ୍ରାର୍ ଦାସ ସୂଚନା ଦେଇଛନ୍ତି। ରେଜିଷ୍ଟ୍ରାର୍ (ଆଡମିନ୍) ରାଜେନ୍ଦ୍ର କୁମାର ତୋସଙ୍କ ପକ୍ଷରୁ କୁହାଯାଇଛି ଯେ, ଯଦି ଲକ୍‌ଡାଉନ୍ ମେ’ ୩ ପରେ ବଢ଼ା ନ ଯାଏ, ତେବେ ଆସନ୍ତା ଖରା ଛୁଟିରେ ସମସ୍ତ ନିମ୍ନ କୋର୍ଟ ଖୋଲିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ରାଜକାର୍ଯ୍ୟ,
ପରେ ପିତୃକାର୍ଯ୍ୟ ।**

ରାଷ୍ଟ୍ର କାର୍ଯ୍ୟ ପିତୃ କାର୍ଯ୍ୟଠାରୁ ଅଧିକ ଗୁରୁତ୍ୱ ରଖିଥାଏ। ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେ ଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଚାରେ ଲକ୍ଷ୍ମୀ,
ବିଚାରେ ପଣ୍ଡିତ।**

ଉତ୍ତମ ଆଚରଣରୁ ଧନ ପ୍ରାପ୍ତି ହୁଏ। ସେହିପରି ଉତ୍ତମ ବିଚାରରୁ ପାଣ୍ଡିତ୍ୟର ପରିଚୟ ମିଳିଥାଏ। ଯେଉଁ ନାରୀର ଆଚରଣ ତଥା ବିଚାରଶକ୍ତି ଉତ୍ତମ ହୋଇଥାଏ ସେହି ନାରୀ ଶ୍ରେଷ୍ଠ ଗୃହିଣୀର ଆଖ୍ୟା ପାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଖବରଦାତାଙ୍କ ବେକରେ ...

ପରିବର୍ତ୍ତିତ ହୋଇ ରହିଛି ଅଧିକାରୀମାନଙ୍କ ହାତରେ ଥିବା ଦଉଡ଼ି ଭଳି, ଯାହାକୁ ବିନା କୌଣସି ନୋଟିସରେ ଟାଣି ନିଆଯିବ। ଏହି ଖବରଦାତାମାନଙ୍କୁ ଭାରତରେ ସମ୍ମାନ ଦିଆଯାଇ ପ୍ରଶଂସା କରାଯିବା ଦରକାର। ଏହାସହ କଶ୍ମୀରରେ ଥିବା ଏମାନଙ୍କ ପ୍ରତିପକ୍ଷମାନଙ୍କୁ ବର୍ତ୍ତମାନ ସ୍ଥିତିରେ କାର୍ଯ୍ୟ ଜାରି ରଖିବା ପାଇଁ ସୁଯୋଗ ମଧ୍ୟ ଜରୁରୀ। ଜହରା, ଆଶିକ୍ ଓ ଗିଲାନିଙ୍କ ବିରୋଧରେ ମାମଲା ଆମକୁ କଶ୍ମୀରର କୁତ୍ସିତ ବାସ୍ତବତାକୁ ସ୍ମରଣ କରାଇଦେଇଛି, ଯେଉଁଠି ନିଜକୁ ଗଣତନ୍ତ୍ର ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲାଉଥିବା ଲୋକଙ୍କ ଗୋଲାମୀର ରାଜତ୍ୱ ଚାଲେ। ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ, କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍, ନେଟ୍‌ୱାର୍କ ଅଫ୍ ଓମେନ ଇନ୍ ମିଡିଆ ଓ ଅନ୍ୟମାନଙ୍କ ପକ୍ଷରୁ ଏମାନଙ୍କ ପାଇଁ ସମର୍ଥନର ବିବୃତି ଜାରି କରାଯାଇଛି। ତେବେ କଶ୍ମୀରରେ ମିଡିଆକୁ ଏକ ମଜଭୁତ ଦଉଡ଼ିରେ ବାନ୍ଧି ରଖିବା ପାଇଁ ଦିଲ୍ଲୀର ସଂକଳ୍ପରେ ଏହା କେତେ ପରିବର୍ତ୍ତନ ଆଣିପାରୁଛି ତାହା ଦେଖିବା ବାକି ରହିଲା।

ଅନ୍ୟ ସ୍ଥାନଗୁଡ଼ିକରେ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହେବା ଭଳି ଭିନ୍ନ କାରଣକୁ ନେଇ କର୍ତ୍ତବ୍ୟରତ ଖବରଦାତାମାନେ ଖବରରେ ରହିଛନ୍ତି। ମୁମ୍ବାଇରେ ୧୬୭ ଟିଭି ଜର୍ନାଲିଷ୍ଟଙ୍କ ମଧ୍ୟରୁ ୫୩ ଜଣଙ୍କ ପଜିଟିଭ୍ ବାହାରିଥିବାରୁ ତାହା ସମସ୍ତ ଖବରଦାତା ସମୁଦାୟ ପାଇଁ ସତର୍କର ଘଣ୍ଟି ସାଜିଛି। ମହାମାରୀ ସମ୍ପର୍କରେ ଘରେ ଥାଇ ରିପୋର୍ଟିଂ କରାଯାଇପାରିବ ନାହିଁ, ଏପରି କି ଅଫିସରୁ ମଧ୍ୟ ନୁହେଁ। ଏଭଳି ରିପୋର୍ଟ ପ୍ରସ୍ତୁତ କରିବାକୁ ହେଲେ ପଦାକୁ ଗୋଡ଼ କାଢ଼ିବାକୁ ପଡ଼େ। ଏଥିପାଇଁ ଏହି ଯୁବ ଖବରଦାତା ଓ ଟିଭି ଚ୍ୟାନେଲଗୁଡ଼ିକର କ୍ୟାମେରାମ୍ୟାନମାନେ ଜୀବନକୁ ବାଜି ଲଗାଇ ରିପୋର୍ଟ କରୁଛନ୍ତି। କିନ୍ତୁ ଏହାର ପ୍ରତିକାର ସମ୍ପର୍କିତ ପରାମର୍ଶ, ସିନିୟରଙ୍କ ନିର୍ଦ୍ଦେଶ ଓ ଆବଶ୍ୟକ ଜୀବନ ରକ୍ଷକ ସାମଗ୍ରୀର ଅଭାବ ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ସଂକ୍ରମିତ ହେବା ଆଶଙ୍କା ସୃଷ୍ଟି କରିଛି। ସବୁଠୁ ଦୁଃଖଦ ବିଷୟ ହେଉଛି ସେମାନଙ୍କ ମଧ୍ୟରୁ ଅନେକେ ନିଜ ସଂସ୍ଥାର ସମର୍ଥନ ପାଉନାହାନ୍ତି। ପଜିଟିଭ୍ ବାହାରିଥିବା ଜଣେ ମହିଳା ଯୁବ ଖବରଦାତା ଏନେଇ ତାଙ୍କ ଅଫିସରେ ସିନିୟରଙ୍କୁ ଜଣାଇଥିଲେ। ହେଲେ ତାଙ୍କୁ ଉତ୍ତର ମିଳିଲା, ନିଜ ଯତ୍ନ ନିଅ। କିଛିଦିନ ପାଇଁ ପଛଘୁଞ୍ଚା ଦିଅନାହିଁ।

ମୁମ୍ବାଇ ଘଟଣା ପରେ ଦିଲ୍ଲୀ ଭଳି ଅନ୍ୟ ସ୍ଥାନଗୁଡ଼ିକରେ ସରକାର ଓ ମ୍ୟୁନିସିପାଲିଟିଗୁଡ଼ିକ ଖବରଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିଛନ୍ତି। କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ଏପରି ସ୍ଥଳେ ଖବରଦାତାମାନେ କିପରି ସ୍ଥିତିକୁ ସାମ୍ନା କରିପାରନ୍ତି ଓ ବିପଦକୁ ବରଣ କଲେ କ’ଣ ସବୁ ସୁବିଧା ଉପଲବ୍ଧ ଅଛି ସେନେଇ ଅବଗତ ହେବା ଜରୁରୀ। ରିପୋର୍ଟରମାନଙ୍କୁ ବାହାରକୁ ପଠାଯିବାବେଳେ ଭାରତୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ସାଧାରଣତଃ କୌଣସି ପ୍ରକାର ପ୍ରୋଟୋକଲ ନ ଥାଏ। ଖବରଦାତା ଯୁଦ୍ଧ, ଆଭ୍ୟନ୍ତରୀଣ ସଂଘର୍ଷ, ଦଙ୍ଗା ଅଥବା ମହାମାରୀ ଭଳି ସମୟରେ ରିପୋର୍ଟ କରିବାବେଳେ ବିପଜ୍ଜନକ ସ୍ଥିତିରେ ପଡ଼ିଲେ ସେମାନଙ୍କୁ ସହାୟତା ମିଳିବା ନଜିର ପ୍ରାୟ ନାହିଁ କହିଲେ ଚଳେ। ଶାରୀରିକ ବା ମାନସିକ ଆଘାତ ଲାଗିଲେ ସେମାନଙ୍କ ସଂସ୍ଥା ସହାୟତାର ହାତ ବଢ଼ାଇବା ପାଇଁ ଆଗେଇ ଆସି ନ ପାରେ। ଏକଥାକୁ ସେମାନେ ବୁଝିଯିବା ଭଲ। ଅନ୍ୟପକ୍ଷରେ ବିବିସି ଭଳି ମିଡିଆ ତା’ ଖବରଦାତାମାନଙ୍କ ପାଇଁ କାର୍ଯ୍ୟକୁ ପଠାଇବା ପୂର୍ବରୁ ଉପଯୁକ୍ତ ତାଲିମ ଓ ସୁରକ୍ଷା ବ୍ୟବସ୍ଥା କରିଥାନ୍ତି। ଲଣ୍ଡନରେ ବିବିସି ପକ୍ଷରୁ ନିୟୋଜିତ ଖବରଦାତାଙ୍କ ପାଇଁ ହେଲ୍‌ଥ ଆଣ୍ଡ ସେଫ୍ଟି ମ୍ୟାନେଜମେଣ୍ଟ ଟିମ୍ ରହିଛି। ଫୋନ୍ କଲେ ଡାକ୍ତର ମଧ୍ୟ ଆସି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜଣେ ରିପୋର୍ଟର କହିଛନ୍ତି। ତେଣୁ କୋଭିଡ୍ ପରବର୍ତ୍ତୀ ଭବିଷ୍ୟତକୁ ନେଇ କ’ଣ ବିଚାର କରାଯାଇପାରେ। ଗଣମାଧ୍ୟମକୁ ବାଟକୁ ଆଣି କାମ କରାଇବା ପାଇଁ କ୍ଷମତାର ସ୍ୱାଦକୁ ରାଷ୍ଟ୍ର ଚାଖିସାରିଛି। କଶ୍ମୀରୀ ଖବରଦାତାଙ୍କୁ ଦଶନ୍ଧି ଧରି ପ୍ରତ୍ୟକ୍ଷ ଭାବେ ଧମକ ଦେଇ ହେଉ ଅଥବା ଗଣମାଧ୍ୟମ ସଂସ୍ଥା ମାଲିକଙ୍କ ଉପରେ ଚାପ ପକାଇ ହେଉ ଏପରି କରାଯାଉଥିବା ଭାରତରେ କିଛି ବର୍ଷ ହେଲା ଦେଖିବାକୁ ମିଳୁଛି।

୨୦୨୦ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ଦୁଇପାଦ ତଳକୁ ଖସିଛି। ୧୮୦ ଦେଶକୁ ନେଇ କରାଯାଇଥିବା ସର୍ଭେରେ ଭାରତ ଗତବର୍ଷ ୧୪୦ତମ ସ୍ଥାନରେ ଥିବାବେଳେ ଏଥର ୧୪୨କୁ ଚାଲିଆସିଛି। ସମ୍ଭବତଃ ଏହା ସାଧାରଣ ପାଠିକାପାଠକ ବା ଦର୍ଶକଙ୍କ ପାଇଁ କିଛି ମାନେ ରଖୁନାହିଁ। କିନ୍ତୁ ଏହା ସ୍ପଷ୍ଟ ହେବ ସେମାନଙ୍କ ପସନ୍ଦର ବିଷୟବସ୍ତୁରୁ। ଯେତେଦୂର ଖବରଦାତାମାନଙ୍କ କଥା ଉଠେ କରୋନା କାଳରେ ସ୍ଥିତି ଅତି ସଙ୍ଗିନ ହୋଇଯାଇଛି। କାରଣ ସେମାନଙ୍କ ପାଇଁ ଚାକିରି ସଙ୍କୁଚିତ ହେବାରେ ଲାଗିଥିବାବେଳେ ନିର୍ଭୀକ ଭାବେ ରିପୋର୍ଟିଂ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି।

### ଚିନ୍ତା ବଢ଼ାଇଲେ ...

୧୦୮ ନଂ. ଆକ୍ରାନ୍ତ ସେହି ଅଞ୍ଚଳର ୭୯ ନଂ. ଆକ୍ରାନ୍ତଙ୍କ ସଂସ୍ପର୍ଶରେ ସଂକ୍ରମିତ ହୋଇଛନ୍ତି। ତେବେ ୬୧ ନଂ. ସୁପର୍‌ସ୍ପ୍ରେଡର ସାଜିଛନ୍ତି ଓ ସେ ମୋଟ ୧୧ଜଣଙ୍କୁ ସଂକ୍ରମିତ କରାଇ ସାରିଲେଣି। ପୂର୍ବରୁ ତାଙ୍କ ସଂସ୍ପର୍ଶରେ ଆସି ୭ଜଣ ଆକ୍ରାନ୍ତ ହୋଇଥିବାବେଳେ ମଙ୍ଗଳବାର ଆଉ ୪ଜଣଙ୍କୁ ସଂକ୍ରମିତ କରିଛନ୍ତି। ଅନ୍ୟପକ୍ଷରେ ୭୯ ନଂ. ଆକ୍ରାନ୍ତ ଜଣକ ମଧ୍ୟ ସେହି ୬୧ନଂ. ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିଲେ। ଏହି ସୁପରସ୍ପ୍ରେଡରଙ୍କ ପାଇଁ ବାଲେଶ୍ୱର ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୧୬ରେ ପହଞ୍ଚିଛି।

ସେହିପରି ସୁନ୍ଦରଗଡ଼ ଜିଲାରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳିଛି। ଗତ ୧୧ ପୂର୍ବରୁ ସୁନ୍ଦରଗଡ଼ ଜିଲାରେ ଦୁଇଜଣ ଅର୍ଥାତ୍ ୫୧ନଂ. ଓ ୫୨ ନଂ. ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୫୧ ନମ୍ବର ଆକ୍ରାନ୍ତ ହିଁ ସୁପରସ୍ପ୍ରେଡର ପାଲଟିଥିବାବେଳେ ସେ ୮ଜଣଙ୍କୁ ସଂକ୍ରମିତ କରିଥିବା ଜଣାପଡ଼ିଛି। ପ୍ରଥମେ ୬୯ ନମ୍ବର ଆକ୍ରାନ୍ତ ଓ ପରେ ୧୦୧, ୧୦୨ ଓ ୧୦୩ ନମ୍ବର ସଂକ୍ରମିତ ହୋଇଥିଲେ। ସେହିଭଳି ସୋମବାର ଚିହ୍ନଟ ହୋଇଥିବା ୪ ନୂଆ ପଜିଟିଭ୍ ମଧ୍ୟ ୫୧ ନମ୍ବର ଆକ୍ରାନ୍ତଙ୍କ ସମ୍ପର୍କୀୟ ଓ ପଡ଼ୋଶୀ ବୋଲି ଜଣାପଡ଼ିଛି। ଏହି ସୁପରସ୍ପ୍ରେଡରଙ୍କ ପାଇଁ ସୁନ୍ଦରଗଡ଼ ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଭୁବନେଶ୍ୱର ବମିଖାଲରୁ ଚିହ୍ନଟ କରୋନା ଆକ୍ରାନ୍ତ ତିନି ଭାଇଙ୍କଠାରୁ ମୋଟ୍ ୧୮ ଜଣ ସଂକ୍ରମିତ ହୋଇଥିଲେ। ସେହିଭଳି ସୂର୍ଯ୍ୟନଗରର ପ୍ରଦୀପ୍ତ ଦଳବେହେରା ମଧ୍ୟ ସୁପରସ୍ପ୍ରେଡର ହୋଇ ଅନ୍ୟ ୭ଜଣ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ ସଂକ୍ରମିତ କରିଥିଲେ। ଅନ୍ୟପଟେ ରାଜ୍ୟରେ ଗୋଟିଏ ସପ୍ତାହ ଭିତରେ ୩୯ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

### ଚୋକ୍‌ସି, ମାଲ୍ୟାଙ୍କ ସମେତ ...

ମାଲ୍ୟା ଏବେ ଲଣ୍ଡନରେ ରହୁଥିବା ବେଳେ ତାଙ୍କୁ ମଧ୍ୟ ଭାରତ ଫେରାଇ ଆଣିବା ଲାଗି ଚେଷ୍ଟା ଜାରି ରହିଛି। ଅନ୍ୟପକ୍ଷରେ ଫରଏଭର ପ୍ରିସିୟସ ଜୁଏଲେରି ଆଣ୍ଡ ଡାଇମଣ୍ଡ ପ୍ରାଇଭେଟ ଲିମିଟେଡ୍‌ର ୧,୯୬୨ କୋଟି ଟଙ୍କା, ଡେକାନ କ୍ରନିକଲ୍ ହୋଲ୍ଡିଂ ଲିମିଟେଡ୍‌ର ୧,୯୧୫ କୋଟି ଟଙ୍କାର ଋଣକୁ ମଧ୍ୟ ବ୍ୟାଙ୍କଗୁଡ଼ିକ ଏବେ ହିସାବ ବାହାରେ ରଖିଥିବା ରିପୋର୍ଟରୁ ଜଣାପଡ଼ିଛି। ଚୋକ୍‌ସିଙ୍କ ଅନ୍ୟ ଦୁଇ ଫାର୍ମ ଗିଲ୍ ଇଣ୍ଡିଆ ଏବଂ ନକ୍ଷତ୍ର ବ୍ରାଣ୍ଡ ଉପରେ ଯଥାକ୍ରମେ ୧,୪୪୭ କୋଟି ଓ ୧,୧୦୯ କୋଟି ଟଙ୍କା ରହିଛି। ରେଇ ଆଗ୍ରୋ ଲିମିଟେଡ୍‌ର ଝୁନ୍‌ଝୁନ୍‌ୱାଲା ବ୍ରଦର୍ସ ଏବେ ଇଡି ସ୍କାନରରେ ରହିଛନ୍ତି। ୱିନ୍‌ସମ୍ ଡାଇମଣ୍ଡ ପ୍ରମୋଟରଙ୍କ ବିରୋଧରେ ସିବିଆଇ ଏବଂ ଇଡି ତଦନ୍ତ ଜାରି ରଖିଛନ୍ତି। ତାଲିକାର ୪ ନମ୍ବର ଖିଲାପକାରୀ ରୋଟୋମାକ୍ କମ୍ପାନୀର ପ୍ରମୋଟର ବିକ୍ରମ କୋଠାରିଙ୍କ ପୁଅ ରାହୁଲ କୋଠାରିଙ୍କୁ ସିବିଆଇ ଗିରଫ କରିଛି। ଋଣ ଖିଲାପକାରୀଙ୍କ ତାଲିକା ଦେବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗତ କିଛି ମାସ ତଳେ ସଂସଦରେ ଦାବି ଉଠାଇଥିଲେ। ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କଗୁଡ଼ିକ ସେଣ୍ଟ୍ରାଲ ରିପୋଜିଟୋରି ଅଫ୍ ଇନଫରମେଶନ ଅନ୍ ଲାର୍ଜ କ୍ରେଡିଟ୍ (ସିଆର୍‌ଆଇଏଲ୍‌ସି) ଅଧୀନରେ କେନ୍ଦ୍ରୀୟ ବ୍ୟାଙ୍କକୁ ବଡ଼ ଖିଲାପକାରୀଙ୍କ ଋଣ ରାଇଟ୍ ଅଫ୍ ସମ୍ପର୍କିତ ରିପୋର୍ଟ ଦେଇଥିଲେ। ସୂଚନା ଅଧିକାର କର୍ମୀ ସାକେତ ଗୋଖଲେ ବଡ଼ ଋଣ ଖିଲାପକାରୀଙ୍କ ତଥ୍ୟ ଦେବାକୁ କେନ୍ଦ୍ରୀୟ ବ୍ୟାଙ୍କକୁ ଫେବୃୟାରୀ ୧୬ରେ ଅନୁରୋଧ କରିଥିଲେ। ଏହି ସୂଚନା ଉପଲବ୍ଧ ନ ଥିବା ସେହି ସମୟରେ କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା। ହେଲେ ପରେ ଏପ୍ରିଲ ୨୪ରେ ଆର୍‌ବିଆଇ ଲିଖିତ ଭାବେ ଉତ୍ତର ରଖି ଏ ସମ୍ପର୍କିତ ତଥ୍ୟ ପ୍ରକାଶ କରିଛି।

### ଖାଦାନରେ ପଥର ଖସି...

ହେଉଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଭାଟକୁମରଡ଼ା କଲେଜ ନିକଟ ଖାଦାନରେ ମଙ୍ଗଳବାର ପ୍ରାୟ ୧୦ ଜଣ ଶ୍ରମିକ ପଥର କଟିବା କାର୍ଯ୍ୟରେ ନିୟୋଜିତ ଥିଲେ। କାଳବୈଶାଖୀ ଜନିତ ବର୍ଷାରେ ମାଟି ଭିଜି ରହିଥିଲେ ମଧ୍ୟ ସେଠାରେ କାମ ଚାଲିଥିଲା। କୌଣସି ପ୍ରକାରେ ଏକ ବଡ଼ ପଥର ଖସି ପଡିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଶ୍ରମିକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ, ତହସିଲଦାର ଅରୁଣ କୁମାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହଗୁଡ଼ିକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୦) ରୁଜୁ କରାଯାଇଛି। ଉକ୍ତ ପାହାଡ଼ର ଲିଜ୍ ହୋଇଛି କି ନାହିଁ ଏବଂ ଦୁର୍ଘଟଣା କିପରି ଘଟିଲା ତାହାର ତଦନ୍ତ କରାଯାଉଥିବା ଥାନାଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ପାହାଡଟି ସରକାରୀ ନିୟମ ପ୍ରକାରେ ନିଲାମ ହୋଇଥିବା ତହସିଲଦାର ଅରୁଣ କୁମାର ନାୟକ କହିଛନ୍ତି । ମାଟି ଅତଡା ଖସି ଏଭଳି ଦୁର୍ଘଟଣା ଘଟିଥିବା ତହସିଲଦାର କହିଛନ୍ତି।

### କ୍ୱାରାଣ୍ଟାଇନ୍ ସେଣ୍ଟର ...

ବଟଲ ଏବଂ ବାଲ୍‌ଟି ବାବଦରେ ୩୦୦ ଟଙ୍କା, ଅସ୍ଥାୟୀ କ୍ୟାମ୍ପ ପରିମଳ ଓ ସୁରକ୍ଷା ପାଇଁ ଦୈନିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ପ୍ରତ୍ୟେକ ବେଡ୍ ପାଇଁ ଦୁଇଟି ବେଡ୍‌ସିଟ୍ ଓ ତକିଆ ବ୍ୟବସ୍ଥା କରିବାକୁ କୁହାଯାଇଛି। ବେଡ୍, ତକିଆ, ବେଡ୍‌ସିଟ୍ ଆଦି ଭଡାରେ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆରଏଫ)ରୁ ଭରଣା କରାଯିବ ବୋଲି କୁହାଯାଇଛି। ଯଦି କିଣିବାକୁ ପଡିବ ତେବେ ଅନ୍ୟ ଯୋଜନାରୁ ଅର୍ଥ ବିନିଯୋଗ କରିବାକୁ କୁହାଯାଇଛି। ଏବାବଦରେ ହେଉଥିବା ସମସ୍ତ ଖର୍ଚ୍ଚ ହିସାବ ପ୍ରତ୍ୟେକ ଦିନ ରେଜିଷ୍ଟରରେ ଲେଖିବାକୁ ପରାମର୍ଶ ଦିଆଯାଇଛି। ଅସ୍ଥାୟୀ ଚିକିତ୍ସା ଶିବିରରେ କେତେଜଣ ରହୁଛନ୍ତି ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ସମ୍ପୃକ୍ତ ଜିଲା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ଏଥିସହିତ କେତେ ଲୋକ ସଫେଇ ବା ପରିମଳ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନଙ୍କର ରେକର୍ଡ ରଖାଯିବ ।

### ଟିକସ ବୃଦ୍ଧି ପ୍ରସଙ୍ଗରେ ...

ପକାଇଥିବା ମଧ୍ୟ ସିବିଡିଟି ପକ୍ଷରୁ କୁହାଯାଇଛି। ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ସେମାନଙ୍କ ଏଭଳି କାର୍ଯ୍ୟ ଦ୍ୱାରା ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିବାରୁ ପ୍ରଥମେ ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହାକୁ ବିଚାର କରି ସିବିଡିଟି ଚାର୍ଜସିଟ ଜାରି କରିଛି ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଚାର୍ଜସିଟ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ୧୯୮୮ ବ୍ୟାଚ୍ ଆଇଆର୍‌ଏସ୍ ଅଫିସର ପ୍ରଶାନ୍ତ ଭୂଷଣ, ୨୦୦୧ ବ୍ୟାଚ୍ ଆଇଆର୍‌ଏସ୍ ଅଫିସର ପ୍ରକାଶ ଦୁବେ ଏବଂ ୧୯୮୯ ଆଇଆର୍‌ଏସ୍ ଅଫିସର ସଞ୍ଜୟ ବାହାଦୁର ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶନି ପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସାହାଯ୍ୟ ଓ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଯାନ୍ତ୍ରିକ ଶିଳ୍ପରେ ଉନ୍ନତି ,ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହୋଇପାରେ। ପରିବାରରେ ଅଶାନ୍ତ ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇ ପାରନ୍ତି।

**ବୃଷ** ଦ୍ୱାଦଶସ୍ଥ ଶନି ଯୋଗୁଁ ବିଶେଷ ଅସୁବିଧା ନ ହେଲେ ମଧ୍ୟ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହୋଇପାରେ । ଅଧିକାଂଶ ସମୟ ଅନ୍ୟମନସ୍କ ରହିବା ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇ ପାରନ୍ତି । ଆଜି ରୋହିଣୀ ନକ୍ଷତ୍ର ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମିଥୁନ** ଯୋଗକାରକ ବୁଧ ଯୋଗୁଁ ଚେଷ୍ଟା କରୁଥିବା କାମରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ପ୍ରତିଦ୍ୱନ୍ଦିତା କିମ୍ବା ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେବା କେତେକାଂଶରେ ଶୁଭଫଳ ଦେଇପାରେ। ଆର୍ଥିକ ଦୃଷ୍ଟି କୋଣରୁ ଦୀର୍ଘଦିନର ଆଶା ଫଳବତୀ ହେବ।

**କର୍କଟ** କର୍ମାଧିପ ଉଚ୍ଚସ୍ଥ ହେତୁ ମନକୁ ସୁହାଇଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସଫଳ ହେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, କିନ୍ତୁ ସହଯୋଗ ପାଇବା କଷ୍ଟକର ହୋଇପଡିବ। ଅଶ୍ଳେଷା ନକ୍ଷତ୍ରର ବିଶେଷ ଭ୍ରମଣ କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ।

**ସିଂହ** ରବି ଉଚ୍ଚାଂଶରେ ଥିବାରୁ ବିଭିନ୍ନ ପ୍ରକାରର କାମ ଚାପରେ ମାନସିକ ସ୍ଥିରତା ରହିବ ନାହିଁ। ସଭାସମିତିରେ ପ୍ରିୟଜନମାନଙ୍କୁ ଯୁକ୍ତିଯୁକ୍ତକଥା କହି ସମସ୍ୟାକୁ ସୁଧାରି ନେବେ। ନିଜ ପସନ୍ଦର ଜିନିଷ ଆଣିବା ପାଇଁ ମନ ବଳାଇ ପାରନ୍ତି। ପ୍ରକାଶନ,ପ୍ରଶାସନିକ କ୍ଷେତ୍ରରେ ସାମାନ୍ୟ ସୁଧାର ଆସିପାରେ।

**କନ୍ୟା** ଶୁକ୍ରଙ୍କ ଶୁଭତ୍ୱ କାରଣରୁ ଆଜି ବିଭିନ୍ନ ଦିଗରୁ ସାହାଯ୍ୟ,ସହଯୋଗର ଅବାରିତ ଧାରା ବହି ଆସିବ। ଜମିଜମା,ମାଲିମକଦ୍ଦମା, ଯାତ୍ରା,ବାଣିଜ୍ୟ, ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୂର୍ବାଫାଲଗୁନୀ ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲ ହେବ।

**ତୁଳା** ଆଜି କେନ୍ଦ୍ରସ୍ଥ ଗ୍ରହ ପ୍ରଭାବରେ ପାରିବାରିକ,ସାମାଜିକ,ରାଜନୈତିକ, ସାଂଗଠନିକ ଓ ଲୋକ ସମ୍ପର୍କ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ।

**ବିଛା** ମେଷରାଶିସ୍ଥ ଯୋଗୁଁ ଦୀର୍ଘ ଦିନରୁ ଚିନ୍ତା କରୁଥିବା କାମରେ ଅଗ୍ରଗତିର ସୂଚନା ପାଇ ସାମୟିକ ଖୁସୀ ହେବେ। ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ମିଳିବା ସଙ୍ଗକୁ ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ମୂଳା ନକ୍ଷତ୍ରର ଅତୀତ ଘଟଣାକୁ ଚିନ୍ତା କରି ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିବ। ପାରିବାରିକ ସମସ୍ୟା ପଛକୁ ପକାଇ ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ,ଗବେଷଣା, ଅନୁସନ୍ଧାନ, କଳା,ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ସ୍ୱଗୃହୀ ଶୁକ୍ର ହେତୁ ନିଜ ସଂସ୍ପର୍ଶରେ ଆସୁଥିବା ଲୋକ ମାନଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଜନକଲ୍ୟାଣମୂଳକ କାମରେ ନିଜକୁ ନିୟୋଜିତ କରି ଖୁସୀ ରହିବେ।

**କୁମ୍ଭ** ବ୍ୟୟଭାବସ୍ଥ ଗ୍ରହ ପ୍ରଭାବରେ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବା ସହ ନିଜ ଲୋକମାନଙ୍କ ଶତ୍ରୁତା ମଧ୍ୟ ଦୁଶ୍ଚିନ୍ତାକୁ ବୃଦ୍ଧି କରିବ । ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ।

**ମୀନ** ମୁଖଭାବରେ ରବି ଓ ବୁଧ ଯୋଗୁଁ ଆପଣଙ୍କର ଯାହା କିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ, ଲୋକ ସମ୍ପର୍କ, ଆଲୋଚନା, ସଭାସମିତି ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

ଆଜି ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର,ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟଦିବସ, ରାମାନୁଜାଚାର୍ଯ୍ୟ ଜୟନ୍ତୀ, ରାଶି ନକ୍ଷତ୍ର-ପୁନର୍ବସୁ। ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ଅଦ୍ୟ ବ୍ରତୋପନୟନ, ଦେବତା ପ୍ରତିଷ୍ଠା, ତଥା ନବବଧୂଯାତ୍ରା ପାଇଁ ଶୁଭଦିନ। ପ୍ରାତଃ ଘ.୦୫.୨୨ମି. ଗତେ ଘ.୦୭.୦୪ମି.ମଧ୍ୟେ, ଦିବା ଘ.୦୩ . ୩୩ମି.ଗତେ ଘ.୦୫ .୧୪ମି. ମଧ୍ୟେ, ସନ୍ଧ୍ୟା ୦୬.୫୦ମି.ଗତେ ଘ.୦୯. ୦୬ମି.ମଧ୍ୟେ, ରାତ୍ରି ଘ.୦୧.୩୬ମି.ଗତେ ଘ.୦୫.୨୨ମି.ମଧ୍ୟେ ଅମୃତ ବେଳା । ଦିବା ଘ.୦୧.୫୧ମି.ଗତେ ଘ.୦୩ .୩୩ମି. ମଧ୍ୟେ ମାହେନ୍ଦ୍ର ବେଳା।

**ମଧ୍ୟାହ୍ନ ଭୋଜନ ବାର୍ଷିକ କେନ୍ଦ୍ରୀୟ ଅନୁଦାନ ବଢ଼ିଲା**

ଭୁବନେଶ୍ୱର, ୨୮।୪- ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ମଧ୍ୟାହ୍ନ ଭୋଜନ(ରୋଷେଇ ଖର୍ଚ୍ଚ)ର ବାର୍ଷିକ ଅନୁଦାନ ରାଶିକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ଦିଆଯାଉଥିବା କେନ୍ଦ୍ରୀୟ ଅନୁଦାନ ରାଶିର ୧୦.୯୯% ବୃଦ୍ଧି କରାଯାଇଛି। ଏନେଇ ମଙ୍ଗଳବାର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଟୁଇଟ ଜରିଆରେ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ

**ଜଟଣୀ, ୨୮।୪(ଡି.ଏନ.ଏ.):** ଲକ୍‌ଡାଉନ୍ କଟକଣା ଓ ସରକାରଙ୍କ ଗାଇଡ୍‌ଲାଇନ୍ ମାନୁନାହାନ୍ତି ଲୋକେ। ଏହି ପରିପ୍ରେକ୍ଷୀରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଜଟଣୀର ଝାଁଳା, ମଦନପୁର, ଛତାବର ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ୭୦ ଜଣ ଓ ଦର ତାଲିକା ଟାଙ୍ଗି ନ ଥିବା ୪ଟି ଦୋକାନ ଉପରେ ଚଢ଼ାଉ କରି ୧୭ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅତିରିକ୍ତ ତହସିଲଦାର ଦିଲୀପ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

### ଭୁବନେଶ୍ୱରକୁ ଘରିଛି ପଶ୍ଚିମବଙ୍ଗ ଫେରନ୍ତାଙ୍କ ଚିନ୍ତା

**ଭୁବନେଶ୍ୱର, ୨୮।୪(ବ୍ୟୁରୋ):** ପଶ୍ଚିମବଙ୍ଗ ଫେରନ୍ତା ଏବେ ରାଜ୍ୟ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛନ୍ତି। ସପ୍ତାହକ ମଧରେ ଚିହ୍ନଟ ହୋଇଥିବା ଅଧିକାଂଶ ପଜିଟିଭ୍ ବ୍ୟକ୍ତିଙ୍କ ପଶ୍ଚିମବଙ୍ଗ ଲିଙ୍କ ରହିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲାକୁ ପଶ୍ଚିମବଙ୍ଗରୁ ଫେରିଥିବା ଲୋକଙ୍କଠାରେ କରୋନା ପଜିଟିଭ୍ ବାହାରୁଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଏବେ ରାଜ୍ୟ ସରକାର ହଟ୍‌ସ୍ପଟରେ ରହିଛି। ଭୁବନେଶ୍ୱରରେ ଶତାଧିକ ପଶ୍ଚିମବଙ୍ଗ ଫେରନ୍ତା ବିଭିନ୍ନ ଅଞ୍ଚଳରେ ରହିଥିବାରୁ ବିଏମ୍‌ସି ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଛି। ସେମାନଙ୍କ ଯୋଗାଯୋଗ ନମ୍ବର ଟ୍ରାକ୍ କରାଯାଇ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ବିଏମ୍‌ସିକୁ ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ୨୩ ତାରିଖରୁ ଏହି ନିର୍ଦ୍ଦେଶ ମିଳିବା ପରେ ବିଏମ୍‌ସି ପକ୍ଷରୁ ସେମାନଙ୍କ ଟ୍ରାକ୍ କରାଯିବା ସହ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏଥି ମଧରେ ସମସ୍ତ ପଶ୍ଚିମବଙ୍ଗ ଫେରନ୍ତାଙ୍କ ତଥ୍ୟ ହସ୍ତଗତ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ମିଳିଥିବା ଫେରନ୍ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ବିଏମ୍‌ସିର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ପଶ୍ଚିମବଙ୍ଗରୁ ଫେରି ଅନେକ ଲୋକ ଭୁବନେଶ୍ୱରରେ ରହିଛନ୍ତି। ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ଚାଲିଛି। ଏଯାଏ କୌଣସି ଲୋକଙ୍କଠାରେ ପଜିଟିଭି ଚିହ୍ନଟ ହୋଇନାହିଁ। ଟେଷ୍ଟିଂ କିଟ୍ ଅଭାବ ପଡ଼ିବାରୁ ଏହି ପ୍ରକ୍ରିୟାରେ ବିଳମ୍ବ ହେଉଥିବା ସେ କହିଛନ୍ତି।

### ଆଇନଜୀବୀ ପରିଷଦ କର୍ପସ ପାଣ୍ଠିକୁ ଦାନ

**କଟକ ଅଫିସ,୨୮।୪:** ଆଇନଜୀବୀଙ୍କୁ ସହାୟତା ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କର୍ପସ ପାଣ୍ଠି ଗଠନ କରାଯାଇଛି। ଏହି ପାଣ୍ଠିକୁ ବରିଷ୍ଠ ଆଇନଜୀବୀମାନେ ସହାୟତା ପ୍ରଦାନ କରୁଛନ୍ତି। ପରିଷଦର ପୂର୍ବତନ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ୧୧ହଜାର ଟଙ୍କା, ଗୌତମ ମୁଖାର୍ଜୀ ୫୦ହଜାର, ବିଭୁପ୍ରସାଦ ଦାଶ ୧୦ହଜାର, ରାଜକିଶୋର ଦାସ ୧୧ ହଜାର ୧୧୧, ଅରୁଣ କୁମାର ପାତ୍ର ୧୫ହଜାର, ଶକ୍ତି ପ୍ରସାଦ ପଣ୍ଡା ୧୧ହଜାର, ଅନାଦି ଚରଣ ନାୟକ ୫ହଜାର, ଧନଞ୍ଜୟ ମୁଣ୍ଡ ୧୧ହଜାର ୧୧୧ ଏବଂ ଅମରେନ୍ଦ୍ର ନାଥ ମହାନ୍ତି ୧ହଜାର ୫୦୦ ଟଙ୍କା ପ୍ରଦାନ କରିଛନ୍ତି।

**ଆଜି ବିଶ୍ୱ ନୃତ୍ୟ ଦିବସ**

# ମଞ୍ଚ ନୁହେଁ, ଏଥର ଡିଜିଟାଲ ପ୍ଲାଟ୍‌ଫର୍ମ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ମଞ୍ଚରେ ନୁହେଁ, ଏଥର ଡିଜିଟାଲ ପ୍ଲାଟ୍‌ଫର୍ମରେ ପାଳନ ହେବ ବିଶ୍ୱ ନୃତ୍ୟ ଦିବସ। ସୋସିଆଲ ମିଡ଼ିଆରେ ଏକାଠି ହେବେ ବିଶ୍ୱର କୋଣ ଅନୁକୋଣର ନୃତ୍ୟଶିଳ୍ପୀ। ଶାସ୍ତ୍ରୀୟ ନୃତ୍ୟର ଗୁରୁତ୍ୱକୁ ବିଶ୍ୱବାସୀଙ୍କ ଆଗରେ ଏଭଳି ନିଆରା ଢଙ୍ଗରେ ଉପସ୍ଥାପନ କରିବେ। କରୋନା ଲକ୍‌ଡାଉନ୍ ଯୋଗୁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଦେଖିବାକୁ ମିଳିବ ଏକକ, ଯୁଗଳବନ୍ଦୀ ଓ ସମବେତ ନୃତ୍ୟ। ବିଶ୍ୱର ମହାନ୍ ନୃତ୍ୟଗୁରୁମାନଙ୍କ ନୃତ୍ୟ ପରିବେଷଣକୁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଲାଇଭ୍ ଦେଖିହେବ।

### ଫେସ୍‌ବୁକ୍, ଇନ୍‌ଷ୍ଟା ଲାଇଭ୍‌ରେ ଗୁରୁଜୀ-ଗିରିଜା ଦେବୀଙ୍କ ଯୁଗଳବନ୍ଦୀ

ଦୀର୍ଘ ୧୯ ବର୍ଷ ପରେ ଗୁରୁ କେଳୁଚରଣ ମହାପାତ୍ର ଓ ବିଦୁଷୀ ଗିରିଜା ଦେବୀଙ୍କ ଏକ ସ୍ମୃତିଭରା ଯୁଗଳବନ୍ଦୀକୁ ଦେଖିବାର ସୁଯୋଗ ପାଇବେ ଦର୍ଶକ। ଗୁରୁଜୀଙ୍କ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଗିରିଜା ଦେବୀଙ୍କ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତକୁ ପୁଣିଥରେ ଉପଭୋଗ କରିହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ଅବସରରେ ସନ୍ଧ୍ୟା ୭ଟାରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ଏହି କାର୍ଯ୍ୟକ୍ରମର ଲାଇଭ୍ କରାଯିବ ବୋଲି ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର କହିଛନ୍ତି। ଏଥିସହିତ ରାଜ୍ୟ ଓ ରାଜ୍ୟ ବାହାରର ୫ଜଣ ନୃତ୍ୟଶିଳ୍ପୀ ଗୁରୁଜୀଙ୍କ ଏକ ସ୍ମରଣୀୟ ପ୍ରସ୍ତୁତି 'ଶଙ୍କରାଭରଣ ପଲ୍ଲବୀ' ପରିବେଷଣ କରିବେ। ଓଡ଼ିଶାରୁ ରାଜଶ୍ରୀ ପ୍ରହରାଜ, କଲିକତାର ରାଜୀବ ଭଟ୍ଟାଚାର୍ଯ୍ୟ, ଅର୍ଣ୍ଣବ ବନ୍ଦୋପାଧ୍ୟାୟ, ମୁମ୍ବାଇର ସ୍ୱପ୍ନକଳ୍ପା ଦାସଗୁପ୍ତ ଓ ବାଙ୍ଗାଲୋରର ମଞ୍ଜୁଲିତା ମହାପାତ୍ରଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହାର ନୃତ୍ୟ ସଂଯୋଜନା ଗୁରୁ କେଳୁଚରଣ ମହାପାତ୍ର ଏବଂ ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର କରିଥିଲେ। ସବୁଠାରୁ ବଡ଼ କଥା ହେଲା କେହି ଏକାଠି ହୋଇ ନାଚିବେ ନାହିଁ। ନୃତ୍ୟଶିଳ୍ପୀମାନେ ସାମାଜିକ ଦୂରତ୍ୱକୁ ମାନି ଘରେ ରହି ଭିଡିଓ କରି ପଠାଇଥିବା ସୃଜନ ପକ୍ଷରୁ କୁହାଯାଇଛି। ନୃତ୍ୟପ୍ରେମୀମାନେ ଘରେ ରହି ଏହାର ମଜା ନେବାକୁ ଗୁରୁ ରତିକାନ୍ତ ମହାପାତ୍ର କହିଛନ୍ତି।

### ଗୁଗଲ୍ ଡୁଓ, ଜୁମ୍‌ରେ ବିଶ୍ୱ ନୃତ୍ୟ ଦିବସ

ଗୁଗଲ୍ ଡୁଓ ଏବଂ ଜୁମ୍ ଆପ୍ଲିକେଶନ୍‌ର ମଲ୍ଟିକନେକ୍ସନ୍ ମାଧ୍ୟମରେ 'ବିଶ୍ୱ ନୃତ୍ୟ ଦିବସ' ପାଳନ କରିବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଶ୍ରୀନିବାସ ଘଟୁଆରୀ। ଦୀର୍ଘ ଦେଢମାସ ହେବ ଅନ୍‌ଲାଇନ୍ କ୍ଲାସ୍ କରୁଥିବା ନୃତ୍ୟଶିଳ୍ପୀଙ୍କୁ ନେଇ ଏହି ଅଭିନବ କାର୍ଯ୍ୟକ୍ରମ କରାଯିବ। ମଞ୍ଚରେ ନୃତ୍ୟ ପରିବେଷଣ କରିବା ଶୈଳୀରେ ସବୁକିଛି ହେବ। ଜଣେ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିବେ ଓ ଜଣଙ୍କ ପରେ ଜଣେ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିବେ। ଗୋଟିଏ ଗୀତରେ ବିଭିନ୍ନ ପଦକୁ ନେଇ ନୃତ୍ୟ ପରିବେଷଣ କରାଯିବ। ଆମେରିକା, ପେରୁ, ପ୍ୟାରିସ୍ ସହ ଦେଶ ମଧ୍ୟରୁ ବିଭିନ୍ନ ରାଜ୍ୟର ୧୭ଜଣ ନୃତ୍ୟଶିଳ୍ପୀ ଏଥିରେ ଅଂଶଗ୍ରହଣ କରିବେ। ଏ ସମ୍ପର୍କରେ ଶ୍ରୀନିବାସ କହିଛନ୍ତି, କରୋନାର ଭୟାବହତା ଯୋଗୁ ସାରା ଦେଶ ଏବେ ଲକ୍‌ଡାଉନ୍‌ରେ ଅଛି। ଏହି ପରିସ୍ଥିତିରେ ମଞ୍ଚ ମଧ ନୀରବି ଯାଇଛି। ଏଭଳି ସଙ୍କଟ ସମୟରେ ନୃତ୍ୟ ମାଧ୍ୟମରେ ଲୋକଙ୍କ ଭୟ ଦୂର କରିବାକୁ ଆମେ ପ୍ରୟାସ କରିବୁ। ମଞ୍ଚରେ ନ ହେଲେ ବି ଡିଜିଟାଲ ପ୍ଲାଟ୍‌ଫର୍ମକୁ ମଞ୍ଚଭାବି ନୃତ୍ୟ ପରିବେଷଣ କରିବୁ।








### ଅରୁଣା ମହାନ୍ତିଙ୍କ 'ଡ୍ୟାନ୍ସ ଫ୍ରମ୍ ହୋମ୍'

ଲକ୍‌ଡାଉନ୍ ପରଠାରୁ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ନୃତ୍ୟ ଶିକ୍ଷାଦେଉଛି ଓଡ଼ିଶୀ ନୃତ୍ୟଗୁରୁ ଅରୁଣା ମହାନ୍ତିଙ୍କ ନୃତ୍ୟାନୁଷ୍ଠାନ 'ଓଡ଼ିଶା ଡ୍ୟାନ୍ସ ଏକାଡେମୀ'। ଏକାଡେମୀରେ ପ୍ରାୟ ୪୦୦ ପିଲା ନୃତ୍ୟ ଶିକ୍ଷା କରୁଥିବାବେଳେ କରୋନା ପାଇଁ କିନ୍ତୁ କାହାର କ୍ଲାସ୍ ବନ୍ଦ ହୋଇନି। ସେହିଭଳି ବିଶ୍ୱ ନୃତ୍ୟ ଦିବସକୁ ମଧ ଡିଜିଟାଲ ପ୍ଲାଟ୍‌ଫର୍ମରେ ସେଲିବ୍ରେଟ୍ କରିବାକୁ ଯାଉଛନ୍ତି ଅରୁଣା। ବିଶ୍ୱ ନୃତ୍ୟ ଦିବସ ଅବସରରେ ଦିଲ୍ଲୀର ଏକ ନୃତ୍ୟ ସଂସ୍ଥା ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟକୁ ନେଇ ଅନୁଷ୍ଠିତ ହେବାକୁ ଯାଉଥିବା 'ଡ୍ୟାନ୍ସ ଫ୍ରମ୍ ହୋମ୍' କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ ସେ। ସମଗ୍ର ବିଶ୍ୱରୁ ୭୫ରୁ ଊର୍ଦ୍ଧ୍ୱ ନୃତ୍ୟ ଗୁରୁ, କୋରିଓଗ୍ରାଫର୍ ଓ ନୃତ୍ୟଶିଳ୍ପୀ ଘରେ ରହି ଦେଶର ପ୍ରଖ୍ୟାତ ଶାସ୍ତ୍ରୀୟ ନୃତ୍ୟକୁ ପରିବେଷଣ କରିବେ। ଏସମ୍ପର୍କରେ ସମ୍ପର୍କରେ ଅରୁଣା କହିଛନ୍ତି, ଲକ୍‌ଡାଉନ୍ ପରେ ଆମେ ଅନ୍‌ଲାଇନ୍ ଡ୍ୟାନ୍ସ କ୍ଲାସ୍ କରୁଛୁ। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରର ବହୁ ପିଲା ଥିବାବେଳେ କମ୍ପ୍ୟୁଟର୍, ଲାପ୍‌ଟପ୍ ସମସ୍ତଙ୍କ ପାଖରେ ରହିବା ସମ୍ଭବ ନୁହେଁ। ତେଣୁ ଆମେ ସେଭଳି ପିଲାଙ୍କ ପାଇଁ ହ୍ୱାଟ୍‌ସଆପ୍‌ରେ କ୍ଲାସ୍ କରୁଛୁ। ଛୋଟ ଛୋଟ ଡ୍ୟାନ୍ସ ଭିଡ଼ିଓ କ୍ଲିପିଂ କରି ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ପଠାଇବା ପରେ ସେମାନେ ତାହାକୁ ଦେଖି ନୃତ୍ୟାଭ୍ୟାସ କରୁଛନ୍ତି। ରାଜ୍ୟ ଓ ଦେଶ ବାହାରର ଛାତ୍ରୀଛାତ୍ରମାନଙ୍କୁ ସ୍କାଇପି ମାଧ୍ୟମରେ ନୃତ୍ୟ ଶିକ୍ଷା ଦିଆଯାଉଛି। ଏହାବ୍ୟତୀତ ଲକ୍‌ଡାଉନ ପରେ ମୁଁ ଭୁବନେଶ୍ୱର ଆଇଆଇଟି ପିଲାଙ୍କ ପାଇଁ ଅନ୍‌ଲାଇନ୍ କ୍ଲାସ୍ ମଧ କରିଛି।

## ଜୋନ୍‌ସ୍ତରରେ ଡ୍ରୋନ୍ ଦ୍ୱାରା ବିଶୋଧନ ଆରମ୍ଭ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ବଜାର, ହାଟ ଓ ରାସ୍ତାକୁ ଡ୍ରୋନ୍ ଦ୍ୱାରା ବିଶୋଧନ କରାଯାଉଛି। ଇତିମଧ୍ୟରେ ସହରର ସମସ୍ତ ପ୍ରମୁଖ ଅଞ୍ଚଳରେ ବିଶୋଧନ କାର୍ଯ୍ୟ ସରିଥିବାବେଳେ ବିଏମ୍‌ସିର ଉତ୍ତର, ଦକ୍ଷିଣ ପୂର୍ବ ଓ ଦକ୍ଷିଣ ପଶ୍ଚିମ ଜୋନ୍‌କୁ ପର୍ଯ୍ୟାୟକ୍ରମେ ବିଶୋଧନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତି ଜୋନ୍‌ରେ ୭ଦିନ ଧରି ବିଶୋଧନ ହେବ। ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରୁ ବିଏମ୍‌ସି ଉତ୍ତର ଜୋନ୍‌ର ମୁଖ୍ୟ ରାସ୍ତା ଓ ଦୈନିକ ବଜାରକୁ ବିଶୋଧନ କରାଯାଇଥିଲା। ଚକେଇସିଆଣି ଦୁର୍ଗା ମଣ୍ଡପ ନିକଟରୁ ବିଶୋଧନ କାର୍ଯ୍ୟ ଆରମ୍ଭ ହୋଇ ପାହାଳ ମେଡିକାଲ ରୋଡ୍‌ରେ ସରିଥିଲା। ଉତ୍ତର ଜୋନ୍‌ର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ୬ଟି ବଜାର/ହାଟକୁ ପ୍ରତିଦିନ ବିଶୋଧନ କରିବାକୁ ଥିବାବେଳେ ଇନଫୋସିଟି ଥାନା ଅଧୀନରେ ଥିବା ୨ଟି, ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ୭ଟି ଏବଂ ବାଲିଅନ୍ତା ଥାନା ଅନ୍ତର୍ଗତ ଥିବା ବଡ଼ ବଜାର ଓ ହାଟକୁ ବିଶୋଧନ କରାଯିବ। ଏହାପରେ ଅନ୍ୟ ୨ଟି ଜୋନ୍‌ରେ ବିଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ତେବେ ଏହି କାର୍ଯ୍ୟରେ ୨ଟି ଡ୍ରୋନ୍ ନିୟୋଜିତ କରାଯାଇଛି। ୧ ନଂ. ଡ୍ରୋନ୍ ୧.୫ କିଲୋମିଟର ଅଞ୍ଚଳକୁ ୭.୫ ଲିଟର ଡିସ୍‌ଇନ୍‌ଫେକ୍ଟାଣ୍ଟ ସ୍ପ୍ରେ କରିବ। ସେହିପରି ଡ୍ରୋନ୍ ନଂ.୨ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଉଛି। ସାମାଜିକ ଦୂରତା ବଜାୟେ ରଖିବା, ମାସ୍କ ପିନ୍ଧିବା ଓ ଘରେ ରହିବା ପାଇଁ ଡ୍ରୋନ୍ ଦ୍ୱାରା ଘୋଷଣା କରାଯାଉଛି।

# ଭୁବନେଶ୍ୱରରେ କୋହଳ ହେଲା କଟକଣା

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**



- ଗ୍ୟାରେଜ୍, ଛୋଟ ଦୋକାନ, ଓମ୍‌ଫେଡ୍ ଖୋଲିବ
- ମଲ୍ଟି ବ୍ରାଣ୍ଡ, ସେଲୁନ୍, ମାର୍କେଟ କମ୍ପ୍ଲେକ୍ସ, ଗେମ୍ ପାର୍ଲରକୁ ନା

ଭୁବନେଶ୍ୱରରେ ବ୍ୟବସାୟିକ କଟକଣାକୁ କୋହଳ କରାଯାଇଛି। ଏନେଇ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୁଧବାରଠାରୁ ବିଏମ୍‌ସି ଅଞ୍ଚଳରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ଗ୍ରସେରି, ଫଳ, ପନିପରିବା, ମାଛ,ମାଂସ, ଓମ୍‌ଫେଡ ଷ୍ଟଲ ଆଦି ଖୋଲା ରହିବ। ଏଥିସହ ଛୋଟ ଦୋକାନ, ଗ୍ୟାରେଜ୍, ମୋଟର ପାର୍ଟସ, ଲୁବ୍ରିକାଣ୍ଟ ଦୋକାନ ଖୋଲା ରହିବାକୁ ବିଏମ୍‌ସି ଅନୁମତି ଦେଇଛି। ମାର୍କେଟ କମ୍ପ୍ଲେକ୍ସ, ସପିଂ କମ୍ପ୍ଲେକ୍ସ, ମଲ୍ଟିବ୍ରାଣ୍ଡ ଶୋରୁମ୍ ଓ ମଲ୍ ସହ ସେଲୁନ୍, ଗେମ୍ ପାର୍ଲର, ମସାଜ୍ ସେଣ୍ଟର, ଜିମ୍, ପାନ, ଗୁଟ୍‌ଖା ଦେକାନ, ଚା' କଫି ଷ୍ଟଲ, ଫାଷ୍ଟଫୁଡ୍ ଷ୍ଟଲ, ଜଳଖିଆ ଦୋକାନ ଓ ଜୁସ୍ ସେଣ୍ଟର ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଭୁବନେଶ୍ୱରରେ ରିଲିୟାନ୍ସ, ବିଗ୍‌ବଜାର, ଫାଲକନ୍ ଫ୍ରେସ୍, ଚିଲିକା ଫ୍ରେସ୍ ପରି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ଖୋଲାଯିବ। ପଶୁଖାଦ୍ୟ, ମଞ୍ଜି, କୀଟନାଶକ ବିକ୍ରି ଦୋକାନ ମଧ ଖୋଲା ରହିବ। ସେହିପରି ଓଡ଼ିଶା ଶପ୍ସ ଓ କମର୍ସିଆଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ ୧୯୫୬ରେ ପଞ୍ଜୀକୃତ ହୋଇଥିବା ବ୍ୟବସାୟୀଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ବହି ଦୋକାନ, ହୋମ୍ ଡେଲିଭରି କରୁଥିବା ରେଷ୍ଟୁରାଣ୍ଟ ଖୋଲିବ। ଘରୋଇ ଇଲେକ୍ଟ୍ରିସିଆନ, ପ୍ଲମ୍ବର, କାର୍ପେଣ୍ଟର ମରାମତି ଦୋକାନ ଆଦି ଖୋଲାରହିବ। ବ୍ୟାଙ୍କ ଏଟିମ୍ ସହ ଅନ୍ୟ ବ୍ୟାଙ୍କିଂ କାର୍ଯ୍ୟାଳୟରେ ୩୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ବନ୍ଦଥିବା ପେଟ୍ରୋଲ ପମ୍ପ, ହୋଟେଲ, ଲଜ୍‌ଗୁଡ଼ିକୁ ଖୋଲାଯିବାକୁ ବିଏମ୍‌ସି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି ନିର୍ମାଣ କାର୍ଯ୍ୟ ଜାରି ରହିବ। ନିର୍ମାଣ ସ୍ଥଳକୁ ଆଇରନ ରଡ, ସିମେଣ୍ଟ, ଚିପ୍‌ସ ଆଦି ପରିବହନ କରାଯାଇପାରିବ। ଶିଳ୍ପ ଓ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ୨୫% କର୍ମଚାରୀ କାମ କରିବେ।

ବ୍ୟବସାୟ ପ୍ରତିଷ୍ଠାନ ଖୋଲିବା ପାଇଁ ବିଏମ୍‌ସି ପକ୍ଷରୁ କିଛି ଗାଇଡ୍‌ଲାଇନ୍ ମଧ ଜାରି କରାଯାଇଛି। ଖୋଲାଯିବାକୁ ଥିବା ଦୋକାନରେ ଏକ ସମୟରେ ସର୍ବାଧିକ ୫ଜଣ ଲୋକ ରହିପାରିବେ, ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ସହ ହ୍ୟାଣ୍ଡୱାଶ୍, ସାନିଟାଇଜର ରଖିବାକୁ ବାଧତାମୂଳକ କରାଯାଇଛି। ସେହିପରି ଥଣ୍ଡା, କଫ, କାଶ କିମ୍ବା ଜ୍ୱର ହୋଇଥିବା କର୍ମଚାରୀଙ୍କୁ ଦୋକାନକୁ ଆସିବାକୁ ବାରଣ କରିବା ପାଇଁ କୁହାଯାଇଛି। ବର୍ତ୍ତମାନ ପରିବା ବ୍ୟବସାୟୀମାନେ ଯେଉଁଠି ବ୍ୟବସାୟ କରୁଛନ୍ତି ସେହିପରି କରିବେ। ମୁଖ୍ୟ ମାର୍କେଟକୁ ଆସିବେ ନାହିଁ। ମେଡିସିନ ଷ୍ଟୋର ଓ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ି ଅନ୍ୟସମସ୍ତ ଦୋକାନ ସକାଳ ୮ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହିବ ଓ ଟ୍ରେଡ୍ ଲାଇସେନ୍ସ ପ୍ରମାଣପତ୍ରର ଏକ ଅବିକଳ ନକଲ ଦୋକାନରେ ରଖିବାକୁ ବିଏମ୍‌ସି ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ଆଜୀବନ ସଜା କାଟୁଥିବା କଏଦୀଙ୍କ ଆତ୍ମହତ୍ୟା

**ଚୌଦ୍ୱାର,୨୮।୪ (ଡି.ଏନ.ଏ.)**

ଚୌଦ୍ୱାର ଜେଲରେ ଆଜୀବନ ସଜା କାଟୁଥିବା ଜଣେ କଏଦୀଙ୍କ କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ଜଗତସିଂହପୁର ଅଞ୍ଚଳର ବଳରାମ ସ୍ୱାଇଁ ୨୦ ସେପ୍ଟେମ୍ବର ୨୦୧୯ରେ ଏକ ହତ୍ୟା ମାମଲାରେ ଜଗତସିଂହପୁର ଜେଲରେ ସଜା କାଟୁଥିଲେ। ତାଙ୍କର ମାନସିକ ରୋଗ ଥିବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ୮ ମାର୍ଚ୍ଚ ୨୦୨୦ରେ ଅଣାଯାଇଥିଲା। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ନିୟମିତ ଚିକିତ୍ସା କରାଯାଉଥିଲା। ମଙ୍ଗଳବାର ଅପରାହ୍ନ ୩.୩୦ରେ ସେ ଏକ ଗାମୁଛାରେ ଜେଲ ପାଇଖାନା ଭିତରେ ଝୁଲି ପଡ଼ିଥିଲେ। ଜେଲ କର୍ତ୍ତୃପକ୍ଷ ତୁରନ୍ତ ବଡ଼ ମେଡିକାଲ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୫.୩୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଜଣେ କଏଦୀ ଜେଲ୍ ଭିତରେ କାହିଁକି ଆତ୍ମହତ୍ୟା କଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

## ଖୋର୍ଦ୍ଧାକୁ ଅରେଞ୍ଜ ଜୋନ ପାଇଁ ଆଜି ନିଷ୍ପତ୍ତି

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ରାଜ୍ୟରେ ସର୍ବାଧିକ କରୋନା ପଜିଟିଭ୍ (୪୬) ଖୋର୍ଦ୍ଧାରେ ଚିହ୍ନଟ ହେବା ପରେ ଏହାକୁ ରେଡ୍ ଜୋନ୍ ଅନ୍ତର୍ଭୁକ୍ତ କରାଯାଇଥିଲା। ଗତ ୧୪ ଦିନ ହେବ ଭୁବନେଶ୍ୱରରେ କୌଣସି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ୧୯ ଜଣ ଚିକିତ୍ସାଧୀନ ଥିବାବେଳେ ୨୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି। ସେଥିପାଇଁ ବୁଧବାର ପୂର୍ବାହ୍ନରେ ସଚିବସ୍ତରୀୟ ଆଲୋଚନା ହେବ। ଭୁବନେଶ୍ୱରରୁ ରେଡ୍ ଜୋନ୍ ହଟିବ କିମ୍ବା ଅରେଞ୍ଜ ଜୋନରେ ଅନ୍ତର୍ଭୁକ୍ତ କରାଯିବ ସେନେଇ ବିଚାର କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ରେଡ୍ ଜୋନ୍ ଯୋଗୁ ଭୁବନେଶ୍ୱରର ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ବିଶେଷ ପ୍ରଭାବ ପଡ଼ିଛି। ଯଦି ରେଡ୍ ଜୋନ୍‌ରୁ ଅରେଞ୍ଜ ଜୋନ୍ କରାଯାଏ ତେବେ ବିଏମ୍‌ସି ପ୍ରଥମେ ମାର୍କେଟଗୁଡ଼ିକୁ ପୁଣି ଥରେ ଖୋଲିବାକୁ ନିର୍ଦ୍ଦେଶ ଦେବ। ହେଲେ ସମସ୍ତ ଦୋକାନ ବଜାର ଖୋଲାଯିବ ନାହିଁ। ସେହିପରି ଜନସାଧାରଣଙ୍କ ଯାତାୟାତ ଉପରେ ବି କଟକଣା କୋହଳ କରାଯିବାକୁ ଆଲୋଚନା ହେବ ବୋଲି କମିଶନର ଚୌଧାରୀ କହିଛନ୍ତି।

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୂଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2020024, ତା: 22.04.2020
**କାର୍ଯ୍ୟର ନାମ :** ତାଳଚେର - ବିମଳାଗଡ଼ ନୂତନ ବ୍ରଡ୍ ଗେଜ୍ ରେଳ ଲିଙ୍କ୍ ପ୍ରକଳ୍ପ : ଭୂ-ବୈଷୟିକ ଅନୁସନ୍ଧାନ, ପୋଲଗୁଡ଼ିକର ଜଳ ମାର୍ଗ (Waterways) ର ଆକଳନ, ଢାଲୁସ୍ଥାନ (ସ୍ଲୋପ୍) ସ୍ଥାୟୀତ୍ୱ ବିଶ୍ଲେଷଣ କରିବା ଓ ଡ୍ରଇଂ / ନକ୍ସା ଇତ୍ୟାଦିର ପ୍ରସ୍ତୁତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38.30 ଲକ୍ଷ, EMD : ₹ 76,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି: 06(ଛଅ)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 14.05.2020 ରିଖ 1200 ଘଟିକା।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-03/CD/20-21



ଶିଳ୍ପୀ ପ୍ରମୋଦ ମୁଦୁଲି ନିଜେ ତିଆରି କରିଥିବା କରୋନା ଗାଡ଼ିରେ ବୁଲିବୁଲି ଲୋକଙ୍କୁ କରୋନା ସଂକ୍ରମଣରେ ସଚେତନ ଓ ସତର୍କ କରାଉଛନ୍ତି।

# ବୁଲୁଛି 'କରୋନା' ଗାଡ଼ି

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଅମାନିଆ ଲୋକଙ୍କୁ ସଚେତନ କରିବାକୁ ପ୍ରଥମେ ଭୁବନେଶ୍ୱରରେ କରୋନା ସ୍ଥାପତ୍ୟ ନିର୍ମାଣ କରିଥିଲେ କେତେଜଣ ଶିଳ୍ପୀ। ଏବେ ରାଜଧାନୀ ରାଜରାସ୍ତାରେ ବୁଲିବୁଲି ସଚେତନ କରୁଛି କରୋନା ଗାଡ଼ି। ଖଣ୍ଡଗିରି ବାସିନ୍ଦା ଶିଳ୍ପୀ ପ୍ରମୋଦ ମୁଦୁଲି ନିଜ ସ୍କୁଟିକୁ ଫୋମ୍ ଓ ବିଭିନ୍ନ ରଙ୍ଗରେ କରୋନା ଆକୃତି ତିଆରି କରି ନିଆରା ପ୍ରୟାସ କରିଛନ୍ତି। ଏଥିରେ ସେ ସରକାରଙ୍କ କରୋନା ସମ୍ପର୍କିତ ବିଭିନ୍ନ ନିୟମରୁ ଆରମ୍ଭ କରି ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ଘରେ ସୁରକ୍ଷିତ ରହିବା ପାଇଁ ବାର୍ତ୍ତା ଦେଇଛନ୍ତି। ଲକ୍‌ଡାଉନ୍ ଯୋଗୁ ଗାଡ଼ି ମରାମତି ଗ୍ୟାରେଜ୍ ବନ୍ଦ ଥିବାରୁ ନିଜେ ଏଥିରେ ବହୁ ୱେଲ୍ଡିଂ କରି ଆଉ ୨ ଚକ ମଧ ଲଗାଇଛନ୍ତି। ଏଥିପାଇଁ ତାଙ୍କୁ ପ୍ରାୟ ସପ୍ତାହେ ଲାଗିଥିବାବେଳେ ଅଧିକ ଆକର୍ଷଣୀୟ କରିବା ପାଇଁ ଏହାକୁ କରୋନା ସଦୃଶ ଚିତ୍ରିତ କରିଛନ୍ତି। ଏଥିସହିତ ଓଡ଼ିଶାବାସୀଙ୍କ ମନରେ ସାହସ ଭରିବାକୁ କରୋନା ହାରିବ, ଓଡ଼ିଶା ଜିତିବାର ବାର୍ତ୍ତା ଦେଉଛନ୍ତି ପ୍ରମୋଦ।

ମଙ୍ଗଳବାର ଖଣ୍ଡଗିରି ପୋଲିସ ନିକଟରୁ ଅନୁମତି ଆଣିବାପରେ ସେ ଭୁବନେଶ୍ୱର ସହରର ଗଳିକନ୍ଦିରେ ବୁଲି ଲୋକଙ୍କୁ ସଚେତନ କରିଥିଲେ। ଖଣ୍ଡଗିରି, ରାଜମହଲ, ୟୁନିଟ୍-୮, ସିଆରପି, ଶିରିପୁର ଆଦି ସ୍ଥାନରେ କରୋନା ଗାଡି ବୁଲାଇଥିଲେ। ଏସମ୍ପର୍କରେ ପ୍ରମୋଦ କୁହନ୍ତି, ଭୁବନେଶ୍ୱର କରୋନାର ଏକ ପ୍ରମୁଖ ହଟ୍‌ସ୍ପଟ୍। ଏଭଳିସ୍ଥଳେ କିଛି ଲୋକ ସଚେତନ ହୋଇଥିବା ବେଳେ ବସ୍ତିବାସିନ୍ଦା ଏବେ ବି ଏ ସମ୍ପର୍କରେ ଜାଣିନାହାନ୍ତି। ତେଣୁ ସେହି ଲୋକମାନଙ୍କୁ ସଚେତନ କରିବା ମୋର ପ୍ରାଥମିକ ଲକ୍ଷ୍ୟ। ଏହାବ୍ୟତୀତ ପ୍ରତିଦିନ ନିଜ ଜୀବନକୁ ବାଜି ଲଗାଉଥିବା କରୋନା ଯୋଦ୍ଧାଙ୍କୁ ମଧ ସମ୍ମାନ ଜଣାଉଛି ବୋଲି ସେ କହିଛନ୍ତି।

**COLLECTORATE, GANJAM, CHATRAPUR**
**(SOCIAL SECURITY SECTION, DSWO)**
Ph. Office: 06811-263970, E-mail: dssoganjamss@gmail.com
Letter No.: 1220 Dated: 27.04.2020
**TENDER NOTIFICATION**
Sealed tenders are invited from the intending Registered Firms/ Supplying Aencies for supply of essential articles/commodities to leprosy persons of the Dist. The sealed tenders are to be submitted on or before Dt.07.05.2020 by 5.30 P.M. as per the prescribed terms and conditions. Further details please visit to Ganjam district website: **www.ganjam.nic.in**.
Sd./- Dist. Social Security Officer
Ganjam, Chatrapur

**NESCO UTILITY**
**Head Office: Januganj, Balasore-756019**
Email-purchase@nescoodisha.com
**NOTICE INVITING TENDER**
Tender Notice No. NESCO Utility / PSC Pole /01/ 20-21 / 2876 Dt: 28.04.2020
For and on behalf of NESCO Utility, sealed tenders are invited in duplicate from intending manufacturers, who comply with the terms & conditions and specification laid down in the tender documents for **'Supply of 9Mtr. x 300Kg PSC Pole'** under MR head.
**Last date for submission of Tender :** Dt 18.05.20 up to 3.00 PM, **Date of opening of Tender:** Dt.18.05.20 at 3.30 PM. For details please visit our **website-www.nescoodisha.com**.
Corrigendum if any will be published in the website only.
*Sd./- General Manager (C&MM)*

# ଆମ ଉପରେ ନିର୍ଭର

କରୋନା ଭାଇରସ୍ ଯୋଗୁ ଭାରତରେ ଲକ୍‌ଡାଉନ ହୋଇଛି। ଦୀର୍ଘଦିନ ଧରି ଲୋକେ ଘରେ ରହିଛନ୍ତି। କଳକାରଖାନା ଚାଲୁ ନ ଥିବା ବେଳେ ଅର୍ଥନୈତିକ କାର୍ଯ୍ୟକଳାପ ସ୍ଥାଣୁ ପାଲଟିଯାଇଛି। କାମ ନ ପାଇ ଲୋକେ ହଇରାଣ ହରକତ ହେଉଛନ୍ତି। ଅନେକ ସ୍ଥାନରେ ଖାଦ୍ୟ ନ ପାଇ କେତେକଙ୍କ ମୃତ୍ୟୁ ଘଟିଲାଣି। ଏପରି କି ହଜାର ହଜାର କିଲୋମିଟର ଚାଲିଚାଲି ଶ୍ରମିକ ନିଜ ଗାଁକୁ ଫେରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକେ ରାସ୍ତାରେ ପଡ଼ି ମରିଥିବାର ଖବର ଶୁଣିବାକୁ ମିଳିଛି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଗଚ୍ଛିତ ଥିବା ଖାଦ୍ୟଶସ୍ୟ ଆଉ ୩ ମାସ ଯାଇପାରେ ବୋଲି ଆକଳନ କରାଗଲାଣି। ଅନ୍ୟପଟେ ଏବେକାର କୃଷିକାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ମୋଟ ଉପରେ କହିଲେ ଭାରତୀୟ ଅର୍ଥନୀତି ଏକ ବିଷମ ସଙ୍କଟରେ ପଡ଼ିଛି। କରୋନା ଯୋଗୁ ମଣିଷ ମୁଣ୍ଡ ଉପରେ କଳାବାଦଲ ଘୋଟି ଆସିଥିଲେ ମଧ୍ୟ ମାନବ ଜାତି ପାଇଁ ଯେଉଁ ଆଲୋକର ରେଖାଟି ଚିକ୍‌ମିକ୍ କରୁଛି, ତାହା ସମସ୍ତଙ୍କ ପାଇଁ ଆଶ୍ୱାସନା ଆଣିଦେଇଛି। ଏକ ପ୍ରଦୂଷଣମୁକ୍ତ ବାତାବରଣ ଫେରିଆସିଥିବାରୁ ପକ୍ଷୀମାନେ ଖୁସିରେ ଚାରିଆଡ଼େ ବିଚରଣ କରୁଥିବା ଦେଖିବାକୁ ମିଳୁଛି।

ପ୍ରଦୂଷଣର ମୂଳ କାରଣ ହେଉଛି ଅପର୍ଯ୍ୟାପ୍ତ କଳକାରଖାନା ଗଢ଼ି ଉଠିବା, ଜଙ୍ଗଲ ପଦା କରାଯାଇ ଚାରିଆଡ଼େ କଂକ୍ରିଟ ସୃଷ୍ଟି, ବର୍ଜ୍ୟବସ୍ତୁ ସିଧାସଳଖ ନଦୀ ଗର୍ଭକୁ ନିକ୍ଷେପ, ଗାଡ଼ିମୋଟର ଯାନରୁ ଅପର୍ଯ୍ୟାପ୍ତ ଧୂଆଁ ବାୟୁମଣ୍ଡଳକୁ ଛଡ଼ାଯିବା ସହ ଜଳ ମାନ ହ୍ରାସ ପାଇଯିବା। ଭାରତ ଭଳି ଜନସଂଖ୍ୟାବହୁଳ ରାଷ୍ଟ୍ରରେ ପ୍ରତି ସ୍ତରରେ ଲୋକେ ପ୍ରଦୂଷଣ ବଢ଼ାଇ ଚାଲି ଆସୁଥିଲେ। ଅଳ୍ପ କେତୋଟି ସପ୍ତାହର ଲକ୍‌ଡାଉନରେ ବାୟୁମଣ୍ଡଳ ନିର୍ମଳ ହେବା ସହ ଜଳ ସ୍ୱଚ୍ଛ ପାଲଟିବା ନିଶ୍ଚିତ ଭାବେ କରୋନା ଯୋଗୁ ଘଟିଛି ବୋଲି କୁହାଯାଇପାରେ। ଏବର ଅସ୍ୱାଭାବିକ ପରିସ୍ଥିତିରେ ପ୍ରକୃତି ଓ ପରିବେଶ କିଭଳି ନିର୍ମଳ ହୋଇପାରିଛି ତାହା ମଣିଷ ଶିଖିବା ଉଚିତ। କରୋନା ଭୂତାଣୁ ସଂକ୍ରମଣ ଯୋଗୁ ହୋଇଥିବା ଲକ୍‌ଡାଉନ୍‌କୁ ଯେତେ ସମାଲୋଚନା କଲେ ମଧ୍ୟ ତାହାର ପରିବେଶ ପ୍ରତି ଅବଦାନକୁ ଭୁଲିହେବ ନାହିଁ। ଏହି ସମୟ ଆମକୁ ଶିକ୍ଷା ଦେଇଛି ଯେ ମଣିଷ ଯଦି ଅସ୍ତବ୍ୟସ୍ତ ନ ହୋଇ ସ୍ୱଳ୍ପ ଖର୍ଚ୍ଚ କରି ଶାନ୍ତିରେ ରହିବା ଶିଖିପାରିବ, ତେବେ ପରିବେଶ ସମେତ ପଡ଼ୋଶୀକୁ ମଧ୍ୟ ସନ୍ତୁଷ୍ଟ କରିପାରିବ। ମନ୍ଦିର, ମସ୍‌ଜିଦ୍, ବିଭାଘର ଆଦିଠାରୁ ଆରମ୍ଭ କରି ବିଭିନ୍ନ ପର୍ବପର୍ବାଣି ବନ୍ଦ ହୋଇଯାଇଥିବାରୁ ଶବ୍ଦ ପ୍ରଦୂଷଣ ଯଥେଷ୍ଟ ହ୍ରାସ ପାଇଛି। ବିଶ୍ୱସ୍ତରରେ ଦେଖିଲେ ସବୁ ବଡ଼ ସହରରେ ଜଙ୍ଗଲୀ ପଶୁପକ୍ଷୀ ବୁଲିବାର ଭିଡିଓ ଦେଖିବାକୁ ମିଳୁଛି। ସମ୍ଭବତଃ ସେମାନେ ଖୋଜୁଛନ୍ତି ମଣିଷ ଗଲା କୁଆଡ଼େ। କୌତୂହଳର କଥା ହେଉଛି ସେମାନେ ଏବେ ମୁକ୍ତ, ମଣିଷ ପିଞ୍ଜରା ଭିତରେ। ଅନ୍ୟପଟେ ପୃଥିବୀ ଯେ ଏତେ ଶୀଘ୍ର ନିଜ ଭାରସାମ୍ୟ ଫେରିପାଇବ ବିଶ୍ୱାସ ହେଉ ନ ଥିଲା। ପ୍ରକୃତି ଓ ପରିବେଶ ଉପରେ ମଣିଷର ଅତ୍ୟାଚାର ଅତ୍ୟଧିକ ମାତ୍ରାରେ ପହଞ୍ଚି ଯାଇଥିଲା। ଏହି ଅସ୍ୱାଭାବିକ ପରିସ୍ଥିତି ଆଜି ନ ହେଲେ କାଲି ଶେଷ ହେବ। ରାଜନେତାମାନେ ନିଜ ମଉଜ ପାଇଁ ଏହାକୁ ଦୀର୍ଘକାଳ ରଖିବାକୁ ଚେଷ୍ଟା କଲେ ମଧ୍ୟ ଜନସାଧାରଣ ଆଉ କିଛି ସମୟ ପରେ ଲକ୍‌ଡାଉନ୍‌କୁ ବିରୋଧ କରିବାକୁ ଆରମ୍ଭ କରିବେ। ପରିସ୍ଥିତି ପୁନର୍ବାର ସ୍ୱାଭାବିକ ହେବ ହିଁ ହେବ। ଏବେ ନିଜେ ସୁଧୁରିଯିବାର ସୁଯୋଗ ଆସିଛି। ସେହି ସୁଯୋଗକୁ ସଦୁପଯୋଗ ବା ବଦ୍ ଉପଯୋଗ କରିବା ଆମ ଉପରେ ନିର୍ଭର କରେ।

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ !
ତଥାପି ଅନ୍ତରେ ଯାର ବଢ଼ଇ ପିପାସା
ହୃଦୟର ଯୋଗ କିବା ଅଙ୍ଗେ ଅଙ୍ଗ
ମିଶିବାକୁ ଉଚ୍ଛୁଳଇ ଆଶା !

(ଯୁଗଳ ପ୍ରୟାଣେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | A | | C |
| D | | | | 6 | 7 | | 2 | | | A | | 4 | | |
| | | E | A | | | | | 7 | C | | B | 8 | | 5 |
| | 9 | 5 | | | 8 | E | | | 7 | | 4 | | | |
| | | | | 5 | | 3 | 0 | 8 | E | 2 | | | | |
| | | 0 | | 3 | E | | | | | 5 | | | | 1 |
| | | | | | B | | | 9 | 8 | D | | | | 3 |
| | | | 4 | | | 1 | 3 | | 2 | | | | 7 | |
| 5 | D | | | | | 8 | | | | 0 | 1 | | | |
| 7 | | B | | 0 | 5 | | | | | | 6 | | E | |
| | | 9 | 7 | | | | 5 | | | 8 | | | | 4 |
| 2 | C | | E | | | 0 | | | | B | | 6 | | |
| | 7 | 1 | | | | 9 | | | | | 3 | | | D |
| 8 | | | | C | 4 | A | | 1 | 6 | | | | | |
| B | | | | A | | | 6 | 3 | | 4 | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 5 | 6 | A | 2 | 9 | 1 | 3 | 4 | 0 | E | C | 7 | B | 8 |
| A | 8 | E | 4 | 0 | 3 | 9 | 5 | C | 7 | 1 | B | 6 | 2 | D |
| 0 | 3 | B | C | 7 | E | 6 | A | 8 | 2 | 4 | D | 5 | 1 | 9 |
| 7 | 1 | 4 | 8 | B | 5 | 2 | 0 | D | 6 | 3 | 9 | E | A | C |
| 9 | C | 2 | 1 | 6 | D | B | 7 | E | 5 | 8 | A | 3 | 0 | 4 |
| 1 | 9 | 8 | E | 4 | 2 | 3 | B | 6 | D | 7 | 0 | A | C | 5 |
| 5 | A | C | 0 | 1 | 8 | 7 | 4 | 2 | E | 9 | 6 | B | D | 3 |
| E | 4 | D | 6 | 5 | C | 0 | 9 | 1 | A | B | 3 | 2 | 8 | 7 |
| B | 0 | 3 | D | 9 | 7 | E | C | A | 8 | 5 | 2 | 4 | 6 | 1 |
| 2 | 6 | 7 | B | 3 | A | D | 8 | 5 | 4 | C | 1 | 0 | 9 | E |
| 3 | E | A | 9 | D | 6 | 4 | 1 | 7 | B | 0 | 8 | C | 5 | 2 |
| C | B | 0 | 7 | 8 | 1 | 5 | 6 | 3 | 9 | 2 | E | D | 4 | A |
| 4 | 2 | 1 | 5 | C | 0 | A | D | 9 | 3 | 6 | 7 | 8 | E | B |
| 6 | 7 | 9 | 2 | A | 4 | 8 | E | B | C | D | 5 | 1 | 3 | 0 |
| 8 | D | 5 | 3 | E | B | C | 2 | 0 | 1 | A | 4 | 9 | 7 | 6 |

ଗତକାଲିର ଉତ୍ତର



ତର୍କ ଓ ତଥ୍ୟ

ବିମଳ ପାଣ୍ଡିଆ

# ତାଲା-ବନ୍ଦର ପୀଡ଼ା ଆହୁରି ଅଛି

ଅନ୍ତର୍ଜାତୀୟ ବ୍ୟାଙ୍କ 'ବର୍କଲେ'ର ଅନୁମାନ ଅନୁସାରେ କୋଭିଡ୍ ମହାମାରୀକୁ ରୋକିବା ପାଇଁ ନିଆଯାଇଥିବା 'ଲକ୍-ଡାଉନ' କାରଣରୁ ଭାରତର ଜିଡିପିରେ ୮.୧%ର ମାଡ଼ ପଡ଼ିବାକୁ ଯାଉଥିବା ବେଳେ ସୋନପୁର ଜିଲାର ଗୌଡ଼ଗାଁର ତରଭୁଜ ଚାଷୀ ଅଚ୍ୟୁତ ଭୋଇ କିନ୍ତୁ ଲାଭପାଇବେ କ'ଣ, ନିଜ ମୋଟ ପୁଞ୍ଜିର ବଡ ଭାଗ ହରାଇ ସାରିଲେଣି। ବର୍କଲେ କହିଛି ଯେ, ଚଳିତବର୍ଷ ଭାରତର ଆର୍ଥିକ ଅଭିବୃଦ୍ଧି ହାର 'ଶୂନ' ରହିବ। ଦେଶର ସିନା ଆର୍ଥିକ ସ୍ଥିତି ଗତବର୍ଷ ଯାହା ଥିଲା ସେତିକି ରହିବ, ମହାରାଷ୍ଟ୍ରର ସାଙ୍ଗଲି ଜିଲାର ଅଙ୍ଗୁର ଚାଷୀ ହର୍ଷଦା ଚାଭନଙ୍କ ଆର୍ଥିକ ସ୍ଥିତି କିନ୍ତୁ ଅନେକ ବର୍ଷ ତଳକୁ ଖସିଯିବା ନିଶ୍ଚିତ। ଅଚ୍ୟୁତଙ୍କ ବିଲରେ ପାକଳ ତରଭୁଜ ଫାଟି ମାଟିରେ ମିଶି ସାରିଲାଣି। ହର୍ଷଦା କିନ୍ତୁ ଶଢ଼ିବାକୁ ବସିଥିବା ଅଙ୍ଗୁରକୁ ଜମିରେ ନଷ୍ଟ ହେବା ପାଇଁ ଛାଡି ବି ପାରିଲେନି। ଜମିରେ ଛାଡିଲେ ଜମି ହିଁ ନଷ୍ଟ ହେବାର ଆଶଙ୍କାରେ ସେ ଫସଲ ଅମଳ କରି ତାହାକୁ ବାହାରେ ଫୋପାଡିବାର ଅତିରିକ୍ତ ଖର୍ଚ୍ଚ ବି ବୋହିଲେ। ଅଚ୍ୟୁତ ଓ ହର୍ଷଦାଙ୍କ ଭଳି ଲକ୍ଷଲକ୍ଷ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଅନେକ ଖରାପ କରିସାରିଛି କୋଭିଡ୍ 'ଲକ୍-ଡାଉନ୍'। କ୍ଷତିଗ୍ରସ୍ତଙ୍କ ସୂଚୀର ତାହା ଅନ୍ତ ନୁହେଁ, ଆରମ୍ଭ ମାତ୍ର। ଅନେକ ବ୍ୟବସାୟ ଅଛି, ଯାହା ବନ୍ଦ ହେଲେ ଖାଲି ଲାଭର ସମ୍ଭାବନା ଲିଭି ନ ଥାଏ, କ୍ଷତି ବି ହୋଇଥାଏ କାରଣ ସେହିଭଳି ବ୍ୟବସାୟ ଚଳାଇ ରଖିବା ପାଇଁ ଅନେକ ଖର୍ଚ୍ଚ ଜାରି ରଖିବାକୁ ପଡିଥାଏ। ଦୁଗ୍ଧ ବ୍ୟବସାୟୀ ଦୁଗ୍ଧ ବିକି ନ ପାରିଲେ ବି ଗାଈଙ୍କୁ ଦାନା ଦେବାକୁ ହିଁ ପଡିବ। ହୋଟେଲ ବା ସିନେମାହଲ ମାଲିକ ହୋଟେଲ ବା ସିନେମା ହଲକୁ ବନ୍ଦ ରଖିଲେ ବି କର୍ମଚାରୀଙ୍କୁ ରଖିବାକୁ ପଡିବ, ଭିତ୍ତିଭୂମି ଓ ଆସବାବର ନିୟମିତ ଯତ୍ନ ନେବାକୁ ହେବ। ସୁନା ଦୋକାନୀ ହୁଏତ ଦୋକାନ ବନ୍ଦ କରିପାରେ କିନ୍ତୁ ଦୋକାନର ଭଡା ତ ବୋହିବାକୁ ପଡିବ। ବିମାନ କମ୍ପାନୀ ବିମାନ ସିନା ଉଡ଼ାଇବ ନାହିଁ କିନ୍ତୁ ତାହାର ନିୟମିତ ଖର୍ଚ୍ଚକୁ ବନ୍ଦ କରିପାରିବ ନାହିଁ। ମିଡିଆ ଓ ଖବରକାଗଜ କମ୍ପାନୀଙ୍କୁ ନିଜର ପ୍ରସାରଣ ଓ ପ୍ରକାଶନ ଜାରି ରଖିବା ପାଇଁ କେବଳ ଅଧିକ ଶ୍ରମ ଓ ବ୍ୟୟ କରିବାକୁ ପଡୁନି, ତାଙ୍କର ଆମଦାନୀ ବି ଅନେକ କମିଛି। ନିର୍ମାଣ କ୍ଷେତ୍ରରେ ଥିବା କମ୍ପାନୀ ଓ ଠିକାଦାରଙ୍କ କାମ ବନ୍ଦ ହୋଇଥିଲେ ବି ତାଙ୍କର ଅନେକ ସ୍ଥାୟୀ ବ୍ୟୟରେ ବିରାମ ଲାଗି ନାହିଁ। ଅନ୍ୟ ଭାବରେ କହିଲେ, ଏହିଭଳି ବର୍ଗର ବ୍ୟକ୍ତି ଓ କମ୍ପାନୀଙ୍କ କେବଳ କ୍ଷତି ହିଁ ହେଉଛି। ପ୍ରାୟ ସମସ୍ତ କର୍ମଚାରୀ ଏବେ ଘରୁ କାମ କରୁଛନ୍ତି। କିଛି କାମ ଘରୁ ହୁଏ, ଅନେକ ହୁଏ ନାହିଁ। ଅନେକ ଅଫିସ ଓ କମ୍ପାନୀର କାମ ପ୍ରାୟ ଠପ ହୋଇଯାଇଛି ବା ଉତ୍ପାଦନ ଢେର କମି ଯାଇଛି। 'ଲକ୍-ଡାଉନ୍' ବା ତାଲାବନ୍ଦୀ ସହିତ ଏମାନଙ୍କର 'ଲକ୍' ବା ଭାଗ୍ୟ 'ଡାଉନ୍' ବା ତଳମୁହାଁ ହୋଇଚାଲିଛି। ସେମିତି ଭାବରେ କ୍ଷତିଗ୍ରସ୍ତ ବର୍ଗ ଓ କ୍ଷେତ୍ରର ସୂଚୀ ଭୀଷଣ ଲମ୍ବା। ଆଉ ଏକ ବର୍ଗର ବ୍ୟକ୍ତି ଓ କ୍ଷେତ୍ର ଅଛନ୍ତି, ଯାହାଙ୍କର ଆୟର ମାର୍ଗ ହୁଏତ ବର୍ତ୍ତମାନ ବନ୍ଦ ହୋଇଯାଇଛି କିନ୍ତୁ ତାଙ୍କର ବିଶେଷ କ୍ଷତି ହେଉନି କାରଣ ତାଙ୍କର ସ୍ଥାୟୀ ବ୍ୟୟ ବିଶେଷ ନାହିଁ। ତେଣୁ ଲାଭ ବା ଆୟ ହେଉ ନ ଥାଇପାରେ କିନ୍ତୁ କ୍ଷତି ହେଉନି, ଅନ୍ତତଃ ଏଯାଏ। ଚାକିରି ବା ଆୟର ସୁଯୋଗ ହରାଇଥିବା ଚାକିରିଜୀବୀ, ଶ୍ରମଜୀବୀ, ଛୋଟ ଦୋକାନୀ, ଓକିଲ, କାରିଗର, ଅଭିନେତା/ଅଭିନେତ୍ରୀ ଆଦି ହୁଏତ ଏହି ବର୍ଗରେ ଆସିବେ। ଆର୍ଥିକ କ୍ଷତି ଏକ ବଡ ମାନଦଣ୍ଡ ଅବଶ୍ୟ; କିନ୍ତୁ ଦୁଃସ୍ଥିତି ଓ ଦୁର୍ଗତି ମାପିବାର ଏହା ଏକମାତ୍ର ମାନଦଣ୍ଡ ନୁହେଁ। ଆୟ ନ ହେବା ବି ଏକ ମସ୍ତବଡ ଦୁର୍ଦ୍ଦଶା। ଚରମ ପୀଡାରେ କବଳିତ ହୋଇ ହଜାର ହଜାର ଲୋକ ଚାଲିଚାଲି ବା ସାଇକେଲରେ ଶହଶହ କିଲୋମିଟର ଦୂରରେ ଥିବା ନିଜର ଗନ୍ତବ୍ୟ ସ୍ଥଳକୁ ଯିବାର ବିକଳ ପ୍ରୟାସ ତାହାର ଉଦାହରଣ। ଏବେ ଭାରତର ଅଧିକାଂଶ ଲୋକ ଲକ୍-ଡାଉନ୍ ପୀଡ଼ାରେ ପୀଡ଼ିତ।

ଉଭୟ କେନ୍ଦ୍ର ଓ ଓଡ଼ିଶା ସରକାର ଏହି ବିଷମ ପରିସ୍ଥିତିକୁ ଅବଶ୍ୟ ହୃଦୟଙ୍ଗମ କରିଛନ୍ତି ଓ ଦୁଃଖକୁ ଲାଘବ କରିବାର ପ୍ରୟାସ କରୁଛନ୍ତି। ଓଡ଼ିଶା ସରକାର ରାଶନ କାର୍ଡଧାରୀଙ୍କୁ ତିନି ମାସର ଚାଉଳ ଅଗ୍ରିମ ଦେବା ସହ ସହ କାର୍ଡ ପ୍ରତି ୧,୦୦୦ ଟଙ୍କା ଦେଉଛନ୍ତି। ଚାଉଳ ତାଙ୍କର ପ୍ରାପ୍ୟ ଥିଲା, ଦୁଇମାସର ଚାଉଳ ଆଗୁଆ ଦେଲେ। ସେହିଭଳି ପ୍ରତି ପଞ୍ଚାୟତରେ ଭୋକିଲାଙ୍କୁ ତଥା ଅନ୍ୟସ୍ଥାନରୁ ଆସି ଫସି ରହିଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ଚାରି ମାସର ବାର୍ଦ୍ଧକ୍ୟ ଭତ୍ତା ଅଗ୍ରିମ, ସହରାଞ୍ଚଳର ବୁଲା ବିକାଳିଙ୍କୁ ୩,୦୦୦ ଟଙ୍କା, ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୧,୫୦୦ ଟଙ୍କା ଦେବାର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଗରିବ ପରିବାରକୁ ଆସନ୍ତା ତିନି ମାସ ପାଇଁ ମାଗଣାରେ ମୁଣ୍ଡପିଛା ୫ କିଲୋ ଚାଉଳ ବା ଅଟା ଓ କିଲେ ଡାଲି, କିଷାନ ଯୋଜନାରେ ୨,୦୦୦ ଟଙ୍କା ଏବଂ ଉଜ୍ଜ୍ୱଳା ଯୋଜନାରେ ତିନି ମାସ ପାଇଁ ଗ୍ୟାସ ସିଲିଣ୍ଡରର ପଇସା ଦେବେ। ଅଗ୍ରିମ ଭତ୍ତା, ଚାଉଳ ଓ କିଛି ପଇସା ହୁଏତ ଅଳ୍ପଦିନ ପାଇଁ ଗରିବ ପରିବାରଙ୍କ ଖାଦ୍ୟ ଚିନ୍ତାକୁ ସମ୍ଭାଳି ନେବ। ତେବେ, ଏତିକି ବି ଅନେକ ଲୋକଙ୍କ ଭାଗ୍ୟରେ ଜୁଟି ପାରିନାହିଁ। ସୋନପୁର ଜିଲାର ଡାଳଡବା ଗ୍ରାମର ବୀର ଭୋଇ ମୂଲ ଲାଗିଲେ ହିଁ ଚଳନ୍ତି କିନ୍ତୁ ତାଙ୍କର ନାଁ ନିର୍ମାଣ ଶ୍ରମିକ ଭାବରେ ପଞ୍ଜୀକରଣ ହୋଇନାହିଁ। ପଞ୍ଜୀକରଣ ବେଳେ ବାବୁମାନେ କୁଆଡେ ୫୦୦ଟଙ୍କା ଲେଖାଏ ପକେଟ ଖର୍ଚ୍ଚ ମାଗୁଥିଲେ। ଯିଏ ଦେଲେ ତାଙ୍କର କାର୍ଡ ହେଲା, ଯିଏ ଦେଇପାରିଲେନି ସିଏ ରହିଲେ। ବୀର ଭୋଇ ରହିଗଲେ। ତାଙ୍କ ଯୋଗରେ ଏବେ ସରକାର ଦେଇଥିବା ୧,୫୦୦ ଟଙ୍କା ଜୁଟିଲାନି। ସେହି ଗାଁରେ ବୀର ଭୋଇ ଏକା ନାହାନ୍ତି, ସେହିଭଳି ଅନେକ ଅଛନ୍ତି କାରଣ ପଞ୍ଜୀକରଣ କରୁଥିବା ବାବୁମାନଙ୍କୁ ସାମାନ୍ୟ ୫୦୦ ଟଙ୍କାର ଖୋରାକି ଦେବାର ବି ତାଙ୍କର ସାମର୍ଥ୍ୟ ନ ଥିଲା।

ବର୍ତ୍ତମାନ କିଛି ଠିକ୍ ନ ଥିବା ବେଳେ ଭବିଷ୍ୟତ ଅନ୍ଧାର ହିଁ ଦିଶୁଛି। ଭୟଙ୍କର ରୋଜଗାର ହାନି ଓ ଛଟେଇର ଆଶଙ୍କା ଜଳଜଳ ଦିଶିଲାଣି। ଅଳ୍ପ ଟିକେ ରୋଜଗାର ପାଇଁ ବହୁ ଦୂରାନ୍ତକୁ ଧାଇଁ ବର୍ତ୍ତମାନ ପୀଡ଼ା ଭୋଗୁଥିବା ଲୋକେ ପ୍ରଥମ ଅବସରରେ ହିଁ ଘରକୁ ଲେଉଟିବା ପାଇଁ ଟାକି ବସିଛନ୍ତି। ଅସଂଗଠିତ କ୍ଷେତ୍ରରେ ରୋଜଗାର ପ୍ରାୟ ଉଜୁଡ଼ିବା ସ୍ଥିତିରେ ଥିବା ବେଳେ, ସଂଗଠିତ କ୍ଷେତ୍ରରେ ମଧ୍ୟ ଅବସ୍ଥା ଭୀଷଣ ହେବାକୁ ଯାଉଛି। 'ନ୍ୟାଶନାଲ ସାମ୍ପଲ ସର୍ଭେ' ଓ 'ପିରିଓଡିକ୍ ଲେବର ଫୋର୍ସ ସର୍ଭେ'ର ତଥ୍ୟକୁ ଅନୁଶୀଳନ କରି ମିଣ୍ଟ ପତ୍ରିକାର ଜାତୀୟ ସମ୍ପାଦକ ଲେଖିଥିବା ଏକ ଆଲେଖ୍ୟ ଅନୁସାରେ ଏକା ଅଣ-କୃଷି କ୍ଷେତ୍ରରେ ୧୩ କୋଟି ୬୦ ଲକ୍ଷ ଚାକିରି ବା ରୋଜଗାର ସଂକଟରେ ପଡି ସାରିଛି। ଏହାର ପ୍ରଥମ ମାଡ଼ ପଡ଼ିଛି ଦିନ ମଜୁରିଆଙ୍କ ଉପରେ। ପରେ ଆସିବେ ଅନ୍ୟମାନେ, ଯାହାଙ୍କ ଚାକିରି ଚୁକ୍ତିନାମାର ଅବଧି ଛୋଟ। ଏହି ସ୍ଥିତି ସୁଧୁରିବା ପାଇଁ ଲମ୍ବା ସମୟ ଲାଗିପାରେ କାରଣ ସାରା ବିଶ୍ୱ କରୋନାରେ କବଳିତ। ଏଭଳି ବିକଟ ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚଳିତବର୍ଷର ବଜେଟକୁ ଆଉଥରେ ପ୍ରସ୍ତୁତ କରିବା ଦରକାର। ସେଥିରେ ଲୋକଙ୍କ ଆୟ ଓ ରୋଜଗାର ଫେରାଇ ଆଣିବା ତଥା କୃଷି, ସେବା ଓ ଉତ୍ପାଦନ କ୍ଷେତ୍ରକୁ ସାହାରା ଦେବା ପ୍ରଥମ ଧ୍ୟେୟ ହେବା ଦରକାର। ଏହା ସହଜ ନୁହେଁ କିନ୍ତୁ ଅସମ୍ଭବ ମଧ୍ୟ ନୁହେଁ।



ଡ. ନିଖିଳାନନ୍ଦ ପାଣିଗ୍ରାହୀ

# ପିତା-ପୁତ୍ର ସମ୍ପର୍କ

"ବାପା ଓ ପୁଅ ମଧ୍ୟରେ ସବୁବେଳେ କଠିନ ପ୍ରତିଯୋଗିତା ଚାଲିଥାଏ ; ଜଣେ କ୍ଷମତା ସକାଶେ ଲକ୍ଷ୍ୟ ରଖିଥିବା ବେଳେ ଅନ୍ୟ ଜଣକ ସ୍ୱାଧୀନତା ପାଇଁ ଚେଷ୍ଟାକରେ।"

–ସାମୁଏଲ ଜନ୍‌ସନ (ସୁପରିଚିତ ନାମ-ଡକ୍ଟର ଜନ୍‌ସନ, ୧୭୦୯-୧୭୮୪)।

ବ୍ରିଟିଶ ଲେଖକ ଓ ସାହିତ୍ୟ ସମାଲୋଚକ ଡକ୍ଟର ଜନ୍‌ସନଙ୍କ ଉକ୍ତିରେ ପ୍ରତିଫଳିତ ପିତା-ପୁତ୍ର ମଧ୍ୟରେ ରହିଥିବା ଅସ୍ୱସ୍ତିକର ସମ୍ପର୍କ।

ଜବାହରଲାଲ ନେହେରୁ ଇଂଲଣ୍ଡରେ ଅଧ୍ୟୟନ କରୁଥିବା ବେଳେ ଥରେ ତାଙ୍କ ବାପା ମୋତିଲାଲ ନେହେରୁଙ୍କଠାରୁ ଗୋଟିଏ ଅପ୍ରତ୍ୟାଶିତ ପତ୍ର ପାଇଲେ। ସେଥିରେ ଲେଖାଥିଲା, 'ତୋର ପାଠପଢ଼ା ନିମନ୍ତେ ଆବଶ୍ୟକ ମୁତାବକ ଅର୍ଥ ପଠାଉଛି। ହେଲେ ସେହି ଅର୍ଥ ତୁ କିଭଳି ଭାବେ ଖର୍ଚ୍ଚ କରୁଛି ତାହା ମୁଁ ଜାଣିପାରୁନାହିଁ। ଗୋଟିଏ ଗୋଟିଏ ପଇସା ତୁ କିଭଳି ବ୍ୟୟ କରୁଛୁ, ମୁଁ ଜାଣିବାକୁ ଚାହୁଁଛି। ଏଣିକି ତୁ ତୋର ଖର୍ଚ୍ଚର ଚିଁକିନିଖି ବିବରଣୀ ମୋ ନିକଟକୁ ପଠାଇବୁ। ଏହା ଅତି ଜରୁରୀ ବୋଲି ଭାବିବୁ।'ଜବାହରଙ୍କୁ ଏହି ଚିଠିଟି ଅତ୍ୟନ୍ତ ବ୍ୟଥିତ କଲା। ଅପବ୍ୟୟ କରୁଥିବା ସନ୍ଦେହକରି ବାପା ତାଙ୍କୁ ନିବର୍ତ୍ତାଇବାକୁ ଏମିତି ସନ୍ଦେଶ ଦେଇଛନ୍ତି ବୋଲି ସେ ଦୁଃଖିତ ହେଲେ। ଗଭୀର ମନସ୍ତାପରେ ସେ ମୋତିଲାଲଙ୍କୁ ନିଜ ସ୍ୱାଭିମାନ ବଜାୟ ରଖିବାକୁ ଯେଉଁ ଉତ୍ତର ଦେଇଥିଲେ, ତାହା ହେଉଛି, 'ଯଦି ମୋ ଉପରେ ବିଶ୍ୱାସ ନାହିଁ ତେବେ ଏଣିକି ଆଉ ପଇସା ପଠାଇବେନି। ମୁଁ ଅନ୍ୟ ବ୍ୟବସ୍ଥା କରି ନିଜ ଖର୍ଚ୍ଚ ଉଠାଇବି। ସେ ଭରସା ମୋର ଅଛି। ଆଉ ଯଦି ନିଜ ଖର୍ଚ୍ଚ ଉଠାଇବାରେ ସକ୍ଷମ ନ ହୁଏ ତା'ହେଲେ ବିଦେଶ ଛାଡ଼ି ଦେଶକୁ ଫେରିଯିବି। ଏହା ମୋର ନିଷ୍ପତ୍ତି।'

ପୁଅର ଏହି ପତ୍ର ପାଇ ମୋତିଲାଲ ବୁଝିଗଲେ ଯେ, ତାଙ୍କ ଚିଠି ଦ୍ୱାରା ପୁଅ ମର୍ମାହତ। ପୁଅ କାଳେ ବିଦେଶରେ ସ୍ୱାଧୀନ ଭାବେ ରହି ବିଳାସବ୍ୟସନରେ ମାତିବ ଓ ବିପଥଗାମୀ ହୋଇଯିବ ବୋଲି ଭୟ ବା ସନ୍ଦେହରେ ସେ ପରୋକ୍ଷ ଭାବେ ଏକ ସତର୍କବାଣୀ ଶୁଣାଇବାକୁ ଚାହୁଁଥିଲେ। ଏହା ଜଣାଶୁଣା ଯେ, ଏପରି ଦୃଷ୍ଟାନ୍ତ ସମାଜରେ ପରିଦୃଷ୍ଟ ହୁଏ ଏବଂ ଏମିତି ପରିବେଶରେ ସନ୍ତାନମାନେ କେମିତି କୁଳାଙ୍ଗାର ହୋଇ ସାରା ବଂଶର ମର୍ଯ୍ୟାଦାହାନି ଘଟାଇଥାନ୍ତି, ତାହା ତାଙ୍କର ମୁରବିମାନଙ୍କୁ ଆଗୁଆ ପଦକ୍ଷେପ ନେବାକୁ ପ୍ରେରିତ କରିଥାଏ। ତା ଯୋଗୁ ଯେମିତି ଅନାଦୃତ ହୁଏ, ପୁଅର ଭବିଷ୍ୟତ ସେମିତି ହୋଇପାରେ।

ତେଣୁ ଯେକୌଣସି ବାପା ଏହି ବିଷୟରେ ସଚେତନହେବା କଦାପି ଗର୍ହିତ ହୋଇ ନ ପାରେ। କିନ୍ତୁ ସୂକ୍ଷ୍ମାନୁଭବୀ ଜବାହର ବାପାଙ୍କର ପ୍ରକୃତ ଆନ୍ତରିକ ଉଦ୍ଦେଶ୍ୟ ହୃଦୟଙ୍ଗମ ନ କରି ପ୍ରତିକ୍ରିୟାଶୀଳ ହେଲେ। ଅବଶ୍ୟ ମୋତିଲାଲ ପରିସ୍ଥିତିକୁ ଜଟିଳ ହେବାକୁ ନ ଦେଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଉଦ୍ଦେଶ୍ୟରେ ପୁଅକୁ ଜଣାଇଲେ, 'ମୁଁ ପଠାଇଥିବା ପତ୍ର ତୋର ସ୍ୱାଭିମାନ ଉପରେ ଆଞ୍ଚ ଆଣିବା ପାଇଁ ଉଦ୍ଦିଷ୍ଟ ନ ଥିଲା କି ତୋ ଠାରୁ ପତ୍ର ପାଇ ମୁଁ ଦୁଃଖିତ ହୋଇନି। ମୁଁ କେବଳ ଏତିକି କହିବାକୁ ଚାହୁଁଥିଲି କେତେ ଟଙ୍କା ଖର୍ଚ୍ଚ ହେଉଛି। ସେହି ଅନୁଯାୟୀ ପ୍ରତି ମାସରେ ସେତିକି ପରିମାଣରେ ଅର୍ଥ ପ୍ରଦାନ ପାଇଁ ବ୍ୟବସ୍ଥା କରିବି।'

ପିତା-ପୁତ୍ର ମଧ୍ୟରେ ମନୋମାଳିନ୍ୟ ଅନେକ ଦୃଷ୍ଟାନ୍ତରେ ପରିଦୃଷ୍ଟ ହୁଏ। ତେବେ ଏହା ସାମୟିକ ହେବ ନା ସ୍ଥାୟୀ, ତାହା ପ୍ରତି କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ। ଆମମାନଙ୍କ ମଧ୍ୟରୁ ଅନେକେ ଯେଉଁ ସମସ୍ୟା ଦ୍ୱାରା ଅନେକ ସମୟରେ ସନ୍ତୁଳିତ ହେଉ, ତାହାର ଆଭାସ ନିମ୍ନ ଉକ୍ତିରୁ କେତେକାଂଶରେ ମିଳେ। "ମୁଁ ଯେତେବେଳେ ପିଲା ଥିଲି, ବାପା ଯାହା ଚାହୁଁଥିଲେ ତାହା କରୁଥିଲି। ବର୍ତ୍ତମାନ ମୁଁ ମୋ ପୁଅ ଯାହା କହୁଛି, ତାହା କରିବାକୁ ବାଧ୍ୟ। ମୋର ସମସ୍ୟା ହେଉଛି ମୁଁ ମୋ ଜୀବନରେ ଆଉ କେବେ ମୋ ମନ ମୁତାବକ କାମ କରିବି ?" ଆମେରିକାର ହାସ୍ୟରସ ସ୍ରଷ୍ଟା ଲେଖକ ସାମ୍ ଲେଭେନ୍‌ସନ (୧୯୧୧-୧୯୮୦) ଏଥିରେ ଉଲ୍ଲେଖ କରିଛନ୍ତି, କିପରି ପରିବାର ସମ୍ଭାଳୁଥିବା ଜଣେ ବ୍ୟକ୍ତି ନିଜ ମାନସିକ ଭାରସାମ୍ୟ ରକ୍ଷା କରିବାରେ ଦ୍ୱନ୍ଦ୍ୱରେ ପଡ଼ିଥାଏ। ପ୍ରତ୍ୟେକ ମଣିଷ ନିଜ ସ୍ୱାଧୀନତା ପାଇଁ ଆତୁର। କିନ୍ତୁ ସାମାଜିକ ବନ୍ଧନ ଓ ପାରିବାରିକ ସମ୍ପର୍କ କାରଣରୁ ଏହା ଅବାଧ ଓ ସମସ୍ୟାମୁକ୍ତ ହୋଇପାରେ ନାହିଁ। ଏହି ପରିପ୍ରେକ୍ଷୀରେ ପିତା-ପୁତ୍ର ସମ୍ବନ୍ଧ ଉପରେ ଅଧିକ ଆଲୋକପାତ କରିବା ସମୀଚୀନ।

ଫ୍ରାଞ୍ଜ କାଫକା ତତ୍କାଳୀନ ବୋହେମିଆର ରାଜଧାନୀ ପ୍ରାଗ୍‌ରେ (ସମ୍ପ୍ରତି ଚେକ୍ ରିପବ୍ଲିକର ରାଜଧାନୀ) ୧୮୮୩ରେ ଏକ ଇହୁଦୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଏହି ବିଖ୍ୟାତ ଔପନ୍ୟାସିକ, ଗାଳ୍ପିକ ଜଣକ କମ୍ ବୟସରେ ୧୯୨୪ରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କ ଲେଖାରେ ନିଃସଙ୍ଗତା, ଅପରାଧବୋଧ, ଅସଂଗତି ପରି ଭାବନା ଓ ଘଟଣା ପରିସ୍ଫୁଟ। ସେଥିରେ ବର୍ଣ୍ଣିତ ଅନନ୍ୟ ଘଟଣା ଓ ବାତାବରଣକୁ ଲକ୍ଷ୍ୟ କରି ସାହିତ୍ୟ-ସମାଲୋଚକମାନେ 'କାଫ୍‌କେସ୍କ' ନାମକ ଏକ ନୂତନ ଶବ୍ଦ ବାହାର କରିଛନ୍ତି। ତାଙ୍କ ରଚନାଗୁଡ଼ିକରେ ସ୍ୱତନ୍ତ୍ରତା ସହଜେ ବାରିହୁଏ।

ଏତାଦୃଶ ବିଚିତ୍ର ସୃଷ୍ଟି ସମ୍ଭାରର ସ୍ରଷ୍ଟା କାଫକାଙ୍କ ସଫଳତାର ରହସ୍ୟ ବୁଝିବା ପାଇଁ ତାଙ୍କ ଆଦ୍ୟଜୀବନ ବିଚାର କରିବା ଯଥାର୍ଥ। ମଧ୍ୟବର୍ଗୀୟ ପରିବାରର ସଦସ୍ୟ କାଫକାଙ୍କ ସମ୍ପର୍କ ନିଜ ପିତାଙ୍କ ପ୍ରତି ସହଜ ନ ଥିଲା। ୬ଜଣ ଭାଇଭଉଣୀଙ୍କ ମଧ୍ୟରେ ଫ୍ରାଞ୍ଜ କାଫକା ଥିଲେ ସବୁଠାରୁ ବଡ଼। ବାପାଙ୍କ ସମ୍ବନ୍ଧରେ ଫ୍ରାଞ୍ଜ ଯେଉଁ ଚିତ୍ର ପ୍ରଦାନ କରିଛନ୍ତି, ତାହା ହେଉଛି, 'ତାଙ୍କ ପିତା ହରମାନଙ୍କ ନିକଟରେ ଥିଲା ଶାରୀରିକ ବଳିଷ୍ଠତା, ସ୍ୱାସ୍ଥ୍ୟ, ଖାଦ୍ୟପ୍ରିୟତା, ଉଚ୍ଚ ସ୍ୱର, ବାକ୍‌ପଟୁତା, ଆତ୍ମସନ୍ତୋଷ, ସାଂସାରିକ ପ୍ରଭୁତା, ସହନଶୀଳତା ଉପସ୍ଥିତ ବୁଦ୍ଧି ଓ ମଣିଷମାନଙ୍କ ସ୍ୱଭାବ ବିଷୟରେ ଜ୍ଞାନ। ତେଣୁ ସେ ଜଣେ 'ପ୍ରକୃତ କାଫକା'। ଫ୍ରାଞ୍ଜ କାଫକାଙ୍କ ଜୀବନୀ ଲେଖକ ଷ୍ଟାନ୍‌ଲେ କର୍ନଗୋଲ୍ଡ ହରମାନଙ୍କ ଉପରେ ମନ୍ତବ୍ୟ ଦେଇଛନ୍ତି ଯେ, ତାଙ୍କର ଥିଲା ପ୍ରଶସ୍ତ ଆକୃତି, ସେ ଥିଲେ ସ୍ୱାର୍ଥପର, ସେ ନିଜ କର୍ତ୍ତୃତ୍ୱ ବିସ୍ତାର କରିବାକୁ ଚେଷ୍ଟିତ ଥାନ୍ତି। ତତ୍ ସହ ତାଙ୍କ ପିତାମାତା ନିଜ ବ୍ୟବସାୟିକ ଉନ୍ନତି ପାଇଁ ବ୍ୟସ୍ତ ରହନ୍ତି। ଫ୍ରାଞ୍ଜଙ୍କ ଲାଳନ ପୋଷଣ ଦାୟିତ୍ୱ ଧାଈମାନେ ତୁଲାନ୍ତି। ଫଳରେ ତାଙ୍କ ପାରିବାରିକ ସମ୍ପର୍କ ଆତ୍ମୀୟତା ଓ ଆନ୍ତରିକତାରୁ ବଞ୍ଚିତ ଥିଲା।

ଏତାଦୃଶ ଅସଂଲଗ୍ନ ଭାବେ ପରିବାରରେ ରହୁଥିବା ଫ୍ରାଞ୍ଜ ଦୁର୍ଭାଗ୍ୟବଶତଃ କମ୍ ବୟସରେ କନିଷ୍ଠ ଦୁଇ ଭାଇଙ୍କୁ ହରାଇଲେ। ନିଜ ମାନସିକ ବିଷର୍ଣ୍ଣତା ବିଶ୍ଳେଷଣ କରିବାକୁ ଯାଇ ସେ ପିତାଙ୍କ ପ୍ରତି ମନରେ ଥିବା ଅପ୍ରସନ୍ନତା ଓ ଅଭାବବୋଧ ଗୋଟିଏ ପତ୍ର ଦ୍ୱାରା ଜଣାଇଥିଲେ। ଶତାଧିକ ପୃଷ୍ଠାବ୍ୟାପୀ ଏହି ଚିଠିରେ ବାପା ଯେମିତି ତାଙ୍କଠାରୁ ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା ଦାବି କରୁଥିଲେ ଓ ଏହା ପୂରଣ କରିବା ପାଇଁ ଅନିବାର୍ଯ୍ୟ ଆବଶ୍ୟକତା ଉପରେ ଜୋର ଦେଉଥିଲେ, ତାହା ମର୍ମସ୍ପର୍ଶୀ ଭାବେ ଚିତ୍ରିତ। (ଦ୍ରଷ୍ଟବ୍ୟ: ଫ୍ରାଞ୍ଜ କାଫକା-ଏ ବାଇଓଗ୍ରାଫି, ମାକ୍ସ ବ୍ରଡ୍, ୧୯୬୦, ୧୫-୧୬ ପୃଷ୍ଠା)। ଫ୍ରାଞ୍ଜଙ୍କ ଉପରୋକ୍ତ 'ଲେଟର ଟୁ ହିଜ୍ ଫାଦର' (ବ୍ରିଫ୍ ଏନ୍‌ଡେନଭାଟେର) ଉପରେ ଏହା ହେଉଛି ଜଣେ ବିଜ୍ଞ ସମାଲୋଚକ (ମାକ୍ସ ବ୍ରଡ୍)ଙ୍କ ଟିପ୍ପଣୀ।

ଅବଶ୍ୟ ବାପା-ପୁଅ ମଧ୍ୟରେ ଏହି ଅସାମଞ୍ଜସ୍ୟକୁ କେହି କେହି ସକାରାତ୍ମକ ଢଙ୍ଗରେ ବିଚାର କରିପାରନ୍ତି। ହୁଏତ ସେମାନେ ମତପୋଷଣ କରିବେ ଯେ, ଏହି ଅମେଳ ବିଶ୍ୱ-ସାହିତ୍ୟର ବିଭବକୁ ସମୃଦ୍ଧ କଲା। ତଥାପି ଯେଉଁ ମୌଳିକ ପ୍ରଶ୍ନଟି ଆମକୁ ଆନ୍ଦୋଳିତ କରିପାରେ, ତାହା ବ୍ରିଟିଶ ସାହିତ୍ୟିକ ଏଭେଲିନ୍ ବାଗ୍‌ଙ୍କ (୧୯୦୩-୧୯୬୬)ଙ୍କ ବିଶ୍ୱାସକୁ ନେଇ। "ନିମନ୍ତ୍ରଣକାରୀ ଓ ଅତିଥି ମଧ୍ୟରେ ସବୁଠାରୁ ସୁଖଦାୟକ ଘଟଣାଟିଏ କେମିତି ବର୍ଣ୍ଣନା କରିବା ? ଏହା ଜାଣିବା ଓ ଦେଖିବା ସକାଶେ ପିତା ଓ ପୁତ୍ର ମଧ୍ୟରେ ସମ୍ପର୍କକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରାଯାଉ।" ପ୍ରଶ୍ନ ଉଠୁଛି : ଉକ୍ତି ଅନୁରୂପ ଏହା କ'ଣ ସତରେ ଠିକ୍ ନା ଏକ ଅଳିକ କଳ୍ପନା ? ବାପା-ପୁଅ ସମ୍ପର୍କ କ'ଣ ବିଶୁଦ୍ଧ ମଧୁର ? ଏହା ବିଶ୍ଳେଷଣ ସାପେକ୍ଷ।

ମୋ:୯୪୩୭୦୨୬୬୫୧

## ଏଇ ଭାରତରେ

ଭାରତରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି। ବିଶେଷକରି କରୋନା ବିରୁଦ୍ଧରେ ଲଢ଼େଇ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ ( ପିପିଇ) କିଟ୍‌ର ଅଭାବ ରହିଛି। ଏଥିପାଇଁ ବହୁ କମ୍ପାନୀ ତଥା ବ୍ୟକ୍ତିଗତ ସ୍ତରରେ ପିପିଇ କିଟ୍ ତିଆରି କରୁଥିବାବେଳେ ଆଇଏଏସ୍ ଅଧିକାରୀ ଅରବିନ୍ଦ ସିଂ ନିଜସ୍ୱ ଉଦ୍ୟମରେ ଏହାର ଅଭାବ ଦୂର କରିବାକୁ ଚେଷ୍ଟା କରୁଛନ୍ତି। ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲାର ଚିଫ୍ ଡେଭେଲପମେଣ୍ଟ ଅଫିସର୍ ଅରବିନ୍ଦ ୬ ଟି ବ୍ଲକର ୨୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଏହାକୁ ତିଆରି କରୁଛନ୍ତି। ଏହି କାର୍ଯ୍ୟରେ ପ୍ରାୟ ୧୭୫ ଗ୍ରାମୀଣ ମହିଳା ପିପିଇ କିଟ୍ ପ୍ରସ୍ତୁତ କରୁଛନ୍ତି। ମାର୍ଚ୍ଚ ୨୪ରୁ ଲକ୍‌ଡାଉନ ଘୋଷଣା ହେବା ପରେ ପରେ ଅରବିନ୍ଦ ପିପିଇ କିଟ୍ ତିଆରି କରିବା ପାଇଁ ମହିଳାମାନଙ୍କୁ ନିୟୋଜିତ କରିଛନ୍ତି। ସେ ଏହି ଅଭିଯାନର ନାଁ ଦେଇଛନ୍ତି 'ଅପରେଶନ କବଚ'। ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ କୋଭିଡ୍-୧୯ ହସ୍ପିଟାଲ ଏହି କିଟ୍ ନେବା ପାଇଁ ଅର୍ଡର ଦେଇଛନ୍ତି। ଲକ୍ଷ୍ନୌର ନଦର୍ନ କମାଣ୍ଡସ ଆର୍ମି ବେସ୍ ହସ୍ପିଟାଲ ଅପରେସନ କବଚଠାରୁ ୨୦୦୦ ପିପିଇ କିଟ୍ ପାଇଁ ଅର୍ଡର ଦେଇଛି। ଘରୋଇ ହସ୍ପିଟାଲକୁ ଯେଉଁ ମୂଲ୍ୟରେ ସ୍ୱାସ୍ଥ୍ୟ ବିଭାଗ ପିପିଇ କିଟ୍ ଯୋଗାଇ ଦେଉଛି ତା'ର ଅଧା ଦାମ୍‌ରେ 'ଅପରେଶନ କବଚ' ଯୋଗାଇଦେଉଛି। ଏହାର ମୂଲ୍ୟ ୪୯୦ ଟଙ୍କା ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୯୫

- ସିଓଲଠାରୁ ୨୪୦ କି.ମି. ଦୂର ଡାଏଗୁ ସହରର ଏକ ଭୂତଳ ନିର୍ମାଣସ୍ଥଳୀ ନିକଟରେ ବଡ଼ ଧରଣର ବିସ୍ଫୋରଣ ଘଟି ୧୦୯ ଜଣ ପ୍ରାଣ ହରାଇଛନ୍ତି।
- ଶ୍ରୀଲଙ୍କାର ଏକ ସାମରିକ ବିମାନ ଦୁର୍ଘଟଣାରେ ୪୦ ସୈନ୍ୟଙ୍କ ମୃତ୍ୟୁ।

# ପାଠକ ଶ୍ରେଷ୍ଠ ବିଚାରକ

## ଗରିବ ମୋବାଇଲ ଉପଭୋକ୍ତାଙ୍କୁ ଉପେକ୍ଷା

ମହାଶୟ,

ଏକ ସର୍ବେକ୍ଷଣରୁ ଜଣାଯାଏ ଭାରତରେ ପ୍ରାୟ ୬୦ କୋଟି ଲୋକ ମୋବାଇଲ ବ୍ୟବହାର କରନ୍ତି। ଗରିବ ଲୋକମାନେ ସାଧାରଣ ଫୋନ ବ୍ୟବହାର କରୁଥିବା ବେଳେ ଧନୀ ଲୋକମାନେ ସ୍ମାର୍ଟ ଫୋନ୍ ବ୍ୟବହାର କରିଥାନ୍ତି। ଗରିବ ଲୋକଟିଏ ତା'ର ପରିବାର, ବନ୍ଧୁବାନ୍ଧବଙ୍କ ଭଲମନ୍ଦ ପଚାରି ବୁଝୁଥିବା ବେଳେ ଧନୀ ଲୋକମାନେ ଇଣ୍ଟରନେଟ ବ୍ୟବହାର କରି ଦେଶବିଦେଶର ଅଜଣା କଥା ଜାଣିଥାନ୍ତି। ମୋବାଇଲ କମ୍ପାନୀମାନେ ବିଭିନ୍ନ ସମୟରେ ଉପଭୋକ୍ତାମାନଙ୍କୁ ନିଜ ଆଡକୁ ଟାଣିବା ପାଇଁ ମନଲୋଭା ଅଫର ଦେଇ ନିଜର ଗ୍ରାହକ କରିଥାନ୍ତି। ଛୋଟପିଲାଠାରୁ ବୃଦ୍ଧ ପ୍ରାୟ ସମସ୍ତେ ମୋବାଇଲ ପାଇଁ ପାଗଳ। ବର୍ତ୍ତମାନ ସମୟରେ ମୋବାଇଲଫୋନ ହେଉଛି ସବୁଠାରୁ ପ୍ରିୟତମ ବନ୍ଧୁ। ପେଟକୁ ଖାଆନ୍ତୁ ବା ନ ଖାଆନ୍ତୁ, ମୋବାଇଲରେ ପଇସା ପକାଇଥାନ୍ତି। ଦୁଃଖର କଥା ଲୋକମାନଙ୍କର ଏହି ମୋବାଇଲ ପାଗଳାମିର ସୁଯୋଗ ନେଇ ତାରିଫ ମୂଲ୍ୟ ବୃଦ୍ଧି କରିଚାଲିଛନ୍ତି କମ୍ପାନୀମାନେ। ଆଗରୁ ୧୦/୨୦ ଟଙ୍କାରେ ରିଚାର୍ଜ ହେଉଥିବା ବେଳେ ବର୍ତ୍ତମାନ ସବୁ ମୋବାଇଲ କମ୍ପାନୀ ବ୍ୟବସାୟିକ ସନ୍ଧିକରି ବର୍ତ୍ତମାନ ୧୫୦ ଟଙ୍କାରୁ ଆରମ୍ଭ କରି ଯେତେ ଅଧିକ ପକାଇପାରିବା ସେଇ ଅନୁସାରେ ଅଧିକ ଅଫର। ସରକାରଙ୍କୁ ନିବେଦନ ଗରିବ ଲୋକମାନେ ଯେଉଁମାନେ ଇଣ୍ଟରନେଟ ବ୍ୟବହାର କରନ୍ତି ନାହିଁ ସେମାନେ ମଧ୍ୟ ସ୍ମାର୍ଟ ଫୋନ ବ୍ୟବହାରକାରୀଙ୍କ ପରି ପ୍ୟାକେଜ ପକାଇବାକୁ ବାଧ୍ୟ ହେଉଛନ୍ତି। ଅନୁରୋଧ ସରକାର ଗରିବ ଲୋକମାନଙ୍କ ଅସୁବିଧାକୁ ଆଖି ଆଗରେ ରଖି ସାଧାରଣ ଫୋନ ବ୍ୟବହାର କରୁଥିବା ଉପଭୋକ୍ତା ପ୍ରତି ନ୍ୟାୟ ପ୍ରଦାନ କରନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

## ଖାତା ଦେଖା ନିର୍ଭୁଲ ହେଉ

ଚଳିତ ମାଟ୍ରିକ ପରୀକ୍ଷାରେ ଛାତ୍ର-ଛାତ୍ରୀମାନଙ୍କ ପରୀକ୍ଷା ଖାତା ନିର୍ଭୁଲ ଦେଖାଯାଉ। ଛାତ୍ର-ଛାତ୍ରୀମାନଙ୍କ ଭବିଷ୍ୟତ ଓ ଚରିତ୍ର ଗଠନରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଖାତା ଦେଖା ସମୟରେ ମୋବାଇଲ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଉ। ଅନ୍ୟମନସ୍କତାରୁ ଭୁଲ୍ ହେବାର ଆଶଙ୍କା କରାଯାଉଛି। ଯଦି ଖାତା ଦେଖା ପାଇଁ ସମୟ ହେଉ ନ ଥାଏ, ତେବେ ସମୟ ଅଧିକ ଦିଆଯାଉ କିମ୍ବା ଖାତା ସଂଖ୍ୟା ହ୍ରାସ ପ୍ରତି ଦୃଷ୍ଟି ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କରୋନା ସଂକ୍ରମଣ ସମୟରେ ଏବେ ନିଜ ଜୀବନକୁ ବିପନ୍ନକରି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ। ତେଣୁ ଏ ସମୟରେ ସେମାନଙ୍କ ମନୋବଳ ବୃଦ୍ଧିକରିବା ପାଇଁ ସମସ୍ତେ ସେମାନଙ୍କୁ ଉତ୍ସାହିତ କରିବା ଉଚିତ୍। ଏହି ଲକ୍ଷ୍ୟରେ ଏବେ ୬୦ଜଣ ଡାକ୍ତର ନାଚ କରୁଥିବାର ଏକ ଭିଡିଓ ତିଆରି କରାଯାଇଛି। ଏହି ଭିଡିଓର ନାଁ ରହିଛି 'ଦି ସଙ୍ଗ୍ ଅଫ୍ ହୋପ୍' । ଚଣ୍ଡିଗଡ଼, ମୁମ୍ବାଇ, ପୁଣେ, ବେଙ୍ଗାଲୁରୁ, ଦିଲ୍ଲୀ, ନାଗପୁର, କନ୍ୟାକୁମାରୀ ଆଦି ବିଭିନ୍ନ ଭାଗରୁ ସ୍ୱାସ୍ଥ୍ୟକର୍ମୀମାନେ ଏହି ଭିଡିଓକୁ ତିଆରି କରିଛନ୍ତି।

# ବୋଲ୍ଡ ଅନ୍ଦାଜରେ ନାଗାର୍ଜୁନଙ୍କ ବୋହୂ



ସମନ୍ଥା ଅକିନେନି

**ନୂଆଦିଲ୍ଲୀ:** ସାଉଥ୍ ସୁପରଷ୍ଟାର ନାଗାର୍ଜୁନଙ୍କ ବୋହୂ ସମନ୍ଥା ଅକିନେନି ନିଜ ଷ୍ଟାଇଲ୍ ଏବଂ ଲୁକ୍ସକୁ ନେଇ ସବୁବେଳେ ଚର୍ଚ୍ଚାରେ। ଟଲିଉଡ୍‌ର ଜଣେ ଶ୍ରେଷ୍ଠ ଅଭିନେତ୍ରୀଙ୍କ ମଧ୍ୟରେ ତାଙ୍କ ନାଁ ରହିଛି। ମଙ୍ଗଳବାର ତାଙ୍କର ୩୩ତମ ଜନ୍ମଦିନ ଥିଲା। ସେ ନିଜ ଜନ୍ମଦିନକୁ ବେଶ୍ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଲକ୍‌ଡାଉନ୍ କାରଣରୁ ସମନ୍ଥା ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ତାଙ୍କର ଭିନ୍ନ ଭିନ୍ନ ଗେଟଅପ୍‌ରେ ଫଟୋ ଉଠାଇ ଦର୍ଶକଙ୍କ ପାଇଁ ଶେୟାର କରିଛନ୍ତି। ଫଟୋ ଗୁଡ଼ିକରେ ତାଙ୍କ ହଟ୍ ଲୁକ୍ସକୁ ଦର୍ଶକ ମାନେ ପସନ୍ଦ ମଧ୍ୟ କରିଛନ୍ତି। ତେବେ ତାଙ୍କ ଫଟୋଗୁଡ଼ିକ ବହୁତ ସୁନ୍ଦର ହୋଇଛି। ସାଉଥ୍ ଇଣ୍ଡଷ୍ଟ୍ରିରେ ସେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦେଇ ଚାଲିଛନ୍ତି। ତାଙ୍କ ସ୍ୱାମୀ ନାଗ ଚୈତନ୍ୟ ଅକିନେନି ମଧ୍ୟ ସାଉଥ୍‌ରେ ଜଣେ ଜଣାଶୁଣା ଅଭିନେତା। ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଅଭିନୀତ ଅନେକ ଫିଲ୍ମ ସୁପରହିଟ୍ ହୋଇଛି। ଦୁଇଜଣଙ୍କ କେମେଷ୍ଟ୍ରିକୁ ମଧ୍ୟ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରନ୍ତି। ସମନ୍ଥା ଏବେ ହିନ୍ଦୀ ଡିଜିଟାଲ ଡେବ୍ୟୁ ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି।

# କୋଭିଡ୍-୧୯ ବାଇକ୍



**ଅଗରତାଲା:** କରୋନା ରୋଗ ସଂକ୍ରମଣରୁ ରକ୍ଷାପାଇବା ପାଇଁ ଏବେ ସମସ୍ତେ ସାମାଜିକ ଦୂରତା ରକ୍ଷା କରିବା ଉପରେ ଜୋର୍ ଦେଉଛନ୍ତି। ଖାସ୍ ଏଥିପାଇଁ ଏବେ ଏକ ବାଇକ୍ ବି ତିଆରି ହୋଇଛି ଯାହାର ନାଁ ରହିଛି 'କୋଭିଡ୍-୧୯ ବାଇକ୍'। ଏଭଳି ଏକ ସ୍ୱତନ୍ତ୍ର ଧରଣର ବାଇକ୍ ତିଆରି କରିଛନ୍ତି ତ୍ରିପୁରା ଅଗରତାଲାର ଜଣେ ୟୁଟ୍ୟୁବର ପାର୍ଥ ଶାହା। ୩୯ ବର୍ଷୀୟ ଏଇ ବ୍ୟକ୍ତି ଜଣକ ତିଆରି କରିଥିବା ଏହି ବାଇକ୍‌ଟି ଇଲେକ୍ଟ୍ରି ଦ୍ୱାରା ଚାଲିବ। ପାର୍ଥ ପ୍ରଥମେ ଜଣେ ଟେକ୍ନିକାଲ୍ ଇନ୍‌ଷ୍ଟ୍ରକ୍ଟରଭାବେ କାମ କରୁଥିଲେ, କିନ୍ତୁ ପରେ ଫୁଲ୍ ଟାଇମ୍ ୟୁଟ୍ୟୁବର ପାଲଟି ଯାଇଥିଲେ। କିଛିଲୋକ ସଚେତନ ହେଉ ନ ଥିବା ଲକ୍ଷ୍ୟକରି ସେ ଏଭଳି ଏକ ବାଇକ୍ ତିଆରି କରିବା ପାଇଁ ଚିନ୍ତା କରିଥିଲେ। ତେଣୁ ଏକ ବାଇକ୍‌କୁ ନୂଆ ଡିଜାଇନ୍ କରି ସେଥିରେ ସାଇକେଲ୍‌ର ବିଭିନ୍ନ ଉପକରଣ ଲଗାଇ ଏପରିଭାବେ ତିଆରି କରିଥିଲେ ଯେ, ଏହି ବାଇକ୍‌ର ଦୁଇଟି ସିଟ୍ ମଧ୍ୟରେ ଏକ ମିଟରର ଦୂରତା ରହିପାରିଥିଲା। ତେବେ ପେଟ୍ରୋଲ ବଦଳରେ ସେ ଏହି ବାଇକ୍‌କୁ ବିଦ୍ୟୁତ୍ ଚାଳିତ କରିଥିଲେ। ବାଇକ୍‌ଟି ଥରେ ଚାର୍ଜହେବା ପାଇଁ ୩ ଘଣ୍ଟା ସମୟ ନେଇଥାଏ ଓ ଏହା ଥରେ ଚାର୍ଜ ହେଲେ ପ୍ରାୟ ୮୦ କିଲୋମିଟର ବାଟ ଯାଇପାରେ। ତେବେ ଏହି ବାଇକ୍‌ଟିକୁ ସେ ବିକ୍ରି ଉଦ୍ଦେଶ୍ୟରେ ତିଆରି କରିନାହାନ୍ତି ବରଂ ସାମାଜିକ ଦୂରତା ରକ୍ଷାକରିବା ନେଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କରିଛନ୍ତି ବୋଲି ପାର୍ଥ କହିଛନ୍ତି। ଏବେ ତାଙ୍କର ଏହି ବାଇକ୍ ସୋସିଆଲ୍ ମିଡିଆରେ ମଧ୍ୟ ଲୋକଙ୍କୁ ଆକୃଷ୍ଟ କରିପାରିଛି।

# ପରିବାରେ ସୃଜନ



**ନୂଆଦିଲ୍ଲୀ:** କଳାକାରର ସୃଜନଶୀଳତା ଅନେକ ଅଦ୍ଭୁତ କାରୁକାର୍ଯ୍ୟ ସୃଷ୍ଟି କରିପାରେ। ମାଟି, ଗୋଡ଼ି, ବାଲି ବି ତା ସୃଜନଶକ୍ତିର ସ୍ପର୍ଶ ପାଇ ଜୀବନ୍ତ ରୂପ ନେଇପାରନ୍ତି। ଠିକ୍ ଏମିତି ଏକ ଢଙ୍ଗରେ କଳାପ୍ରତିଭା ପ୍ରଦର୍ଶନ କରିଛନ୍ତି ଜାପାନର ଜଣେ କଳାକାର ଟେକ୍‌ହିରୋ କିଶିମୋଟୋ। ଜାପାନରେ ଜଣେ ପ୍ରସିଦ୍ଧ ସେଫ୍‌ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ସୋସିଆଲ୍ ମିଡିଆରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ଅଛି। ତେବେ ନିକଟରେ ସେ ବିଭିନ୍ନ ପନିପରିବା ଓ ଫଳକୁ ନେଇ ଏତେ ସୁନ୍ଦର ଡିଜାଇନ୍ ସବୁ ତିଆରି କରିଛନ୍ତି ଯେ, ଦେଖିବା ଲୋକେ ଏହାକୁ ପ୍ରଶଂସା ନକରି ରହିପାରିବ ନାହିଁ।

ନାସପାତି, ବିଟ୍, ଫୁଲକୋବି, ସେଓ, କାକୁଡ଼ି, କଖାରୁ, ଆଭୋକାଡୋ, ବାଇଗଣ ଆଦି ବିଭିନ୍ନ ପରିବା ତଥା ଅଣ୍ଡାକୁ ନେଇ ସୁନ୍ଦର କଳାକୃତି ସବୁ ତିଆରି କରିଛନ୍ତି କିଶିମାଟୋ। ଏ ସବୁ କଳାକୃତିଗୁଡ଼ିକ ଏତେ ଆକର୍ଷଣୀୟ ହୋଇପାରିଛି ଯେ, ଲୋକେ



ବାରମ୍ବାର ଏ ସବୁକୁ ଦେଖିବାକୁ ପସନ୍ଦ କରୁଛନ୍ତି। ଙ୍କର ଏହି କଳାକୃତି ସବୁ ଏବେ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି। ସୋସିଆଲ୍ ମିଡିଆରେ ଏଭଳି କଳାକୃତିଗୁଡ଼ିକୁ ଦେଖି ଲୋକମାନେ ସୁନ୍ଦର ସୁନ୍ଦର କମେଣ୍ଟମାନ ଦେବା ସହିତ କଳାକାରଙ୍କ ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ପ୍ରୋଟେକ୍ଟିଭ୍ ହ୍ୟାଟ୍



**ନୂଆଦିଲ୍ଲୀ:** କରୋନା ସଂକ୍ରମଣରୁ ରକ୍ଷାପାଇବା ପାଇଁ ହେଲେ ସାମାଜିକ ଦୂରତା ମାନି ଚଳିବା ନିହାତି ଆବଶ୍ୟକ। ସେଥିପାଇଁ ଚାଇନାର ଏକ ସ୍କୁଲରେ ଏବେ ଅଜବ ପ୍ରକାରର ଟୋପି ପିନ୍ଧିବା ଆରମ୍ଭ କରିଛନ୍ତି ପିଲାମାନେ। ଚାଇନାର ହଂଝୁ ସହରରେ ଥିବା ଏକ ସ୍କୁଲରେ ସବୁ ପିଲାମାନେ ପିନ୍ଧିଛନ୍ତି ପ୍ରୋଟେକ୍ଟିଭ୍ ହେଡ୍‌ଗିୟର ବା ଏକ ସ୍ୱତନ୍ତ୍ର ପ୍ରକାରର ହ୍ୟାଟ୍। ଏହି ହ୍ୟାଟ୍‌ରେ ସମାନ୍ତରାଳ ଭାବେ ଦୁଇପଟକୁ ୩ ଫୁଟ ଲମ୍ବର ରଡ୍ ଲାଗିଛି, ଯାହା ଅତ୍ୟନ୍ତ ନରମ ଓ ହାଲ୍‌କା ମଧ୍ୟ। ହ୍ୟାଟର ଉଭୟପଟକୁ ଏହି ରଡ୍ ରହିବା ଫଳରେ ସାମାଜିକ ଦୂରତା ରକ୍ଷା କରିବା ସହଜ ହୋଇପାରୁଛି।

ଚାଇନାରେ କରୋନା ଭାଇରସ୍ ସଂକ୍ରମଣ କମିବା ପରେ ଏବେ ଧୀରେ ଧୀରେ ସେଠାରେ ଜନଜୀବନ ସ୍ୱାଭାବିକ ହେବାରେ ଲାଗିଛି। ମୁଖ୍ୟତଃ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ସବୁ ସ୍ଥାନରେ ଜୋର୍ ଦିଆଯାଉଛି। ତେବେ ସ୍କୁଲ ପିଲାମାନଙ୍କୁ ଏହି ଲକ୍ଷ୍ୟରେ ଏଭଳି ହ୍ୟାଟ୍ ପିନ୍ଧିବାକୁ ଦିଆଯାଇଛି, ଯାହାଫଳରେ ସେମାନେ ସାମାଜିକ ଦୂରତାକୁ ରକ୍ଷାକରି ପାଠ ପଢ଼ିପାରିବେ। ଚାଇନାରେ ଏଭଳି ପାଠପଢ଼ିବା ଷ୍ଟାଇଲ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଅଧିକାଂଶ ଅଞ୍ଚଳର ଲୋକେ ଏହାକୁ ପସନ୍ଦ କରିଛନ୍ତି ଏବଂ ରିଟୁଇଟ୍ ମଧ୍ୟ କରିଛନ୍ତି।

# ପିଆଜ ପାସ୍

**ଲକ୍ଷ୍ନୌ:** କରୋନା ପାଇଁ ଏବେ ସବୁଆଡେ ଲକ୍‌ଡାଉନ୍ ଚାଲିଥିବାରୁ କୌଣସି ସ୍ଥାନକୁ ଯିବାଆସିବା ଉପରେ କଟକଣା ଜାରି ରହିଛି। ଗୋଟିଏ ସହରରୁ ଅନ୍ୟ ଏକ ସହରକୁ ଯିବା ପାଇଁ ହେଲେ ନିର୍ଦ୍ଦିଷ୍ଟ କୌଣସି କାରଣ ଦେଖାଇ ଅନୁମତି ପତ୍ର ବା ପାସ୍ ଆବଶ୍ୟକ ହେଉଛି। କିନ୍ତୁ ଏମିତି ଏକ ସମୟରେ ମୁମ୍ବାଇରୁ ପ୍ରୟାଗରାଜ୍ ଯିବାପାଇଁ ପିଆଜ ବି ପାସ୍ ଭଳି କାମ କରିପାରେ। ପିଆଜକୁ ପାସ୍ ଭଳି ବ୍ୟବହାର କରି ନିଜ ଘରକୁ ଫେରି ପାରିଛନ୍ତି ପ୍ରେମ୍‌ମୂର୍ତ୍ତି ପାଣ୍ଡେ। ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜା ଅନ୍ତର୍ଜାତୀୟ ବିମାନବନ୍ଦରରେ ସେ କାମ କରୁଥିଲେ। କରୋନା ଯୋଗୁଁ ସେଠାରେ ଲକ୍‌ଡାଉନ୍ ଘୋଷଣା ହେବା ପରେ ସେ ରହିଯାଇଥିଲେ। କିନ୍ତୁ ସେଠାରେ ଦିନକୁ ଦିନ ସ୍ଥିତି ସାଙ୍ଘାତିକ ହେବାରୁ ଆଗକୁ ଆହୁରି ଅଧିକ ଦିନ କାମବନ୍ଦ ରହିବ ବୋଲି ଜାଣ ସେ ଘରକୁ ଫେରିବାକୁ ଚାହୁଁଥିଲେ। ମାତ୍ର ଲକ୍‌ଡାଉନ୍ ଯୋଗୁଁ ଘରକୁ ଫେରିବା ପାଇଁ ତାଙ୍କୁ ଅନୁମତି ନ ଥିଲା। ତେଣୁ ସେ ଏକ ଭିନ୍ନ ଉପାୟ ଚିନ୍ତା କରିଥିଲେ। ଖାଦ୍ୟ ଓ ପନିପରିବା ଭଳି ଜରୁରୀସାମଗ୍ରୀ ନେଇ ଆସିଲେ ସହର ଭିତରକୁ ପ୍ରବେଶ କରିବାରେ କୌଣସି ଅସୁବିଧା ନାହିଁ ବୋଲି ସେ ଜାଣି ପାରିଥିଲେ। ତେଣୁ ସେ ୨.୩ ଲକ୍ଷ ଟଙ୍କାରେ ଏକ ଟ୍ରକ ବୋଝେଇ ପିଆଜ କିଣି ତାକୁ ନେଇ ନିଜ ସହର ପ୍ରୟାଗରାଜର କରେଲିକୁ ଆସିଥିଲେ। ବାଟରେ ତାଙ୍କୁ ପିଆଜ ଆଣି ଆସୁଥିବାର ଦେଖି କେହି ବି ଅଟକାଇ ନ ଥିଲେ। ତେଣୁ ନିଜ ସହରକୁ ଫେରି ସେ ମଣ୍ଡିରେ ପିଆଜ ବିକ୍ରି କରି ୩ ଲକ୍ଷ ଟଙ୍କା ପାଇଥିଲେ ଓ ତାପରେ ଘରକୁ ଫେରିଥିଲେ। ଏହି ଖବର ପାଇବା ମାତ୍ରେ ପୋଲିସ୍ ପ୍ରେମ୍ ମୂର୍ତ୍ତିଙ୍କୁ ନେଇ ତାଙ୍କର ରକ୍ତପରୀକ୍ଷା କରବା ସହ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲେ।



# ନୃତ୍ୟ ପ୍ରେରଣାର ଉତ୍ସ




**ପ୍ୟାରିସ୍:** ପ୍ରତିବର୍ଷ ଏପ୍ରିଲ ୨୯ରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଇଥାଏ। ଏହା ଏକ ବିଶ୍ୱସ୍ତରୀୟ ନୃତ୍ୟ ମହୋତ୍ସବ। ଅନ୍ତର୍ଜାତୀୟ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଗଠିତ ନୃତ୍ୟ କମିଟି ଦ୍ୱାରା ଏହା ପରିଚାଳିତ। ୟୁନେସ୍କୋ ସହଭାଗିତାରେ ବିଭିନ୍ନ ନୃତ୍ୟକଳା ପରିବେଷଣ କରାଯାଇଥାଏ। ମଡର୍ନ ବ୍ୟାଲେଟ୍‌ର ପ୍ରତିଷ୍ଠାତା ଜିନ୍ ଜର୍ଜେସ୍ ନୋଭେରେଙ୍କ ବାର୍ଷିକୋତ୍ସବରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ୧୮୮୨ରେ ଏହା ଗଠନ କରାଯିବା ପରଠାରୁ ବିଭିନ୍ନ ବଛା ବଛା ସହରରେ ବିଶିଷ୍ଟ ନୃତ୍ୟଗୁରୁଙ୍କ ଦ୍ୱାରା ଏହାକୁ ପରିବେଷଣ କରାଯାଇ ଆସୁଅଛି। ବିଭିନ୍ନ ନୃତ୍ୟାଙ୍ଗନା, କୋରିଓଗ୍ରାଫର, ଛାତ୍ରୀଛାତ୍ର ଓ ଉତ୍ସାହୀମାନଙ୍କୁ ଏଥିଲାଗି ଆମନ୍ତ୍ରଣ କରାଯାଇଥାଏ। ୨୦୧୭ରେ ଚାଇନାର ସାଂଘାଇ ଓ ୨୦୧୮ରେ କ୍ୟୁବାର ହାଭାନାରେ ଏହି ନୃତ୍ୟ ମହୋତ୍ସବର ଆୟୋଜନ କରାଯାଇଥିଲା। ନୃତ୍ୟର ପ୍ରଚାର ପ୍ରସାର ଓ ନବାଗତଙ୍କୁ ଉତ୍ସାହିତ କରିବା ଲାଗି ଏହା ପ୍ରେରଣା ଯୋଗାଇଥାଏ। ଓଡିଶୀ, ଭାରତ ନାଟ୍ୟମ୍, କଣ୍ଟେମ୍ପରାରି, ନିଓକ୍ଲାସିକାଲ, କଥକ, କୁଚିପୁଡ଼ି, ଛଉ, କଥକଳି, ମଣିପୁରୀ ନୃତ୍ୟ ଭଳି ଅନେକ ଦେଶବିଦେଶର ନୃତ୍ୟକୁ ଏଥିରେ ସାମିଲ କରାଯିବା ସହ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଲାଗି ପ୍ରେରଣା ଯୋଗାଯାଇଥାଏ।

# ୧.୩ କୋଟିର ସହାୟତା ଦେଲେ ବିଜୟ

**ମୁମ୍ବାଇ:** ସମଗ୍ର ବିଶ୍ୱରେ କରୋନା ତା'ର କାୟାବିସ୍ତାର କରିବାରେ ଲାଗିଛି। ସମସ୍ତେ ଏଥିରୁ ବାହାରିବାକୁ ଉଦ୍ୟମ କରୁଛନ୍ତି। ଏହି କଠିନ ସମୟରେ ବହୁଲୋକ ସହଯୋଗର ହାତ ବଢ଼ାଉଛନ୍ତି। ବିଶେଷ କରି ବଲିଉଡ୍ ତାରକାମାନେ ମନଖୋଲି ସାହାଯ୍ୟ କରୁଛନ୍ତି। ବଲିଉଡ୍‌ଠାରୁ ଆରମ୍ଭ କରି ସାଉଥ୍ ଇଣ୍ଡଷ୍ଟ୍ରି ପର୍ଯ୍ୟନ୍ତ ଅନେକ ତାରକା ଅସହାୟଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ବର୍ତ୍ତମାନ ଏହି କ୍ରମରେ ସାଉଥ୍ ସିନେମାର ଚର୍ଚ୍ଚିତ ଏବଂ ଲୋକପ୍ରିୟ ଅଭିନେତା ବିଜୟ ଦେବରାକୋଣ୍ଡାଙ୍କ ନାମ ସାମିଲ ହୋଇଯାଇଛି। ବିଜୟ କରୋନା ଆକ୍ରାନ୍ତଙ୍କୁ ସାହାଯ୍ୟ କରିବା ପାଇଁ ୧.୩ କୋଟି ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହାସହିତ ସେ ଏହି ବିପଦ ସମୟରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଶ୍ରମିକମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗେଇଦେବେ ବୋଲି ଘୋଷଣା କରିଛନ୍ତି। ବିଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, ଏହି ସହାୟତା କରି ମୁଁ ଖୁସି ଅନୁଭବ କରୁଛି। 'ଏପରି ବିପଦକୁ ମୁକାବିଲା କରିବାକୁ ଆମେ ପ୍ରସ୍ତୁତ ନ ଥିଲେ ସମସ୍ତେ ମିଳିମିଶି ସହଯୋଗ କଲେ କିଛି ଅସମ୍ଭବ ନୁହେଁ।' ବିଜୟ 'ଅର୍ଜ୍ଜୁନ ରେଡ୍ଡି', 'ଡିଅର କମ୍‌ରେଡ' 'ଗୀତା ଗୋବିନ୍ଦମ୍' ଭଳି ସୁପରହିଟ୍ ଫିଲ୍ମରେ କାମ କରିଛନ୍ତି। ଆଗକୁ ସେ ଅନନ୍ୟା ପାଣ୍ଡେଙ୍କ ସହ ବଲିଉଡ୍ ଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି।



# ବନ୍ଦ ହେଲା ୧ ମିଲିୟନ ବର୍ଗ କି.ମି.ର ଓଜୋନ ଛିଦ୍ର

**ନୂଆଦିଲ୍ଲୀ:** ବିଭିନ୍ନ କାରଣରୁ ପ୍ରକୃତିରେ ପରିବର୍ତ୍ତନ ଦେଖାଯାଇଥାଏ। କିନ୍ତୁ ସମୟ ଆସିଲେ ପ୍ରକୃତି କିପରି ସେହି ପରିବର୍ତ୍ତନରୁ ପୁଣି ନିଜକୁ ମୁକ୍ତ କରିନିଏ ତାହା ଏଥର ଦେଖାଯାଇଛି ଆର୍କଟିକ(ଉତ୍ତର ମେରୁ ଅଞ୍ଚଳ) ଉପରେ। ଚଳିତ ମାସ ଆର୍କଟିକରେ ବିଶେଷଜ୍ଞମାନେ ଠାବ କରିଥିବା ୧ ମିଲିୟନ ବର୍ଗ କି.ମି. ଓସାରର ବିରଳ ଓଜୋନ ଛିଦ୍ର ଏବେ ବନ୍ଦ ହୋଇଯାଇଛି। ୟୁରୋପିଆନ କମିଶନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୋପରନିକସ୍ ଆଟ୍‌ମୋସ୍ଫିୟର ମନିଟରିଂ ସର୍ଭିସ(ସିଏଏମଏସ୍) ଏବଂ କୋପରନିକସ୍ କ୍ଲାଇମେଟ ଚେଞ୍ଜ ସର୍ଭିସ(ସିସିଏସ୍) ଉକ୍ତ ଛିଦ୍ର ଆପେ ଆପେ ବନ୍ଦ ହୋଇଥିବା ନିଶ୍ଚିତ କରିଛନ୍ତି। ଏଜେନ୍ସି ପକ୍ଷରୁ ଏକ ଟୁଇଟ୍ କରାଯାଇ ଏହା ପଛର କାରଣ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି।

ଏଥିରେ କୁହାଯାଇଛି, ମେରୁ ଅଞ୍ଚଳରେ ପୋଲାର ଭର୍ଟେକ୍ସ (ଏକ ପ୍ରକାରର ଝଡ଼) ସଙ୍ଗଠିତ ହୋଇଥାଏ। ଏଥିଯୋଗୁ ସେଠାରେ ଲୋ ପ୍ରେସର ବା ନିମ୍ନଚାପ କ୍ଷେତ୍ର ସୃଷ୍ଟି ସହ ବିଶାଳ ମାତ୍ରାରେ ଥଣ୍ଡା ପବନ ପ୍ରବାହିତ ହୋଇଥାଏ। ଏଥିସହ ଷ୍ଟ୍ରାଟୋସ୍ଫିୟରିକ ମେଘ ବା ବାଦଲ ଉତ୍ପନ୍ନ ହୋଇଥାଏ। କ୍ଲୋରୋଫ୍ଲୋରୋ କାର୍ବନ ଗ୍ୟାସ୍ ସହ ଏହି ବାଦଲର ମିଶ୍ରଣ ଯୋଗୁ ସୃଷ୍ଟି ହେଉଥିବା କେମିକାଲ୍ ଓଜୋନ ସ୍ତରକୁ ନଷ୍ଟ କରିଦେଇଥାଏ। ସାଧାରଣତଃ ଏପରି ଝଡ଼ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ଦକ୍ଷିଣ ମେରୁ ଅଞ୍ଚଳ ଆଣ୍ଟାର୍କଟିକ ଉପରେ ସୃଷ୍ଟି ହୋଇଥାଏ। ଏହି ସମୟରେ ଷ୍ଟ୍ରାଟୋସ୍ଫିୟର(ବାୟୁମଣ୍ଡଳର ଦ୍ୱିତୀୟ ସ୍ତର) ପ୍ରାକୃତିକ ଭାବେ ଥଣ୍ଡା ରହିଥାଏ। କିନ୍ତୁ ପାଣିପାଗ ପରିବର୍ତ୍ତନ ଯୋଗୁ ଚଳିତବର୍ଷ ଏହି ଝଡ଼ ଆର୍କଟିକ ଉପର ଓଜନସ୍ତରରେ ଛିଦ୍ର ସୃଷ୍ଟି କରିଥିଲା। ଏହାର ଆକାର ପ୍ରାୟ ୧ ମିଲିୟନ ବର୍ଗ କି.ମି. ବୋଲି ଜଣାପଡ଼ିଥିଲା। ଯଦି ଏହି ଛିଦ୍ର ବାୟୁ ସ୍ରୋତ ସହ ଦକ୍ଷିଣକୁ ଗତି କରିଥାନ୍ତା, ତେବେ ଜୀବଜଗତ ପାଇଁ ଏକ ବଡ଼ ବିପଦ ସୃଷ୍ଟି ହୋଇଥାନ୍ତା। ବର୍ତ୍ତମାନ ପୋଲାର ଭର୍ଟେକ୍ସ ଦୁର୍ବଳ ହୋଇଯାଇଥିବାରୁ ଓଜୋନ ସ୍ତରରେ ସ୍ୱାଭାବିକତା ଫେରିଆସିବା ସହ ବିପଦ ଆଶଙ୍କା ମଧ୍ୟ ଟଳିଯାଇଛି। ଏପରି ପୋଲାର ଭର୍ଟେକ୍ସ ଆଉ ଥରେ ମଧ୍ୟ ହୋଇପାରେ ବୋଲି ଏଜେନ୍ସି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ତାହା ସେତେମାତ୍ରାରେ ଓଜୋନ ସ୍ତରକୁ ପ୍ରଭାବିତ କରି ନ ପାରେ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି।



# ସାଥୀଙ୍କ କେଶ କାଟୁଛନ୍ତି ପୋଲିସ

**ଯୋଧପୁର:** କରୋନା ସଂକ୍ରମଣକୁ ନେଇ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଏବେ ଏହାକୁ ନେଇ ଭିନ୍ନ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଏହି ସମୟରେ ଆଗ ଧାଡ଼ିର ଯୋଦ୍ଧା ସାଜିଥିବା ପୋଲିସଙ୍କ କିଛି ଫଟୋ ଓ ଭିଡିଓ ମଧ୍ୟ ଦେଖିବାକୁ ମିଳୁଛି। ନିକଟରେ ରାଜସ୍ଥାନ ଯୋଧପୁରର ଏମିତି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି। ଯୋଧପୁର ବିଜୟ ଚୌକରେ ଡ୍ୟୁଟିରେ ଥିବାବେଳେ ଜଣେ ହେଡ୍ କନ୍‌ଷ୍ଟେବଲଙ୍କ କେଶ କାଟୁଛନ୍ତି ଆଉ ଜଣେ କନଷ୍ଟେବଳ। ଲକ୍‌ଡାଉନ ପାଇଁ ସେଲୁନ୍ ବନ୍ଦ ରହିବା ଓ ପୋଲିସମାନେ ସେମାନଙ୍କ ଡ୍ୟୁଟି ସାରି ଘରକୁ ଯିବାକୁ ସମୟ ପାଉ ନ ଥିବାରୁ ଏବେ ଏମାନେ ରାସ୍ତା ଉପରେ ପରସ୍ପରକୁ ସାହାଯ୍ୟ କରିବାକୁ ଏପରି କରିଥିବା ଦେଖାଯାଇଛି। ଯୋଧପୁରର କର୍ଫ୍ୟୁ ପ୍ରଭାବିତ ସହରରେ ହେଡ୍ କନଷ୍ଟେବଳ ପ୍ରମୋଦ ଓ କନଷ୍ଟେବଳ ପରମାରାମଙ୍କ ଡ୍ୟୁଟି ପଡିଛି। ଏହି ସମୟରେ ସକାଳୁ ସକାଳୁ ସାଥିଙ୍କୁ ସାହାଯ୍ୟ କରିବାକୁ କନଷ୍ଟେବଳ ପଦମାରାମ ଏକ ବନ୍ଦ ଦୋକାନ ସାମ୍ନାରେ ନିଜ ବରିଷ୍ଠ ସାଥୀଙ୍କ କେଶ କାଟୁଥିବା ଦେଖାଯାଇଛି। ତେବେ କଟାକେଶ ପଡ଼ି ଅଳିଆ ଯେପରି ନ ହେବ ସେଥିଲାଗି ପ୍ରମୋଦଙ୍କୁ ଖବରକାଗଜ ପିନ୍ଧାଇ ଦିଆଯାଇଛି। ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



## ସଂକ୍ଷେପରେ

### ଅସଲ ଯୋଦ୍ଧାଙ୍କୁ ଛତା ବାଣ୍ଟିଲେ ବଜରଙ୍ଗ ଦଳ

ଭୁବନେଶ୍ୱର,୨୮।୪(ବ୍ୟୁରୋ): କରୋନା ଲଢ଼େଇରେ ପୋଲିସ ଯୋଦ୍ଧା ସାଜିଛି। ଲୋକଙ୍କ ସୁରକ୍ଷା ପାଇଁ ବିଭିନ୍ନ ଛକରେ ଖରା,ବର୍ଷାରେ ଠିଆ ହୋଇ କାର୍ଯ୍ୟ କରୁଛି। ଏହି ଯୋଦ୍ଧାଙ୍କୁ ବଜରଙ୍ଗ ଦଳ ପକ୍ଷରୁ ଛତା ପ୍ରଦାନ କରାଯାଇଛି। ଦଳର ଉପଦେଷ୍ଟା ରଶ୍ମୀରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ବଣ୍ଟନ କାର୍ଯ୍ୟ କରାଯାଇଥିଲା।

### ଆଇନଜୀବୀ ସାମ୍ମୁଖ୍ୟ ତରଫରୁ ମଧୁ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮।୪(ବ୍ୟୁରୋ): ଭୁବନେଶ୍ୱର ଆଇନଜୀବୀ ସାମ୍ମୁଖ୍ୟ କାର୍ଯ୍ୟାଳୟରେ ୧୭୨ ତମ ମଧୁଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମଧୁବାବୁଙ୍କ ଆଦର୍ଶ ଓ ନୀତିକୁ ଗ୍ରହଣ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଡ଼ ସୁରେଶ ବାରିକଙ୍କ ନେତୃତ୍ୱରେ ସାମାଜିକ ଦୂରତା ରକ୍ଷା କରି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମୁଖ୍ୟର ଆଞ୍ଚଳିକ ଆବାହକ ପ୍ରବୀର କୁମାର, ଭିକାରୀ ମହାନ୍ତି, ସୁଦର୍ଶନ ପ୍ରଧାନ, ବଳରାମ ଦେଓ, ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଘରୋଇ କଳହରୁ ଆତ୍ମହତ୍ୟା

ନରାଜ,୨୮।୪(ଡି.ଏନ.ଏ.): ଘରୋଇ କଳହକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ସୋମବାର ରାତିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ବାରଙ୍ଗ ଥାନା ସୀତାରାମ ବଜାର ଲେବର କଲୋନୀର ବଳରାମ ରେଡ୍ଡି(୩୫)। ତାଙ୍କ ସ୍ତ୍ରୀଙ୍କ କହିବା ମୁତାବକ ବଳରାମ ପ୍ରତ୍ୟେକ ଦିନ ମଦ୍ୟପାନ କରି ଆସି ଘରେ ଯେକୌଣସି କଥାକୁ ନେଇ ଝଗଡ଼ା କରିଥାନ୍ତି। ସୋମବାର ମଧ ବଳରାମ ମଦ୍ୟପାନ କରି ରାତି ପ୍ରାୟ ୧୧ଟାରେ ପହଞ୍ଚି ସ୍ତ୍ରୀ ଓ ପିଲାଙ୍କ ସହିତ ଝଗଡା କରି ସମସ୍ତଙ୍କୁ ଘରୁ ବାହାର କରିଦେଇଥିଲେ। ସକାଳୁ ବଳରାମଙ୍କ ସାନପୁଅ ଆସି କବାଟ ବାଡ଼େଇବାରୁ ବଳରାମ କବାଟ ଖୋଲି ନ ଥିଲେ। ପୁଅ କବାଟ ଫାଙ୍କକୁ ଯାଇ ବାପା ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ମୃତକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବଳରାମ ଜଣେ ଦିନ ମଜୁରିଆ। ସେ ପଲାବେଳୁ ଏହି କଲୋନୀରେ ରହି ଆସୁଥିଲେ।

### ମହିଳାଙ୍କ ମାଡ଼ରେ କୁକୁର ମୃତ: ଥାନାରେ ଏତଲା

ପୁରୁଣା ଭୁବନେଶ୍ୱର, ୨୮।୪(ଡି.ଏନ୍.ଏ.): ମହିଳାଙ୍କ ମାଡରେ ଗର୍ଭିଣୀ ବୁଲା କୁକୁରର ମୃତ୍ୟୁକୁ ନେଇ ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟର ଅଧକ୍ଷା ମଙ୍ଗଳବାର ଲିଙ୍ଗରାଜ ଥାନାରେ ଲିଖିତ ଏତଲା ଦାଏର କରିଛନ୍ତି। ସଂସ୍ଥାର ଅଧକ୍ଷା ପୂରବୀ ପାତ୍ରଙ୍କ ଅଭିଯୋଗକ୍ରମେ ୨୧ ତାରିଖରେ ଶ୍ରୀରାମନଗର ଅଞ୍ଚଳରେ ଜଣେ ମହିଳା ଏକ କୁକୁରକୁ ମାଡ ମାରିଥିଲେ। ଗର୍ଭ ଥିବା କୁକୁର ଛଟପଟ ହେଉଥିବା ଖବରପାଇ ଟ୍ରଷ୍ଟ ପକ୍ଷରୁ ଚିକିତ୍ସା ନେଇ ବ୍ୟବସ୍ଥା କରାଯାଇଥିଲା। କୁକୁରର ଅସ୍ତ୍ରୋପଚାର କରାଯିବାରେ ୨ ମୃତ ଶାବକ ପେଟରୁ କଢା ଯାଇଥିଲା। ଚିକିତ୍ସାଧୀନ ଥିବା ମା' କୁକୁରର ମଙ୍ଗଳବାର ମୃତ୍ୟୁ ପରେ ଥାନାରେ ଏତଲା ଦିଆଯାଇଛି।

# ଲକ୍‌ଡାଉନ୍‌ରେ ବି ଗୁରୁଦାୟିତ୍ୱ ଭୁଲିନାହାନ୍ତି ପିକକ୍‌ମ୍ୟାନ୍

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୨୮।୪(ବ୍ୟୁରୋ)




କରୋନା ମହାମାରୀ ପାଇଁ ସାରା ଦେଶରେ ମାସେରୁ ଊର୍ଦ୍ଧ୍ୱ ହେଲାଣି ଲକ୍‌ଡାଉନ୍ ଜାରି ରହିଛି। ରୋଜଗାର ହରାଇ ଲୋକେ ଘରେ ରହିଛନ୍ତି। ଲୋକେ ପେଟ ଚିନ୍ତାରେ ଦିନରାତି ଘାରି ହେଉଥିବାବେଳେ ପଶୁପକ୍ଷୀଙ୍କ କଥା ଭାବିବାକୁ କାହାର ସମୟ ନାହିଁ। ଏପରି ସଂକଟଜନକ ସମୟରେ ନିଜ ଗୁରୁଦାୟିତ୍ୱ ଭୁଲି ନାହାନ୍ତି ପିକକ୍ ମ୍ୟାନ୍ ଭାବେ ପରିଚିତ କଟକ ନରାଜର କାହ୍ନୁଚରଣ ବେହେରା। ଅର୍ଥାଭାବ ସହ ନାନା ଅସୁବିଧାରେ ଥିଲେ ମଧ ଅନ୍ୟଦିନ ଭଳି ଏବେବି ନରାଜ ଫାୟାରିଂ ରେଞ୍ଜ ନିକଟରେ ଶତାଧିକ ମୟୂରଙ୍କୁ ଖାଇବାକୁ ଦେଇ ଚାଲିଛନ୍ତି। କେବଳ ମୟୂର ନୁହେଁ କପୋତ, ଗୁଣ୍ଡୁରୀ, ନେଉଳ ଆଦି ଅନେକ ଜୀବଜନ୍ତୁ ତାଙ୍କ ହାତରୁ ଖାଦ୍ୟ ଖାଇବାକୁ ଧାଇଁ ଆସୁଛନ୍ତି। ଲକ୍‌ଡାଉନରେ କାହ୍ନୁଙ୍କ ଏପରି କାର୍ଯ୍ୟକୁ ନେଇ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି। ଫୋନ୍‌ରେ ମୟୂରଙ୍କ ଖାଇବା କଥା ପଚାରି ବୁଝିବା ସହ ତାଙ୍କୁ ଉତ୍ସାହିତ କରୁଛନ୍ତି।

ଏ ସମ୍ପର୍କରେ କାହ୍ନୁ କୁହନ୍ତି, ମୟୂରମାନଙ୍କୁ ସକାଳ ୮ଟା ଏବଂ ଅପରାହ୍ନ ୩ଟା ଦୁଇଥର ଧାନ, ଗହମ, ମୁଗ, ଖୁଦ ଆଦି ଖାଇବାକୁ ଦେଉଛନ୍ତି। ଏଥିପାଇଁ ଦିନକୁ ୫ଶହରୁ ୭ଶହ ଟଙ୍କା ଖର୍ଚ୍ଚ ହେଉଛି। ଖରା ଓ ଶୀତ ଦିନରେ ମୟୂରମାନଙ୍କୁ ଦେଖିବାକୁ ଆସୁଥିବା ଲୋକଙ୍କ ମଧରୁ କେହି କେହି ଅର୍ଥ ସହଯୋଗ କରନ୍ତି। ତାହାକୁ ସେ ବର୍ଷା ଦିନ ପାଇଁ ସାଇତି ରଖିଥାନ୍ତି। ଏଥର ଖରାଦିନରେ ଲକ୍‌ଡାଉନ୍ ପାଇଁ କେହି ଲୋକେ ଆସି ନାହାନ୍ତି। ତଥାପି କାହ୍ନୁ ଜୀବନ ଥିବା ପର୍ଯ୍ୟନ୍ତ ମୟୂରଙ୍କୁ ଏପରି ଖାଇବାକୁ ଦେଉଥିବି ବୋଲି କହିଛନ୍ତି।

### ଜେଜେ ଦେଇଥିବା କଥାକୁ ପାଳନ କରୁଛି: କାହ୍ନୁ

୧୯୯୯ ମହାବାତ୍ୟାରେ ନିକଟ ଜଙ୍ଗଲ ଧ୍ୱଂସବିଧ୍ୱସ୍ତ ହୋଇଯାଇଥିଲା। ବହୁ ପଶୁପକ୍ଷୀ ମରିଯାଇଥିଲେ। ବଞ୍ଚିଯାଇଥିବା ୩ ମୟୂରକୁ ଅସୁସ୍ଥ ଅବସ୍ଥାରେ ଦେଖି କାହ୍ନୁଙ୍କ ଜେଜେ ବାପା ପାଣ୍ଡୁ ବେହେରା ଖାଇବାକୁ ଦେଇ ସୁସ୍ଥ କରିଥିଲେ। ଏପରିକି ସେମାନଙ୍କୁ ସେହିସ୍ଥାନରେ ପ୍ରତିଦିନ ଖାଦ୍ୟ ଦେଇ ଚାଲିଥିଲେ। କ୍ରମଶଃ ମୟୂରଙ୍କ ସଂଖ୍ୟା ବଢିଥିଲା। ଇତିମଧରେ ପାଣ୍ଡୁ ଅସୁସ୍ଥ ହୋଇପଡିବାରୁ ସେ ମୟୂରଙ୍କୁ ଖାଦ୍ୟ ଦେବା ଓ ଦେଖାଶୁଣା କରିବାର ଗୁରୁଦାୟିତ୍ୱ ସମ୍ଭାଳିବାକୁ ନାତି କାହ୍ନୁଙ୍କୁ ବାଛିଥିଲେ। କିନ୍ତୁ ପାଠ ପଢୁଥିବାରୁ କାହ୍ନୁ ପ୍ରଥମେ ମନା କରିଦେଇଥିଲେ। ଜେଜେ ବାଧ କରିବାରୁ ଥରେ ଦେଖିବାକୁ ଯାଇ ମୟୂରଙ୍କ ପ୍ରେମରେ ପଡିଯାଇଥିଲେ କାହ୍ନୁ। ୨୦୧୭ ମେ ୨୬ରେ ଜେଜେଙ୍କ ମୃତ୍ୟୁ ପରେ କାହ୍ନୁ ୬୭ଟି ମୟୂରଙ୍କୁ ଦୈନିକ ଖାଦ୍ୟ ଦେବା ଆରମ୍ଭ କରିଥିଲେ। ସେତେବେଳେ ଏଥିପାଇଁ ସେ କଲେଜ ବହି ବିକ୍ରି କରିଦେଇଥିଲେ। ଏବେ ମୟୂରଙ୍କ ସଂଖ୍ୟା ୧୩୦ ଟପିଥିଲେ ମଧ କାହ୍ନୁ ସେମାନଙ୍କ ଯତ୍ନ ନେବାକୁ ହେଳା କରିନାହାନ୍ତି।

### ପ୍ରଶଂସା, ପୁରସ୍କାର

କେବଳ ଖାଦ୍ୟ ନୁହେଁ, ବର୍ଷା ଦିନେ ମୟୂରମାନେ ଅଣ୍ଡାଦେଉଥିବାରୁ କାହ୍ନୁ ଜଙ୍ଗଲରେ ବୁଲି ବୁଲି ସେମାନଙ୍କ ସୁରକ୍ଷା ଓ ଯତ୍ନ ନେଉଛନ୍ତି। ଶ୍ରୀଶ୍ରୀ ରବି ଶଙ୍କର ଓ ବଲିଉଡ୍ ଗାୟିକା ଆଶା ଭୋଁସ୍‌ଲେ ଓଡ଼ିଶା ଆସିଥିବାବେଳେ ସେଠାକୁ ଯାଇ ମୟୂରଙ୍କୁ ଦେଖିବା ସହ କାହ୍ନୁଙ୍କୁ ଢ଼େର୍ ପ୍ରଶଂସା କରିଥିଲେ। ସେହିଭଳି ମୟୂର ପାଇଁ ଚାକିରି କରିବେନି ବୋଲି କହୁଥିବା କାହ୍ନୁଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ପୁରସ୍କାର ସ୍ୱରୂପ ହୋମ୍‌ଗାର୍ଡ ଚାକିରି ଦିଆଯାଇଛି। କାହ୍ନୁ ଉକ୍ତ ସ୍ଥାନରେ ଥିବା ଆଉଟପୋଷ୍ଟରେ କାର୍ଯ୍ୟକରିବା ସହ ମୟୂରଙ୍କ କଥା ବୁଝୁଛନ୍ତି। କାହ୍ନୁ ଏବେ ବିକମ୍ ପଢୁଛନ୍ତି। ଚାକିରି ଟଙ୍କାକୁ ସେ ମୟୂର ଓ ନିଜ ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି।



ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୨୭ତମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ପୁରୀରେ ତାଙ୍କ ଚଳନ୍ତି ପ୍ରତିମାକୁ ମଠ ପରିକ୍ରମା କରାଯାଉଛି।

## ଥାନା ନିକଟରେ ମାତିଲେ ଲୁଟେରା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଲକ୍‌ଡାଇନରେ ଲୋକଙ୍କ ନିଦ ହଜେଇ ଦେଲେଣି ଲୁଟେରା। ଗତ ୨୪ ତାରିଖରେ କ୍ୟାପିଟାଲ ଥାନା ନିକଟ ଏସ୍‌ବିଆଇ ବ୍ୟାଙ୍କ୍ ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ଲୁଟ୍ ହୋଇଛି। ଲୁଟେରା ବାଇକ୍‌ରେ ଆସି ଛୁରି ଦେଖାଇ ନଗଦ ୪୦ ହଜାର ଟଙ୍କା ଏବଂ ଏଟିଏମ୍‌କାର୍ଡ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଆଖଣ୍ଡଳମଣୀ ବସ୍ତିର ନେତ୍ରମଣୀ ନାୟକ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୋଲିସ କେସ୍ ନଂ–୧୫୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ସମ୍ମୁଖ ରାସ୍ତା ନିକଟରେ ଥିବା ଏକ ଦୋକାନ ତାଲା ଭାଙ୍ଗି ୧୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଦୋକାନୀ ବିଜୟ ଦାସ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଥିଲେ ମଧ ଲୁଟେରାଙ୍କ ଟେର୍ ପାଇନି।

## କ୍ୟାପିଟାଲ ହସ୍ପିଟାଲ ଔଷଧ ବିତରଣ କେନ୍ଦ୍ର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ




ଭୁବନେଶ୍ୱର,୨୮।୪(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲର ଔଷଧ ବିତରଣ କେନ୍ଦ୍ରରେ ସାମାଜିକ ଦୂରତ୍ୱ ରହୁନଥିବା ଦେଖିବାକୁ ମିଳିଛି। ବିତରଣ କେନ୍ଦ୍ରର ଛାତ କମ୍ ଥିବାରୁ ଧାଡ଼ିରେ ରହୁଥିବା ଲୋକଙ୍କ ଉପରେ ଖରା ପଡୁଛି। ଲୋକ ଛାଇ ପାଇଁ ପାଖାପାଖି ଠିଆ ହେଉଛନ୍ତି। ପ୍ରତିଦିନ ହସ୍ପିଟାଲକୁ ଅନେକ କରୋନା ସନ୍ଦିଗ୍ଧ ଆସୁଥିବାରୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ଏକାଧିକ ସାମାଜିକ କର୍ମୀ ପ୍ରତିବାଦ କରିବା ପରେ ଉକ୍ତ ବିତରଣ କେନ୍ଦ୍ରର ଛାତକୁ ଆଗକୁ ବଢ଼ାଇବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାରଠାରୁ ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଛି। ସାମାଜିକ ଦୁରତ୍ୱକୁ ମାନି ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏହାସହ ନିରାମୟରେ ଔଷଧ ବିତରଣ ପାଇଁ ଅଧିକ କାଉଣ୍ଟର ଖୋଲିବା ନିମନ୍ତେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

## କଟକଣା ପାଇଁ ମେଲଣ ଶ୍ରୀହୀନ

ପୁରୁଣା ଭୁବନେଶ୍ୱର,
୨୮।୪(ଡି.ଏନ୍.ଏ.)

ଦେଶରେ ଲକ୍‌ଡାଉନ ବଳବତ୍ତର ରହିଥିବାରୁ ବିଭିନ୍ନ ଯାନିଯାତ୍ରା ଉପରେ ପ୍ରଶାସନ ରୋକ ଲଗାଇଛି। ଫଳରେ ପୁରୀ ଜିଲା ପିପିଲି ନିକଟ ବିଲିପଡା ଗାଁରେ ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ କାକୁଡିଗୋସାଣ, ବିଲିପଡା, ଶାରଳ ସମେତ ଆଖପାଖ ଗାଁର ଠାକୁର ମେଲଣ ପଡିଆରେ ଏକ୍ରତିତ ହୋଇଥାନ୍ତି। ମେଲଣ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଗଳି ସହ ଦୋକାନ, ବଜାର ପଡିଥାଏ। ଏ ବର୍ଷ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଅକ୍ଷୟ ତୃତୀୟା ଦିନଠାରୁ କେବଳ ବିଲିପଡା ଗାଁର ଭଗବାନ ବାସୁଦେବ ମେଲଣ ପଡିଆରେ ବିରାଜମାନ ହୋଇଛନ୍ତି। କଟକଣା ଯୋଗୁ ସେବା ପୂଜା ନୀତି ବ୍ୟତିରେକ ଅନ୍ୟ କେହି ମଧ ଆସୁନାହାନ୍ତି। ମେଲଣ ପଡିଆରେ ବୁଲା ଗୋରୁ ବୁଲୁଥିବା ବେଳେ ଲୋକଙ୍କ ଗହଳି ନାହିଁ। ହେଲେ ଲକ୍ଷ୍ମୀନାରାୟଣପୁରରେ ଧାନମଣ୍ଡି ଓ ଦୈନିକ ହାଟରେ ସାମାଜିକ ଦୂରତ୍ୱ ଓ ମାସ୍କ ନ ପିନ୍ଧି ଲୋକେ ବୁଲୁଥିବା ବେଳେ ପ୍ରଶାସନର କୌଣସି କଟକଣା ନାହିଁ।



ବିଲିପଡ଼ା ମେଲଣ ପଡ଼ିଆ ପିଣ୍ଡିରେ ଠାକୁର ବସିଛନ୍ତି।

## ଗୋଆରୁ ଟ୍ରକ୍‌ରେ ଆସି ଧରାପଡ଼ିଲେ ଯୁବକ

ଖୋର୍ଦ୍ଧା ଅଫିସ/ବାଣପୁର,୨୮।୪

### କ୍ୱାରାଣ୍ଟାଇନରେ ରହିଲେ

ଲକ୍‌ଡାଉନ ପରେ ନିଜ ଗ୍ରାମକୁ ଫେରିବାକୁ ଚାହୁଁଥିବା ବାହାର ରାଜ୍ୟ ଶ୍ରମିକଙ୍କୁ ପଞ୍ଜୀକରଣ ଏବଂ କ୍ୱାରାଣ୍ଟାଇନ୍‌ରେ ରହିବାକୁ ସରକାର ବାଧ୍ୟତାମୂଳକ କରିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ ରୋକିବାକୁ ଦେଶରେ ଲକ୍‌ଡାଉନ ଜାରି ରହିଛି। ରାଜ୍ୟ ରାଜ୍ୟ ମଧରେ ବସ ଚଳାଚଳ ବନ୍ଦ ରହିଛି। ଏହାସତ୍ତ୍ୱେ କେତେଜଣ ଅମାନିଆ ଯୁବକ ଆମ୍ବୁଲାନ୍ସ, କ୍ଷୀର ଗାଡି ଓ ଟ୍ରକରେ ଉଠି ଆସୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବାଣପୁର ଏନ୍‌ଏନ୍‌ସି କର୍ତ୍ତୃପକ୍ଷ ଜାତୀୟ ରାଜପଥରୁ ଏଭଳି ଜଣେ ଯୁବକଙ୍କୁ ଧରି କ୍ୱାରାଣ୍ଟାଇନରେ ରଖିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବାଣପୁର ଏନ୍‌ଏସି ଗୋପାଳପୁର ଶାସନ ଗ୍ରାମର ଯୁବକ ଜଣକ ଗୋଆରୁ ଏକ ଟ୍ରକ୍‌ରେ ଗାଁକୁ ଲୁଚିକି ଆସୁଥିଲେ। ଏ ସଂକ୍ରାନ୍ତରେ ବିଶେଷସୂତ୍ରରୁ ଖବରପାଇ ବାଣପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିହାଲ ଜାତୀୟ ରାଜପଥରେ ଅପେକ୍ଷା କରି ରହିଥିଲେ। ଯୁବକ ଜଣକ ଟ୍ରକରୁ ଓହ୍ଲାଇ ଗାଁ ଅଭିମୁଖେ ଯିବାକୁ ବାହାରିବା ବେଳେ ସେଠାରେ ଉପସ୍ଥିତ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାଲ ତାଙ୍କୁ କାବୁ କରିଥିଲେ। ତାଙ୍କ ପରିଚୟ ପାଇବା ପରେ ବାଣପୁର ଗୋଦାବରୀଶ ବିଦ୍ୟାପୀଠରେ ନୂତନ ଭାବେ ହୋଇଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ କେନ୍ଦ୍ରରେ ନେଇ ଛାଡିଛନ୍ତି।

## ଉପାନ୍ତ ଅଞ୍ଚଳରେ ପହଞ୍ଚିଲା ସହାୟତା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଉପାନ୍ତ କାନ୍ତୋଲ ପଞ୍ଚାୟତରେ ପହଞ୍ଚିଛି ସହାୟତା। ଦୁର୍ଗମ ଏକୁଲ, ସେକୁଲ, ପୁଙ୍ଗିପାଳ ଏବଂ କୋଟ ଗ୍ରାମରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ପହଞ୍ଚି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। କରୋନା କଟକଣା ଯୋଗୁ ପାହାଡ଼ ଉପରେ ଅବସ୍ଥିତ ଜଙ୍ଗଲଘେରା ଉକ୍ତ ଗ୍ରାମର ବାସିନ୍ଦା ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏପରି ବିପଦ ସମୟରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସେମାନଙ୍କୁ ରନ୍ଧାଖାଦ୍ୟ ସହ ଚୁଡା, ତେଲ, ସାବୁନ, ମାସ୍କ, ଡ଼ାଲି, ଚିନି, ଅମୁଲ ସହ ଅନ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ମହିଳାଙ୍କ ଶାରୀରିକ ସୁସ୍ଥତାକୁ ଦୃଷ୍ଟିରେ ରଖି ସାନିଟାରି ନାପ୍‌କିନ୍ ପ୍ରଦାନ କରାଯାଇଛି। ଅଞ୍ଚଳରେ ପକ୍କାରାସ୍ତା, ପିଡିଏସ୍ ସେଣ୍ଟର କରାଯିବା ଆବଶ୍ୟକତା ରହିଛି। ଗ୍ରାମବାସୀଙ୍କ ସହ ଆଲୋଚନା କରି ଅଞ୍ଚଳବାସୀ ଭୋଗୁଥିବା ସମସ୍ୟାର ସମାଧାନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ। ଢେଙ୍କାନାଳ ବଜରଙ୍ଗ କ୍ଲବ ସହାୟତାରେ ଏପରି ମହତ୍ କାର୍ଯ୍ୟ ହାତକୁ ନିଆଯାଇଥିଲା। ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ସରପଞ୍ଚ ପାହାନ୍ତି ପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ବଜରଙ୍ଗ କ୍ଲବର ଆକର୍ଷଣ ସିହ୍ନା, ସୁବ୍ରତ ଦାସ, ଶୁଭେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ଜଣେ ମହିଳାଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରୁଛନ୍ତି।

# ୬ ଇନ୍‌ଷ୍ଟ୍ରକ୍ଟର ତିଆରି କଲେ ରୋବଟ୍

କଟକ ଅଫିସ,୨୮।୪

କରୋନା ଭୂତାଣୁ ବିପକ୍ଷରେ ସାରା ବିଶ୍ୱ ଲଢେଇ କରୁଛି। ଜିତିବାର ଆଶା ସମସ୍ତଙ୍କ ମନରେ ରହିଛି। ଏହି ଭୂତାଣୁ ବିଶ୍ୱରେ ନିଜ କାୟା ବିସ୍ତାର କରୁଥିବାବେଳେ ତା'ର ମୁକାବିଲା ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଜାରି ରହିଛି। ଏଥିରେ ଯୋଡ଼ି ହୋଇଛି କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ। ପୂର୍ବରୁ ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ଭ୍ରାମ୍ୟମାଣ କରୋନା ନମୁନା ସଂଗ୍ରହ ମେଶିନ ତିଆରି କରାଯାଇଥିବାବେଳେ ସମ୍ପ୍ରତି ଦୁଇଟି ରୋବର୍ଟ ତିଆରି କରାଯାଇଛି। ଯାହା କରୋନା ରେଗୀଙ୍କୁ ଡାକ୍ତରଖାନାରେ ସେବା ଯୋଗାଇବ।

ସୂଚନା ଅନୁଯାୟୀ, କରୋନା ଲଢେଇରେ ସାମିଲ ହୋଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସହାୟତା ଯୋଗାଇବା ଲକ୍ଷ୍ୟ ନେଇ ଖପୁରିଆ ସରକାରୀ ଆଇଟିଆଇର ୬ଜଣ ଇନ୍‌ଷ୍ଟ୍ରକ୍ଟର ରୋବର୍ଟ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେମାନେ ଲ୍ୟାବ୍‌ରେ ଦିନରାତି ପରିଶ୍ରମରେ ଲାଗିପଡ଼ିଥିଲେ। ଶେଷରେ ସେମାନଙ୍କ ସ୍ୱପ୍ନ ଓ ପରିଶ୍ରମ ସାକାର ହୋଇଥିଲା। ଆଇଟିଆଇ ଏବଂ ସାକ୍ ରୋବୋଟିକ୍ସ ଲ୍ୟାବର ମିଳିତ ଉଦ୍ୟମରେ ସେମାନେ ତିଆରି କରିଥିଲେ ଦୁଇଟି ରୋବର୍ଟ। ଖପୁରିଆ ସରକାରୀ ଆଇଟିଆଇ ଅଧକ୍ଷ ଡ. ହୃଷୀକେଶ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଏହି ରୋବର୍ଟ ଦୁଇଟିକୁ ଦୀପକ କୁମାର ମୁଦୁଲି, ଲଳିତ ମହାନ୍ତି, ମିତାଲି ରାୟ, ଲଳିତା ସୁନ୍ଦରୀ ମାର୍ଥା, ଜ୍ୟୋତି ରଞ୍ଜନ ବାରିକ ଏବଂ ସଞ୍ଜୟ କର ମିଳିତ ଭାବେ ତିଆରି କରିଛନ୍ତି। ଏହି ରୋବର୍ଟର ଉଚ୍ଚତା ପ୍ରାୟ ୩ ଫୁଟ। କୋଭିଡ–୧୯ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଏହି ରୋବର୍ଟ ମାଧମରେ ସେବା ଯୋଗାଯାଇପାରିବ। ଚଳପ୍ରଚଳ ପାଇଁ ଏଥିରେ ଚକ ଲଗାଯାଇଛି। ରୋଗୀଙ୍କୁ ଖାଦ୍ୟପାନୀୟ ତଥା ଔଷଧ ଯୋଗାଇବାରେ ଏହା ସହାୟକ ହେବ। ଏଥିପାଇଁ ଏକ ଟ୍ରେ ରହିଛି। ଯେଉଁଥିରେ ୨୦ କେଜି ଓଜନର ସାମଗ୍ରୀ ବହନ କରାଯାଇପାରିବ। ରୋଗୀମାନଙ୍କ ସେବା କରୁଥିବା ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହା ପ୍ରତ୍ୟକ୍ଷ ଭାବେ ସାହାଯ୍ୟ କରିବ।

### ଖପୁରିଆ ଆଇଟିଆଇର ସଫଳତା




### ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଯୋଦ୍ଧା, ରୋଗୀଙ୍କୁ ସେବା ଯୋଗାଇବ

ଏହାଦ୍ୱାରା ସେମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ମଧ ସିଧାସଳଖ ରକ୍ଷା କରାଯାଇପାରିବ। ଏହି ରୋବର୍ଟରେ ୱେୟାରଲେସ କମ୍ୟୁନିକେଶନ ପ୍ରୋଟୋକଲ ବ୍ୟବହାର କରାଯାଇଛି। ନାଭିଗେଶନ ଓ ମ୍ୟାପିଂ ଆଦିଦ୍ୱାରା ଆହୁରି ଅଧିକ ବିକଶିତ କରାଯାଇପାରିଲେ ଏହି ରୋବର୍ଟ ଡାକ୍ତରଖାନାର ଯେ କୌଣସି ୱାର୍ଡରେ ସ୍ୱୟଂଚାଳିତ ହୋଇ କାର୍ଯ୍ୟକ୍ଷମ ହୋଇପାରିବ। ଏହା ଟେଲି ପ୍ରୋଜେକ୍ସ ରୋବର୍ଟ। ଏହା ମାଧମରେ ଡାକ୍ତରମାନେ ରୋଗୀଙ୍କ କାର୍ଯ୍ୟଶୈଳୀ ଉପରେ ନଜର ରଖିପାରିବେ। ଏଥିରେ ଲାଇଭ ଭିଡିଓ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ଡାକ୍ତରମାନେ ନିଜ ଚାମ୍ବରରେ ରହି ରୋଗୀଙ୍କ ସହ ସିଧାସଳଖ କଥାବାର୍ତ୍ତା ମଧ ହୋଇପାରିବେ। ଏ ନେଇ ବିଭିନ୍ନ ମହଲରେ ପ୍ରଶଂସା ମିଳୁଥିବା ଅଧକ୍ଷ ଡ. ମହାନ୍ତି କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଏହି ରୋବର୍ଟ ନିର୍ମାଣ କରିଥିବା ଆଇଟିଆଇ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଏଭଳି ନୂତନ ଉଦ୍ଭାବନ ହିଁ ଓଡ଼ିଶାରେ କରୋନା ମୁକାବିଲାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ କରି କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟ ପ୍ରଶାସନରେ ସାମାନ୍ୟ ପରିବର୍ତ୍ତନ

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ଓଡ଼ିଶା ସରକାର ବର୍ତ୍ତମାନ ସମୟରେ କରୋନା ମୁକାବିଲାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ରାଜଧାନୀସ୍ଥିତ ଲୋକସେବା ଭବନରୁ ଆରମ୍ଭ କରି ବିଭିନ୍ନ ଜିଲାପାଳଙ୍କ କାର୍ଯ୍ୟାଳୟ କରୋନା ମୁକାବିଲାକୁ ଗୁରୁତ୍ୱ ଦେଉଛନ୍ତି। ଶୀର୍ଷ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏନେଇ ଦାୟିତ୍ୱ ମଧ ବଣ୍ଟାଯାଇଛି। ନିକଟରେ କେତେଜଣ ଆଇଏଏସ୍ ଅଧିକାରୀଙ୍କୁ ଜିଲାୱାରୀ ଦାୟିତ୍ୱ ଦିଆଯିବା ସହ ଭିନ୍ନଭିନ୍ନ ଦାୟିତ୍ୱ ବଣ୍ଟାଯାଇଥିଲା। ଏହି କ୍ରମରେ କୃଷି ଉତ୍ପାଦନ କମିଶନ(ଏପିସି) ଥିବା ପ୍ରଦୀପ୍ତ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦାୟିତ୍ୱ ପ୍ରଦାନ କରାଯାଇଛି। ସାମୟିକ ଭାବେ ଏପିସି ପଦବୀ ଖାଲି ହୋଇଥିବାରୁ ଉନ୍ନୟନ କମିଶନର(ଡିସି) ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଅତିରିକ୍ତ ଭାବେ ଏପିସି ଦାୟିତ୍ୱ ଦିଆଯାଇଛି। ଏପିସି ଦାୟିତ୍ୱ ନେଇଥିବାରୁ ସୁରେଶ ବର୍ତ୍ତମାନ କୃଷି, ସମବାୟ,ମତ୍ସ୍ୟ ଓ ପଶୁସମ୍ପଦ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ କାର୍ଯ୍ୟକ୍ରମ ବ୍ୟାପାର ନିରୀକ୍ଷଣ କରିବେ।

# କଣ୍ଟେନମେଣ୍ଟ ଜୋନ୍‌ରେ ନଜର ରଖିବ ଡ୍ରୋନ୍

- ୩ ନୂଆ ପଜିଟିଭ୍‌କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୯
- ଜିଲାର ୩୨ ପଞ୍ଚାୟତକୁ ସର୍ଭେଲାନ୍ସ ଜୋନ୍ ଘୋଷଣା
- ବହିରାଗତଙ୍କ ଉପରେ ପ୍ରଶାସନର ନଜର

ଭଦ୍ରକ ଅଫିସ,୨୮।୪

ଭଦ୍ରକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ପୁଣି ୩ ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ୨ ଓ ଅନ୍ୟ ଜଣେ ବନ୍ତ ବ୍ଲକର ବୋଲି ଜଣାପଡ଼ିଛି। ଏହି ୩ଜଣ କୋଲକାତା ଫେରନ୍ତା ବୋଲି ପ୍ରଶାସନ ସୂଚନା ଦେଇଛି। ସଂକ୍ରମିତ ଚିହ୍ନଟ ହୋଇଥିବା ବାସୁଦେବପୁରର କିସ୍ମତକୃଷ୍ଣପୁର, ଚୂଡ଼ାମଣି ଓ ବନ୍ତ ବ୍ଲକର ଚାରିଗାଁ ପଞ୍ଚାୟତକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ୩ପଞ୍ଚାୟତର ସମସ୍ତ ପ୍ରବେଶ ପଥ ସିଲ୍ କରାଯିବା ସହ ପୋଲିସ ପହରା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଜିଲାରେ ପୂର୍ବରୁ ୧୮ଟି କଣ୍ଟେନମେଣ୍ଟ ଜୋନ୍ ରହିଥିଲା ବେଳେ ଏବେ ଏହି ସଂଖ୍ୟା ୨୧ରେ ପହଞ୍ଚିଛି।

କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ନଜର ରଖିବା ପାଇଁ ଏଣିକି ଜିଲା ପ୍ରଶାସନ ପକ୍ଷରୁ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯିବ। ଏନେଇ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିଛି।





ଏକ ଗାଁରେ ସର୍ଭେ କରାଯାଉଛି।

ବୁଧବାରଠାରୁ ଡ୍ରୋନ୍‌କ୍ୟାମେରା କଣ୍ଟେନ୍‌ମେଣ୍ଟ ଜୋନ୍ ଉପରେ ଉଡ଼ି ଅମାନିଆଙ୍କ ଉପରେ ନଜର ରଖିବ। ପ୍ରଶାସନିକ ଗତିବିଧି, ଲୋକଙ୍କ ହାବଭାବ, ପୋଲିସର କାର୍ଯ୍ୟକଳାପ ସମେତ ଗାଁ ମାନଙ୍କରେ ସାମାଜିକ ଦୂରତ୍ୱ କିପରି ବଜାୟ ରଖାଯାଉଛି ଏ ସମସ୍ତ ବିଷୟ ଉପରେ କ୍ୟାମେରା ନଜର ରଖିବ। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ଟୁଇଟର୍ ଯୋଗେ ଏହି ସୂଚନା ଦେଇଛନ୍ତି। ଯେଉଁସବୁ ଅଞ୍ଚଳରେ ବହିରାଗତମାନେ ଅଛନ୍ତି, ପ୍ରଶାସନ ସେହି ଅଞ୍ଚଳକୁ ସର୍ଭେଲାନ୍ସ ଜୋନ ଘୋଷଣା କରିଛି। ଜିଲାର ୩୨ଟି ପଞ୍ଚାୟତକୁ ପ୍ରଶାସନ ପକ୍ଷରୁ ସର୍ଭେଲାନ୍ସ ଜୋନ୍ ଭାବେ ଘୋଷଣା କରାଯାଇଥିବା ମଙ୍ଗଳବାର ଜିଲାପାଳ ଡ. ଦାସ ସୂଚନା ଦେଇଛନ୍ତି। ପ୍ରତି ପଞ୍ଚାୟତରେ ଅନ୍ୟୂନ ୧୦ରୁ ଊର୍ଦ୍ଧ୍ୱ କୋଲକାତା ଫେରନ୍ତା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ସର୍ଭେଲାନ୍ସ ଜୋନ୍ ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ଘରକୁ ଘର ବୁଲି ସର୍ଭେ କରାଯାଇ ପଶ୍ଚିମବଙ୍ଗ(କୋଲକାତା) ଫେରନ୍ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବାକୁ ବ୍ୟବସ୍ଥା ହୋଇଛି। ଅଙ୍ଗନୱାଡ଼ି ଓ ଆଶା କର୍ମୀମାନଙ୍କ ଦ୍ୱାରା ସର୍ଭେ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ଯେ, ୬୦ ଘଣ୍ଟିଆ ଶଟ୍‌ଡାଉନ ବେଳେ ଜିଲାର ସବୁ ବ୍ଲକରେ ସର୍ଭେଲାନ୍ସ କରାଯାଇ ପ୍ରାୟ ୧୩ ଶହ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ବାହାର ରାଜ୍ୟରୁ ଫେରିଥିବା ଲୋକଙ୍କର ମଧ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ପ୍ରଶାସନର ତଥ୍ୟ ଅନୁଯାୟୀ, ଧାମନଗର ବ୍ଲକର ୧୩ଟି ପଞ୍ଚାୟତର ସର୍ବାଧିକ ୨୨୧ଜଣ, ତିହିଡ଼ି ବ୍ଲକର ୮ଟି ପଞ୍ଚାୟତର ୧୩୩, ଭଦ୍ରକ ବ୍ଲକର ୫ଟି ପଞ୍ଚାୟତର ୬୩, ବନ୍ତ ବ୍ଲକର ୨ଟି ପଞ୍ଚାୟତର ୨୪, ଚାନ୍ଦବାଲି ବ୍ଲକର ୨ଟି ପଞ୍ଚାୟତର ୨୨, ବାସୁଦେବପୁର ବ୍ଲକର ଗୋଟିଏ ପଞ୍ଚାୟତର ୧୮ ଏବଂ ଭଣ୍ଡାରିପୋଖରୀ ବ୍ଲକର ଗୋଟିଏ ପଞ୍ଚାୟତର ୧୦ ବହିରାଗତଙ୍କୁ ଚିହ୍ନଟ କରାଯାଇଛି।

# ସମବାୟ ଦ୍ୱାରା ୭୫୦୦ କୋଟି ଟଙ୍କା ଫସଲ ଋଣ ଯୋଗାଇଦେବା ଲକ୍ଷ୍ୟ

- ଧାର୍ଯ୍ୟ ଲକ୍ଷ୍ୟ ପୂରଣକୁ ମନ୍ତ୍ରୀଙ୍କ ଗୁରୁତ୍ୱ
- ଋଣ ପ୍ରଦାନ ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ଚିଠି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

କୃଷି କାର୍ଯ୍ୟକୁ ଆଗେଇନେବା ସହ ଖରିଫ ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମଙ୍ଗଳବାର କହିଛନ୍ତି। ରାଜ୍ୟର ପ୍ରାୟ ୯୦ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାରୁ ଫସଲ ଋଣ ପ୍ରଦାନ କ୍ଷେତ୍ରରେ ସେମାନଙ୍କୁ ପ୍ରାଥମିକତାକୁ ଗୁରୁତ୍ୱାରୋପ କରାଯାଇଛି। ଖରିଫ ଋତୁରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ କ୍ଷେତ୍ର ମାଧ୍ୟମରେ ୭୫୦୦ କୋଟି ଟଙ୍କା ଫସଲ ଋଣ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଚାଷୀଙ୍କୁ ଠିକ୍ ସମୟରେ ଋଣ ଯୋଗାଇଦେବା ଓ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବା ପାଇଁ ମନ୍ତ୍ରୀ କହିଛନ୍ତି।

ଏହି ମର୍ମରେ ସମବାୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଖରିଫ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଚିଠି ଲେଖାଯାଇଛି। ରାଜ୍ୟରେ ମୋଟ ଫସଲ ଋଣ ପ୍ରଦାନ ୬୫ ରୁ ୬୮ ପ୍ରତିଶତ ସମବାୟ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥାଏ। ଗତ ଖରିଫ ୨୦୧୯ ଋତୁରେ ସମବାୟ ସଂସ୍ଥାଗୁଡ଼ିକ ଧାର୍ଯ୍ୟଲକ୍ଷ୍ୟ ୭୫୦୦ କୋଟି ଟଙ୍କା ମଧ୍ୟରୁ ରାଜ୍ୟରେ ୧୭,୯୧,୮୯୮ ଜଣ ଚାଷୀଙ୍କୁ ମୋଟ ୭୩୩୦.୫୬ କୋଟି ଟଙ୍କା ଫସଲ ଋଣ ଯୋଗାଇ ଦେଇଥିଲେ। ତେଣୁ ଚଳିତ ଖରିଫରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ସହ ପ୍ରାଥମିକ କୃଷି ସମବାୟ ସମିତିର ଚାଷୀମାନଙ୍କୁ ଫସଲ ଋଣ ଯୋଗାଇଦେବା ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତ ପାଇଁ କୁହାଯାଇଛି। ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଷୀମାନଙ୍କୁ ଫସଲ ଋଣରେ ବ୍ୟାପକ ରିହାତି ଯୋଗାଇ ଦିଆଯାଉଥିବା ଦୃଷ୍ଟିରୁ ହିତାଧିକାରୀ ଚାଷୀମାନଙ୍କ ଆଧାର କାର୍ଡ ନମ୍ବର ସଂଗ୍ରହ ଏବଂ ଏହାକୁ କିଷାନ କ୍ରେଡିଟ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ମଞ୍ଜୁରୀପ୍ରାପ୍ତ ଋଣ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ହସ୍ତାନ୍ତର କରାଯିବ। ଏଥିରେ ଖିଲାପ ହେଲେ ତାହା ବେନିୟମ ବୋଲି ବିବେଚନା କରାଯିବ। କରୋନା ଭୂତାଣୁ ସଂକ୍ରମଣ ଯୋଗୁ ରାଜ୍ୟ ସମେତ ସାରା ଦେଶରେ ଲକ୍‌ଡାଉନ ଜାରି କରାଯାଇଥିବା ପରିପ୍ରେକ୍ଷୀରେ ପ୍ୟାକସ୍ ଏବଂ ଲ୍ୟାମ୍ପସ୍‌ଗୁଡ଼ିକୁ ସ୍ୱଳ୍ପମିଆଦୀ କୃଷି ଋଣ ଅନୁମୋଦନ ଏବଂ ପ୍ରଦାନ ଅଫଲାଇନ ମାଧ୍ୟମରେ କରିବା ନିମନ୍ତେ ଅନୁମତି ଦିଆଯାଇଛି। ଏହା ଖରିଫ ୨୦୨୦ ଋତୁ ଶେଷ ୩୦।୦୯।୨୦୨୦ ପର୍ଯ୍ୟନ୍ତ କରାଯାଇପାରିବ।

୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଇ ଧାର୍ଯ୍ୟ ସମୟ ମଧ୍ୟରେ ଋଣ ପଇଠ କରୁଥିବା ଚାଷୀମାନଙ୍କୁ ବିନା ସୁଧରେ ଋଣ ଯୋଗାଇଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ସେହିପରି ୫୦,୦୦୦ ଟଙ୍କାରୁ ଅଧିକ ଏବଂ ୩ ଲକ୍ଷ ଟଙ୍କା ମଧ୍ୟରେ ଋଣ ନେଇ ସମୟ ସୀମା ମଧ୍ୟରେ ଋଣ ପଇଠ କଲେ ୨ ପ୍ରତିଶତ ସୁଧ ଦେବାକୁ ପଡିବ। ଫସଲ ଋଣ ପରିଶୋଧ କରିବା ସମୟ ସୀମା ପ୍ରଥମ ଋଣ ଉଠାଣ ତାରିଖଠାରୁ ୧୨ ମାସ ପର୍ଯ୍ୟନ୍ତ ରଖାଯାଇଛି। ତେବେ ଆଖୁ, କଦଳୀ ଚାଷ ଭଳି ଦୀର୍ଘ ସମୟ ଲାଗୁଥିବା ଚାଷ ନିମନ୍ତେ ଋଣ ପରିଶୋଧ ସମୟ ସୀମା ୧୮ ମାସ ରଖାଯାଇଛି। ଏଥିସହିତ ସମବାୟ ଋଣ ନେଟ୍‌ୱର୍କରେ ଅନ୍ତର୍ଭୁକ୍ତ ହୋଇ ନ ଥିବା କୃଷକ ପରିବାରଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

### କଣ୍ଟେନମେଣ୍ଟ ଜୋନରେ ବାଡ଼େଇ ମାରିଦେଲେ କୁଟୁରା



**କୋରେଇ,୨୮।୪(ନି.ପ୍ର.):** କରୋନା ସଂକ୍ରମଣକୁ ପ୍ରତିହତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଣ୍ଟେନମେଣ୍ଟ ଜୋନ ଅଞ୍ଚଳ କୋରେଇ ବ୍ଲକ ତୁଳତି ଗ୍ରାମର ତାରିଣୀ ଛକ ନିକଟରେ ମଙ୍ଗଳବାର ଭୋରରେ ଏକ କୁଟୁରାକୁ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଯାଜପୁରରୋଡ ବନ ବିଭାଗ ପକ୍ଷରୁ ଜଣଙ୍କୁ ଗିରଫ କରି ଅଟକ ରଖିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, କୁଟୁରାଟି ଖାଦ୍ୟ ଓ ଜଳ ଅନ୍ୱେଷଣରେ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇଥିଲା। ଏହାର ସୁଯୋଗରେ କେତେକ ବ୍ୟକ୍ତି ସଂଘବଦ୍ଧ ହୋଇ କୁଟୁରାକୁ ପିଟିପିଟି ମାରି ଦେଇଥିଲେ। ଖବରପାଇ କୋରେଇ ଥାନାଧିକାରୀ ରଣଜିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତ କୁଟୁରା ଯାଜପୁରରୋଡ ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

# ଭୋକରେ ଅଟୱାଲ କର୍ମଚାରୀ: ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ

**୪୮ ଘଣ୍ଟା ମଧ୍ୟରେ ବକେୟା ଦରମା ପ୍ରଦାନ ନିର୍ଦ୍ଦେଶ**

କାଳିଆପାଣି,୨୮।୪(ଡିଏନଏ)

ଲକ୍‌ଡାଉନ ଯୋଗୁ ଶ୍ରମିକଙ୍କ ଜୀବନ ଜୀବିକା ବିଶେଷଭାବେ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଟାଟା ସୁକିନ୍ଦା କ୍ରୋମାଇଟ ଖଣିରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଜିଏସ୍ ଅଟୱାଲ କମ୍ପାନୀ କର୍ମଚାରୀଙ୍କୁ ୬ରୁ ଊର୍ଦ୍ଧ୍ୱ ମାସର ଦରମା ଦେଇ ନ ଥିବା ଜଣାପଡ଼ିଛି। ଫଳରେ କର୍ମଚାରୀମାନେ ନିଜର ଓ ପରିବାର ଲୋକଙ୍କ ପାଇଁ ଦୁଇଓଳି ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଅପରପକ୍ଷେ ବହୁ କର୍ମଚାରୀ ବାହାର ରାଜ୍ୟର ହୋଇଥିବାରୁ ଲକ୍‌ଡାଉନ ଯୋଗୁ ନିଜ ରାଜ୍ୟକୁ ଫେରିପାରି ନାହାନ୍ତି। ବାହାର ରାଜ୍ୟର କର୍ମଚାରୀଙ୍କୁ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଣ ହେଉଥିବାବେଳେ ଏମାନେ ସେଥିରୁ ବାଦ ପଡ଼ିଛନ୍ତି। ଏପରିସ୍ଥଳେ ଭୋକରେ ଆଉଟପାଉଟ ହେଉଥିବା କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ କର୍ମଚାରୀଙ୍କୁ ରନ୍ଧା ଖାଦ୍ୟ କିମ୍ବା ରାଶନ ସାମଗ୍ରୀ ଯୋଗାଇ ଦେବାକୁ କର୍ମଚାରୀମାନେ ନିବେଦନ କରିଛନ୍ତି।

ସୂଚନା ଥାଉକି, ଟାଟା ସୁକିନ୍ଦା କ୍ରୋମାଇଟ ଖଣିର ଲିଜ ଅବଧି ମାର୍ଚ୍ଚ ୩୧ରେ ଶେଷ ହୋଇଥିବାବେଳେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଜିଏସ୍ ଅଟୱାଲ ନଭେମ୍ବରରୁ କାର୍ଯ୍ୟ ବନ୍ଦ କରିଦେଇଥିଲା। ଫଳରେ କର୍ମଚାରୀମାନେ ଗତ ନଭେମ୍ବରରୁ ସମ୍ପୂର୍ଣ୍ଣ ଦରମା ନ ପାଇ ଧାରଣା ଓ ଆନ୍ଦୋଳନ କରି ଆସୁଥିଲେ। ଏନେଇ କର୍ମଚାରୀମାନେ ଶ୍ରମ ନିର୍ଦ୍ଦେଶାଳୟ, ଭୁବନେଶ୍ୱର, ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତଭାବେ ଜଣାଇଥିଲେ। କେନ୍ଦ୍ରୀୟ ଶ୍ରମ ଆୟୁକ୍ତଙ୍କ ହସ୍ତକ୍ଷେପ ପରେ କର୍ମଚାରୀଙ୍କୁ ଦୁଇ ମାସର ଦରମା ମିଳିଥିଲା। ମାତ୍ର ଏବେ ବି ଆହୁରି ୬ରୁ ଊର୍ଦ୍ଧ୍ୱ ମାସର ବକେୟା ଦରମା ପ୍ରଦାନ କରି ନ ଥିବାବେଳେ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରୁ ପତ୍ରସଂଖ୍ୟା ୨୮୬/୨୭।୪।୨୦୨୦ରେ ୪୮ ଘଣ୍ଟା ମଧ୍ୟରେ କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ ପାଇଁ ଅଟୱାଲ କମ୍ପାନୀକୁ ନିର୍ଦ୍ଦେଶ ହୋଇଛି। ନଚେତ୍ ଆସନ୍ତା ଗୁରୁବାରଠାରୁ ରାଜରାସ୍ତାକୁ ଓହ୍ଲାଇବା ପାଇଁ କର୍ମଚାରୀଙ୍କ ପ୍ରତିନିଧି ପବିତ୍ର ମହାନ୍ତ, ମଳୟ ପଟ୍ଟନାୟକ, ବିଶ୍ୱନାଥ ମହାନ୍ତି, ଅଜୟ ନାୟକ, ମହେଶ୍ୱର ବାରିକ, ଗୌରାଙ୍ଗ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଟାଟା କମ୍ପାନୀ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ, ଶ୍ରମ ବିଭାଗ ଚିଠି ପହଞ୍ଚିବା ପୂର୍ବରୁ ଅଟୱାଲ କମ୍ପାନୀକୁ ବକେୟା ପାଉଣା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଅର୍ଥ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ଅଟୱାଲ କମ୍ପାନୀ ଜିଏମ୍ ମଳୟ ରଞ୍ଜନ ପଟ୍ଟନାୟକ ଓ ଆଇନ ପରାମର୍ଶଦାତା ଏସ.ଏନ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଉଭୟ ଫୋନ ଉଠାଇ ନ ଥିଲେ।

# ବହିରାଗତଙ୍କୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**କୁଆମରା,୨୮।୪(ଡି.ଏନ୍.ଏ.):** କରୋନା ଯୋଗୁ ବହିରାଗତଙ୍କୁ ନେଇ ପ୍ରଶାସନର ଚିନ୍ତା ବଢିଛି। ପୂର୍ବରୁ ବାହାର ରାଜ୍ୟ ଓ ଜିଲାକୁ ଯାଇଥିବା ଶ୍ରମିକମାନେ ଏବେ ଲୁଚିଛପି ରାତିରେ ଚାଲିଚାଲି ନିଜ ନିଜ ଗାଁକୁ ପଳାଇ ଆସୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେମାନଙ୍କୁ ବାରଣ କରାଯିବା ନେଇ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳର ସୂତ୍ରପାତ ଘଟୁଛି। ମଙ୍ଗଳବାର ଏହିପରି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମରେ। ଏହି ଗାଁର ୨ ଜଣ ବ୍ୟକ୍ତି ବାଲେଶ୍ୱର ଜିଲାର ଏକ ଚିଙ୍ଗୁଡିଘେରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ଯୋଗୁ କାର୍ଯ୍ୟ ବନ୍ଦ ହୋଇଯିବାରୁ ଉଭୟ ସେଠାରେ ବହୁ କଷ୍ଟରେ ଚଳୁଥିଲେ। ଖାଇବାକୁ ନ ପାଇ ସେମାନେ ସୋମବାର ରାତିରେ ଚାଲି ଚାଲି ପଳାଇ ଆସି ମଙ୍ଗଳବାର ସକାଳେ ଗ୍ରାମରେ ପହଞ୍ଚି ଥିଲେ। ମାତ୍ର ଗ୍ରାମବାସୀ ବିରୋଧ କରିବାରୁ ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ଉଭୟଙ୍କୁ ଆଶ୍ରମ ସ୍କୁଲରେ ରଖାଯାଇଥିଲା। ମାତ୍ର ଆଶ୍ରମ ସ୍କୁଲକୁ ଲାଗି ରହିଥିବା ହରିବଂଶ ସାହିର ଲୋକେ ମଧ ସେମାନଙ୍କ ରହଣିକୁ ବିରୋଧ କରିଥିଲେ। ଫଳରେ ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜି ଥିଲା। ଖବରପାଇ ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଆରଆଇ, ସରପଞ୍ଚ ଏବଂ ପୋଲିସ ପହଞ୍ଚି ଆଲୋଚନା ପରେ ୨ ବହିରାଗତଙ୍କୁ ସେହି ବିଦ୍ୟାଳୟରେ ରଖାଯାଇଛି।

# କରୋନା ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ ପକ୍ଷରୁ ୧ କୋଟି ଟଙ୍କା ପ୍ରଦାନ

କଳିଙ୍ଗନଗର, ୨୮।୪(ଡି.ଏନ.ଏ.)

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ କୋଭିଡ-୧୯ ମହାମାରୀର ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ୧ କୋଟି ଟଙ୍କା ପ୍ରଦାନ କରିଛି। ଏହାସହିତ ଦେଶ ଯାଜପୁରସ୍ଥିତ କାରଖାନାର ଆଖପାଖ ଅଞ୍ଚଳ ସହିତ ବ୍ୟାସନଗର ଲେପ୍ରସି କଲୋନୀରେ ୩୦୦ରୁ ଅଧିକ ଗରିବ ପରିବାରଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବିତରଣ କରୁଛି। କମ୍ପାନୀ ତରଫରୁ ସୁକିନ୍ଦା ବ୍ଲକର ନଗଡା ଅଞ୍ଚଳର ୪ ଗ୍ରାମରେ ଦୈନିକ ପ୍ରାୟ ୧୦୦୦ ଲୋକଙ୍କୁ ଦୀର୍ଘ ଦୁଇ ସପ୍ତାହ ଧରି ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କମ୍ପାନୀ ତରଫରୁ ବିସ୍ଥାପିତ, ପ୍ରଶାସନ ବିଭାଗ ତଥା ଆଖପାଖ ଅଞ୍ଚଳରେ ୧୦ ହଜାର ମାସ୍କ ଓ ସାନିଟାଇଜର ମଧ୍ୟ ପ୍ରଦାନ କରାଯାଇଛି। କମ୍ପାନୀ ବ୍ୟାସନଗର ପୌରାଞ୍ଚଳ ସହିତ ମିଶି ସହରକୁ ସାନିଟାଇଜ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଛି। ଏହା ସହିତ ଅନ୍ୟ ଅଞ୍ଚଳକୁ ସାନିଟାଇଜ କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ସହଯୋଗର ହାତ ବଢାଇଥିବା ଜଣାଯାଇଛି।

# ଗଛରେ ଶୁଖି ଝଡ଼ି ପଡୁଛି ଗେଣ୍ଡୁ ଫୁଲ

- ଜୀବିକାକୁ ନେଇ ଚିନ୍ତାରେ ଚାଷୀ
- ଘାରିଲା କରଜ ପରିଶୋଧ ଚିନ୍ତା
- ଲକ୍‌ଡାଉନ୍ ଯୋଗୁ ବିକ୍ରି ହୋଇ ପାରୁନି

ନୟାଗଡ ଅଫିସ,୨୮।୪



ଚାଷୀ ଫୁଲ ତୋଳୁଛନ୍ତି।

ନୟାଗଡ଼ ଜିଲା ରଣପୁର ବ୍ଲକ ବଜ୍ରକୋଟର କୋଲକାତା ଗେଣ୍ଡୁ(ମଣ୍ଡା) ଫୁଲ ଚାଷୀଙ୍କୁ କ୍ଷତିଗ୍ରସ୍ତ କରିଛି ଲକ୍‌ଡାଉନ। ଚାଷୀ ଆଉ ଗଛରୁ ତୋଳୁ ନାହାନ୍ତି ଗେଣ୍ଡୁ ଫୁଲ। ଫଳରେ ତାହା ଗଛରେ ଶୁଖି ଆପେଆପେ ଝଡି ଯାଉଛି। ଫୁଲ ବିକ୍ରି ସମୟରେ କରୋନା ମାଡ ଚାଷୀର ଜୀବିକା ପ୍ରତି ଦାଉ ସାଧିଛି। ଯଦ୍ୱାରା ଧାର କରଜ କରି ଚାଷରେ ଖର୍ଚ୍ଚ କରିଥିବା ଟଙ୍କା ପାଇବାର ଉପାୟ ନ ଥିବାରୁ ଚାଷୀ ପାଇଁ ଋଣ ପରିଷୋଧ କରିବା ଚିନ୍ତାର କାରଣ ପାଲଟିଛି।

ପ୍ରାପ୍ତ ସୂଚନା ଅନୁସାରେ ବଜ୍ରକୋଟର ଅରୁଣ ରାଉତ ଓ ଗୌରାଙ୍ଗ ପାତ୍ର ନୂଆ ଜଗନ୍ନାଥ ସଡକ ପାର୍ଶ୍ୱ ବଜ୍ରକୋଟ ଅଞ୍ଚଳରେ ଗେଣ୍ଡୁଫୁଲ ଚାଷ କରି ଜୀବିକା ନିର୍ବାହ କରନ୍ତି। ଗେଣ୍ଡୁଫୁଲକୁ ରଣପୁର, ଭୁବନେଶ୍ୱର, ଓଡଗାଁ, ନୟାଗଡ, ଖୋର୍ଦ୍ଧା, କଟକ ଅଞ୍ଚଳକୁ ପଠାନ୍ତି। ଧାନ ଚାଷ ପରେ ଉଭୟ ଚାଷୀ ଗେଣ୍ଡୁ ଫୁଲ ଚାଷ କରିଥାନ୍ତି। ପ୍ରାୟ ୨୦ ବର୍ଷ ହେଲା ଉଭୟ ଚାଷୀ ଗେଣ୍ଡୁଫୁଲ ଚାଷ କରୁଛନ୍ତି। ଅରୁଣ ସାଢ଼େ ୨ ଏକର ଜମିରେ ପ୍ରାୟ ୫୦ ହଜାର ଓ ଗୌରାଙ୍ଗ ଏକ ଏକର ଜମିରେ ୩୦ ହଜାର ବ୍ୟୟ କରି ଚାଷ କରିଥିଲେ। ଫୁଲ ଗଛରେ ଆସି ଯାଇଥିଲା। ବିକ୍ରି ବି ଆରମ୍ଭ ହୋଇଥିଲା। ଏଭଳିସ୍ଥଳେ ଲକ୍‌ଡାଉନ ଯୋଗୁ ଫୁଲ ଆଉ ବାହାରକୁ ଯାଇ ପାରିଲା ନାହିଁ। ଏନେଇ ଅରୁଣ କୁହନ୍ତି, ପର୍ବ ପର୍ବାଣି, ସାମାଜିକ କାର୍ଯ୍ୟ ବନ୍ଦ ହୋଇଯିବା କାରଣରୁ ଫୁଲର ଚାହିଦା କମିଗଲା। ବ୍ୟବସାୟୀ ଆଉ ଫୁଲ ନେଲେନି। ଏଭଳିସ୍ଥଳେ ଆମେ ଆଉ ଫୁଲ ତୋଳୁ ନାହୁଁ। ତେବେ ଜମିରେ ପାଣି ମଡାଇ ଗଛକୁ ବଞ୍ଚାଇ ରଖିଛୁ। କାଳେଫୁଲର ଚାହିଦା ବଢ଼ିଯିବ। ଏଭଳିସ୍ଥଳେ ଆମକୁ ସରକାରୀସ୍ତରରେ କ୍ଷତିପୂରଣ ଦିଆଯାଇନି। ଗୌରାଙ୍ଗ କୁହନ୍ତି, କୋଲକତା ଗେଣ୍ଡୁର ଭଲ ଚାହିଦା ରହିଛି। ଆମ ଠାରୁ ଫୁଲ ନେବାକୁ ବ୍ୟବସାୟୀମାନେ ଫୋନରେ ଯୋଗାଯୋଗ କରି ବଗିଚାକୁ ଆସିଥାନ୍ତି। ତେବେ କରୋନା ସବୁ କିଛି ଓଲଟପାଲଟ କରିଦେଲା। ଫୁଲ ଚାଷୀଙ୍କ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର। ନଚେତ୍ ଆମେ ଋଣ ପରିଶୋଧ କରିବା ସମ୍ଭବ ନୁହେଁ। ଅନ୍ୟପକ୍ଷେ ଚଳିତ ବର୍ଷ ପରି କ୍ଷତି କେବେବି ହୋଇ ନ ଥିଲା। କରୋନା ନେଇ ସରକାର ଠିକ୍ ପଦକ୍ଷେପ ନେଇଛନ୍ତି। ହେଲେ ଚାଷୀଙ୍କୁ ଅଣଦେଖା କରିବା ଠିକ୍ ନୁହେଁ।

# ସରକାରୀ ସହାୟତା ନାହିଁ, ଚିନ୍ତାରେ ଖରିଫ ଚାଷୀ

- ଗଲାଣି ଅକ୍ଷୟ ତୃତୀୟା
- ମହଜୁଦ ନାହିଁ ସରକାରୀ ବିହନ

ରସୁଲପୁର,୨୮।୪(ଡିଏନଏ)

କରୋନା ଦ୍ୱାରା ଚାଷୀ ପ୍ରଭାବିତ ହୋଇଥିବାବେଳେ ସରକାର ଏଯାବତ୍ ଚାଷୀଙ୍କ ପାଇଁ କୌଣସି ଆଖିଦୃଶିଆ ସହାୟତା ଘୋଷଣା କରିନାହାନ୍ତି। କରୋନା ଯୋଗୁ ରବି ଫସଲରେ କ୍ଷତି ସହିଥିବା ଚାଷୀ ଖରିଫ ଚାଷ କରିବ ସେ ନେଇ ଚିନ୍ତିତ ରହିଛି। ଚାଷୀଙ୍କୁ ଖରିଫ ଚାଷ ପାଇଁ ମାଗଣାରେ ବିହନ, ସାର, କୀଟନାଶକ ଔଷଧ ସହ ବିନା ସୁଧରେ ଋଣ ଯୋଗାଇ ଦେବାକୁ ଚାଷୀକୂଳ ଦାବି କରିଛି। ରବିବାର ଖରିଫ ଚାଷ ଅନୁକୂଳର ଦିନ ଅକ୍ଷୟ ତୃତୀୟା ହୋଇଥିବାରୁ ଚାଷୀ ଏହିଦିନ କ୍ଷେତକୁ ଯାଇ ଚାଷ କାର୍ଯ୍ୟ ଆରମ୍ଭ କରିବାର ପରମ୍ପରା ରହିଛି। ଏହାକୁ ପାଳନ କରିବାରେ ମଧ କରୋନା ବାଧକ ସାଜିଛି। ଅକ୍ଷୟ ତୃତୀୟା ପୂର୍ବରୁ ଚାଷୀଙ୍କ ପାଇଁ ସରକାରୀ ଧାନ, ପନିପରିବା ବିହନ, ଗଛ ଲଗାଇବା ପାଇଁ ଚାରା ଆଦି ମହଜୁଦ୍ ରହିବା ଆବଶ୍ୟକତା ରହିଛି। ହେଲେ ଏବେସୁଧା ସରକାରଙ୍କ ପକ୍ଷରୁ କୌଣସି କୃଷି ସାମଗ୍ରୀ ବଜାରରେ ଉପଲବ୍ଧ ହେଉନାହିଁ। ଚାଷୀ ସରକାରୀ ସହାୟତାକୁ ଅପେକ୍ଷା କରି ରହିଛି। ଏ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଆସି ନ ଥିବାରୁ ହତାଶା ଭାବ ଦେଖାଦେଇଛି। କେବେଳ ଲୋକ ଦେଖାଣିଆଭାବେ ପ୍ରତ୍ୟେକ ପଞ୍ଚାୟତରେ ଏକ ହ୍ୱାଟସ୍‌ଆପ ଗ୍ରୁପ୍ ଗଠନ କରାଯାଇ ଚାଷୀଙ୍କ ନାଁକୁ ପଞ୍ଜୀକରଣ କରାଯାଉଛି। ଏହି ଜରିଆରେ ଚାଷୀ ନିଜ ସମସ୍ୟା ଜଣାଇଲେ କୃଷି ଅଧିକାରୀମାନେ ତାହାର ସମାଧାନ କରିବେ ବୋଲି କୁହାଯାଉଛି। ମାତ୍ର ଏହାର ବାସ୍ତବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲକଡାଉନ ସମୟରେ କ୍ଷତିଗ୍ରସ୍ତ ପରିବା ଚାଷୀଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଉଛି।

## ଏମାନେ ଯାହା କୁହନ୍ତି...



ଚାଷୀଙ୍କୁ ଉନ୍ନତ କିସମର ଧାନ ବିହନ ଯୋଗାଇବାରେ ସରକାର ବିଫଳ ହୋଇଆସୁଛନ୍ତି। ଅକ୍ଷୟ ତୃତୀୟା ପରେ ଏବେ ଭଲ ହେଉ କି ମନ୍ଦ, ଚାଷୀ ବିହନ ନେଇ ବିଲକୁ ଯିବ। ତାପରେ ଏହି ଅଞ୍ଚଳରେ ସ୍ୱଳ୍ପ ମିଆଦି ଧାନ ଅମଳ ଉପରେ ଚାଷୀ ଗୁରୁତ୍ୱ ଦେଉଛି। ଏହି ଧାନକୁ ମଣ୍ଡିରେ ଗ୍ରହଣ କରାଯାଉ ନାହିଁ। ଫଳରେ ଚାଷୀମାନେ ଶାଗମାଛ ଦରରେ ଧାନ ବିକ୍ରି କରି କ୍ଷତି ସହୁଛନ୍ତି। ସରକାରଙ୍କ ଯୋଜନା ବାସ୍ତବ ଚାଷୀଙ୍କ କାମରେ ଆସୁନାହିଁ।

**- ନବକିଶୋର ରାଉତ, ଧାନ ଚାଷୀ**



ଚଳିତବର୍ଷ ଖରିଫ ଚାଷ ପାଇଁ ପୁରୁଣା ନିୟମ ମୁତାବକ କାର୍ଯ୍ୟ କରାଯାଉଛି। ଏବେ ପର୍ଯ୍ୟନ୍ତ ଆମ ନିକଟରେ କୌଣସି ପରିବା ମଞ୍ଜି ମହଜୁଦ୍ ନାହିଁ। କେବଳ ଆମ୍ବ, ନଡିଆ, କାଜୁ ଆଦି ଚାରା ଅଛି। ଏହାଛଡା ଚଳିତ କୃଷିବର୍ଷ ପାଇଁ କୌଣସି ନୂଆ ନିୟମାବଳୀ ଅଦ୍ୟାବଧି ଆସି ନାହିଁ।

**- ପ୍ରଭାସ ରଞ୍ଜନ ମଲିକ, ଉଦ୍ୟାନ କୃଷି ଅଧିକାରୀ**

ପରିବା ଚାଷ ତାଙ୍କ ଆୟର ମୂଳ ଉତ୍ସ। ମୁଁ କେବେ ବି ସରକାରୀ ସହାୟତାକୁ ଅପେକ୍ଷା କରି ଚାଷ କରିନି। ସରକାରୀ ସହାୟତା ଠିକ ସମୟରେ ଆସେ ନାହିଁ। ବଜାରରୁ ମଞ୍ଜି କିଣି ଚାଷ କରିବାକୁ ବାଧ ହୁଏ। ସରକାରୀ ବିହନକୁ ଅପେକ୍ଷା କଲେ ଚାଷରେ ଲାଭ ହେବ ନାହିଁ। ତେବେ କରୋନା ପାଇଁ ସରକାର ସବୁ ବର୍ଗର ଲୋକଙ୍କୁ ସହାୟତା ଦେଉଛନ୍ତି। ହେଲେ ଚାଷୀଙ୍କ ପାଇଁ କିଛି ବି ସ୍ୱତନ୍ତ୍ର ବ୍ୟବସ୍ଥା ନ କରିବା ଦୁର୍ଭାଗ୍ୟଜନକ।



**- ପ୍ରଦୀପ୍ତ ନାୟକ, ପରିବା ଚାଷୀ**

ସରକାରୀ ଧାନ ବିହନ ଆଣିବା ପାଇଁ ଡିଲରଙ୍କୁ ଲାଇସେନ୍ସ ଦିଆଯାଇଛି। ଏହାଛଡା ସମବାୟ ସମିତିଗୁଡିକ ବି ଧାନ ସଂଗ୍ରହ କରିପାରିବେ। ତେବେ ସ୍ୱଳ୍ପ ମିଆଦି ଧାନ ବିହନ ମିଳୁ ନ ଥିବାରୁ ଏ ସବୁ ଏଜେନ୍ସି ଧାନ ସଂଗ୍ରହ କରିପାରୁ ନାହାନ୍ତି। ଚଳିତ ବର୍ଷ ଚାଷୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସରକାରୀ ସହାୟତା ଘୋଷଣା ହୋଇଥିବା ସୂଚନା ମୋ ପାଖରେ ନାହିଁ। ଏ ନେଇ କୌଣସି ସୂଚନା ଆସିଲେ ସେହି ମୁତାବକ କାର୍ଯ୍ୟ କରାଯିବ।



**- ଭାଗ୍ୟଧର ସାହୁ, ସହକାରୀ କୃଷି ଅଧିକାରୀ**

## ସଂକ୍ଷେପରେ

### ବୌଦ୍ଧ: ୩୨ ରକ୍ତ ନମୁନା ନେଗେଟିଭ

**ବୌଦ୍ଧ, ୨୮।୪(ସ୍ୱ.ପ୍ର):** ବୌଦ୍ଧରୁ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିବା ୩୨ଟି ରକ୍ତ ନମୁନା କରୋନା ନେଗେଟିଭ ବାହାରିଛି। ଜିଲାରୁ ୮୦ରୁ ଉର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ସବୁ ନମୁନା ନେଗେଟିଭ ବାହାରିଛି। ଜିଲା ବାହାରୁ ବହୁ ସଂଖ୍ୟାରେ ଲୋକ ଜିଲାରେ ପ୍ରବେଶ କରୁଥିବାବେଳେ ଏହା ଜିଲାବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଅଭିଯୋଗ ପରେ ବହୁ ଲୋକଙ୍କୁ ଆଣି କ୍ୱାରାଣ୍ଟାଇନରେ ରଖାଯାଇଛି କିମ୍ବା ନିଜ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ତିନିଦିନ ତଳେ ୩୨ ଜଣଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସମସ୍ତ ନମୁନା ନେଗେଟିଭ ଆସିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

### ଗୁଟ୍‌ଖା ବ୍ୟବସାୟୀଙ୍କ ଦୋକାନରେ ଚଢ଼ାଉ



**କୋରୁକୋଣ୍ଡା, ୨୮।୪(ଡି.ଏନ.ଏ):** ମାଲକାନଗିରି ଜିଲା ବାଲିମେଲା ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ଦୁର୍ଗାସାହିରେ ଥିବା ଗୁଟ୍‌ଖା ବ୍ୟବସାୟୀ ଟି.ଶଙ୍କର ପାତ୍ରଙ୍କ ଦୋକାନରେ ମଙ୍ଗଳବାର ଚଢାଉ ହୋଇଛି। ବହୁ ପରିମାଣରେ ଗୁଟ୍‌ଖା ସହ ତାରିଖ ଅତିକ୍ରାନ୍ତ କରିଯାଇଥିବା କୁରକୁରି, ବିସ୍କୁଟ, ଘିଅ, ତେଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଶାସନ ଜବତ କରିଛି। ଏହି ଚଢାଉରେ ତହସିଲଦାର ଟି. ପଦ୍ମନାଭ ଦୋରା, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ, ଚିତ୍ରକୋଣ୍ଡା ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ, ରାଜସ୍ୱ ନିରୀକ୍ଷକ ଲମ୍ବୋଦର ପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ସାମିଲ ହୋଇଥିଲେ। ଜବତ ଗୁଟ୍‌ଖାଗୁଡିକୁ ସ୍ଥାନୀୟ ଡ଼ମ୍ପିଂ ୟାର୍ଡ ଠାରେ ଜାଳି ନଷ୍ଟ କରାଯାଇଛି। ବର୍ତ୍ତମାନ କରୋନା ସମୟରେ ଏତେ ପରିମାଣର ଗୁଟୁଖା କେଉଁଠୁ କିପରି ଆସିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଗୁଟ୍‌ଖା ବ୍ୟବସାୟୀଙ୍କ ଉପରେ ଆଗକୁ ମଧ ଚଡାଉ ହେବ ବୋଲି ତହସିଲଦାର ଦୋରା କହିଛନ୍ତି।

### ରାଜପଥ କଡ଼ରୁ ମିଳିଲା ମୃତଦେହ

**ପଟ୍ଟାଙ୍ଗି, ୨୮।୪(ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ରାଲେଗଡ଼ା ପଞ୍ଚାୟତ ବୋଡାପାଡୁ ଗ୍ରାମ ରାଜପଥ ପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ଥାନା ଅଧିକାରୀ ବିଜୟ ରାଜ ମାଝି ଖବର ପାଇବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଗୋଲକ ପଟ୍ଟନାୟକ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛନ୍ତି। ସେଠାରେ ମୃତଦେହ ଚିହ୍ନଟ ପାଇଁ ତିନି ଦିନ ଯାଏ ରଖାଯିବ। ମୃତଦେହ ଗ୍ରହଣ କରିବା ପାଇଁ କେହି ନ ଆସିଲେ ପୋଲିସ ତାହାର ସଂସ୍କାର କରିବ। ଅନ୍ୟପକ୍ଷରେ ପୋଲିସ ଏନେଇ କେସ୍ ନଂ ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାଲେଗଡ଼ା ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମୃତକ ଜଣେ ମାନସିକ ଅସୁସ୍ଥ ବ୍ୟକ୍ତି। ଗତ ତିନି ଦିନ ଧରି ପଞ୍ଚାୟତ ସଦର ମହକୁମାରେ ବୁଲୁଥିବା ସେହି ବ୍ୟକ୍ତି ଜଣକ ନିକଟସ୍ଥ ଚାଷଜମିରେ କାମ କରୁଥିବା ଲୋକଙ୍କଠାରୁ ଖାଦ୍ୟ ମାଗି ଖାଇବା ପରେ ପାଖ ଗଛମୂଳେ ଶୋଇଯାଇଥିଲେ।

### କିନ୍ନରଙ୍କୁ ସହାୟତା ଦେଲେ ବିଧାୟକ

**ଜୟପୁର, ୨୮।୪(ନି.ପ୍ର.):** ଜୟପୁର ଉପଖଣ୍ଡ ଚିକିତ୍ସାଳୟରେ ସୁରକ୍ଷାକର୍ମୀ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇଥିବା କିନ୍ନରମାନେ ଏବେ ତାଲାବନ୍ଦ ଯୋଗୁ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ସେମାନଙ୍କ ଦୁଃଖ ବୁଝିବା ସହ ସହାୟତାର ହାତ ବଢ଼ାଇଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ସେ କିନ୍ନରମାନଙ୍କୁ ଶୁଖିଲା ଖାଦ୍ୟ ଓ ଅନ୍ୟ ଦୈନନ୍ଦିନ ଜରୁରୀ ଜିନିଷ ପ୍ରଦାନ କରିଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସମ୍ପାଦକ ଏ. ରମେଶ ଚିନ୍ଟୁ, କୋରାପୁଟ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, ସେକ ଜାଫର କିନ୍ନରଙ୍କୁ ସାମାଜିକ ଦୂରତା ରଖି ଚଳିବା ପାଇଁ ପରାମର୍ଶ ଦେଇଛନ୍ତି।

# ତାତି ଭାଙ୍ଗିବ ରେକର୍ଡ



**ୱାଶିଂଟନ:**

୨୦୨୦ ସର୍ବାଧିକ ଉତ୍ତପ୍ତ ବର୍ଷ ହେବ। ହୁଏତ ଚଳିତ ବର୍ଷର ତାତି ସମସ୍ତ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇପାରେ। ଏପରି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ତାତି ରେକର୍ଡ ଭାଙ୍ଗିବା ୫୦ରୁ ୭୫ ପ୍ରତିଶତ ସମ୍ଭାବନା ରହିଥିବା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ୪ବର୍ଷ ତଳେ ଅର୍ଥାତ୍ ୨୦୧୬ରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ତେବେ ୨୦୨୦ରେ ତାତି ନୂଆ ରେକର୍ଡ କରିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ବିଶେଷଜ୍ଞ।

କରୋନା ମହାମାରୀ ଯୋଗୁ ପୃଥିବୀର ବାୟୁମଣ୍ଡଳ ସାମୟିକ ଭାବେ ପରିଷ୍କାର ହୋଇଯାଇଛି। କାର୍ବନର ପରିମାଣ କମ୍ ରହିଛି ସତ, ହେଲେ ଅଦ୍ୟାବଧି ଏହା ଆଶାଜନକସ୍ତରରେ ପହଞ୍ଚିନାହିଁ। ଏହି କାରଣରୁ ପୂର୍ବବର୍ଷ ତୁଳନାରେ ତାତି ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଜାନୁୟାରୀଠାରୁ ଆଣ୍ଟାର୍କଟିକାରୁ ଆରମ୍ଭ କରି ଗ୍ରୀନ୍‌ଲାଣ୍ଡ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାରେ ଲାଗିଥିଲା। ଚଳିତବର୍ଷ ତାପମାତ୍ରା ବୃଦ୍ଧି ପାଇଁ ଏଲ୍ ନିନୋ ପ୍ରଭାବ ଦାୟୀ ରହିବ ନାହିଁ। କିନ୍ତୁ ପାରମ୍ପରିକ ଭାବେ ଏହା ଏକ ଉତ୍ତପ୍ତ ବର୍ଷ ହେବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ଆମେରିକାର ଜାତୀୟ ସାମୁଦ୍ରିକ ଏବଂ ବାୟୁମଣ୍ଡଳୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି, ଚଳିତବର୍ଷ ଅଧିକ ତାପମାତ୍ରା ଅନୁଭୂତ ହେବାର ସମ୍ଭାବନା ରହିଛି। ଏହା ଗତ ୫ବର୍ଷର ତାପମାତ୍ରା ରେକର୍ଡକୁ ଭଙ୍ଗ କରିବାର ସମ୍ଭାବନା ୯୯.୯ ପ୍ରତିଶତ ବୋଲି ସୂଚନା ଦିଆଯାଇଛି। ଏହି ମର୍ମରେ ନାସା ଗୋଡାର୍ଡ ସ୍ପେସ୍ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଗାଭିନ୍ ସ୍କିମଡିଟ୍ କହିଛନ୍ତି, ଚଳିତ ବର୍ଷ ଅଧିକ ତାପମାତ୍ରା ଅନୁଭୂତ ହେବାର ସମ୍ଭାବନା ୬୦%। ସେହିପରି ବ୍ରିଟେନର ମେଟ୍ ଅଫିସ୍ ଇନଷ୍ଟିଚ୍ୟୁଟ୍ କହିଛି, ଚଳିତବର୍ଷ ତାପମାତ୍ରା ବୃଦ୍ଧି ପାଇବାର ଅନୁମାନ ୫୦%। ଫେବୃୟାରୀରେ ଆଣ୍ଟାର୍କଟିକାର ରିସର୍ଚ୍ଚ ବେସ୍‌ରେ ତାପମାତ୍ରା ୨୦ ଡିଗ୍ରୀ ଏବଂ ଗ୍ରୀନ୍‌ଲାଣ୍ଡରେ ଏପ୍ରିଲ୍‌ରେ ୬ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ରେକର୍ଡ ହୋଇଥିଲା। ଏହି ସମୟରେ ପୂର୍ବ ୟୁରୋପ ଏବଂ ଏସିଆରେ ତାପମାତ୍ରା ସ୍ୱାଭାବିକଠାରୁ ୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ଅଧିକ ରହିଛି। ଲସ୍‌ଏଞ୍ଜେଲସ୍‌ରେ ଗତ ସପ୍ତାହରେ ତାପମାତ୍ରା ୩୪ ଡିଗ୍ରୀ ରହିଥିଲା। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପାଣିପାଗ ବିଶେଷଜ୍ଞ କାରଷ୍ଟେନ ହଷ୍ଟେନ କହିଛନ୍ତି, କରୋନା ମହାମାରୀ ଯୋଗୁ କାର୍ବନ ନିର୍ଗମନ କମ୍ ରହିଥିଲେ ମଧ ଗ୍ରୀନ୍ ହାଉସ୍ ଗ୍ୟାସ୍‌ସ୍ତର ହ୍ରାସ ପାଇ ପାରିନାହିଁ। ତେଣୁ ତାପମାତ୍ରା ଚଳିତ ବର୍ଷ ଅଧିକ ରହିବ। ଏ କ୍ଷେତ୍ରରେ ବିଭିନ୍ନ ଦେଶର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ସ୍ଥିତିରେ ସୁଧାର ଆସିବାର ଆଶା ରହିଥିବା ମେଟ୍ ଅଫିସ୍ ପ୍ରବକ୍ତା ଗ୍ରାହାମ୍ ମାଡ୍‌ଜେ କହିଛନ୍ତି।

# ମୈଇଲାସୁର ଜଙ୍ଗଲରେ ମାଓବାଦୀ ଆଡ୍ଡା

**ଏମଭି୭୯/ ପଡ଼ିଆ, ୨୮।୪ (ଡି.ଏନ.ଏ.)**

**ଯବାନଙ୍କୁ ଦେଖି ଛତ୍ରଭଙ୍ଗ**

ମାଲକାନାଗିରି ଜିଲା ସୀମାନ୍ତ ଛତିଶଗଡର ଭେଜି ଥାନା ଅନ୍ତର୍ଗତ ମୈଇଲାସୁର ଜଙ୍ଗଲରେ ସୋମବାର ମାଓବାଦୀମାନେ ଏକତ୍ରିତ ହୋଇଥିବା ସୂଚନା ପାଇ ଡିଆର୍‌ଜିଏଫ୍, ଏସଟିଏଫ୍ ଓ କୋବ୍ରା-୨୦୨ ବାହିନୀର ଯବାନମାନେ ଚଡାଉ କରିଥିଲେ। ଯବାନମାନେ ଆସୁଥିବା ସୂଚନା ପାଇ ମାଓବାଦୀମାନେ ବନ୍ଧୁକ ଓ ବିଭିନ୍ନ ସମାଗ୍ରୀ ଛାଡି ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ। ଅନେକ ସମୟ ଧରି ଯବାନମାନେ ସେମାନଙ୍କୁ ଘଞ୍ଚ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ଯବାନ ମାନେ ଆଖପାଖ ଅଞ୍ଚଳ ତନଖି କରି ମାଓବାଦୀ କ୍ୟାମ୍ପରୁ ୫ଟି ବନ୍ଧୁକ, ୨ଟି ଗୁଳି ପାଉଚ, ଗୋଟିଏ ବିଦ୍ୟୁତ୍ ତାର କଏଲ, ଗନ ପାଉଡର, ଲୁହା ଖଣ୍ଡ, ଛୁରି, ପୋଷାକ, ୩ଟି ପଲିଥିନ, ବ୍ୟାନର, ବ୍ୟାଟେରି, ଔଷଧ, ମାଓବାଦୀ ପୁସ୍ତକ ସମେତ ଅନ୍ୟାନ୍ୟ ଜିନିଷ ଜବତ କରିଥିବା ସୁକ୍‌ମା ଏସ୍‌ପି ସଲଭ ସିହ୍ନା ସୂଚନା ଦେଇଛନ୍ତି।



ଜବତ ହୋଇଥିବା ମାରଣାସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ।

# ନାବାଳିକା ବିବାହ ଯୋଜନା ଧରାପଡ଼ିଲା

**ବୌଦ୍ଧ, ୨୮।୪(ସ୍ୱ.ପ୍ର)**



ଗିରଫ ୩ ଅଭିଯୁକ୍ତ।

■ଜାଲ୍ କାର ପାସ୍ ବ୍ୟବହାର କରାଯାଇଥିଲା

■ମାଲିକଙ୍କ ସମେତ ୩ ଗିରଫ, ଗାଡ଼ି ଜବତ

■ପୋଲିସ ଅଟକାଇଲା ବାହାଘର

ଜଣେ ନାବାଳିକାଙ୍କ ବିବାହ ଯୋଜନା ପୋଲିସ ହାତରେ ଧରାପଡିଛି । ଏହି ବିବାହରେ ବ୍ୟବହୃତ କାର ପାଇଁ ଜାଲ୍ ପାସ୍ ବ୍ୟବହାର କରାଯାଇଥିବା ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କାର ମାଲିକ ବୌଦ୍ଧ ନାରାୟଣପୁର ଗାଁର ଅର୍ଜୁନ ପୃଷ୍ଟି, ଜନସେବା କେନ୍ଦ୍ରର ମାଲିକ ଅରୁଣ କୁମାର ମହାପାତ୍ର ଓ କାର୍ ଚାଳକ ପଳାସ ଗ୍ରାମର ଜିତେନ୍ଦ୍ର ଦ୍ୱାରି। ପୋଲିସ ବ୍ୟବହୃତ କାର୍‌କୁ ଜବତ କରି ତଦନ୍ତ ଜାରି ରଖିଛି । ଉକ୍ତ ଘଟଣା ପରେ ସମ୍ପୃକ୍ତ ନାବାଳିକାଙ୍କ ବିବାହ ଅଟକିଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ସକାଳେ ବୌଦ୍ଧ ପୋଲିସ ପକ୍ଷରୁ ସହରର ବ୍ରିଜ ଛକରେ ଗାଡ଼ି ମୋଟର ଚଳାଚଳର ତନଖି କରାଯାଉଥିଲା । ଏହି ସମୟରେ ଏକ ପାସ୍ ଲାଗିଥିବା ଏକ କାର (ନଂ.ଓଡି-୨୭-୮୬୮୬) ସୋନପୁର ଆଡକୁ ଯାଉଥିଲା। ପୋଲିସ କର୍ମଚାରୀ ଉକ୍ତ ଗାଡିକୁ ଅଟକାଇ ଥିଲେ। ଗାଡି ଭିତରେ ୫ ଜଣ ବସିଥିଲେ। ପଚରାଉଚରା ବେଳେ ଏକ ବିବାହ କାର୍ଯ୍ୟରେ କନ୍ୟା ଓ ତାଙ୍କ ପରିବାର ଲୋକଙ୍କୁ ଧରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଇଚ୍ଛାପୁର ଗ୍ରାମକୁ ଯାଉଥିବା ଡ୍ରାଇଭର ପ୍ରକାଶ କରିଥିଲେ। ହେଲେ ଗାଡ଼ି ପାସ୍‌ରେ ମେଡିକାଲ କାମରେ ଯାଉଥିବା ଉଲ୍ଲେଖ ଥିବାରୁ ପୋଲିସ ଗାଡ଼ି ସହ ସମସ୍ତ ଯାତ୍ରୀଙ୍କୁ ବୌଦ୍ଧ ଥାନାକୁ ଆଣିଥିଲା। ତଦନ୍ତ ପରେ ବିବାହ କରିବାକୁ ଯାଉଥିବା କନ୍ୟା ଜଣକ ନାବାଳିକା ଥିବା ଜଣାପଡିଥିଲା । ଏହାପରେ ପୋଲିସ ଗାଡିରେ ଥିବା ନାବାଳିକାଙ୍କ ବିବାହ ରୋକିଥିଲା । ଏହାପରେ ପୋଲିସ ଗାଡିରେ ଲାଗିଥିବା ପାସ୍‌ର ବୈଧତା ନେଇ ଖୋଳତାଡ ଆରମ୍ଭ କରିଥିଲା । ଏହା ଜାଲ୍ ଥିବା ଏବଂ ବୌଦ୍ଧ ସହରର ରାମମନ୍ଦିର ନିକଟ ଜନସେବା କେନ୍ଦ୍ରରେ ପ୍ରସ୍ତୁତ କରାଯାଇଥିବା ଜଣାପଡିଥିଲା। ଗାଡି ମାଲିକ ପୃଷ୍ଟି ନିଜ ତ୍ରୁଟି ସ୍ୱୀକାର କରିବା ପରେ ପୋଲିସ ଜନସେବା କେନ୍ଦ୍ରର ମାଲିକ ମହାପାତ୍ରଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିଥିଲା । ସେ ମଧ୍ୟ ଜାଲ୍ ପାସ୍ ପ୍ରସ୍ତୁତ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ବୌଦ୍ଧ ପୋଲିସ ପକ୍ଷରୁ ଜାଲ୍ ପାସ୍ ପ୍ରସ୍ତୁତି ଓ କରୋନା କଟକଣା ଉଲ୍ଲଂଘନ ନେଇ ଏକ ମାମଲା (ନଂ.୧୧୨/୨୦)ରୁଜୁ କରାଯାଇଛି। ଗାଡି ମାଲିକ ପୃଷ୍ଟି, ଡ୍ରାଇଭର ଦ୍ୱାରି ଓ ଜନସେବା କେନ୍ଦ୍ର ମାଲିକ ମହାପାତ୍ରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁର କହିଛନ୍ତି।

### ୨ ଦୋକାନ ସିଲ୍

**କୁଡୁମୁଲୁଗୁମ୍ମା, ୨୮।୪(ଡି.ଏନ.ଏ.)**

କରୋନା ନିୟମ ଉଲ୍ଲଂଘନ କରିବାରୁ ମାଲକାନଗିରି ଜିଲା ଖଇରପୁଟ ବ୍ଲକର କୁଡୁମୁଲୁଗୁମ୍ମା ବଜାରରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଚଡାଉ କରାଯାଇ ୨ ଦୋକାନ ସିଲ୍ କରାଯାଇଛି। ୪ ଦୋକାନରୁ ଜରିମାନା ଆଦାୟ ହୋଇଛି। ସିଲ୍ ହୋଇଥିବା ଦୋକାନ ମଧ୍ୟରେ ଗୋଟିଏ ଲୁଗା ଓ ଗୋଟିଏ ଚପଲ ଦୋକାନ ବୋଲି ଜଣାପଡିଛି। ଚଡାଉରେ ଏନଫୋର୍ସମେଣ୍ଟର ରାମଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର ଅଶୋକ ମୁଦୁଲି, ଥାନା ଅଧିକାରୀ କୃତିବାସ ବେହେରା ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ବୈପାରିଗୁଡ଼ା, ୨୮।୪(ଡି.ଏନ୍.ଏ.)**

**ମାମଲା ଲଢ଼ିବାକୁ ମନାକଲା ଓକିଲ ସଂଘ**

ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ କୋରାପୁଟ ଜିଲା ବୈପାରିଗୁଡ଼ା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଉମୁରିଆଗୁଡ଼ା ଗ୍ରାମର ଘେନୁ ପରଜା (୨୩)। ସୂଚନା ଅନୁଯାୟୀ, ଗତ ୨୫ ତାରିଖ ଜଣେ ୮ ବର୍ଷର ବାଳିକାଙ୍କୁ ଘରେ କେହି ନ ଥିବା ସୁଯୋଗରେ ଆମ୍ବ ଦେବା ନାଁ ଘରକୁ ଡାକିନେଇ ବଳାତ୍କାର କରିଥିଲେ ଘେନୁ। ନାବାଳିକାଙ୍କ ପରିବାର ଲୋକେ ଏହା ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ତେବେ ଏହି ଅଭିଯୁକ୍ତ ଜଣଙ୍କ ପାଇଁ କେହି ମାମଲା ଲଢ଼ିବେ ନାହିଁ ବୋଲି ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘର ସଦସ୍ୟମାନେ କହିଛନ୍ତି।

# ଆଇସୋଲେଶନ ସେଣ୍ଟରରେ ଶ୍ରମିକଙ୍କ ଆନ୍ଦୋଳନ

**ପଟ୍ଟାଙ୍ଗି, ୨୮।୪(ଡି.ଏନ୍.ଏ.)**

**ଘରକୁ ଫେରିବା ପାଇଁ ଜିଦ୍ କରିବାରୁ ବୁଝାଶୁଝା କଲେ ଏସ୍‌ପି**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିବା ଆଇସୋଲେଶନ ସେଣ୍ଟରରେ ଥିବା ଶ୍ରମିକମାନେ ଆନ୍ଦୋଳନ ଚଳାଇଛନ୍ତି। ନିଜ ଘରକୁ ଫେରିବା ପାଇଁ ସେମାନେ ସେଣ୍ଟରରେ ମିଳୁଥିବା ସମସ୍ତ ସୁବିଧାକୁ କିଛିଦିନ ହେଲା ବର୍ଜନ କରିଛନ୍ତି। ଖବର ପାଇ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ ମଙ୍ଗଳବାର ସେହି ସେଣ୍ଟରରେ ପହଞ୍ଚି ଆନ୍ଦୋଳନରତ ଲୋକଙ୍କୁ ବୁଝାଶୁଝା କରିଛନ୍ତି। ସରକାରୀ ନିର୍ଦ୍ଦେଶ ନ ଆସିବା ଯାଏ କାହାକୁ ଛଡ଼ାଯାଇ ପାରିବ ନାହିଁ। ଏଠାରେ ସେମାନେ ସୁରକ୍ଷିତ ରହିପାରିବେ ବୋଲି ଦାଦନ ଶ୍ରମିକମାନଙ୍କୁ ବୁଝାଇଥିଲେ ଏସ୍‌ପି। ଉଲ୍ଲେଖଯୋଗ୍ୟ, ଗତ ୨ ତାରିଖରେ ପଟ୍ଟାଙ୍ଗି ବ୍ଲକ ଦେଇ ରାଜସ୍ଥାନ ଯାଉଥିବା ଏକ ଟ୍ରଲର ଗାଡ଼ିରୁ ୪୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା ପୋଲିସ। ସ୍ଥାନୀୟ ମେଡିକାଲରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିବା ଆଇସୋଲେଶନ ସେଣ୍ଟରରେ ରଖାଯାଇଥିଲା। ଅନ୍ୟପକ୍ଷରେ ଗସ୍ତ ବେଳେ ଏସ୍‌ପି ସୁଙ୍କି ପଞ୍ଚାୟତରେ ନିର୍ମାଣାଧୀନ ନୂତନ ଥାନା ଓ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସ୍ଥିତି ମଧ ଅନୁଧ୍ୟାନ କରିଥିଲେ।



ପଟ୍ଟାଙ୍ଗିସ୍ଥିତ ଆଇସୋଲେଶନ ସେଣ୍ଟରରେ ଥିବା ବାହାର ରାଜ୍ୟର ଶ୍ରମିକମାନଙ୍କୁ ବୁଝାଶୁଝା କରୁଛନ୍ତି କୋରାପୁଟ ଏସ୍‌ପି।

# ବିକ୍ରି ହେଲାନି, ରାସ୍ତାରେ ଢାଳିଲେ କ୍ଷୀର



ରାମପୁରରେ ଚାଷୀମାନେ ରାସ୍ତାରେ କ୍ଷୀର ଢାଳୁଛନ୍ତି ।

**ସୋନପୁର, ୨୮।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଦୁଗ୍ଧ ଶୀତଳ କେନ୍ଦ୍ର ସମ୍ମୁଖ ରାସ୍ତାରେ ମଙ୍ଗଳବାର ଚାଷୀମାନେ କ୍ଷୀର ଢାଳି ପ୍ରତିବାଦ ଜଣାଇଛନ୍ତି। ଓମ୍‌ଫେଡ୍ ଚାଷୀଙ୍କ ପାଖରୁ କ୍ଷୀର ନେବାକୁ ମନା କରିବା ପରେ ସେମାନେ ଏପରି ଅସନ୍ତୋଷ ଜାହିର କରିଛନ୍ତି। ରାମପୁର, ଅଇଳାମୁଣ୍ଡା, ନାଇକେନପାଲି, ସାରସମାଲ, ପଣ୍ଡକିଟାଲ, ବଲେନପାଲି, ତେଲିପାଲି, ଚନ୍ଦଲି, ଭବାନୀପାଲି, କଣ୍ଟାପାଲି ଓ ଟାଙ୍ଗରକର୍ଲେ ଅଞ୍ଚଳର ଶତାଧିକ ଗୋଚାଷୀ ସେଠାରେ ଏକତ୍ରିତ ହୋଇଥିଲେ । ସେମାନେ ନିଜ ନିଜ ଦୁଗ୍ଧପାତ୍ରରେ ଆଣିଥିବା ପ୍ରାୟ ୨ହଜାର ଲିଟର କ୍ଷୀର ରାସ୍ତାରେ ଢାଳି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

ଓମ୍‌ଫେଡ ସ୍ଥାନୀୟ ଗୋଚାଷୀଙ୍କଠାରୁ ଦୁଗ୍ଧ କିଣି ସମ୍ବଲପୁରସ୍ଥିତ ପ୍ଲାଣ୍ଟରେ ପ୍ରୋସେସିଂ କରି ବଜାରରେ ଦୁଗ୍ଧ, ଦୁଗ୍ଧରୁ ପ୍ରସ୍ତୁତ ଦହି, ଛେନା, ପନିର, ରାବିଡି ଓ ଲସି ବିକ୍ରି କରିଥାଏ। ଲକ୍‌ଡାଉନ ଘୋଷଣା ପରେ ଦୁଗ୍ଧ ଓ ଦୁଗ୍ଧରୁ ପ୍ରସ୍ତୁତ ଖାଦ୍ୟ ବିକ୍ରିବଟାରେ କଟକଣା ନ ଥିଲେ ହେଁ ଆଗଭଳି ବିକ୍ରି ହେଉନି। ତେଣୁ ଓମ୍‌ଫେଡ୍ ଚାଷୀଙ୍କ ନିକଟରୁ କିଛି ଦିନ ଗୋଟିଏ ଦିନ ଅନ୍ତରରେ କ୍ଷୀର କିଣୁଥିଲା। ମଙ୍ଗଳବାରଠାରୁ ଦୁଇ ଦିନ ଅନ୍ତରରେ ଚାଷୀଙ୍କ ନିକଟରୁ କ୍ଷୀର ନେବାକୁ କର୍ତ୍ତୃପକ୍ଷ କହିବା ପରେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଗୋଚାଷୀ ସରୋଜ କଲତା କୁହନ୍ତି, ବ୍ୟାଙ୍କରୁ ଋଣ କରି ୩୫ରୁ ୪୦ ହଜାର ଟଙ୍କାରେ ଗୋଟିଏ ଲେଖାଏଁ ଗାଈ କିଣିଛୁ । ଦୁଗ୍ଧ ବିକ୍ରି ନ ହେଲେ ବ୍ୟାଙ୍କ ଋଣ କିପରି ଶୁଝିବୁ। ଚାଷୀ ସହଦେବ ଦନ୍ତା କୁହନ୍ତି, ଦୁଗ୍ଧ ବିକ୍ରି ନ ହେଲେ ଗାଈକୁ କଣ ଖାଇବାକୁ ଦେବୁ ଓ ପରିବାର କିଭଳି ପ୍ରତି ପୋଷଣ କରିବୁ । ସରକାର ଗୋଚାଷୀଙ୍କୁ ସହାୟତା ଓ ଗାଈଙ୍କୁ ଦାନା ଯୋଗାଇ ଦେବାକୁ ମଠ ପୁଟେଲ, ବିକାଶ ଅଗ୍ରୱାଲା, ଦୀନବନ୍ଧୁ ମେହେର, ବୀରେନ୍ଦ୍ର ମାଟି, ପ୍ରଫୁଲ୍ଲ କୁମ୍ଭାର ଓ ପରମା ଥାଟି ପ୍ରମୁଖ ଗୋଚାଷୀ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଗୋଚାଷୀମାନେ ଏପରି କ୍ଷୀର ନଷ୍ଟ ନ କରି ଅସହାୟ ଶିଶୁଙ୍କୁ ତାହା ବଣ୍ଟନ କରି ଅଭିନବ ପ୍ରତିବାଦ କରିଥିଲେ ସମାଜକୁ ଏକ ଭର୍ତ୍ତା ଯାଇଥାନ୍ତା ବୋଲି ବୃଦ୍ଧିଜୀବୀମାନେ ମତ ଦେଇଛନ୍ତି ।

### ପୂଜାର୍ଚ୍ଚନା ପାଇଁ ଭାଙ୍ଗିଲେ କଟକଣା

**ଅନୁଗୋଳ ଅଫିସ, ୨୮।୪–** ଅନୁଗୋଳ ହୁଲୁରିସିଂହା ଅଞ୍ଚଳରେ କାଳିସୀ ଲାଗିଥିବା ବିଶ୍ୱାସ କରି କିଛି ଲୋକ ଲକ୍‌ଡାଉନ କଟକଣା ଭାଙ୍ଗି ପୂଜାର୍ଚ୍ଚନା ପାଇଁ ରୁଣ୍ଡ ହୋଇଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚିଥିଲା। ପୋଲିସ ଗାଡ଼ି ଦେଖି ରୁଣ୍ଡ ହୋଇଥିବା ଲୋକେ ଦୌଡ଼ି ପଳାଇ ଯାଇଥିଲେ।

# ସିଲ୍ ହେଲା ସେକ୍ଟର ୧୮ ମାର୍କେଟ

**ରାଉରକେଲା ଅଫିସ, ୨୮।୪**

**ରାଉରକେଲାରେ ପୁଣି ୪ କରୋନା ରୋଗୀ ଚିହ୍ନଟ ପରେ ଆତଙ୍କ**



ସେକ୍ଟର ୧୮ ମାର୍କେଟରେ ପୋଲିସ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମଙ୍ଗଳବାର ସକାଳେ ରାଉରକେଲାରେ ଆଉ ୪ କରୋନା ରୋଗୀ ଚିହ୍ନଟ ହେବା ପରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଥିପାଇଁ ସେକ୍ଟର ୧୮ ଅଞ୍ଚଳକୁ ପ୍ରଶାସନ ସିଲ୍ କରିଛି। ନାଲା ରୋଡ୍ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି । ସେଠାରେ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଉପରୋକ୍ତ ୪ ରୋଗୀଙ୍କୁ ମିଶାଇ ସୁନ୍ଦରଗଡ଼ ଜିଲରେ କରୋନା ପଜିଟିଭ ସଂଖ୍ୟା ୧୦ରେ ପହଞ୍ଚିଛି। ପୂର୍ବରୁ ବିଶ୍ରା ଅଞ୍ଚଳର ଚିହ୍ନଟ ହୋଇଥିବା ୩ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ଗତ ୨୬ ତାରିଖରେ ବିଶ୍ରା ଅନ୍ତର୍ଗତ ଗୁଡଗୁଡଜୋର ଅଞ୍ଚଳର ୨ ଓ ନାଲାରୋଡ୍‌ର ଜଣେ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ସେବେଠୁ ନାଲା ରୋଡ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଓ ତା'ସଂଲଗ୍ନ ଅଞ୍ଚଳକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଛି। ଚିହ୍ନଟ ନୂଆ ରୋଗୀଙ୍କ ମଧ୍ୟରେ ଜଣେ ସେକ୍ଟର ୧୮ ଦୋକାନୀଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ଏଣୁ ସେଠାକାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ମହାନଗର ନିଗମ ପକ୍ଷରୁ ସିଲ୍ କରାଯାଇଛି। ଏହି ଅଞ୍ଚଳର ୨୦ ଜଣଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଚିହ୍ନଟ ୪ଜଣଙ୍କୁ ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନାଲା ରୋଡ୍ କଣ୍ଟେନମେଣ୍ଟ ଅଞ୍ଚଳରେ ପାଖାପାଖି ସାଢେ ୩ ହଜାରରୁ ଉର୍ଦ୍ଧ୍ୱ ଘର ରହିଛି, ଯାହା ପ୍ରଶାସନକୁ ଚିନ୍ତାରେ ପକାଇଛି। ସେହି ଅଞ୍ଚଳରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ୮୩ ଟିମ୍, ସାନିଟାଇଜେଶନ ପାଇଁ ୨୦ଟିମ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିମନ୍ତେ ୧୪ ଟିମ୍‌କୁ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କୁ ଅଣାଯାଇ କାମରେ ଲଗାଯାଉଛି। କଣ୍ଟେନମେଣ୍ଟ ଅଞ୍ଚଳ ବାସିନ୍ଦାଙ୍କ ସମସ୍ୟା ବୁଝିବାକୁ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଲକ୍‌ଡାଉନ ସତ୍ତ୍ୱେ କେତେଜଣ ଅମାନିଆ ରାସ୍ତାଘାଟରେ ବୁଲୁଥିବାରୁ ସାଧାରଣରେ ଚିନ୍ତା ବଢ଼ିଛି। ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ମଙ୍ଗଳବାର ସହରର ରିଂ ରୋଡ୍‌ରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଆବଶ୍ୟକ ହେଲେ ଡ୍ରୋନ ସାହାଯ୍ୟରେ ସହରର ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସାଇନିଟାଇଜ କରାଯିବ ବୋଲି ସୂଚନା ମିଳିଛି।

## ସଫଳ କାହାଣୀ

# ଲୁହା ଲଙ୍ଗଳ ଦେଇଛି ପରିଚୟ

ସେ ନିଜେ ଜଣେ ଚାଷୀ। ନିଜ ଉଦ୍ୟମରେ ସେ ତିଆରି କରୁଛନ୍ତି ଲୁହାର ଲଙ୍ଗଳ। ଆଉ ଏହାକୁ ଚାଷୀମାନଙ୍କୁ ଯୋଗାଉଛନ୍ତି। ଚାଷୀଙ୍କ ସମସ୍ୟାକୁ ଦୂରେଇବା ଲାଗି ତାଙ୍କର ପ୍ରଚେଷ୍ଟା ତାଙ୍କୁ ଆଣିଦେଇଛି ସଫଳତା। ସେ ହେଲେ ସୁବାସ ମହାନ୍ତ। କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଚଉଠିଆ ପଞ୍ଚାୟତର ବାରଣା ଗ୍ରାମରେ ତାଙ୍କର ଘର। ମା' ପାଟରାଣୀ ଓ ବାପାଙ୍କ ନାମ ଛୁଟୁରାମ ମହାନ୍ତ।

ପିଲାଟି ଦିନରୁ ମା' ବାପାଙ୍କ ସହିତ ବିଲକୁ ଯାଇ ହଳକାର୍ଯ୍ୟରେ ସହଯୋଗ କରିଆସୁଥିଲେ। ଆଉ କାଠରେ ତିଆରି ଲଙ୍ଗଳ ଯୋଗୁ ଦେଖାଦେଉଥିବା ସମସ୍ୟାକୁ ସେ ନଜର କରୁଥିଲେ। ଜଙ୍ଗଲ ଅବକ୍ଷୟ ରୋକିବା ସହ ବାରମ୍ବାର ମରାମତି କରିବା ଓ ଲଙ୍ଗଳ ନଷ୍ଟ ହୋଇଗଲେ ପୁଣି କାଠ ଯୋଗାଡ଼ କରି ନୂଆ ଲଙ୍ଗଳ ତିଆରି କରିବା କଷ୍ଟକର ହେଉଥିଲା। ପରବର୍ତ୍ତୀ ସମୟରେ ଦୀର୍ଘସ୍ଥାୟୀ ଲଙ୍ଗଳ ନିର୍ମାଣ ପାଇଁ ଉଦ୍ୟମ ଚଳାଇଲେ। ଆଉ ଲୁହାରେ ଲଙ୍ଗଳ ତିଆରି କରି ଚାଷୀଙ୍କୁ ଯୋଗାଇବା ଲାଗି ମନସ୍ଥ କରିଥିଲେ। ପାଠପଢ଼ା ଛାଡ଼ିବାପରେ ଗାଁରେ ଥିବା ଏକ ୱେଲଡିଂ ଦୋକାନରେ କାମ କରୁଥିଲେ। ଏହାପରେ ସେ ସମ୍ପର୍କୀୟଙ୍କ ଠାରୁ କିଛି ଅର୍ଥ ସାହାଯ୍ୟ ପାଇ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ଗ୍ରାମରେ ୱେଲଡିଂ ଦୋକାନ ଆରମ୍ଭ କଲେ। ଆଉ ସେହିଠାରେ ହିଁ ତାଙ୍କର ଅଭିଳଷିତ ଲୁହା ଲଙ୍ଗଳ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ। ସ୍ୱପ୍ନ ବାସ୍ତବ ରୂପ ନେଲା। ତାଙ୍କ ଦ୍ୱାରା ନିର୍ମିତ ଲୁହା ଲଙ୍ଗଳ ଚାଷୀଙ୍କୁ କମ ମୂଲ୍ୟରେ ଯୋଗାଇଲେ। କମ ଶିକ୍ଷାଗତ ଯୋଗ୍ୟତା ଥାଇ ସୁଦ୍ଧା ଏଭଳି ଉଦ୍ୟମ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ଦେଇଛି। ତାଙ୍କର ଲୁହା ଲଙ୍ଗଳର ଜ୍ଞାନ କୌଶଳ ଭୁବନେଶ୍ୱର ସ୍ଥିତ କୃଷି ପରୀକ୍ଷଣ କେନ୍ଦ୍ରରେ ଥିବା ଅଧିକାରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା ସେ କୁହନ୍ତି। ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ସେ ଏହାକୁ ଏକ ବଡ଼ ଶିଳ୍ପରେ ପରିଣତ କରିବାସହ କେତେକଙ୍କୁ ରୋଜଗାର ଯୋଗାଇବାକୁ ସକ୍ଷମ ହୁଅନ୍ତେ। ଏଥିସହ ସ୍ୱଳ୍ପ ମୂଲ୍ୟରେ ଚାଷୀଙ୍କୁ ଲଙ୍ଗଳ ଯୋଗାଇ ପାରନ୍ତେ ବୋଲି ଆଶାବ୍ୟକ୍ତ କରନ୍ତି ସେ।


ଲଙ୍ଗଳ ତିଆରିରେ ବ୍ୟସ୍ତ **ସୁବାସ ମହାନ୍ତ**

*-ନରେଶ ଚନ୍ଦ୍ର ପଟ୍ଟନାୟକ*

# ମାଛ ଯାଆଁଳ ଛାଡୁଥିଲେ..



ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ। ପୋଖରୀରେ ପଟୁମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।

# ଚିନାବାଦାମ ଅମଳ ପୂର୍ବରୁ ରୋଗ ଦମନ

ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାରେ ଅଛି। ଚିନାବାଦାମ ଫଳର ଭିତର ଶୀରା କଳାପଡ଼ିଥିଲେ ପାକଳ ହୋଇଥିବା ଜଣାପଡେ। ଏହି ସମୟରେ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ରହିଥିଲେ ପତ୍ରପୋଡ଼ା ହେବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ମାତ୍ର ଫସଲ ଅମଳ ଅବସ୍ଥାକୁ ଆସିଥିଲେ ଏହା ପ୍ରୟୋଗ କରନ୍ତୁ ନାହିଁ। ବାଦାମ ଫସଲରେ ଟିକା ଓ ମୂଳଶଢ଼ା ରୋଗ ହେବାର ଆଶଙ୍କା ଥାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ୨ଗ୍ରାମ୍ ହିସାବରେ ୧୦ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ।



# ଖରାଦିନେ କୁକୁଡ଼ା ପାଳନ


ଡା. ବୀର କିଶୋର ପରିଡ଼ା





କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ। ଏହାଦ୍ୱାରା କେବଳ ଆର୍ଥିକ ରୋଜଗାରକ୍ଷମ ହୋଇଥାଉ ତା' ନୁହେଁ, ଏଥିରୁ ସୁଲଭ ମୂଲ୍ୟରେ ସହଜ ଉପଲବ୍ଧ ପୁଷ୍ଟିସାର ଯଥା- କୁକୁଡ଼ା ମାଂସ ଓ ଅଣ୍ଡା ପାଇବା ସହିତ ଆମର ପୁଷ୍ଟିହୀନତା ଦୂର କରିବାରେ ସକ୍ଷମ ହୋଇଥାଉ। ଆମ ରାଜ୍ୟ ତଥା ଦେଶରେ କୁକୁଡ଼ା ମାଂସ ଓ ଅଣ୍ଡାର ଚାହିଦା ବୃଦ୍ଧିପାଇବାରୁ ସରକାର ଗ୍ରାମାଞ୍ଚଳ ମହିଳା ଓ ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ସହିତ ମାଂସାଳ କୁକୁଡ଼ା (ବ୍ରଏଲର) ଓ ଅଣ୍ଡାଦିଆ କୁକୁଡ଼ା (ଲେଆର) ପାଳନ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ଏହି କୁକୁଡ଼ା ପାଳନର ସଫଳତା ନେଇ ବିଭିନ୍ନ ଋତୁ ବା ସମୟରେ କୁକୁଡ଼ା ଘର, ଖାଦ୍ୟ, ପିଇବା ପାଣି, ଲାଳନପାଳନରେ ଯତ୍ନ, ରୋଗ ନ ହେବା ନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା ଆଦି ସହିତ ଏହାର ଜୈବ ନିରାପତ୍ତା ପ୍ରତି ଯଦି ବିଶେଷ ଧ୍ୟାନ ଦେଲେ କୁକୁଡ଼ା ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଆମେ ନିଶ୍ଚୟ ଏଥିରୁ ଫାଇଦା ଉଠାଇପାରିବା।

ସାଂପ୍ରତିକ କରୋନା ଭୂତାଣୁ ସଂକ୍ରମଣ ନେଇ କେତେକ କୁକୁଡ଼ା ଚାଷୀ ଅଜ୍ଞତାର ବଶବର୍ତ୍ତୀ ହୋଇ ସେମାନେ ପାଳିଥିବା କୁକୁଡ଼ା ବାହାରକୁ ଛାଡ଼ି ଦେଉଥିଲେ କିମ୍ବା ଅତି ଶସ୍ତାରେ ବିକ୍ରି କରିଦେଇଥିଲେ। ମନୁଷ୍ୟକୁ କରୋନା ଦେଖାଦେବା ପରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ଆମ ସ୍ୱାସ୍ଥ୍ୟ ପକ୍ଷେ ହିତକର ଏବଂ ସମ୍ପୂର୍ଣ୍ଣ ନିରାପଦ ବୋଲି ସରକାର ଗଣମାଧ୍ୟମରେ ଦର୍ଶାଇବା ପରେ ସ୍ଥିତି ବଦଳିଯାଇଛି। ତେବେ ଖରାଦିନେ ଅଂଶୁଘାତରୁ କୁକୁଡ଼ା ବିଶେଷକରି ମାଂସାଳ କୁକୁଡ଼ାକୁ କିପରି ସୁରକ୍ଷିତ ରଖିପାରିବା ସେସମ୍ପର୍କରେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଗ୍ରହଣ କରିବା ଆବଶ୍ୟକ।

ସାଧାରଣତଃ କୁକୁଡ଼ା ପାଳନ ପାଇଁ ବାୟୁମଣ୍ଡଳର ଉତ୍ତାପ ୬୫ ଡିଗ୍ରୀରୁ ୭୫ ଡିଗ୍ରୀ ଫାରେନ୍‌ହାଇଟ୍ ରହିଲେ ଭଲ। ଏହି ଉତ୍ତାପରୁ ଅଧିକ ହେଲେ କୁକୁଡ଼ା ଉତ୍ତାପ ସହିବାରେ କଷ୍ଟ ଅନୁଭବ କରନ୍ତି। ସେମାନଙ୍କର ଉତ୍ପାଦନ ଦକ୍ଷତା କମିଯାଏ ଏବଂ ଶେଷରେ ମୃତ୍ୟୁବରଣ କରନ୍ତି। କୁକୁଡ଼ାଙ୍କର ସାଧାରଣ ଉତ୍ତାପ ହେଉଛି ୪୧ ଡିଗ୍ରୀ ସେଣ୍ଟିଗ୍ରେଡ ବା ୧୦୬ ଫାରେନ୍‌ହାଇଟ୍। ତେଣୁ ଖରାଦିନେ କୁକୁଡ଼ାଙ୍କ ଶରୀରରେ ଉତ୍ପନ୍ନ ହେଉଥିବା ଉତ୍ତାପଠାରୁ ବାହ୍ୟ ଜଳବାୟୁର ଉତ୍ତାପ ଅଧିକ ହେବା ଯୋଗୁ ବ୍ରଏଲର କୁକୁଡ଼ା ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ। ଅତ୍ୟଧିକ ଖରା ସମୟରେ କୁକୁଡ଼ାଙ୍କ ଶରୀରରୁ ଉତ୍ତାପ ନିଷ୍କାସନ ପାଇଁ ପାଟି ବା ଥଣ୍ଟ ଖୋଲି ଧକେଇ ହୁଅନ୍ତି। ସେମାନଙ୍କର ଖାଦ୍ୟ ଖାଇବା ଶକ୍ତି କମିଯାଏ। ଫଳରେ ସେମାନଙ୍କର ଓଜନ ହ୍ରାସ ପାଇବା ସହ ଅଣ୍ଡା ଉତ୍ପାଦନ କମିଯାଏ।

କେବଳ ଏତିକି ନୁହେଁ, ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ କୁକୁଡ଼ା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ଇସଚେରେଚିଆ କୋଲାଇ, ସିଆଇଡି ଭଳି ଜୀବାଣୁ ସଂକ୍ରମଣ ସହିତ ଆଉ କେତେକ ସମସ୍ୟାର ଆଶଙ୍କା ଥାଏ।

**ଲାସ୍‌ମାଇନା ପରୀକ୍ଷାରୁ ଅଂଶୁଘାତ ଚିହ୍ନଟ :** ମୃତ କୁକୁଡ଼ା ଶୁଷ୍କ ପରି ଦିଶେ। ପାଟି ଓ ନାକରେ ଲାଳୁଆ ପଦାର୍ଥ ଜମିଥାଏ। କୁକୁଡ଼ାଙ୍କ ଚୁଳ ବା ମୁକୁଟ ଅଂଶ ଶ୍ୱେତ ବା ନୀଳ ରଙ୍ଗର ଦେଖାଯାଏ। ଅଣ୍ଡା ନଳୀରେ ତରଳ ପଦାର୍ଥ ବା ଝାଡ଼ା ପୂରି କରିଥାଏ। ମୃତ କୁକୁଡ଼ା ଖୁବଶୀଘ୍ର ଶଢ଼ି ଗନ୍ଧାଏ।

**କୁକୁଡ଼ାକୁ ଅଂଶୁଘାତରୁ ସୁରକ୍ଷା ଦେବାର ଉପାୟ:** ସାଧାରଣତଃ ଖରାଦିନେ କୁକୁଡ଼ାକୁ ସୁରକ୍ଷା ଯୋଗାଇ ଦେବା ପାଇଁ ମୁଖ୍ୟତଃ ଚାରିଗୋଟି ଉପାୟ ଅବଲମ୍ବନ କରାଯାଏ। ତାହା ହେଲା- ୧. କୁକୁଡ଼ା ଘର ପରିଚାଳନା, ୨. ପିଇବା ପାଣି ପରିଚାଳନା, ୩. କୁକୁଡ଼ା ଖାଦ୍ୟ ପରିଚାଳନା, ୪. ସାଧାରଣ ପରିଚାଳନା।

**ପିଇବା ପାଣିର ପରିଚାଳନା :** ଖରାଦିନେ ସାଧାରଣତଃ କୁକୁଡ଼ାଙ୍କର ପିଇବା ପାଣିର ପରିମାଣ ୩-୪ଗୁଣ ବା ଢେର୍ ଅଧିକ ହୋଇଥାଏ। ଯଦି କୁକୁଡ଼ାଙ୍କ ପାଣି ପିଇବା କମିଯାଏ ତେବେ ସହଜରେ ଅଂଶୁଘାତ ସଂଘଟିତ ହୋଇଥାଏ ଏବଂ କୁକୁଡ଼ା ମୃତ୍ୟୁମୁଖରେ ପଡ଼ନ୍ତି। ସାଧାରଣ ଭାବେ କୁକୁଡ଼ାଙ୍କ ଖାଦ୍ୟ ଖାଇବା ଓ ପିଇବା ପାଣିର ଆନୁପାତିକ ହାର ହେଉଛି ୧:୨। କିନ୍ତୁ ଯେତେବେଳେ ଜଳବାୟୁର ଉତ୍ତାପ ୯୫ ଡ୍ରିଗ୍ରୀ ଫାରେନ୍‌ହାଇଟ୍‌ରୁ ଅଧିକ ହୁଏ ସେତେବେଳେ ଏହି ହାର ୧: ୪ ବା ଅଧିକ ହୋଇଥାଏ। ତେଣୁ ଖରାଦିନେ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣର ଥଣ୍ଡା ପାଣି (୬୦-୭୦ ଡିଗ୍ରୀ) ପିଇବାକୁ ଦିଅନ୍ତୁ। ଏହି ପାଣିରେ ଇଲେକ୍ଟ୍ରୋଲାଇଟିସ୍ ପାଉଡ଼ର ମିଶାନ୍ତୁ। କୁକୁଡ଼ାଙ୍କ ପାଇଁ ତିଆରି କରିଥିବା ପାଣି ଟାଙ୍କି ଉପରେ ଓଦା ଅଖା ବିଛାଇ ରଖନ୍ତୁ। କୁକୁଡ଼ା ଘର ମଧ୍ୟରେ ବ୍ୟବହୃତ ପିଇବା ପାଣି ପାତ୍ର ବା ୱାଟରର ସଂଖ୍ୟା ୨୫ ପ୍ରତିଶତ ଅଧିକ ରଖନ୍ତୁ। ପ୍ରତି ୨-୩ ଘଣ୍ଟା ବ୍ୟବଧାନରେ କୁକୁଡ଼ା ଘରେ ଥିବା ପାଣି ପରିବର୍ତ୍ତନ କରନ୍ତୁ। ନିପୁଲ ଡ୍ରିଙ୍କସ୍ ବ୍ୟବହାର କରୁଥିଲେ ଏହା ଉପରେ ଓଦା ଅଖା ଦ୍ୱାରା ଆବୃତ୍ତ କରି ରଖନ୍ତୁ। ଅର୍ଥାତ୍ କୁକୁଡ଼ା ଫାର୍ମରେ ସଦାସର୍ବଦା ସ୍ୱଚ୍ଛ ତଥା ପରିଷ୍କାର ପାଣି ବ୍ୟବହାର କରନ୍ତୁ। (କ୍ରମଶଃ..)

*-ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, କଳାହାଣ୍ଡି, ମୋ: ୯୪୩୭୬୦୭୩୧୨*

## କୁକୁଡ଼ା ଘର ପରିଚାଳନା

ଖରାଦିନେ ସୂର୍ଯ୍ୟତାପ ପ୍ରଭାବରୁ କୁକୁଡ଼ା ଘରକୁ ସୁରକ୍ଷିତ ବା ଥଣ୍ଡା ରଖିବା ନିମନ୍ତେ ଘରର ଲମ୍ବ ପୂର୍ବ-ପଶ୍ଚିମାମୁଖୀ ହେବା ଆବଶ୍ୟକ। କୁକୁଡ଼ା ଘରର ଛାତ ଆଜବେଷ୍ଟସ ହେବା ସହିତ ଏହା ଉପରେ ସ୍ପ୍ରେୟର ବା ସ୍ପ୍ରିଙ୍କଲର ସାହାଯ୍ୟରେ ଖରା ସମୟରେ ଉପରେ ପାଣି ସିଞ୍ଚନ କରନ୍ତୁ। ଉପଯୁକ୍ତ ବାୟୁ ଚଳାଚଳ ଓ ଆଲୋକ ପ୍ରବେଶ ନିମନ୍ତେ କୁକୁଡ଼ା ଘରର ଚଉଡ଼ା, ଉତ୍ତାପ, ଆର୍ଦ୍ରତା, ପବନର ବେଗ, ଘରର ପ୍ରକାର ଏବଂ କୁକୁଡ଼ା ପ୍ରଜାତିକୁ ନେଇ ୨୪ରୁ ୩୨ ଫୁଟ ରହିବା ଆବଶ୍ୟକ। କୁକୁଡ଼ା ଘରେ ଥଣ୍ଡା ବାୟୁ ପ୍ରଚଳନ ପାଇଁ ଷ୍ଟାଣ୍ଡ ଫ୍ୟାନ୍, ଏକ୍ସଜଷ୍ଟ ଫ୍ୟାନ୍ ଆଦି ବ୍ୟବହାର କରନ୍ତୁ। କୁକୁଡ଼ା ଘର ଛାତ ଉପରେ କଞ୍ଚା ତାଳପତ୍ର, ନଡ଼ା, ଆଖୁ ପତ୍ର ବିଛାଇ ଘରର ଭିତର ଭାଗକୁ ଥଣ୍ଡା ରଖନ୍ତୁ। ଘରର ଛାତକୁ ଚୂନ ଦ୍ୱାରା ଲେପନ କରନ୍ତୁ। କାନ୍ଥଠାରୁ ଛାତର ଆଜବେଷ୍ଟସକୁ ୩ରୁ ୫ଫୁଟ ଗଡ଼ାଇ ରଖନ୍ତୁ। କୁକୁଡ଼ା ଘରର ଖୋଲା କାନ୍ଥରେ ଅଖା, ବେଣାମୁଠା ଚେର, ବାଉଁଶପାତିଆ କିମ୍ବା ନଡ଼ାର ତାଟି କରି ଟଙ୍ଗାଇ ନିୟମିତ ବ୍ୟବଧାନରେ ପାଣି ସିଞ୍ଚନ କରନ୍ତୁ। ଖରା କମିଗଲେ ଏହାକୁ ଉପରକୁ ଟେକି ଦିଅନ୍ତୁ। କୁକୁଡ଼ା ଘର ଚାରି ପାଖରେ ଛାଇ ସୃଷ୍ଟି କରିପାରୁଥିବା ଗଛ ଲଗାନ୍ତୁ।

# ପାଳଛତୁ ସମ୍ପର୍କରେ..

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ି ଦେବା ପାଇଁ ବିଡ଼ାଗୁଡ଼ିକୁ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।



# ରୋଗପୋକ ନିୟନ୍ତ୍ରଣର ସହଜ ଉପାୟ



**ନାଳିମାଟି:** ଝୁଡ଼ଙ୍ଗ, ବରଗୁଡ଼ି, ଲଙ୍କା, ହରଡ଼ ପ୍ରଭୃତିକୁ ନାଳିମାଟି (ଉଇ ହୁଙ୍କା ମାଟି ହେଲେ ଭଲ) ଲେପ ଦେଇ ଲଗାଇଲେ ରୋଗ, ପୋକ ନିରୋଧ ହେବା ସଙ୍ଗେ ସଙ୍ଗେ ଭଲ ଅମଳ ମିଳିଥାଏ।

**ଲେମ୍ବୁ ରସ:**୧୫୦ ମିଲି ଲେମ୍ବୁ ରସ ସହ ୧୫୦ ମିଲି ତେନ୍ତୁଳି ରସରେ ୧୫ ଲିଟର ପାଣି ମିଶାଇ ପନିପରିବା ଫସଲରେ ସିଞ୍ଚନ କଲେ ଶଂବାଲୁଆ ଦୂରେଇ ଯାଆନ୍ତି। **ନିମ୍ବପତ୍ର:** ୧୦୦ ଗ୍ରାମ୍ ନିମ୍ବପତ୍ରରୁ ରସ ବାହାର କରି ୧ ଲିଟରର ପାଣି ମିଶାଇ ସିଞ୍ଚନ କଲେ ପନିପରିବାର ପତ୍ରମୋଡ଼ା ରୋଗ ଭଲ ହୁଏ।

**ତୁଳସୀପତ୍ର:**୧୦୦ ଗ୍ରାମ ତୁଳସୀପତ୍ର, ୧ ଲିଟର ପାଣି, ୧୦ ମିଲି ସାବୁନ ପାଣି ମିଶା ପନିପରିବାର ପତ୍ରମୋଡ଼ା ରୋଗ ଓ ବିଭିନ୍ନ ଫସଲର ପତ୍ରକଟା, ଫଳ ମାଛି ଓ ନାଳିକତି ପୋକ, ସୂତ୍ରକୀଟ ଆଦି ନିୟନ୍ତ୍ରିତ ହୋଇଥାଏ।

**ଘୋଳ ଦହି:** ୧ ଲିଟର ଘୋଳ ଦହିକୁ ୧୫-୨୦ ଦିନ ପଚନ କରି ତାହାପରେ ୨୦ ଲିଟର ପାଣିରେ ମିଶାଇ ବାଇଗଣ, ଲଙ୍କା, ଆଳୁ ଫସଲରେ ସିଞ୍ଚନ କରିବା ଦ୍ୱାରା ପତ୍ରମୋଚା ରୋଗ ଦୂରେଇଯାଏ।

**ଆତପତ୍ର:** ୧ କିଗ୍ରା ଆତ ପତ୍ରକୁ ରାତିରେ ୯ ଲିଟର ପାଣିରେ ମିଶାଇ ସକାଳୁ ଭଲ ଭାବେ ହାତରେ ଚକଟି ଉକ୍ତ ମିଶ୍ରଣକୁ ଉଇ ଆକ୍ରମଣ ଫସଲ ଓ ଉଇ ସ୍ଥାନରେ ସିଞ୍ଚନ କଲେ ଉଇ ସେ ସ୍ଥାନ ଛାଡ଼ି ଚାଲିଯାଆନ୍ତି।

**ଅରଖପତ୍ର:** ୫ କିଗ୍ରା ଅରଖ ପତ୍ରକୁ ୧୫ ଲିଟର ପାଣିରେ ୨୪ ଘଣ୍ଟା ଭିଜାଇ ତାହାକୁ ଛାଣିବା ପରେ ଉଇ ଲାଗିଥିବା ସ୍ଥାନରେ ପ୍ରୟୋଗ କଲେ ଉଇମାନେ ସେ ସ୍ଥାନ ଛାଡ଼ି ଯାଆନ୍ତି।

**ଫଳ ଓ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ:** ଶୁଖିଲା ଲଙ୍କା ୪୦୦ ଗ୍ରାମ + ରସୁଣ ୪୦୦ ଗ୍ରାମକୁ ଭଲ ଭାବେ ବାଟି ୨୦୦ ଲି. ପାଣିରେ ମିଶାଇ ଛାଣି ଫସଲରେ ସିଞ୍ଚନ କରନ୍ତୁ।

-ବାଇଗଣ ଓ ଝୁଡ଼ଙ୍ଗ ଫସଲରେ ଅଧିକ ଫୁଲ ଓ ଫଳ ଆସିବା ନିମନ୍ତେ ୧୦୦ ଗ୍ରାମ ଜୁଆଣୀକୁ ବାଟି ପାଣିରେ ଗୋଳାଇ ଛାଣି ୧୫ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ।

— ଗନ୍ଧି ପୋକ ଧାନ କେଣ୍ଡାରୁ କ୍ଷୀର ଶୋଷି ନେଇଥାନ୍ତି। ତାହାର ନିୟନ୍ତ୍ରଣ ପାଇଁ ଗେଣ୍ଡାକୁ ଛେଚି ୨ ଦିନ ପଚିଲା ପରେ କପଡ଼ାରେ ବାନ୍ଧି କେଣ୍ଡା ଉପରେ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଏକର ପ୍ରତି ୪-୫ଟି ସ୍ଥାନରେ ବାଡ଼ିରେ ଟଙ୍ଗାଇ ଦିଅନ୍ତୁ। ଗନ୍ଧି ପୋକ ଆକୃଷ୍ଟ ହୋଇ ରସ ଶୋଷି ଖାଇଲେ ତାହାର ଶୁଣ୍ଢ ଅକାମୀ ହୋଇଯାଏ।

— ୫୦୦ ଗ୍ରାମ ବଛ ଗୁଣ୍ଡକୁ ୧୦ ଲିଟର ଗୋମୂତ୍ରରେ ମିଶାଇ ୩ ଦିନ ରଖି ତା'ପରେ ୯୦ ଲିଟର ପାଣିର ଦ୍ରବଣକୁ ଫସଲରେ ସିଞ୍ଚନ କରିବା ଦ୍ୱାରା ସମସ୍ତ ଫସଲର ଜଉପୋକ ନିୟନ୍ତ୍ରିତ ହୋଇଥାଏ।

— ଜଉ, ଉକୁଣିଆ ଓ ଧଳା ମାଛି କୀଟର ନିୟନ୍ତ୍ରଣ ନିମନ୍ତେ ବେଗୁନିଆ ପତ୍ର ୨ କିଗ୍ରା + ଶୁଖିଲା ଲଙ୍କା ୧୦ ଗ୍ରାମକୁ ୨୫୦ ମିଲି ପାଣି ସହ ବାଟି ୧୦ ଲିଟର ପାଣିରେ ମିଶାଇ କିଛି ସମୟ ରଖି ଛାଣି ଦେଇ ସନ୍ଧ୍ୟା ସମୟରେ ଫସଲରେ ସିଞ୍ଚନ କରନ୍ତୁ।



## ମାସ୍କ ନ ପିନ୍ଧି ୨୫ଜଣ ଗଣିଲେ ଜରିମାନା

ନିମାପଡ଼ା,୨୮।୪(ଡି.ଏନ୍.ଏ.): ନିମାପଡ଼ା ପ୍ରଶାସନ ପକ୍ଷରୁ ଦୋଲବେଦି ଛକଠାରେ ମଙ୍ଗଳବାର ମାସ୍କ ଚେକିଂ କରାଯାଇ ୨୫ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ପ୍ରତ୍ୟେକଙ୍କଠାରୁ ୨୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଥିଲା ଅତିରିକ୍ତ ତହସିଲଦାର ନିଶା ଗୋଏଙ୍କା, ପୋଲିସ ଏସ୍‌ଆଇ ସୁରେନ୍ଦ୍ର ବସ୍ତିଆ ମାସ୍କ ଚେକିଂ କରିବା ସହ ସଚେତନ କରିଥିଲେ।

# ସଂକ୍ଷେପରେ

## ଜନ୍ମଦିନ ସଞ୍ଚିତ ଅର୍ଥ ଦାନ କଲେ ୪ ବର୍ଷୀୟା ସୁହାନି

ଗୋପ,୨୮।୪(ଡି.ଏନ.ଏ): ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳର ୪ ବର୍ଷୀୟା ସୁହାନି ସାହୁ ନିଜ ଜନ୍ମଦିନ ପାଇଁ ସଞ୍ଚୟ କରି ରଖିଥିବା ଅର୍ଥକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ମା ଭକ୍ତିମୟୀ, ବଡବାପା ଚୈତନ୍ୟ ସାହୁଙ୍କଠାରୁ ପ୍ରେରଣା ପାଇ ସୁହାନି ଏଭଳି କରିଥିବା କହିଛନ୍ତି। ସୁହାନି ମାଆ ଓ ଅଙ୍ଗନୱାଡ଼ି ଦିଦିଙ୍କ ସହ ଆସି ଗୋପ ବଜାର ପୋଲିସ ଟେଣ୍ଟରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ୨ ହଜାର ଟଙ୍କାର ଚେକ ଦେଇଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ସ୍କୁଲ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୮।୪(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ସ୍କୁଲ ଛାତ୍ରୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଅପହରଣକାରୀ ନାବାଳକ ଓ ତାଙ୍କ ପିତାଙ୍କ ବିରୋଧରେ ନଂ.୯୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଉକ୍ତ ଛାତ୍ରୀ ଜଣକ ସହ ନାବାଳକଙ୍କ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସୋମବାର ଘରେ ଟଙ୍କା, ଗହଣା ସହ ଝିଅ ଘରେ ନ ଥିବା ଦେଖି ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ନାବାଳକ ଜଣଙ୍କ ବଳଙ୍ଗା ଅଞ୍ଚଳର ହୋଇଥିବା ପୋଲିସ ଜାଣିବା ପରେ ତାଙ୍କ ଘରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ପୋଲିସ ଡାକ୍ତରୀ ମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇ ଦେଇଛି।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

ବ୍ରହ୍ମଗିରି,୨୮।୪(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ତନ୍ତକେରା ଗ୍ରାମରେ ମଙ୍ଗଳବାର ଏକ ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କ୍ଷେତ୍ରବାସୀ ଦଳାଇଙ୍କ ଘରେ ମଙ୍ଗଳବାର ସକାଳୁ ରୋଷେଇ ହେଉଥିବା ସମୟରେ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ କରି ଅଗ୍ନିକାଣ୍ଡ ହୋଇଥିଲା। ସଙ୍ଗେ ସଙ୍ଗେ ନିଆଁ ବ୍ୟାପୀ ଯିବାରୁ ତାଙ୍କର ଦୁଇବଖରା ଘର ଜଳିଯାଇଛି। ବ୍ରହ୍ମଗିରି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

## ମଧୁବାବୁ, କବି ବୀର କିଶୋରଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୨୮।୪: ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ମଙ୍ଗଳବାର ଚାନ୍ଦିନୀଚୌକସ୍ଥିତ କାର୍ଯ୍ୟାଳୟଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଜାତୀୟ କବି ବୀର କିଶୋରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ରବିରଞ୍ଜନ ସାହୁ, ଧର୍ମେଶ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଜାତୀୟ କବି ବୀରକିଶୋରଙ୍କ ଜୀବନାଦର୍ଶ ସମ୍ପର୍କରେ ମିନାଶ୍ରୀ ପତି ଓ ଅନ୍ୟମାନେ ଆଲୋଚନା କରିଥିଲେ।

# ୮୪ ବସନ୍ତ ଅତିକ୍ରାନ୍ତ କଲା ଓଡ଼ିଆ ସିନେମା

**ଓଡ଼ିଆ ଚଳଚ୍ଚିତ୍ରକୁ ଛୁଇଁଲା ୮୪ଟି ବସନ୍ତ। ୧୯୩୪ ମସିହା ଆଜିର ଏହି ଦିନରେ ମୁକ୍ତିଲାଭ କରିଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'। ଓଡ଼ିଆ ସିନେପ୍ରେମୀ ଦେଖିଛନ୍ତି ଅଗଣିତ ସିନେମା । 'ମାଟିର ମଣିଷ' କେବେ ପଚାରିନାହିଁ 'ଆମରି ଗାଁ ଝିଅ'କୁ 'ଦସ୍ୟୁ ରତ୍ନାକର' କିଏ ବୋଲି । ଆସିଛି 'ଅଦିନ ମେଘ'। ଭିଜାଇଛି ସତ, ହେଲେ ଲିଭାଇ ପାରିନାହିଁ 'ଅରୁନ୍ଧତୀ', 'ଯାଯାବର', 'ନାଗଫାଶ', 'ଧରିତ୍ରୀ' ଭଳି ଅମ୍ଳାନ ସ୍ମୃତିକୁ । ଗଢ଼ିଛି 'ମାଗୁଣିର ଶଗଡ଼' ଆଉ ବାରମ୍ବାର ଫେରୁଛି 'ଶେଷ ଶ୍ରାବଣ'। ଆମକୁ ବାରବାର ଆଇନା ଦେଖାଉଛି 'ମାୟା ମିରିଗ' ଭଳି ଯୁଗାନ୍ତକାରୀ ସିନେମା । ହୁଏତ, ଏବେ ସବୁକିଛି ନୀରବିଯାଇଛି । ତଥାପି ଓଡ଼ିଆ ସିନେମା ଅପେକ୍ଷା କରିଛି, ଆଉ ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତକୁ...**



କଟକ ଅଫିସ,୨୮।୪

ବଲିଉଡରେ ଚଳଚ୍ଚିତ୍ର ନିର୍ମାଣ ହେବାର କିଛି ବର୍ଷ ପରେ ଆରମ୍ଭ ହୋଇଥିଲା ଓଡ଼ିଆ ସିନେମା । ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ସୀତା ବିବାହ ସିନେମା ୧୯୩୬ ଏପ୍ରିଲ ୨୮ରେ ପୁରୀର ଲକ୍ଷ୍ମୀ ଟକିଜରେ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଓଡ଼ିଆ ସିନେମା ସୀତା ବିବାହ ମୁକ୍ତି ଲାଭ କରିବାର ଦଶନ୍ଧି ପରେ ନିର୍ମାଣ ହୋଇଥିଲା ଲଳିତା ଓ ଶ୍ରୀ ଜଗନ୍ନାଥ ଚିଳଚ୍ଚିତ୍ର। ଏହାପରେ କିଛି ବର୍ଷ ପୌରାଣିକ ବିଷୟବସ୍ତୁକୁ ନେଇ ସିନେମା ତିଆରି ହୋଇଥିଲା। ୬୦ ଦଶକ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ଚମତ୍କାର ସିନେମା ଦେଇ ଚାଲିଥିଲେ ପାର୍ବତୀ ଘୋଷ ଓ ଗୌର ଘୋଷ। ଗୋଟିଏ ପଟେ ନାୟକ ପ୍ରଯୋଜକ ଗୌର ଘୋଷ ଓ ଅନ୍ୟପଟେ ପ୍ରଥମ ଓଡ଼ିଆ ସିନେମାର ମହିଳା ନିର୍ଦ୍ଦେଶିକା ପାର୍ବତୀ ଘୋଷ। ପରେ ପଶ୍ଚିମ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ନାୟକ ଶରତ ପୂଜାରୀ ଆସିଥିଲେ ପରଦାକୁ। ପାର୍ବତୀ, ଗୌର ଓ ଶରତ ପୂଜାରୀ ଏକ ତ୍ରିଭୁଜାକାର କ୍ଷେତ୍ର ଭିତରେ ବାନ୍ଧିଥିଲେ ଓଡ଼ିଆ ସିନେମା ଜଗତକୁ। ଅଦିନ ମେଘ ଚଳଚ୍ଚିତ୍ରରେ ଜଣେ ରୋମାଣ୍ଟିକ ହିରୋ ଭାବେ ଦର୍ଶକଙ୍କ ଆଗକୁ ଆସିଥିଲେ ପ୍ରଶାନ୍ତ ନନ୍ଦ। ୧୯୭୩ ବେଳକୁ ଆରମ୍ଭ ହୋଇଥିଲା ଓଡ଼ିଆ ସିନେମା ଜଗତର ସୁପରଷ୍ଟାର ଯୁଗ। ମୁକ୍ତିଲାଭ କରିଥିଲା ସିନେମା ଧରିତ୍ରୀ। ନବରଙ୍ଗପୁର କଲେଜର ଡ୍ରାମାଟିକ ସେକ୍ରେଟାରି ଥିବା ଶ୍ରୀରାମ ପଣ୍ଡା ଧରିତ୍ରୀ ଚଳଚ୍ଚିତ୍ରରେ କମାଲ କଲେ। ପରେପରେ ଆରମ୍ଭ ହେଇଗଲା ନାୟକ ଯୋଡ଼ିର ଯୁଗ- ପ୍ରଶାନ୍ତ ଓ ଶ୍ରୀରାମ। ଧରିତ୍ରୀରୁ ଆରମ୍ଭ ହୋଇ ସମୟ ଓ ସିନ୍ଦୂରବିନ୍ଦୁ ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିଲା। ହିସାବ ନିକାଶ, ଡୋରା, ସ୍ୱପ୍ନ ସାଗର, କଣ୍ଢେଇ ଭଳି ଗୋଟିକ ପରେ ଗୋଟିଏ ସିନେମାରେ ଆସିଲେ। ମହାଶ୍ୱେତା ରାୟଙ୍କୁ ଶେଷ ଶ୍ରାବଣର ମାଣିକ ଚରିତ୍ରରେ ଦର୍ଶକ ଚିହ୍ନିଲେ। ସୁନାର ସଂସାର ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିଶିର ମିଶ୍ର ହୁଅନ୍ତୁ ଅବା ନାଗଫାଶର ଖଳନାୟକ ବିଜୟ ମହାନ୍ତି କି ଅଭିମାନର ନାୟକ ଉତ୍ତମ। ଏହି ଧାରାରେ ଆଗକୁ ଗଡ଼ିଚାଲିଲା ଓଡ଼ିଆ ସିନେମା ଜଗତର ଗାଡ଼ି। ବିଶିଷ୍ଟ କଳାକାର ହେମନ୍ତ ଦାସ ଶେଷ ଶ୍ରାବଣ ସିନେମାର ନିଜର ଅସଲ ପରିଚୟ ଦେଇ ବସିଲେ ଏବଂ ସେହି ସିନେମାରେ ଦର୍ଶକଙ୍କ ପାଖକୁ ଆସି ପାରିଥିଲେ ମହମ୍ମଦ ମହସିନ। ଅସ୍ତରାଗ ଚଳିଚ୍ଚିତ୍ରରେ ଉଦୟ ହୋଇଥିଲେ ଅପରାଜିତା। ହେମନ୍ତ ଦାସଙ୍କ ଭଳି ଅନେକ ସିନେମାରେ ବିଭିନ୍ନ ଚରିତ୍ରରେ ଆସିଥିବା କଟକ ରଙ୍ଗମଞ୍ଚ ଅଭିନେତା ଯେବେ ନିଜକୁ ପୁଅ ମୋର ଭୋଳା ଶଙ୍କରରେ ପ୍ରମାଣିତ କଲେ, ଦର୍ଶକ ପାଇଥିଲେ ଭେଟେରାନ କଳାକାର ମିହିର ଦାସଙ୍କୁ । ଓଲିଉଡର ଅନେକ ତାରକା ଅସ୍ତମିତ ହେଲେଣି। ଗୌର, ପାର୍ବତୀ, ଦୁଇ ଅପ୍ରତିଦ୍ୱନ୍ଦ୍ୱୀ ଖଳ ନାୟକ ଦୁଃଖୀରାମ ସ୍ୱାଇଁ, ହର ପଟ୍ଟନାୟକ, ମହମ୍ମଦ ମହସିନ, ହେମନ୍ତ ଦାସ ଏମିତି ବହୁ ଅମ୍ଳାନ ପ୍ରତିଭା ଆଉ ନାହାନ୍ତି । ଯୁବ ପ୍ରତିଭାଙ୍କ ପାଖରେ ରହିଛି ଏବେ ଓଲିଉଡ୍‌ର ଭବିଷ୍ୟତ ...।

### ସେମାନେ କୁହନ୍ତି...

ଓଲିଉଡରେ ମୋର ୪୪ ବର୍ଷର ଅଭିଜ୍ଞତା । ଅନେକ ଉତ୍‌ଥାନ,ପତନ ଦେଖିଛି। ୮୦-୯୦ ଦଶକରେ ବ୍ୟବସାୟିକ ସଫଳତା ମିଳୁଥିଲା। ହେଲେ ଏବେ ସିନେମା ଶିଳ୍ପ ଭୁଶୁଡ଼ି ପଡ଼ିଛି। ଅନେକ ହଲ୍ ବନ୍ଦ ହୋଇଗଲାଣି। ଦର୍ଶକ ହଲ୍ ମୁହାଁ ନୁହନ୍ତି, ଛୋଟ ପରଦାରେ ଦେଖୁଛନ୍ତି। ଏଥି ପାଇଁ ମଧ ଆମେ ଦାୟୀ। ବାହାର କାହାଣୀକୁ ଲୋକେ ଗ୍ରହଣ କଲେନି। ପୁଣି ଥରେ ଓଲିଉଡ ସୁବର୍ଣ୍ଣ ସମୟକୁ ଫେରିବ ବୋଲି ଆଶା ରହିଛି।

**- ପ୍ରଦ୍ୟୁମ୍ନ ଲେଙ୍କା, ବରିଷ୍ଠ ଅଭିନେତା, ପ୍ରଯୋଜକ**

ସିନେମା ଜଗତ ଏକ ବିଶାଳ ପରିବାର । ସିନେମାର ସଫଳତା ପଛରେଏଥିରେ କାର୍ଯ୍ୟ କରୁଥିବା ସ୍ପଟ ବୟ ବି ଶୁଭେଚ୍ଛା ପାଇବାର ହକ୍‌ଦାର। ଏହି ଜଗତ ବହୁତ ସୁନ୍ଦର ଓ ସବଳ ଥିଲା। ହେଲେ ମଝିରେ ଆମେ ବାଟ ହୁଡ଼ିଲୁ । ଯେଉଁଥି ପାଇଁ ଏହି ପରିସ୍ଥିତିରେ ପହଞ୍ଚିଛୁ। ଖୁବ୍‌ଶୀଘ୍ର ସବୁକିଛି ଠିକ ହୋଇଯିବ ବୋଲି ମୋର ବିଶ୍ୱାସ।

**- କୁନା ତ୍ରିପାଠୀ, ଅଧକ୍ଷ, ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ**

## ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗ ଠିକାଦାରଙ୍କ ନାଁରେ ଏତଲା

ପୁରୀ ଅଫିସ,୨୮।୪:

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସମ୍ପ୍ରତି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ମାସେରୁ ଊର୍ଦ୍ଧ୍ୱ ହେଲାଣି ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରୁନାହାନ୍ତି। ମାତ୍ର ଲକ୍‌ଡାଉନ ନିୟମ ଭାଙ୍ଗି ଭୁବନେଶ୍ୱରର ଜନୈକ ଠିକାଦାର ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ନେଇ ମଙ୍ଗଳବାର ସିଂହଦ୍ୱାର ଥାନାରେ ସଚେତନ ନାଗରିକ ମଞ୍ଚ ଅଭିଯୋଗ କରିଛି। ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ଏନେଇ ଏକ ଏତଲା ଦେଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଗତ ଅକ୍ଷୟ ତୃତୀୟାରେ ସମ୍ପୃକ୍ତ ଠିକାଦାର ଏବଂ ତାଙ୍କର କେତେଜଣ ଶ୍ରମିକ ଲକ୍‌ଡାଉନ ନିୟମ ଭାଙ୍ଗି ବିନା ସାନିଟାଇଜ୍‌ରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଠିକାଦାର କିମ୍ବା ତାଙ୍କ ଶ୍ରମିକଙ୍କ କୌଣସି ଟେଷ୍ଟ କରା ନ ଯାଇ ସେମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଲାଗି ଅନୁମତି ଦେଲା କିଏ ବୋଲି ମଞ୍ଚ ସଭାପତି ଦାଶ ପ୍ରଶ୍ନ କରିଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି ସାହୁ କହିଛନ୍ତି, ସଚେତନ ନାଗରିକ ମଞ୍ଚ ପକ୍ଷରୁ ଥାନାରେ ରିପୋର୍ଟ ହୋଇଛି। ସମ୍ପୃକ୍ତ ଠିକାଦାରଙ୍କୁ ଡକାଇ ପଚରାଯିବ। ଅପରପକ୍ଷରେ, ଶ୍ରୀମନ୍ଦିର ପରିସରରେ ଚନ୍ଦନଯାତ୍ରା ପାଇଁ ମଣ୍ଡପ ପ୍ରସ୍ତୁତି ନିମନ୍ତେ ସମ୍ପୃକ୍ତ ଠିକାଦାରଙ୍କୁ ଡକାଯାଇଥିଲା। ସେଥିଲାଗି ସେ ଓ ତାଙ୍କ ଶ୍ରମିକମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ ବୋଲି ଶୁଣିବାକୁ ମିଳୁଛି।

# ୪ ହଜାର କୁଇଣ୍ଟାଲ ଧାନ ଖତ ଖାଉଛି

### ମଣ୍ଡି ନେଉନି, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ବୋଲଗଡ଼ର ଚାଷୀ।

ଖୋର୍ଦ୍ଧା ଅଫିସ,୨୮।୪ :

ଲକ୍‌ଡାଉନ ସମୟରେ ଚାଷୀଙ୍କ ସମସ୍ୟା ଦ୍ୱିଗଣିତ ହୋଇଛି। ଧାନ କିଣାକୁ ତ୍ୱରାନ୍ୱିତ କରାଯିବା ନେଇ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷେ ମଣ୍ଡିରେ ଚାଷୀଙ୍କ ଧାନ କିଣିବାକୁ ଅମଙ୍ଗ ହେଉଛନ୍ତି। ଫଳରେ ଅମଳ ଧାନ ବିକ୍ରି ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଧାନର ଅଭାବ ବିକ୍ରି ନେଇ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଗୋଟିଏ ପଟେ ଚାଷ କାର୍ଯ୍ୟ ବନ୍ଦ ରହିଥିବା ବେଳେ ରବି ଋତୁରେ ଅମଳ ଧାନ କିଣିବା ଲାଗି ମଣ୍ଡି କର୍ତ୍ତୃପକ୍ଷ ରାଜି ହେଉ ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ଏ ନେଇ ବୋଲଗଡ ବ୍ଲକ ପିଚୁକୁଳି ଗ୍ରାମର ଶତାଧିକ ଚାଷୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଦୁଇମାସ ହେବ ସେମାନଙ୍କୁ ଧାନ ବିକ୍ରି ଲାଗି ଟୋକନ ମିଳିଥିବା ବେଳେ ମଣ୍ଡି କର୍ତ୍ତୃପକ୍ଷ ଧାନ କିଣିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗ୍ରାମର ବିଜୟ ବଳିୟାରସିଂ, ଦିଲୀପ କୁମାର ସାହୁ, ଭରତ ଚନ୍ଦ୍ର ସାହୁ, ତ୍ରିଲୋଚନ ମହାପାତ୍ର, ପ୍ରଦୀପ ମହାପାତ୍ର ପ୍ରମୁଖ ଏକାଧିକ ଚାଷୀ ଦସ୍ତଖତ ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପିଚୁକୁଳି ଗାଁର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ୪ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପରି ଖତ ଖାଉଛି ବୋଲି ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ, ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ କହିଛନ୍ତି।

## ୪୩ କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ସଂଗ୍ରହ

ବଡ଼ମ୍ବା,୨୮।୪(ଡି.ଏନ.ଏ.)

ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ ଅଞ୍ଚଳର ୪୩ଜଣ କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେଜଣ ରାଜ୍ୟ ବାହାରୁ ଫେରିଥିବାବେଳେ ଅନ୍ୟ କେତେଜଣଙ୍କ ଥଣ୍ଡା, କାଶ ହେଉଥିବା ଜଣାପଡ଼ିଛି। ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଶ୍ୱନାଥ ଆଡେକ୍, ଡା. ଉଦୟ ଜ୍ୟୋତି ମଲ୍ଲିକ, ଡା. ଉଦୟ ରଞ୍ଜନ ଦାସ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକ୍ରମ ପରିଚାଳକ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ହୋଇଛି। ସ୍ୱାବ୍ ସଂଗ୍ରହ କେନ୍ଦ୍ରରେ ବିଧାୟକ ଦେବୀପ୍ରସାଦ ମିଶ୍ର, ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ, ତହସିଲଦାର ଅନିଲ ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ଦୀପକ ସାହୁ, ବ୍ଲକ ଅଧକ୍ଷା ଅନସୂୟା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍‌ସିରେ କରୋନା ମୁକାବିଲା ସମୀକ୍ଷା

କଟକ ଅଫିସ୍,୨୮।୪:

କରୋନା ଭୂତାଣୁର ମୁକାବିଲା ଦିଗରେ କଟକ ମହାନଗର ନିଗମ (ସିଏମ୍‌ସି) ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଙ୍ଗଳବାର ସମୀକ୍ଷା କରାଯାଇଛି। ଚୌଦ୍ୱାର -କଟକ ବିଧାୟକ ସୌଭିକ ରଞ୍ଜନ ବିଶ୍ୱାଳ ଏଥିରେ ଯୋଗଦେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରବାସୀଙ୍କ ଫେରିବାକୁ ନେଇ ଏବେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଚିନ୍ତା ଘାରିଛି। ଏଥିସହ ଉଠାଦୋକାନୀଙ୍କ ସହାୟତା ଏବଂ ଅନ୍ୟାନ୍ୟ ସରକାର ସହାୟତା କେମିତି ଠିକ୍ ଭାବେ ବଣ୍ଟାଯିବ, ସେନେଇ ଆଲୋଚନା କରାଯାଇଥିଲା।

ଲକଡାଉନ୍ ସମୟରେ ଅସହାୟଙ୍କୁ ସିଏମ୍‌ସି ପକ୍ଷରୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। କିନ୍ତୁ ତାହା ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚୁ ନାହିଁ। ଅଧିକାରୀଙ୍କ ପାଖରେ ଏହାର ରିପୋର୍ଟ ରହୁନି। ଏ ନେଇ ବିଧାୟକ ବିଶ୍ୱାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଖାଦ୍ୟ ଯୋଗାଣ ବ୍ୟାପକ କରିବାକୁ ସେ ତାଗିଦ୍ କରିଥିଲେ। ସହରର ଉଠାଦୋକାନୀଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ହେଲେ ଯେଉଁମାନେ ଫନୀରେ ସହାୟତା ପାଇଥିଲେ, କେବଳ ସେମାନଙ୍କୁ ହିଁ ବର୍ତ୍ତମାନ କରୋନା ସହାୟତା ଦିଆଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ପୁନଃ ସର୍ଭେ କରି ତାଲିକା ପ୍ରସ୍ତୁତ ସହ ସେମାନଙ୍କୁ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ରାଶନକାର୍ଡ଼ଧାରୀଙ୍କୁ ଶୀଘ୍ର ରାଶନ୍ ସାମଗ୍ରୀ ପ୍ରଦାନ ପାଇଁ କୁହାଯାଇଛି । ବୈଠକ ପରେ ବିଧାୟକ ବିଶ୍ୱାଳ ଏବଂ ଅନ୍ୟମାନେ ଚୌଦ୍ୱାର-କଟକ ଅନ୍ତର୍ଗତ ୬ଟି କ୍ୱାରାଣ୍ଟାଇନ୍ ସେଣ୍ଟର୍ ଯଥା ଓଏମ୍‌ପି କମ୍ୟୁନିଟି ସେଣ୍ଟର୍, ବୋଷ୍ କଲେଜ, ବୋଷ୍ ପରୀକ୍ଷାଗାର ଏବଂ ହଷ୍ଟେଲ୍ ସମେତ ଆଇଏମ୍‌ଆଇଟି, ମଧୁସୁଦନ ଆଇଟିଆଇ ବୁଲି ତଦାରଖ କରିଥିଲେ। ସିଏମ୍‌ସିରେ ୨୫୦ଜଣ ପ୍ରବାସୀ ପଞ୍ଜିକରଣ କରିଥିଲାବେଳେ ସହରରେ ସମୁଦାୟ ୧୩ଟି ସେଣ୍ଟର୍‌ରେ ୭୫୦ଟି ବେଡ୍ ପ୍ରସ୍ତୁତ ହୋଇଛି । ଏ ନେଇ ବିଧାୟକ ବିଶ୍ୱାଳ କୁହନ୍ତି, ବିଧାୟକ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ସିଏମ୍‌ସିକୁ ଦିଆଯାଇଛି ଯେଉଁଥିରୁ ୮ଲକ୍ଷ ଟଙ୍କା କ୍ୱାରାଣ୍ଟାଇନ୍ ସେଣ୍ଟର୍ ଓ ୧୭ଲକ୍ଷ ଟଙ୍କା ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ପାଇଁ ଖର୍ଚ୍ଚ ହୋଇଛି। ବୈଠକରେ ସଚିବ ଲତାଶ୍ରୀ ବାଗ୍, ଡେପୁଟି କମିସନର ଅମ୍ରିତ୍ ସରକାର, ସିଟି ଇଞ୍ଜିନିୟର୍ ସୁବାରାଓ ପାତ୍ର, ପୂର୍ବତନ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ରଞ୍ଜନ ବିଶ୍ୱାଳ, ଚିରଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫଳ ଗାଡ଼ି ଡ୍ରାଇଭରଙ୍କଠାରୁ ଟଙ୍କା ଲୁଟ ଘଟଣା : ୩ ଗିରଫ

ଖୋର୍ଦ୍ଧା ଅଫିସ,୨୮।୪

ଫଳ ଗାଡି ଡ୍ରାଇଭରଙ୍କଠାରୁ ଲୁଟ୍ ଘଟଣାରେ ଟାଉନ ଥାନା ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟମଙ୍ଗଳ ଗାଁର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆଲୋକ ଜେନା, ଦୁଇ ସହଯୋଗୀ ତରତୁଆର କବିର ଅଲ୍ଲୀ ଓ ସଦର ଥାନା ଅନ୍ତର୍ଗତ ଅଣ୍ଡା ଗାଁର ଅନୱାର ଖାନ। ଏମାନଙ୍କଠାରୁ ବାଇକ୍, ମୋବାଇଲ, ଦେଶୀ ବନ୍ଧୁକ ଓ ୧୮ ଶହ ଟଙ୍କା ଜବତ ହୋଇଛି। ସୂଚନା ଅନୁସାରେ, ଭୁବନେଶ୍ୱରର ଏକ ଫଳ ଗୋଦାମରେ ଡ୍ରାଇଭର ଭାବେ କାମ କରନ୍ତି ପ୍ରଦୀପ ପ୍ରଧାନ। ସେ ସବୁଦିନ ଟାଟା ଏସ୍‌ସିଇରେ ଫଳ ଧରି ଖୋର୍ଦ୍ଧା ସାରୁଅ ଅଞ୍ଚଳରେ ବ୍ୟବସାୟୀଙ୍କୁ ଫଳ ଦେଇ ସନ୍ଧ୍ୟାରେ ଟଙ୍କା ଆଦାୟ କରି ଫେରି ଯାଆନ୍ତି। ଫେବୃୟାରୀ ୨୭ରେ ସେ ବ୍ୟବସାୟୀଙ୍କଠାରୁ ୯୭ ହଜାର ୫ ଶହ ଟଙ୍କା ଆଦାୟ କରି ଭୁବନେଶ୍ୱର ଫେରୁଥିଲେ। ଏହି ସମୟରେ ସାରୁଅ ନିକଟରେ ଆଲୋକ ଓ ତାଙ୍କ ଦୁଇ ସହଯୋଗୀ କବିର, ଅନୱାର ୨ଟି ବାଇକ୍‌ରେ ଆସିପ୍ରଦୀପଙ୍କୁଅଟକାଇ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରଦୀପଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୬୭/୨୦ରେ ମାମଲା ରୁଜୁ ହୋଇଥିଲା।

# ୪୪ କି.ଗ୍ରା. ଗଞ୍ଜେଇ ସହ କାର୍ ଜବତ, ଚାଳକ ଗିରଫ

ପୁରୀ ଅଫିସ, ୨୮।୪:

କରୋନା ମୁକାବିଲା ପାଇଁ ବର୍ତ୍ତମାନ ଲକ୍‌ଡାଉନ ଚାଲିଛି। ଏହି ପ୍ରାଣଘାତୀ ଭୂତାଣୁ କବଳରୁ କିପରି ନିସ୍ତାର ମିଳିବ ସେଥିପାଇଁ ସମସ୍ତେ ଚିନ୍ତିତ ଥିବାବେଳେ କେତେଜଣ ମୁନାଫାଖୋର ବ୍ୟକ୍ତି ଏହି ସମୟରେ ବେଆଇନ ନିଶା କାରବାର ଜାରି ରଖିଛନ୍ତି। ଏହା ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲାପାଳ ବଲୱନ୍ତ ସିଂ ପୋଲିସ ଏବଂ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ଚଢାଉ କରାଯାଉଛି। ମଙ୍ଗଳବାର ଭୋର ୫ଟାରେ ଅବକାରୀ ନିରୀକ୍ଷକ, ଜିଲା ଭ୍ରାମ୍ୟମାଣ ଅଧିକାରୀ ଏବଂ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଏକ ଗାଡ଼ିରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଏହି ଟିମ୍ ପୁରୀ ସଦର ଥାନା ଅନ୍ତର୍ଗତ ବାଲିପୁଟ ନିକଟ ରାସ୍ତାରେ ଜଗି ରହିଥିଲେ। ଏହି ସମୟରେ ଏକ କାର୍ (ନଂ.ଏମ୍‌ପି ୦୪ସିବି-୬୫୦୧)କୁ ଅଟକାଇ ଯାଞ୍ଚ କରିବାରୁ ଡିକିରୁ ବହୁଗୁଡ଼ିଏ ଗଞ୍ଜେଇ ପ୍ୟାକେଟ୍ ମିଳିଥିଲା। ଗାଡ଼ି ଓ ଗଞ୍ଜେଇ ଜବତ କରିବା ସହ ଏହାର ଚାଳକ ନିମାପଡ଼ା ଥାନା ଅନ୍ତର୍ଗତ ନଅଁତରାର ଦେବାଶିଷ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ପରେ ଦେବାଶିଷଙ୍କୁ ପୁରୀ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ୪୪ କିଗ୍ରା ଗଞ୍ଜେଇ ଜବତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ବିକାଶ କୁମାର ନାୟକ, ଏସ୍‌ଆଇ ବନ୍ଦନା ପଟ୍ଟନାୟକ, ଏସ୍‌ଆଇ ବିନୋଦ କୁମାର ବାସ୍କେ, ଏଏସ୍‌ଆଇ ସୁଶାନ୍ତ କୁମାର ମହାପାତ୍ରଙ୍କ ସମେତ ସନ୍ତୋଷ କୁମାର ନାୟକ, ପ୍ରଦୀପ୍ତ କୁମାର ପଣ୍ଡା, ଅଭିଜିତ ପ୍ରଧାନ, ସଞ୍ଜୀବ ହୁସ୍କି ପ୍ରମୁଖ ସାମିଲ ଥିଲେ।

# ମେ ୮ରୁ ପୁରୀ ଜିଲାରେ ରବିଧାନ ସଂଗ୍ରହ

ପୁରୀ ଅଫିସ, ୨୮।୪



ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ।

- କମ୍ ଟାର୍ଗେଟକୁ ନେଇ ଅସନ୍ତୋଷ
- ୧୨୫ ମଣ୍ଡିରେ ଧାନ ଦେବେ ଚାଷୀ
- ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ

ଆସନ୍ତା ମେ ୮ ତାରିଖରୁ ପୁରୀ ଜିଲାର ଚାଷୀଙ୍କଠାରୁ ରବି ଧାନ ସଂଗ୍ରହ କରାଯିବ। ଏହି ଧାନ ସଂଗ୍ରହ କିପରି ସୁରୁଖୁରରେ ହେବ ସେ ନେଇ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥର ୧୨୫ଟି ମଣ୍ଡିରେ ଧାନ ସଂଗ୍ରହ ହେବ। ଏଥିପାଇଁ ଆସନ୍ତା ୫ ତାରିଖରୁ ପ୍ରଚାର କରାଯିବ । ତେବେ ଧାନ ଦେବା ବେଳେ ଚାଷୀଙ୍କ ମଧ୍ୟରେ ଯେପରି ସାମାଜିକ ଦୂରତ୍ୱ ରକ୍ଷା କରାଯାଇପାରିବ ତାହା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ୨୦୧୯-୨୦ରେ ମାତ୍ର ୩୦,୮୮୨ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଜିଲାକୁ ଟାର୍ଗେଟ ଦିଆଯାଇଥିବାରୁ ଏହାକୁ ନେଇ ଜିଲା ଧାନ ସଂଗ୍ରହ କମିଟି ସଦସ୍ୟ ତଥା କୃଷକ ପ୍ରତିନିଧି ଅଶୋକ କୁମାର ପ୍ରଧାନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ଆବଶ୍ୟକ ପଡ଼ିଲେ ଅଧିକ ଟାର୍ଗେଟ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ୨୦୧୮-୧୯ରେ ରବି ଧାନ ସଂଗ୍ରହ ପାଇଁ ପୁରୀ ଜିଲାକୁ ୯୫,୫୮୮ କୁଇଣ୍ଟାଲ ଟାର୍ଗେଟ ଦିଆଯାଇଥିଲା। ମାତ୍ର ଗତବର୍ଷ ବାତ୍ୟା ଫନୀ ଯୋଗୁ ଜିଲାରେ ଆଶାତୀତ ଭାବେ ଧାନ ସଂଗ୍ରହ କମି ଯାଇଥିଲା। ୨୦,୯୦୬ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ ମଧ ମାତ୍ର ୪୪,୪୭୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା, ଯାହାକି ଟାର୍ଗେଟର ମାତ୍ର ୪୬ ପ୍ରତିଶତ ରହିଥିଲା। ଗତବର୍ଷର ଏହି ତଥ୍ୟକୁ ଦେଖି ୨୦୧୯-୨୦ରେ ପୁରୀ ଜିଲାକୁ ମାତ୍ର ୩୦,୮୮୨ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଦିଆଯାଇଛି। ଅନ୍‌ଲାଇନ ପଞ୍ଜୀକରଣ ଜରିଆରେ ୨୬,୨୬୭ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ୧୨୫ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ। ୧୮ଜଣ ମିଲର ଧାନ କିଣିବେ। ଏଥର କୁଇଣ୍ଟାଲ ପିଛା ମୂଲ୍ୟ ରହିଛି ୧୮୧୫ ଟଙ୍କା। ତେବେ ଜିଲାକୁ ମିଳିଥିବା ଟାର୍ଗେଟକୁ ନେଇ ବୈଠକରେ ଯୋଗଦେଇଥିବା କୃଷକ ପ୍ରତିନିଧି ଅଶୋକ କୁମାର ପ୍ରଧାନ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଫନୀ ଯୋଗୁ ଧାନ ସଂଗ୍ରହ କମିଥିଲା। କିନ୍ତୁ ଏଥର ଧାନ ଭଲ ହୋଇଥିବା ବେଳେ ଚାଷୀମାନେ ଏହାକୁ ଅମଳ କରି ଘରେ ରଖିଛନ୍ତି। ୨୬,୨୬୭ ଚାଷୀ ଧାନ ଦେବା ପାଇଁ ପଞ୍ଜୀକରଣ କରିଥିବା ବେଳେ ଟାର୍ଗେଟ ଦିଆଯାଇଛି ୩୦,୮୮୨ କୁଇଣ୍ଟାଲ। ତେଣୁ ଟାର୍ଗେଟ ବୃଦ୍ଧି କରିବା ପାଇଁ ସେ ଦାବି କରିଥିଲେ। ଧାନକିଣା ଆରମ୍ଭ ପରେ ଏହାକୁ ବୃଦ୍ଧି କରାଯିବ ବୋଲି ଆଲୋଚନା ହୋଇଛି। ବୈଠକରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ କୃଷକ ପ୍ରତିନିଧି ପ୍ରଧାନ କହିଛନ୍ତି, ଅମଳ ପରେ ଧାନ ରଖିବା ପାଇଁ ଅନେକ ଚାଷୀଙ୍କ ସୁବିଧା ନାହିଁ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମ୍ଭାବନାକୁ ନେଇ ଚାଷୀ ବାଧ ହୋଇ ବେପାରୀମାନଙ୍କୁ କୁଇଣ୍ଟାଲ ପିଛା ୧୨୦୦ରୁ ୧୩୦୦ ଟଙ୍କାରେ ଧାନ ବିକୁଛନ୍ତି। ଫଳରେ କୁଇଣ୍ଟାଲ ପିଛା ପ୍ରାୟ ୫୦୦ ଟଙ୍କା କ୍ଷତି ସହୁଛନ୍ତି। ତେଣୁ ସରକାର ଜିଲାକୁ ଅଧିକ ଟାର୍ଗେଟ ଦେବା ଦରକାର। ସେହିପରି ପୂର୍ବରୁ ସପ୍ତାହକୁ ମାତ୍ର ୩ ଦିନ ଧାନ ସଂଗ୍ରହ କରାଯାଉଥିଲା। ଯେହେତୁ ଏଥର ଗୋଟିଏ ମଣ୍ଡିରେ ଦିନକୁ କେବଳ ୩୦ଜଣ ଚାଷୀ ଧାନ ଦେଇପାରିବେ ବୋଲି ନିୟମ ହୋଇଛି ସେଥିପାଇଁ ସପ୍ତାହକୁ ୬ ଦିନ ଧାନ ସଂଗ୍ରହ ହେଉ ବୋଲି ପ୍ରଧାନ କହିଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୨୯ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### ୨ ଡାକ୍ତରଙ୍କୁ ଆକ୍ରମଣ ଉଦ୍ୟମ ଘଟଣା: ଅଭିଯୁକ୍ତ ଗିରଫ

**ରତ୍ନଗିରି/ବରୀ,୨୮।୪ (ଡି.ଏନ.ଏ/ସ୍ୱ.ପ୍ର):** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ର ୨ଜଣ ଡାକ୍ତରଙ୍କୁ ସୋମବାର ପୂର୍ବାହ୍ଣରେ ଜଣେ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିଥିବା ନେଇ ବରୀ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଭାବାନିପୁର ଗ୍ରାମର ସୁଧାଂଶୁ ଶେଖର ଶତ୍‌ପଥୀ (ଟୁକୁ) ନାମକ ଯୁବକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଡାକ୍ତର ଜ୍ୟୋତି ଚୌଧୁରୀ ଓ ଜିନ୍ନତ ଦାସ କୋଭିଡ-୧୯ ଡ୍ୟୁଟିରେ ଥିଲେ। ଏହି ସମୟରେ ସୁଧାଂଶୁ ଡାକ୍ତରଖାନାରେ ପଶି ଡାକ୍ତରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିଥିଲେ। ଏନେଇ ବରୀ ଥାନାରେ ଏକ ମାମଲା (ନଂ.୧୦୪/୨୦) ରୁଜୁ ହୋଇଥିଲା।

### ଟ୍ରାକ୍ଟର ଓଲଟି ୨ ଯୁବକ ମୃତ

**କେନ୍ଦ୍ରାପଡା ଅଫିସ୍, ୨୮।୪:** କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ପାଳକଣା କେନାଲରେ ଟାକ୍ଟର ଓଲଟି ୨ ଯୁବକଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ସେମାନେ ହେଲେ ପାଳକଣା ଗ୍ରାମର ଫକିର ଚରଣ ସେଠୀଙ୍କ ପୁଅ ରତିକାନ୍ତ (୪୨) ଓ କରୁଣାକର ଦାସଙ୍କ ପୁଅ ଗଗନ (୨୨)। ଏଥିସହିତ ଟ୍ରାକ୍ଟରରେ ବସିଥିବା ସେହି ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ଅବସ୍ଥା ଗୁରୁତର ଅଛି।

### ସାପ କାମୁଡାରେ ଯୁବତୀ ମୃତ

**ଏରସମା, ୨୮।୪ (ସ୍ୱ.ପ୍ର.):** ଏରସମା ବ୍ଲକ ଗଡ଼ବିଶୁନିପୁର ଗ୍ରାମର ରମେଶ ପଣ୍ଡାଙ୍କ ଝିଅ ମହାଶ୍ୱେତାଙ୍କର ସୋମବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ମହାଶ୍ୱେତା ସୋମବାର ଅପରାହ୍ଣରେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଏରସମା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଏସ୍‌ଆଇ ଦୀନେଶ ପଣ୍ଡା କହିଛନ୍ତି।

### ନାବାଳିକାଙ୍କ ସ୍ୱାମୀ ଗିରଫ

**କେନ୍ଦ୍ରାପଡା ଅଫିସ, ୨୮।୪:** କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଫେବୃୟାରୀରେ ସମ୍ପୃକ୍ତ ନାବାଳିକାଙ୍କୁ ଯୁବକ ଜଣକ ଅପହରଣ କରି ବିବାହ କରିଥିବା ଅଭିଯୋଗ ହୋଇଥିଲା। ଥାନାରେ ୧୮/୨୦ ନଂ.ରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପଟ୍ଟାମୁଣ୍ଡାଇରୁ ପୋଲିସ ଯୁବକଙ୍କୁ ଗିରଫ କରି ନାବାଳିକାଙ୍କୁ ନିଜ ହେପାଜତକୁ ନେଇଛି।

### ମାସ୍କ ଅଭାବ ପୂରଣ କରୁଛନ୍ତି ମହିଳା ଗୋଷ୍ଠୀ

**ଏରସମା,୨୮।୪ (ସ୍ୱ.ପ୍ର.):** ମାସ୍କ ଅଭାବ ପୂରଣ କରିବାକୁ ଆଗେଇ ଆସିଛନ୍ତି ଏରସମା ବ୍ଲକର ମା'ଶକ୍ତି ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ। ଆବଶ୍ୟକତା ମୁତାବକ ମାସ୍କ ବଜାରରେ ଉପଲବ୍ଧ ନ ଥିବା ଅଭିଯୋଗ ହେବା ପରେ ଏହି ଗୋଷ୍ଠୀ ପକ୍ଷରୁ ଅଦ୍ୟାବଧି ବ୍ଲକ ପ୍ରଶାସନକୁ ୯୨୦୦ ହାତତିଆରି ମାସ୍କ ଯୋଗାଇ ଦିଆଯାଇଛି। ମିଶନ ଶକ୍ତି ପକ୍ଷରୁ ଜନ ଶିକ୍ଷଣ ସଂସ୍ଥାନ ଏରସମା ଶାଖା ମା'ଶକ୍ତି ୟୁନିଟର ମହିଳାମାନେ ମାସ୍କ ତିଆରି କାର୍ଯ୍ୟରେ ଲାଗିଛନ୍ତି। ସଂସ୍ଥାନର ପ୍ରଶିକ୍ଷିକା ସନ୍ଧ୍ୟାରାଣୀ କୁଅଁରଙ୍କ ତତ୍ତ୍ୱାବଧାନରେ ସଙ୍ଗୀତା ସାହୁ, ପ୍ରଭାସିନୀ ଭୋଳ, ପୁଷ୍ପାଞ୍ଜଳି ଭୋଳ, ରୀନାରାଣୀ ବାରିକ, ସୁପ୍ରିୟା ସାହୁ ପ୍ରମୁଖ ବ୍ଲକ ମିଶନ ଶକ୍ତି ଜରିଆରେ ମାସ୍କ ଯୋଗାଇଛନ୍ତି। ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ସ୍ୱାଇଁ କହିଛନ୍ତି, ଏହି ମହିଳାମାନେ ମାସ୍କ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ସେମାନଙ୍କୁ ସପ୍ତାହ ମଧ୍ୟରେ ଆଉ ୪୨୦୦ ମାସ୍କ ଯୋଗାଇବାକୁ କୁହାଯାଇଛି।

# ୩ ସୁଦ୍ଧା ଟିଏମ୍‌ସିରେ ଶୌଚାଳୟ ନିର୍ମାଣ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୮।୪**

କରୋନା ମୁକାବିଲା ପାଇଁ ଯାଜପୁର ଜିଲା ପ୍ରଶାସନର ଅଭିଯାନ ଜାରି ରହିଛି। ଅନ୍ୟ ରାଜ୍ୟରୁ ଗାଁକୁ ଆସୁଥିବା ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖିବା ଏବଂ ସେମାନଙ୍କ ରହିବା, ଖାଇବା, ଚିକିତ୍ସାର ଉଚିତ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମସି)ରେ ପାନୀୟ ଜଳ ଯୋଗାଣ, ଗାଧୋଇବା, ଟଏଲେଟ, ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା ଇତ୍ୟାଦି ବ୍ୟବସ୍ଥା କରିବାକୁ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଦେଓରଞ୍ଜନ କୁମାର ସିଂ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ-ଚିଫ୍ ଆସନ୍ତା ୩ ତାରିଖ ସୁଦ୍ଧା ସମସ୍ତ ଟିଏମ୍‌ସିରେ ଉପରୋକ୍ତ ବ୍ୟବସ୍ଥା ସମ୍ପନ୍ନ କରିବାକୁ ବିଭାଗୀୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ନିର୍ଦ୍ଧାରିତ ସମୟକୁ ଆଉ ମାତ୍ର ୫ ଦିନ ଥିବାବେଳେ ଯାଜପୁର ଜିଲାର ୧୦ଟି ବ୍ଲକର ୩୧୧ଟି ଗ୍ରାମ ପଞ୍ଚାୟତରେ ଖୋଲା ଯାଇଥିବା ୪୩୬ ଟିଏମସିରେ ପାନୀୟ ଜଳ ଯୋଗାଣ ସହ ଅନ୍ୟାନ୍ୟ ବ୍ୟବସ୍ଥା କରିବା ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅଧିକାଂଶ ଟିଏମ୍‌ସିରେ ସ୍ୱଚ୍ଛତା ଓ ପାନୀୟ ଜଳକୁ ନେଇ ଅବ୍ୟବସ୍ଥା ରହିଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାରେ ସମ୍ପ୍ରତି ଟିଏମ୍‌ସି ପାଇଁ ୧୨,୧୧୩ଟି ବେଡ୍‌ର ଆବଶ୍ୟକତା ରହିଥିବାବେଳେ ଏଯାବତ୍ ୯,୪୧୩ଟି ବେଡ୍‌ର ବ୍ୟବସ୍ଥା ହୋଇପାରିଛି। ବାକି ବେଡର ବ୍ୟବସ୍ଥା ଆସନ୍ତା ୩୦।୪।୨୦୨୦ ସୁଦ୍ଧା ସମ୍ପନ୍ନ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ତେବେ ସମସ୍ତ ଟିଏମସିରେ ପାନୀୟ ଜଳ ଯୋଗାଣ ଓ ପରିଚ୍ଛନ୍ନତା ଉପରେ ହୋଇଥିବା ନିର୍ଦ୍ଦେଶର କାର୍ଯ୍ୟକାରୀ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ପ୍ରତ୍ୟେକ ଟିଏମସିରେ ୧୨ହଜାର ଟଙ୍କା ଖର୍ଚ୍ଚ କରି ଶୌଚାଳୟ ନିର୍ମାଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ବିଡିଓ ଏସ୍‌ବିଏମ୍‌ଜି(ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ) ପାଣ୍ଠିରୁ ଖର୍ଚ୍ଚ କରି ସ୍ୱତନ୍ତ୍ର ବିନିଯୋଗ ପତ୍ର ଦାଖଲ କରିବେ। ଏହାସହ ବାଲ୍‌ଟି, ମଗ, ସାବୁନ ଇତ୍ୟାଦି ଏସ୍‌ଆର୍‌ସି ପାଣ୍ଠିରୁ ଖର୍ଚ୍ଚ ହେବ। ଏହିସବୁ



ନିର୍ମାଣ ସମୟରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖି ଅଧିକରୁ ଅଧିକ ୫ ଜଣଙ୍କୁ କାର୍ଯ୍ୟରେ ଲଗାଯାଇ ପାରିବ। ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିର୍ମାଣ କାର୍ଯ୍ୟରେ ବାରଣ କରାଯାଇଛି। ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଟିଏମ୍‌ସିର ସମସ୍ତ ନିର୍ମାଣ କାର୍ଯ୍ୟର ତଦାରଖ କରିବେ। ସମସ୍ତ ଟିଏମସିକୁ କେମିତି ଜଳଯୋଗାଣ ହେବ ସେ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଉତ୍ତରଦାୟୀ ରହିବେ। ପ୍ରାୟ ସମସ୍ତ ପଞ୍ଚାୟତ ହେଡକ୍ୱାଟରରେ ପାଇପ ଜଳଯୋଗାଣ ସୁବିଧା କରାଯାଇଛି। ତେବେ ଯେଉଁଠି ଏହି ସୁବିଧା ନାହିଁ ସେଠାରେ ଟ୍ୟାଙ୍କର ଯୋଗେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ୮ ହଜାର ଟଙ୍କା ବିନିମୟରେ ମହିଳା ଓ ପୁରୁଷଙ୍କ ପାଇଁ ଟିଏମସିରେ ଗାଧୋଇବା ଘର ନିର୍ମାଣ କରାଯିବ। ସମସ୍ତ ଟିଏମସି କ୍ୱାର୍ଟରରେ ମାଟିପାତ୍ରରେ ପାନୀୟ ଜଳ ବ୍ୟବସ୍ଥା କରାଯାଇ ସମ୍ପୃକ୍ତ ଏଏନ୍‌ଏମ ହେଲୋଜେନ ବଟିକା ଯୋଗାଣ କରିବେ। ପରିଚ୍ଛନ୍ନତା ଉପରେ ୧୦ଜଣ ବ୍ୟକ୍ତିଙ୍କ ପାଇଁ ଗୋଟିଏ ଶୌଚାଳୟ ନିର୍ମାଣ ହେବ। କରୋନା ମୁକାବିଲା ପାଇଁ ଜିଲାରେ ଉପରୋକ୍ତ ବ୍ୟବସ୍ଥା ବିଭାଗୀୟ ଅଧିକାରୀଙ୍କ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ, ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବ୍ୟବସ୍ଥା କରିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଆବଶ୍ୟକ ଯନ୍ତ୍ରୀ ଓ କର୍ମଚାରୀ ଅଭାବ ଏଥିରେ ବ୍ୟାହତ ସୃଷ୍ଟି କରୁଛି। ତଥାପି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି।

**ଯାଜପୁର ଜିଲାରେ କରୋନା ମୁକାବିଲା**

- ଅଧିକାଂଶ ଟିଏମ୍‌ସିରେ ଅବ୍ୟବସ୍ଥା
- ପରିଚ୍ଛନ୍ନତା, ଜଳଯୋଗାଣ ଉପରେ ଗୁରୁତ୍ୱାରୋପ
- ପଞ୍ଚାୟତିରାଜ ବିଭାଗ ଜାରି କଲା ଗାଇଡ୍‌ଲାଇନ

## ଲୁହାପଥର ବୋଝେଇ ଟ୍ରକ୍‌ରୁ ରାହାଜାନି: ଯୁବକ ଗିରଫ

**ମର୍ଶାଘାଇ, ୨୮।୪ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଅଧୀନ ୫ ନଂ. (କ) ଜାତୀୟ ରାଜପଥରେ ଏକ ଲୁହାପଥର ବୋଝେଇ ଟ୍ରକରୁ ରାହାଜାନି କରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଟିକରପଙ୍ଗା ନାରାୟଣପୁର ଗ୍ରାମର ରଞ୍ଜନ କୁମାର ମଲିକ(୩୧)। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ପାରାଦୀପକୁ ଲୁହାପଥର ନେଇ ଯାଉଥିବା ଟ୍ରକଗୁଡ଼ିକ ୫ ନଂ.(କ) ଜାତୀୟ ରାଜପଥରେ ଧାଡ଼ି ହୋଇ ରହିଥିବା ବେଳେ ମଙ୍ଗଳବାର ଭୋରରୁ ରଞ୍ଜନଙ୍କ ସମେତ ଅନ୍ୟ ୩ ଜଣ ଟ୍ରକ ପାସ୍ କରାଉଥିଲେ। ଏହି ସମୟରେ ଟ୍ରକ୍ (ନଂ. ଓଡି ୦୪-ଏନ-୯୪୫୨) ଡ୍ରାଇଭର ସେକ ଗୁଫରାନଙ୍କୁ ରଞ୍ଜନ ଓ ତାଙ୍କ ସହଯୋଗୀମାନେ ଟଙ୍କା ମାଗିଥିଲେ। ମାତ୍ର ସେ ନ ଦେବାରୁ ତାଙ୍କୁ ମାଡ଼ ମାରିବା ସହିତ ତାଙ୍କଠାରୁ ୬ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେକ୍ ଗୁଫରାନ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି କାଳନ୍ଦୀ ବେହେରା ୧୦୯/୨୦ରେ ମାମଲା ରୁଜୁ କରିବା ସହ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ୩ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଜୀବନ ପାଇଁ ବଦଳିଛି ଜୀବିକା

**କେନ୍ଦ୍ରାପଡା ଅଫିସ୍, ୨୮।୪**




ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ପରିବା ବିକୁଛନ୍ତି ବସ୍ ଚାଳକ ଶ୍ରୀଧର ବେହେରା।

ଦେଶରେ ତାଲାବନ୍ଦକୁ ଇତିମଧ୍ୟରେ ମାସେ ବିତିଛି। ଫଳରେ ଗାଡ଼ିମୋଟର ଚଳାଚଳ ସହ ଅନେକ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଛି। ଏହି ସମୟରେ ଅନେକ ଲୋକ ଘରେ ବସିବା ଅପେକ୍ଷା ଜୀବିକା ବଦଳାଇ ପରିବାର ପ୍ରତିପୋଷଣ ପାଇଁ ନୂଆ ଜୀବିକାକୁ ଆପଣେଇ ନେଇଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ବସ୍ ଚାଳକ ଶ୍ରୀଧର ବେହେରା ସହରର ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ପରିବା ବିକ୍ରି କରୁଛନ୍ତି। ସେହିପରି ଖଡିଅଙ୍ଗ ଛକରେ ସେଲୁନ କରିଥିବା କୁଞ୍ଜବିହାରୀ ବାରିକ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରୁଥିବା ଜଣାପଡ଼ିଛି। ସହରର ପୁରୁଣା ବସଷ୍ଟାଣ୍ଡସ୍ଥିତ ଚା' ଦୋକାନୀ ଭୀମସେନ ବେହେରା ଫଳ ବ୍ୟବସାୟ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସହରର କମାରଖଣ୍ଡି ଗ୍ରାମର ଶ୍ରୀଧର ବେହେରା କୁହନ୍ତିଯେ, ସେ ବସ୍ ଚାଳନା କରି ଦିନକୁ ୫୦୦ ଟଙ୍କା ରୋଜଗାର କରୁଥିଲେ। ଏଥିରେ ୪ ଜଣିଆ ପରିବାର ଚଳି ଯାଉଥିଲା। ତାଲାବନ୍ଦ ଯୋଗୁ ବସ ଚଳାଚଳ ବନ୍ଦ ରହିଛି। ପ୍ରଥମ ପର୍ଯ୍ୟାୟ ତାଲାବନ୍ଦ ସମୟରେ ସଞ୍ଚିତ ଅର୍ଥରେ ପରିବାର ଚଳି ଯାଉଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା ହେବା ପରେ ଜୀବନ ପାଇଁ ଜୀବିକା ବଦଳାଇ ପରିବା ବ୍ୟବସାୟ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ଦିନକୁ ମାତ୍ର ୫ ଘଣ୍ଟା ଦୋକାନ ଖୋଲୁଥିବାରୁ ଆୟ ଅଧିକ ହେଉନି। ତେବେ ଗୁଜୁରାଣ ମେଣ୍ଟିଯାଉଛି। ସେଲୁନ ମାଲିକ କୁଞ୍ଜବିହାରୀ କହିଛନ୍ତି, କରୋନା ସଂକ୍ରମଣ ଜୀବନ ଓ ଜୀବିକାକୁ ପ୍ରଭାବିତ କରିଛି। ଲକ୍‌ଡାଉନ୍ ଯୋଗୁ ସେଲୁନ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଯୋଗୁ ଘର ଚଳାଇବା କଷ୍ଟକର ହୋଇପଡ଼ିଲା। ତେଣୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତିଦିନ କାମକୁ ଯାଉଛନ୍ତି ବୋଲି କୁଞ୍ଜବିହାରୀ କହିଛନ୍ତି। ସେହିପରି ପୁରୁଣା ବସଷ୍ଟାଣ୍ଡର ଚା' ଦୋକାନୀ ଭୀମସେନ କହିଛନ୍ତି, ଖରାଦିନେ ସେ ଲସି ବ୍ୟବସାୟ କରିଥାନ୍ତି। ଏଥିରେ ଭଲ ଦି'ପଇସା ରୋଜଗାର ହୁଏ। ତେବେ ତାଲାବନ୍ଦ ଯୋଗୁ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଫଳ ବ୍ୟବସାୟ ଆରମ୍ଭ କରିଛି। ଲକ୍‌ଡାଉନ୍ ଅବଧି ସରିଲେ ପୁଣି ଦୋକାନ ଖୋଲିବେ ବୋଲି ଭୀମସେନ କହିଛନ୍ତି।

## ୧୯୮୯ ମାଟ୍ରିକ ବ୍ୟାଚ୍ ପକ୍ଷରୁ ୧୦,୦୦୦ ଟଙ୍କା ଦାନ

**ରସୁଲପୁର,୨୮।୪(ଡିଏନଏ):** ରସୁଲପୁର ବ୍ଲକ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୯ ବ୍ୟାଚର ବିଦ୍ୟାର୍ଥୀମାନେ କରୋନା ପାଇଁ ସହାୟତାର ହାତ ବଢାଇଛନ୍ତି। ଏହି ବ୍ୟାଚ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୦,୦୦୦ ଟଙ୍କା ଦାନ କରାଯାଇଛି। ବ୍ୟାଚର ୫ ପୁରାତନ ଛାତ୍ର ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଏକ ଅନୁରୋଧ ପତ୍ର ସହ ଅର୍ଥରାଶି ପ୍ରଦାନ କରିଥିଲେ। ବ୍ୟାଚ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ଉଦ୍ୟାନବିତ୍ ତଥା ପୁରାତନ ଛାତ୍ର ସୁରେନ୍ଦ୍ର କୁମାର ସାହୁ ରିଲିଫ ପାଣ୍ଠିକୁ ଦାନ କରିବା ନେଇ ପ୍ରସ୍ତାବ ରଖିଥିଲେ। ଉକ୍ତ ପ୍ରସ୍ତାବ ଆଧାରରେ ବ୍ୟାଚର ବିଦ୍ୟାର୍ଥୀ ଅର୍ଥ ଦାନ କରିଥିଲେ।

## ମାସ୍କ ନ ପିନ୍ଧି ଦଣ୍ଡ ଗଣିଲେ

**ନାଉଗାଁ, ୨୮।୪ (ସ୍ୱ.ପ୍ର.):** କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ରୋକିବା ସକାଶେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ତେବେ ନାଉଗାଁ ବ୍ଲକ ଅଞ୍ଚଳରେ ନିୟମ ଭାଙ୍ଗି ୧୭ ଜଣ ଦୋକାନୀଙ୍କ ସମେତ ୧୮ ଜଣ ଜରିମାନା ଦେଇଥିବା ଜଣାପଡ଼ିଛି। ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଇକ୍ ଆରୋହୀ ଓ ଦୋକାନୀମାନେ ମାସ୍କ ପିନ୍ଧୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ନାଉଗାଁ ତହସିଲର ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ସହିତ ହିସାବରକ୍ଷକ ବିଶ୍ୱମ୍ଭର ମହାନ୍ତି ସୋମବାର ଗଙ୍ଗଦାହାଟ, ଗାରୋଇ ଛକ ସହିତ ନାଉଗାଁ ହାଟ ଆଦିରେ ଚଢ଼ାଉ କରିଥିଲେ। ୧୭ ଜଣ ଦୋକାନୀ ବିନା ମାସ୍କରେ ଦୋକାନ ଖୋଲିଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଜଣେ ବାଇକ୍ ଆରୋହୀ ମାସ୍କ ପିନ୍ଧି ନ ଥିବାରୁ ଜରିମାନା ଗଣିଥିଲେ।

# ଅର୍ଥ ହରିଲୁଟ ମସୁଧା ଅଭିଯୋଗ ଆଣିଲେ ୮ ୱାର୍ଡସଭ୍ୟ

**ଚଣ୍ଡିଖୋଲ,୨୮।୪(ଡି.ଏନ.ଏ)**

**ପତରାଜପୁର ସରପଞ୍ଚଙ୍କୁ ଜିଲାପାଳଙ୍କ ତାଗିଦ**

ବଡ଼ଚଣା ବ୍ଲକ ପତରାଜପୁର ପଞ୍ଚାୟତ କୋଭିଡ-୧୯ର ମୁକାବିଲାରେ ବିଫଳ ହେଉଥିବା ନେଇ ଚର୍ଚ୍ଚା ହେଉଛି। ସୋମବାର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ଅବ୍ୟବସ୍ଥା ପାଇଁ ବଡ଼ଚଣା ବିଡିଓଙ୍କ ପକ୍ଷରୁ ପତାରଜପୁର ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାବେଳେ ମଙ୍ଗଳବାର ଯାଜପୁର ଜିଲାପାଳ ଏହି ଅବ୍ୟବସ୍ଥା ନେଇ ପୁଣି ତାଗିଦ କରିଛନ୍ତି। ଅସନ୍ତା ୩ ତାରିଖ ପରେ ବିଭିନ୍ନ ରାଜ୍ୟରୁ ଫେରିବାକୁ ଥିବା ଲୋକଙ୍କ ପାଇଁ ଯେଉଁ ଅସ୍ଥାୟୀ ଶିବିର ନିର୍ମାଣ କରାଯିବା କଥା ତାହା ହୋଇନାହିଁ। ଆସନ୍ତା ଦୁଇଦିନ ମଧ୍ୟରେ ଏସବୁ ପୂରଣ କରା ନ ଗଲେ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଏହି ପଞ୍ଚାୟତର ନିର୍ବାହୀ ଅଧିକାରୀ ରସାନନ୍ଦ ଜେନାଙ୍କୁ ମଧ୍ୟ କାର୍ଯ୍ୟରେ ଖିଲାପ ହେଲେ ନିଲମ୍ବନ କରାଯିବା ନେଇ ଜିଲାପାଳ ଚେତାବନୀ ଦେଇଛନ୍ତି। ତେବେ ଏତିକିରେ ସରପଞ୍ଚଙ୍କ ବିବାଦ ସରିନାହିଁ। ଏହି ପଞ୍ଚାୟତରେ ଗରିବ ଅସହାୟଙ୍କୁ ଦିନକୁ ଦୁଇଥର ପ୍ରଦାନ ହେବାକୁ ଥିବା ଖାଦ୍ୟରୁ ମାତ୍ର ଗୋଟିଏ ଥର ଦିଆଯାଉଥିବା ନେଇ ୮ଜଣ ୱାର୍ଡସଭ୍ୟ ବଡଚଣା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଆହୁରି ମଧ୍ୟ କେତେଜଣ ସ୍ୱେଚ୍ଛାସେବୀ ବଣ୍ଟନ କରିଥିବା ଶୁଖିଲା ଖାଦ୍ୟର ଫଟୋ ଉତ୍ତୋଳନ କରି ଏହି ଫଟୋକୁ ହ୍ୱାଟ୍‌ସଆପ ଗ୍ରୁପ୍‌ରେ ବିଡିଓଙ୍କ ନିକଟକୁ ପଠାଯାଇ ଏ ବାବଦ ଅର୍ଥ ଆତ୍ମସାତ୍ କରିବାକୁ ମସୁଧା କରାଯାଉଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡସଭ୍ୟମାନେ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଅଜିତ ନାରାୟଣ ଗିରି ସୂଚନା ଦେଇଛନ୍ତି।

# କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବାକୁ ନେଇ ଉତ୍ତେଜନା, ୨ ଆହତ

**ସରପଞ୍ଚ ସ୍ୱାମୀଙ୍କ ନାଁରେ ମାମଲା**

**ନୟାଗଡ ଅଫିସ,୨୮।୪:** କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବାକୁ ନେଇ ନୟାଗଡ଼ ଜିଲା ଇଟାମାଟି ଥାନା କେନ୍ଦୁଡ଼ିପି ପଞ୍ଚାୟତରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ଏହି ଘଟଣାରେ ନାଏବ ସରପଞ୍ଚଙ୍କ ସମେତ ଅନ୍ୟ ଜଣେ ଆହତ ହୋଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ କେନ୍ଦୁଡ଼ିପି ସରପଞ୍ଚ ସୁଷମା ବେହେରାଙ୍କ ସ୍ୱାମୀ ଆରତ ବେହେରାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟଙ୍କ ନାଁରେ ଅଭିଯୋଗ ହେବାପରେ ଏକ ମାମଲା (ନଂ-୫୨/୨୦) ରୁଜୁ ହୋଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ସରପଞ୍ଚ ଜିଲାପାଳ, ଏସ୍‌ପି ଓ ଇଟାମାଟି ଥାନା ଆଇଆଇସିଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ସୂଚନା ଯେ, ଖୋର୍ଦ୍ଧାରୁ ଜଣେ ଯୁବତୀ ଗାଁକୁ ଫେରିଥିଲେ। ହେଲେ କ୍ୱାରାଣ୍ଟାଇନ କେନ୍ଦ୍ରରେ କେହି ମହିଳା ରହୁ ନ ଥିବାରୁ ଯୁବତୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିଲା। ତେବେ ନାଏବ ସରପଞ୍ଚଙ୍କ ଜଣେ ସମ୍ପର୍କୀୟ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବାବେଳେ ଯୁବତୀ ନ ରହିବାରୁ ନାଏବ ସରପଞ୍ଚ ତାଙ୍କ ସମ୍ପର୍କୀୟଙ୍କୁ ଘରକୁ ନେଇ ଆସିଥିଲେ। ଏନେଇ ସରପଞ୍ଚଙ୍କ ସ୍ୱାମୀ ଓ ନାଏବ ସରପଞ୍ଚଙ୍କ ମଧ୍ୟରେ ବିବାଦ ହୋଇଥିଲା। ସରପଞ୍ଚଙ୍କ ସ୍ୱାମୀ ଉତ୍ତେଜିତ ହୋଇ ନାଏବ ସରପଞ୍ଚ ଓ ଜଣେ ୱାର୍ଡ ସଭ୍ୟାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସରପଞ୍ଚ ସୁଷମା ବେହେରା କୁହନ୍ତି, ଜଣେ ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନ୍‌ରେ ନ ରଖି ନାଏବ ସରପଞ୍ଚ ଗାଁ ଭିତରେ ରଖିଥିଲେ। ଏହାର ପ୍ରତିବାଦ କରିବାରୁ ମୋ ସ୍ୱାମୀଙ୍କୁ ମାଡ ମାରିଥିଲେ। ପରେ ନିଜେ ଆହତ ଦେଖାଇ ମୋ ସ୍ୱାମୀ ଓ ଅନ୍ୟ ଲୋକଙ୍କ ନାଁରେ ଅଭିଯୋଗ କରିଛନ୍ତି। ତେଣୁ ଘଟଣାର ତଦନ୍ତ କରାଯାଉ ବୋଲି କହିଛନ୍ତି।

# ପଦ ହରାଇଲେ ରାଉତରାପୁର ସରପଞ୍ଚ

**ରସୁଲପୁର,୨୮।୪(ଡିଏନଏ):** ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତର ସରପଞ୍ଚ ରେଣୁ ସେଠୀ ଆସ୍ଥା ଭୋଟରେ ପରାଜିତ ହୋଇଛନ୍ତି। ତାଙ୍କ ସ୍ଥାନରେ ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ସାହୁଙ୍କୁ ପଞ୍ଚାୟତର ଅସ୍ଥାୟୀ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇବାକୁ ପ୍ରଶାସନ ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏନେଇ ରସୁଲପୁର ବିଡିଓ, ଯାଜପୁର ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଜେନା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୧୯ରେ ସରପଞ୍ଚ କୈଳାସଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରେ ନିର୍ବାଚନ ହୋଇଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବଳରେ ଆନାସ୍ଥା ଫଳ ପ୍ରକାଶନ ଉପରେ ରହିତାଦେଶ ଲାଗିଥିଲା। ତେବେ ୧୮ ମାର୍ଚ୍ଚ, ୨୦୨୦ରେ ରହିତାଦେଶ ଉଠିବା ପରେ ଫଳ ପ୍ରକାଶ ପାଇଥିଲା। ସରପଞ୍ଚ ସପକ୍ଷରେ ୩ଟି ଭୋଟ ଓ ବିପକ୍ଷରେ ୧୨ଟି ଭୋଟ ଯାଇଥିଲା। ଏହି ଫଳ ପ୍ରକାଶନ ପାଇବା ପରେ ଏପ୍ରିଲ ୨୨ ସୁଦ୍ଧା ସରପଞ୍ଚଙ୍କୁ ପଦବୀରୁ ଅନ୍ତର କରି ପଞ୍ଚାୟତ ଦାୟିତ୍ୱ ନାଏବ ସରପଞ୍ଚଙ୍କ ଉପରେ ନ୍ୟସ୍ତ କରିବାକୁ ନିର୍ଦ୍ଦେଶ ରହିଥିଲା।

# ଖୋଲିବ ବାରବାଟୀ ପରିବା ହାଟ

**ରସୁଲପୁର,୨୮।୪(ଡିଏନଏ)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗଠାରେ ବସୁଥିବା ଦୈନିକ ପରିବାହାଟ ଖୋଲିବା ନେଇ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ୨୧ ତାରିଖରୁ ବନ୍ଦଥିବା ଏହି ହାଟକୁ ସପ୍ତାହକ ପାଇଁ ବନ୍ଦ କରିବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଛି। ଏହି ହାଟ ସ୍ଥାନୀୟ ଅଞ୍ଚଳର ଚାଷୀ ଓ ବ୍ୟବସାୟୀଙ୍କ ପରିବାର ଚଳାଇବାର ମାଧ୍ୟମ ହୋଇଥିବାରୁ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଏଭଳି ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି। ତେବେ ହାଟ ଖୋଲିବାକୁ ନେଇ ପ୍ରଶାସନ କେତେକ ସର୍ତ୍ତ ରଖିଛି। ଏହି ସର୍ତ୍ତ ଠିକ୍ ଭାବରେ ପାଳନ କରା ନ ଗଲେ ହାଟକୁ ପୁଣି ବନ୍ଦ କରିଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହିକ୍ରମରେ ହାଟ ପରିସରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ହାଟ ପରିଚାଳନା କମିଟି ସଭାପତି ଅନନ୍ତ କିଶୋର ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ, ସୁରଜିତ ମହାନ୍ତି, ହୃଦାନନ୍ଦ ସାହୁ ପ୍ରମୁଖ ବର୍ତ୍ତମାନ ଓ ପୂର୍ବତନ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ହୋଇ ହାଟ ଖୋଲିବା ପାଇଁ ସର୍ବସମ୍ମତି ନିଷ୍ପତି ହୋଇଥିଲା। ତେବେ ହାଟ ପ୍ରତ୍ୟେହ ସକାଳ ୫ଟାରୁ ଆରମ୍ଭ ହୋଇ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଚାଲିବ। ହାଟକୁ ବାହାର ରାଜ୍ୟର କୌଣସି ପରିବା ବୋଝେଇ ଗାଡ଼ି ପ୍ରବେଶ କରିପାରିବ ନାହିଁ। ହାଟରେ ସାମଜିକ ଦୂରତା, ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯିବ। ହାଟ ଭିତରକୁ କୌଣସି ବାଇକ୍ ଓ ସାଇକେଲ ପ୍ରବେଶ କରି ନ ପାରିବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଧ୍ୟାନ ଦେବାକୁ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଚାଷୀଙ୍କ ନିଦ ହଜାଇଛି ଅଦିନିଆ ବର୍ଷା

**ମାର୍ଶାଘାଇ, ୨୮।୪ (ଡି.ଏନ୍.ଏ.)**



ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ମୁଗ ଫସଲ।

**ମାର୍ଶାଘାଇ ବ୍ଲକ**

- ଶତାଧିକ ହେକ୍ଟର ମୁଗ ଫସଲ ନଷ୍ଟ
- ଚିନ୍ତା ବଢ଼ାଇଛି କାଳିମୁଣ୍ଡି ପୋକ ଓ ବର୍ଷା
- କ୍ଷୟକ୍ଷତି ଆକଳନ ସହ ସହାୟତା ଦାବି

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ କରାଯିବା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଏବେ ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ଲକ୍‌ଡାଉନ୍ ଯୋଗୁ ପନିପରିବା ବିକ୍ରି ଉପରେ ପ୍ରଭାବ ପଡ଼ିଥିବା ବେଳେ ଖରାଦିନିଆ ଫସଲ ବିକ୍ରି ମଧ୍ୟ ବହୁମାତ୍ରାରେ ପ୍ରଭାବିତ ହୋଇଛି। ତେବେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଚାଲିବାର କିଛି ଦିନ ପରେ ସରକାର ଚାଷ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଥିବା ବେଳେ କାଳ ବୈଶାଖୀ ଓ ଲଗାଣ ବର୍ଷା ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗତବର୍ଷ ଫନୀ ସାମୁଦ୍ରିକ ଝଡ଼ ଯୋଗୁ ଚାଷୀମାନେ ବହୁ କ୍ଷତି ସହିଥିବା ବେଳେ ଚଳିତବର୍ଷ କରୋନା ଓ ବର୍ଷା ଚାଷ କାର୍ଯ୍ୟରେ ବାଧା ଉପୁଯାଇଛି।

ମାର୍ଶାଘାଇ ବ୍ଲକର ମାର୍ଶାଘାଇ, ଦୁମୁକା, ତାଳସଙ୍ଗା, ବେରୁହାଁ, ମଙ୍ଗରାଜପୁର, ଗରଜଙ୍ଗା, ହିନ୍ଦୁଳିଆ ଆଦି ପଞ୍ଚାୟତର ଚାଷୀମାନେ ପ୍ରାୟ ୩୫ଶହ ହେକ୍ଟର ଚାଷ ଜମିରେ ମୁଗ ଓ ବିରି ଆଦି ଡାଲି ଜାତୀୟ ଫସଲ ଚାଷ କରିଥିଲେ। କିନ୍ତୁ ପ୍ରାକୃତିକ ଦୁର୍ବିପାକ ଯୋଗୁ ସମସ୍ତ ଫସଲ ନଷ୍ଟ ହୋଇଥିବାରୁ ଚାଷୀଙ୍କ ମନୋବଳ ଭାଙ୍ଗି ଯାଇଛି। ଫସଲ ଅମଳ ହେବାର ଦିନ କେଇଟା ପୂର୍ବରୁ ଲକ୍‌ଡାଉନ୍ ଆରମ୍ଭ ହୋଇଥିବାରୁ ଫସଲ ଅମଳ ହୋଇପାରି ନ ଥିଲା। ଏବେ ଚାଷକୁ ଲକ୍‌ଡାଉନ୍ କଟକଣାରୁ ବାଦ୍ ଦିଆଯାଇଥିଲେ ବି ଲଗାଣ ବର୍ଷା ଯୋଗୁ ଏ ବର୍ଷ ବି ରବି ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ଆଶଙ୍କା ପ୍ରକାଶ ପାଇଛି ବୋଲି ଚାଷୀମାନେ କହିଛନ୍ତି। ମାତ୍ର ୧୦ ଭାଗ ଚାଷୀ ବିଲରୁ ମୁଗ ଖଳାକୁ ଆଣିଥିବା ବେଳେ ଅନ୍ୟ ଚାଷୀଙ୍କ କିଆରିରେ ପାଣି ଜମି ମୁଗ ଗଜା ହେବାକୁ ବସିଲାଣି। ଅନ୍ୟପଟେ ଅଦିନିଆ ବର୍ଷା ଯୋଗୁ ମୁଗ ବିଲରେ କାଳିମୁଣ୍ଡି ପୋକ ଲାଗି ଫସଲ ନଷ୍ଟ କରୁଥିବା ବେଳେ ଏବେ ବର୍ଷା ଯୋଗୁ ବିଲରେ ପାଣି ଭର୍ତ୍ତି ହୋଇରହିଛି। ଏଭଳି ସ୍ଥିତିରେ ମୁଗ ଅମଳ କରିବା ସମ୍ଭବ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯିବା ସହ ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଶାରଦା ମିଶ୍ରଙ୍କୁ ପଚାରିବାରେ ଚାଷୀମାନେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଯୁବକ ଗୁରୁତର

ସଜନାଗଡ଼/କେନ୍ଦୁଝର, ୨୮।୪ (ଡି.ଏନ.ଏ./ସ୍ୱ.ପ୍ର.)-ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ମଙ୍ଗଳବାର ୨ଜଣ ଯୁବକ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଗୁହାଳିଆ ଗ୍ରାମର କରୁଣାକର ମହାନ୍ତି ଗାଈ ଚରାଇବାକୁ ଯାଇ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାକୁ ନେଇଯାଇଥିଲେ। ଏବେ କରୁଣାକର ଚିକିତ୍ସାଧୀନ ଅଛନ୍ତି। ସେହିପରି କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଶିରିଶଖୁଣ୍ଟା ଗ୍ରାମର ଅର୍ଜୁନ ନାଏକ(୨୮) ନାମକ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ଭାଲୁ ଅର୍ଜୁନଙ୍କ ମୁଣ୍ଡ ଓ ଦୁଇ ହାତରେ କାମୁଡି ଦେଇ ରକ୍ତାକ୍ତ କରି ପକାଇଥିଲେ।

### ମୟୂରଭଞ୍ଜ ବ୍ୟବସାୟୀ ସଂଘର ବୈଠକ

ବାରିପଦା ଅଫିସ, ୨୮।୪- ମୟୂରଭଞ୍ଜ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶ ତଥା ବିଶ୍ୱରେ ଦେଖା ଦେଇଥିବା ମହାମାରୀ କରୋନାର ମୁକାବିଲା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ଖୋଲା ରହୁଛି। ତେଣୁ ଦୋକାନ ଖୋଲା ସମୟରେ କିପରି ସମସ୍ତ ନୀତିନିୟମ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସାମାଜିକ ଦୂରତ୍ୱ ରକ୍ଷା କରିବା, ଜିଲା ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସମୟରେ ଦୋକାନ ଖୋଲିବା, ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଦୋକାନ ଖୋଲିବା ସହିତ ମାସ୍କ ପରିଧାନ କରିବା ନିୟମ ସେମାନେ ପାଳନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଆଲୋଚନାରେ ଜିଲା ସଂଘର ସଭାପତି ଅକ୍ଷୟ କୁମାର ଅଗ୍ରୱାଲ, ସମ୍ପାଦକ ଅରୂପ କୁମାର ଦାସ, ସଙ୍ଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଉପସଭାପତି ସରୋଜ କୁମାର ବୋଷ, କୋଷାଧ୍ୟକ୍ଷ ମନୋଜ ଦାସ, ସହ ସମ୍ପାଦିକା ବୈଶାଖୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷ୍ଣୁପୁର ପଞ୍ଚାୟତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ବାହାନଗା, ୨୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲାର ୧୬ ନମ୍ବର ସଂକ୍ରମିତ ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମରେ ଚିହ୍ନଟ ହେବା ପରେ ସୋମବାର ରାତିରେ ଜିଲା ପ୍ରଶାସନ ଗ୍ରାମ ଉଭୟ ପାର୍ଶ୍ୱର ୨ କିଲୋମିଟର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି। ଏହା ୭ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ଗ୍ରାମର ମୋଟ ୧୨ପ୍ରବେଶ ପଥକୁ ସିଲ୍ କରାଯାଇଛି। ପଣ୍ଡାସାହି ଛକ, ହନୁମାନ ସାହି ଛକ, ପତିରିପୁର ଛକ, ବଣିଆ ଛକ, ମୁରାରି ଛକ, ତଳସାହି ଛକ, ଅଭଣା ହାଇସ୍କୁଲ ରାସ୍ତା, ମହାଳିକ ସାହି ଛକ, ମାଝୀସାହି ଛକ, ଦେବେନ୍ଦ୍ରପୁର ଛକ, ବଗଦା ଛକ ଓ ବିଷ୍ଣୁପୁର ଗ୍ରାମର ମୁଖ୍ୟରାସ୍ତା ଝାଡତାର ଗ୍ରୀଡ଼୍ଛକକୁ ସିଲ୍ କରାଯାଇ କଡାକଡି କରାଯାଇଛି। ମଙ୍ଗଳବାର ଗ୍ରାମକୁ ଅଗ୍ନିଶମ ବିଭାଗ ଗାଡି ଦ୍ୱାରା ସାନିଟାଇଜ କରାଯାଇଛି। ଡାକ୍ତରୀ ଟିମ୍ ଦ୍ୱାରା ଗ୍ରାମର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହି କଣ୍ଟେନମେଣ୍ଟ ଜୋନରେ ସାନିଟାଇଜର ସମେତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ବାହାନଗା ବିଡିଓ ରଘୁନାଥ ପାଣିଗ୍ରାହୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆଇନଶୃଙ୍ଖଳା ଦାୟିତ୍ୱରେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଅଛନ୍ତି। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାମଗ୍ରୀ ଯୋଗାଇ ଦେବାକୁ ଜିଲାର ବରିଷ୍ଠ ଔଷଧ ବିଶେଷଜ୍ଞ ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ସଦର ଉପଜିଲାପାଳ ନିଲୁ ମହାପାତ୍ର ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି। ଏହିଅଧିକାରୀମାନେ ମଙ୍ଗଳବାର ବିଷ୍ଣୁପୁର ଗ୍ରାମରେ ଉପସ୍ଥିତ ଥିଲେ। ବିଷ୍ଣୁପୁରସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ସଂକ୍ରମିତଙ୍କ ସହ ଆଉ ୫ଜଣ ଯୁବକ ସଂଘରୋଧ ଭାବେ ରହିଥିଲେ। ସେମାନେ ସମସ୍ତେ କଲିକତାରୁ ଆସିଥିଲେ।


ବିଷ୍ଣୁପୁର ଗ୍ରାମର ମୁଖ୍ୟ ପ୍ରବେଶପଥରେ ଉପଜିଲାପାଳ, ବିଡିଓ ଓ ପୋଲିସ ଅଧିକାରୀ।

### ୧୨ ପ୍ରବେଶ ପଥ ସିଲ୍, ସାନିଟାଇଜ୍ ହେଲା ଗାଁ

# ବନ୍ତରେ କଟକଣା କଡ଼ାକଡ଼ି


ଚାରିଗାଁ ଗ୍ରାମ ସିଲ୍ ବେଳେ ଉପସ୍ଥିତ ପୋଲିସ ଓ ପ୍ରଶାସନିକ ଅଧିକାରୀ।

ବନ୍ତ,୨୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଛି। ଚାରିଗାଁରେ ସମ୍ପୃକ୍ତ ଆକ୍ରାନ୍ତ ଜଣକ ଚିହ୍ନଟ ହୋଇଥିବାରୁ ଉକ୍ତ ଗ୍ରାମକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ଅତିରିକ୍ତ ତହସିଲଦାର ବନିତାରାଣୀ କିସ୍କୁ, ଆଗରପଡା ଥାନାଧିକାରୀ ସୁକାନ୍ତି କେରେଇ, ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା, ସରପଞ୍ଚ ବନମାଳୀ ବେହେରା ଉକ୍ତ ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମର ସମସ୍ତ ପ୍ରବେଶ ପଥ ସମେତ ଦୋକାନ ବଜାର ବନ୍ଦ କରିଦିଆଯାଇଛି। ଜିଲା ପ୍ରଶାସନଠାରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର କିସ୍କୁ କହିଛନ୍ତି। ସମ୍ପୃକ୍ତ ଆକ୍ରାନ୍ତଙ୍କର କୋଲକାତା ସହ ଲିଙ୍କ୍ ଥିବା ଜଣାଯାଇଛି।

# ଆବଦ୍ଧାଞ୍ଚଳରେ ଭ୍ରାମ୍ୟମାଣ ଏଟିଏମ୍ ସେବା

ବାଲେଶ୍ୱର ଅଫିସ, ୨୮।୪

ବାଲେଶ୍ୱର ସହରର ନେଳିଆବାଗ ଅଞ୍ଚଳରେ ଗତ ୧୮ ତାରିଖରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ ଆବଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଉକ୍ତ ସଂକ୍ରମିତଙ୍କ ସଂସ୍ପର୍ଶରେ ୧୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଛନ୍ତି। ଏହାକୁ ନଜରରେ ରଖି ଆସନ୍ତା ମେ' ୨ ତାରିଖ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଆବଦ୍ଧାଞ୍ଚଳ ଜାରି ରହିଛି। ଉକ୍ତ ଅଞ୍ଚଳରେ ପ୍ରାୟ ୧ହଜାର ପରିବାର ଲୋକଙ୍କ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ପରିବା, କ୍ଷୀର, ଔଷଧ, ମାଛ, ମାଂସ, ଗ୍ରସେରୀ ଓ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଯାଉଛି। ମଙ୍ଗଳବାର ଅପରାହ୍ନ ସମୟରେ ଆକ୍ସିସ ବ୍ୟାଙ୍କର ଏକ ମୋବାଇଲ୍ ଏଟିଏମ୍ ସେବା ସାମାଜିକ ଦୂରତା ଏବଂ ସାନିଟାଇଜର ବ୍ୟବହାର କରାଯାଇ ଯୋଗାଇ ଦିଆଯାଇଛି। ଏହି ସେବା ଦ୍ୱାରା ଲୋକମାନେ ଏଟିଏମ୍‌ରୁ ଟଙ୍କା ଉଠାଇଥିଲେ। କାର୍ଯ୍ୟକ୍ରମରେ ପୌରାଞ୍ଚଳ ଅଧିକାରୀ ପ୍ରଣୟ ଜେନା, ଆକ୍ସିସ୍ ବ୍ୟାଙ୍କର ଏଲ୍‌ଡିଏମ୍ ସୁଦୀପ ଡାକୁଆ, ବ୍ରାଞ୍ଚ ମ୍ୟାନେଜର ଉପଗୁପ୍ତା ମିଶ୍ର, ମ୍ୟାନେଜର ବିରଞ୍ଚି ନାୟକ ଓ ବିକାଶ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ସେବାରେ ସହଯୋଗ କରିଥିଲେ।



ଭ୍ରାମ୍ୟମାଣ ଏଟିଏମ୍‌ରୁ ଲୋକେ ଟଙ୍କା ଉଠାଉଛନ୍ତି।

## ସାପ କାମୁଡ଼ାରେ ଜୀବନ ଗଲା ମିଳିଲାନି ଗାଡ଼ି କି ଆମ୍ବୁଲାନ୍ସ

ପାଟଣା,୨୮।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକର ଉପାନ୍ତ ଅଞ୍ଚଳ ଡାଳପକା ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଅଭାବନୀୟ ଘଟଣା କ୍ରମରେ ସାପ କମୁଡ଼ାରେ ଜଣେ ବିବାହିତା ମହିଳାଙ୍କର ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି ରାମଦାସ ମାଝୀଙ୍କ ସ୍ତ୍ରୀ ଶାନ୍ତିଲତା। ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ଶାନ୍ତିଲତା ଶୋଇଥିବା ବେଳେ ଏକ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ ପାଇଁ କଲ କରିଥିଲେ ହେଁ ଆମ୍ବୁଲାନ୍ସ ଉପଲବ୍ଧ ନ ହେବାରୁ ଘରୋଇ ଗାଡ଼ିରେ କରଞ୍ଜିଆ ନେବାକୁ ଅନୁରୋଧ କରିଥିଲେ। ଲକ୍‌ଡାଉନ୍ ସକାଶେ ଘରୋଇ ଗାଡ଼ି ମାଲିକ ରୋଗୀ ନେବାକୁ ରାଜି ହୋଇ ନ ଥିଲେ। ଫଳରେ ଡାକ୍ତରଖାନା ଯାଇ ନ ପାରି ଶାନ୍ତିଲତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପାଟଣା ଥାନା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୦) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ମିଳୁନି ସହାୟତା

ଯୋଡ଼ା, ୨୮।୪(ଡି.ଏନ.ଏ.)

କାଳବୈଶାଖୀ ପ୍ରଭାବରେ କେନ୍ଦୁଝର ଜିଲା ଯୋଡା ବ୍ଲକ ଚମକପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କୌଣସି ସରକାରୀ ସହାୟତା ମିଳୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି କ୍ଷତିଗ୍ରସ୍ତ ହୋଇଥିବା ଲୋକେ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଗତ ୨୪ତାରିଖରେ କାଳବୈଶାଖୀ ଯୋଗୁ ରେଭେନ୍ସାପୁର(କ), ରେଭେନ୍ସାପୁର(ଖ), ଶଙ୍କରପୁର, ଧୋବାକୁଚୁଡା, ଚମକପୁର, ରୁଗୁଡି, ଆଖଡାପଦ, ମୁର୍ଗୁଆଁ ଆଦି ଗ୍ରାମର ପ୍ରାୟ ୬୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଘର ଭାଙ୍ଗିଯାଇଥିଲା। ସେମାନଙ୍କୁ ପ୍ରାଥମିକ ସ୍ତରରେ ତାର୍ପୋଲିନ୍ ପାଲ ଯୋଗାଇ ଦେବା ପାଇଁ ନିୟମ ରହିଥିଲେ ହେଁ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ତାହା ଦିଆଯାଇ ନ ଥିବା ରେଭେନ୍ସାପୁର (କ) ଗ୍ରାମର ଜଗନ୍ନାଥ ତିରିଆ ଅଭିଯୋଗ କରିଛନ୍ତି।


ପଞ୍ଚାୟତ କାର୍ଯ୍ୟାଳୟରେ କ୍ଷତିଗ୍ରସ୍ତ ଗ୍ରାମବାସୀ।

### ଏକାଠି ହୋଇ ଅଭିଯୋଗ କଲେ

ସେହିପରି କ୍ଷତିଗ୍ରସ୍ତ ଗ୍ରାମବାସୀ ପ୍ରଶାନ୍ତ ବାରିକ, ଦିଲୀପ ମହାକୁଡ, ଜୟ ମୁଣ୍ଡା, ଯୋଗେନ୍ଦ୍ର ମୁଣ୍ଡା ମଧ୍ୟ ଅନୁରୂପ ଅଭିଯୋଗ କରି କହିଛନ୍ତି ଯେ , କାଳବୈଶାଖୀ ପରେ ସେମାନଙ୍କର ଘର ଭାଙ୍ଗି ପଡିଥିଲେ ହେଁ, ଏହାର ତଥ୍ୟ ସଂଗ୍ରହ ପାଇଁ କେହି ଅଧିକାରୀ ଆସି ନାହାନ୍ତି। ସେମାନେ ଏକାଠି ହୋଇ ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକଙ୍କଠାରେ ଅଭିଯୋଗ କରିବା ପରେ ମଧ ସେମାନଙ୍କର ତାଲିକା କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚମକପୁର ରାଜସ୍ୱ ନିରୀକ୍ଷକ ପ୍ରକାଶ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଉକ୍ତ ପଞ୍ଚାୟତରେ ପ୍ରାୟ ୬୬୪ ଜଣଙ୍କର ଅଳ୍ପ ବହୁତ କ୍ଷୟକ୍ଷତି ହୋଇଥିବା ତାଲିକା ବଡବିଲ୍ ତହସିଲଦାରଙ୍କୁ ସେ ପ୍ରଦାନ କରିଛନ୍ତି। ଏହି ତାଲିକା କେନ୍ଦୁଝର ଜିଲାପାଳଙ୍କଠାରେ ଦାଖଲ ହେବା ପରେ ଜିଲାପାଳଙ୍କ ପକ୍ଷରୁ ସରକାରୀ ସହାୟତା ରାଶି ମଞ୍ଜୁର ହେଲେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ସହାୟତା ରାଶି ପ୍ରଦାନ କରାଯିବ। ଇତିମଧ୍ୟରେ ୫୭ଜଣଙ୍କୁ ତାର୍ପୋଲିନ୍ ପାଲ ପ୍ରଦାନ କରାଯାଇଛି ।

# ବୁଡାଗୁଡାରେ ଆଉ ୯ ଝାଡ଼ାବାନ୍ତିରେ ଆକ୍ରାନ୍ତ

ଦାରିଙ୍ଗବାଡ଼ି,୨୮।୪(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ା ପଞ୍ଚାୟତ ଅଞ୍ଚଳର କଡ଼ଗାବାଲି ଏବଂ ପଡ଼ିକିଆରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ମଙ୍ଗଳବାର ଆଉ ୨ଜଣଙ୍କୁ ବୁଡାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସେମାନେ ହେଲେ କଡ଼ଗାବାଲି ଗ୍ରାମର ପାର୍ଥ ପ୍ରଧାନ ଏବଂ ଜଣେ ୫ ବର୍ଷର ଶିଶୁ। ଏବେମଧ୍ୟ ବୁଡାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ କଡ଼ଗାବାଲିର ଜଳେନ୍ଦ୍ର ପ୍ରଧାନ ଏବଂ ସାସ୍ରେ ମଲ୍ଲିକ ଚିକିତ୍ସିତ ହେଉଛନ୍ତି। ସାସ୍ରେ ଶୁକ୍ରବାର ଝାଡାବାନ୍ତିରେ ମୃତ୍ୟୁ ଘଟିଥିବା ପେଟା ମଲ୍ଲିକଙ୍କ ବାପା ବୋଲି ଡାକ୍ତର କହିଛନ୍ତି। କଡ଼ଗାବାଲି ଅଞ୍ଚଳରେ ମଙ୍ଗଳବାର ଆହୁରି ୭ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବଂଶୀଧର ପାତ୍ର କହିଛନ୍ତି। ସେମାନଙ୍କ ମଧ୍ୟରେ ୨ ଯାଆଁଳା ଶିଶୁ ଜୋସ୍ନା ଏବଂ ଯଶୋଦା ପ୍ରଧାନଙ୍କ ସମେତ ନିଶା ପ୍ରଧାନ, ଆଦିତ୍ୟ ପ୍ରଧାନ, ଚମ୍ପା ପ୍ରଧାନ, ରଘୁ ନନ୍ଦନ ପ୍ରଧାନ, ଘେନେଶ୍ୱର ପ୍ରଧାନ ରହିଛନ୍ତି। ଦାରିଙ୍ଗବାଡ଼ିରୁ ଯାଇଥିବା ଡାକ୍ତର ଟିମ୍ ଗାଁରେ ସେମାନଙ୍କ ଚିକିତ୍ସା ଚଳାଇଛି। କନ୍ଧମାଳ ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକ ବୁଡାଗୁଡ଼ାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# କ୍ୱାରାଣ୍ଟାଇନ କେନ୍ଦ୍ର ପାଣିପମ୍ପ ଅଚଳ

ଭଞ୍ଜନଗର,୨୮।୪(ଡି.ଏନ୍.ଏ.)

ଭଞ୍ଜନଗର ଏନ୍‌ଏସି ପକ୍ଷରୁ ଟାଉନ ହଲ୍‌ରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ର ପାଣିପମ୍ପ ସୋମବାର ରାତିରେ ଅଚଳ ହୋଇପଡ଼ିଥିଲା। ମଙ୍ଗଳବାର ସକାଳେ ଲୋକେ ପାଣି ପାଇପାରିନଥିଲେ। କେନ୍ଦ୍ରରେ ଥିବା ଖ୍ରୀଷ୍ଟିୟାନ ସାହିର ଜଣେ ବ୍ୟକ୍ତି ଏନେଇ କେନ୍ଦ୍ର ସମ୍ମୁଖରେ କିଛି ସମୟ ପାଇଁ ଧାରଣା ଦେଇଥିଲେ। ଏହାପରେ ସେ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ। ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ ସାହୁ ତାଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅପରାହ୍ନରେ ପମ୍ପ ମରାମତି ପରେ ଜଳଯୋଗାଣ ସ୍ୱାଭାବିକ ହୋଇଥିଲା। ଏହାପୂର୍ବରୁ କେନ୍ଦ୍ରରେ ରହୁଥିବା ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। ଏନେଇ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ପମ୍ପଟି ରାତିରେ ଅଚଳ ହେବାପରେ ମରାମତି କରାଯାଇଛି। ନିୟମ ମୁତାବକ କେନ୍ଦ୍ରର ଲୋକଙ୍କୁ ସୁବିଧା ଯୋଗାଇ ଦିଆଯାଉଛି।

## ବ୍ରହ୍ମପୁର

### ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ କର୍ମୀଙ୍କ ଚିଠି ପ୍ରବାସୀ ଓଡ଼ିଆଙ୍କୁ ଅନ୍ୟତ୍ର ରଖିବାକୁ ନିବେଦନ

ବ୍ରହ୍ମପୁର ଅଫିସ,୨୮।୪

ରାଜ୍ୟ ବାହାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଓଡ଼ିଶାକୁ ଫେରାଇ ଆଣିବା ନେଇ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସୋମବାର ସୁରଟରୁ ୪ଟା ବସ୍ ଶ୍ରମିକଙ୍କୁ ନେଇ ବାହାରିଛି। ତେବେ କରୋନା ସଂକ୍ରମଣରୁ ରୋକିବା ପାଇଁ ରାଜ୍ୟ ବାହାରୁ ଆସୁଥିବା ଓଡ଼ିଆଙ୍କୁ ନିଜ ଗ୍ରାମରେ କ୍ୱାରାଣ୍ଟାଇନ୍‌ରେ ନ ରଖି ବାହାରେ ଅନ୍ୟତ୍ର ରଖିବାକୁ ନିବେଦନ କରାଯାଇଛି । ଖଲ୍ଲିକୋଟ ଅଞ୍ଚଳର ସାମାଜିକ କର୍ମୀ ଆଶୋକ କୁମାର ତ୍ରିପାଠୀ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ଚିଠି ମାଧ୍ୟମରେ ନିବେଦନ କରିଛନ୍ତି ।

### ଯୋଗାଣ ସହାୟିକାଙ୍କୁ ଆକ୍ରମଣ

ପାଟପୁର,୨୭।୪

ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ସୋମବାର ଆକ୍ରମଣ ହୋଇଥିବା ପାଟପୁର ଥାନାରେ ଏତଲା ହୋଇଛି। ପୋଲିସ ଏହାର ତଦନ୍ତ ଚଳାଇଛି। ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଯୋଗାଣ ସହାୟିକା ପ୍ରମିତା କୁମାରୀ ଶତପଥି ଉସ୍ତା ଜଗନ୍ନାଥପୁରରେ ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନ କରୁଥିବାବେଳେ ଗ୍ରାମର ୨ଜଣ ରାଶନ କାର୍ଡ କାଟିଥିବା ଅଭିଯୋଗକରି ତାଙ୍କୁ ଗାଳିଗୁଲଜ କରିଥିଲେ ।

# ଜିଲାର ୫ ପ୍ରତିଶତ ଉଦ୍ୟୋଗୀଙ୍କୁ ଡିଆଇସିର ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୨୮।୪

### ଏମ୍ଏସ୍ଏମ୍ଇ ଉଦ୍ୟୋଗ ଖୋଲିବାକୁ ମିଳିଲା ଅନୁମତି

ଲକ୍‌ଡାଉନ୍ ଯୋଗୁ ବନ୍ଦ ହୋଇ ରହିଥିବା ସୂକ୍ଷ୍ମ, ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡିକୁ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମାରେ ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି) ପକ୍ଷରୁ ଜିଲାରେ ଥିବା ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଖୋଲିବାକୁ ଅନୁମତି ପ୍ରଦାନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଲକ୍‌ଡାଉନ୍ ଯୋଗୁ ମାସାଧିକ କାଳ ଗଞ୍ଜାମ ଜିଲାରେ ଥିବା ୪ ହଜାରରୁ ଉର୍ଦ୍ଧ୍ୱ ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗଗୁଡିକ ବନ୍ଦ ହୋଇ ରହିଥିଲା। ଫଳରେ ଉଦ୍ୟୋଗ ଗୁଡିକରେ କାର୍ଯ୍ୟରତ ହଜାର ହଜାର କର୍ମଚାରୀ, ଶ୍ରମିକ ରୋଜଗାର ହରାଇଥିଲେ । ତେବେ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ସମସ୍ତ ଉଦ୍ୟୋଗ ଖୋଲିବାକୁ ଅନୁମତି ପ୍ରଦାନ କରାଯାଉଥିବା ଡିଆଇସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଜିଲାରେ ଶ୍ରମିକ ଓ କର୍ମଚାରୀଙ୍କୁ ପୁନଃ ରୋଜଗାର ଯୋଗାଇବା ନେଇ ଏଭଳି ପଦକ୍ଷେପ ନିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫ ପ୍ରତିଶତ ଉଦ୍ୟୋଗକୁ ଅନୁମତି ପ୍ରଦାନ ସହ ସରକାରଙ୍କ ଲକ୍‌ଡାଉନ୍ ଗାଇଡ୍‌ଲାଇନ୍ ମୁତାବକ ଏସ୍‌ଓପି ପ୍ରଦାନ କରାଯାଇଛି। ଏଥିସହ ଅନ୍ୟ ଉଦ୍ୟୋଗଙ୍କୁ ଅନୁମତି ପ୍ରଦାନ ନିମିତ୍ତ ଅନ୍‌ଲାଇନ ତଥା ଇମେଲ ମାଧ୍ୟମରେ ଆବେଦନ କରିବାକୁ ମଧ କୁହାଯାଉଥିବା ଡିଆଇସି ଏଜିଏମ୍ ଚିନ୍ମୟ କୁମାର ପରିଡା ସୂଚନା ଦେଇଛନ୍ତି।

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

ଭଞ୍ଜନଗର,୨୮।୪(ଡି.ଏନ୍.ଏ.)

ଭଞ୍ଜନଗର ଏନ୍‌ଏସି ସଫେଇ କର୍ମଚାରୀଙ୍କୁ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମ୍ବର୍ଦ୍ଧିତ କରିଛନ୍ତି। ସଫେଇ କର୍ମଚାରୀମାନେ ଏତେବଡ଼ ବିପତ୍ତି ସମୟରେ ସହରବାସୀଙ୍କୁ ନିରବିଚ୍ଛିନ୍ନ ସେବା ଯୋଗାଇ ଆସୁଥିବାରୁ ମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବାଉଁଶଲୁଣ୍ଡିସ୍ଥିତ ବିଜୁ ସ୍ମୃତି ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜନ ହୋଇଥିଲା। ଏହି ଅବସରରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ, ସ୍ମୃତି ସଂସଦର କର୍ମକର୍ତ୍ତା ରାଜେନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଇଂ. ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସୁରଟରେ ଥିବା ଶ୍ରମିକଙ୍କୁ ଗ୍ରାମବାସୀଙ୍କ ସହାୟତା

ସୋରଡା,୨୮।୪(ଡି.ଏନ୍.ଏ.)

ସୁରଟ ସୂତାକଳ ମାନଙ୍କରେ କାମ କରୁଥିବା ସୋରଡା ବ୍ଲକ ସରାବାଡି ପଞ୍ଚାୟତର ୮୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଲକ୍‌ଡାଉନ ପରେ ସେଠାରେ ଫସି ରହିଛନ୍ତି। ପଞ୍ଚାୟତବାସୀଙ୍କ ତରଫରୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦେଢ ଲକ୍ଷ ଟଙ୍କା ପଠାଯାଇଛି। ପଞ୍ଚାୟତର ତେନ୍ତୁଳିଖୁଣ୍ଟି, ସାପୁଆ, ଚାକୁଣ୍ଡା, ସରାବାଡି, ଖରିଗୁଡା, ନୂଆଖିଲବଡି, ବଞ୍ଜର ଗ୍ରାମର ଶ୍ରମିକମାନଙ୍କୁ ଏହି ଅର୍ଥ ପଠାଯାଇଛି। ସାମାଜିକ କର୍ମୀ ବସନ୍ତ ସାଇଁ, କାହ୍ନୁ ବିଷୋୟୀଙ୍କ ଉଦ୍ୟମରେ ବଦାନ୍ୟ ବ୍ୟକ୍ତିମାନଙ୍କ ସହଯୋଗରେ ଏହି ଟଙ୍କା ପଠାଯାଇଛି।

# ଚାଲି ଚାଲି ଚେନ୍ନାଇରୁ ଫେରିଲେ ୧୦ ଶ୍ରମିକ

ଶେରଗଡ,୨୮।୪(ଡି.ଏନ୍.ଏ.)

ଚେନ୍ନାଇରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଗଞ୍ଜାମ ଜିଲା ଶେରଗଡ ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ୧୦ ଜଣ ଲକ୍‌ଡାଉନ ପରେ ସେଠାରେ ଫସି ରହିଥିଲେ। କାମଧନ୍ଦା ବନ୍ଦ ପରେ ଖାଇବାକୁ ବହୁ ଅସୁବିଧା ହେବାରୁ ଶେଷରେ ଚାଲିଚାଲି ଘରକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ୧୨ଦିନ ତଳେ ଚେନ୍ନାଇରୁ ଘର ଅଭିମୁଖେ ବାହାରିଥିଲେ। ଦୀର୍ଘ ୧୧ଶହ କିଲୋମିଟର ଚାଲି ମଙ୍ଗଳବାର ସମସ୍ତ ୧୦ ଶ୍ରମିକ ଗାଁରେ ପହଞ୍ଚିଛନ୍ତି। ବାଟରେ ହାଇଦ୍ରାବାଦ ପୋଲିସ ୨ଦିନ ଅଟକାଇବା ପରେ ଛାଡିଦେଇଥିଲେ ବୋଲି ସେମାନେ କହିଛନ୍ତି। ଗାଁରେ ପହଞ୍ଚିବାପରେ ସେମାନଙ୍କୁ ନରେନ୍ଦ୍ରପୁର ହାଇସ୍କୁଲ ସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

# ମଦଭାଟି ମ୍ୟାନେଜରଙ୍କ ସମେତ ୪ ଜେଲ ଗଲେ

ଦିଗପହଣ୍ଡି,୨୮।୪(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମ ନିକଟରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ବାହାର ଦେଶୀମଦ ଭାଟିରୁ ସୋମବାର ୧୦,୮୦୦ ଲିଟର ମଦ ପୋଚ, ୫ ଲିଟର ମଦ ଓ ୧୨୭୦ ଟି ଦେଶୀମଦ ପାଉଚ ଜବତ ମାମଲାରେ ଥାନା ଅଧିକାରୀ ବସନ୍ତ କୁମାର ସେଠୀ ମଙ୍ଗଳବାର ମଦଭାଟି ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ମଦଭାଟିରେ ସେଲ୍ସମ୍ୟାନ କଟକ ନିଆଳି ଥାନା କରଞ୍ଜି ଗ୍ରାମର କ୍ଷେତ୍ରମୋହନ ସ୍ୱାଇଁ, ମଦ ରାନ୍ଧୁଥିବା ପୁରୁଷୋତ୍ତମପୁର ଗ୍ରାମର ଭିକାରୀ ଗୌଡ, ମଦଭାଟି ମ୍ୟାନେଜର ଅଁଳାଗୁଡ଼ା ଗ୍ରାମର ଦେବେନ୍ଦ୍ର ବିଷୋୟୀ, ହିଞ୍ଜିଳି ଥାନା ବନ୍ଦଳା ଗ୍ରାମର ବାବୁଲା ସାହୁ। ନଂ.୯୬/୨୦ ଦଫା-୨୭୨/୨୭୩/୩୪ ଆଇପିସି ସମେତ ରାଜ୍ୟ ଅବକାରୀ ଆଇନର ଧାରା ୫୨(କ) ଅନୁଯାୟୀ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସିଲ୍ ପରେ ସେଠାରେ ମଦ ପ୍ରସ୍ତୁତ ଚାଲୁଥିବାବେଳେ ସୋମବାର ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ସଦଳବଳ ଚଢାଉ କରିଥିଲେ।

### ସିଲ୍ ପରେ ସରକାରୀ ଭାଟିରେ ମଦ ପ୍ରସ୍ତୁତ ଘଟଣା

# ଜଳଭଣ୍ଡାରରେ ବୁଡ଼ି ଜଣେ ମୃତ

ସୋରଡା,୨୮।୪(ଡି.ଏନ୍.ଏ.)

ସୋରଡା ବ୍ଲକ ବଡ଼ବଦାଙ୍ଗୀ ଜଳଭଣ୍ଡାରରେ ବୁଡି ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଦ୍ମପୁର ଗ୍ରାମର ଏନ୍. ସୁଶାନ୍ତ ପାତ୍ର (୪୦)। ସୋମବାର ମଧ୍ୟାହ୍ନରେ ଛେଳିମାନଙ୍କୁ ଜଳଭଣ୍ଡାରରେ ପାଣି ପିଆଉଥିବାବେଳେ ଗୋଡ ଖସି ସେ ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ହେବାରୁ ଫେରି ଆସିଥିଲେ। ମଙ୍ଗଳବାର ସକାଳୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଥାନାଧିକାରୀ ରମେଶ କୁମାର ପ୍ରଧାନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ପରୀକ୍ଷା ପାଇଁ ବ୍ରହ୍ମପୁର ପଠାଗଲା

ବୁଗୁଡ଼ା,୨୮।୪(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତର ୨ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ପରୀକ୍ଷା ପାଇଁ ମଙ୍ଗଳବାର ବଡ଼ ମେଡିକାଲକୁ ପଠାଯାଇଥିବା ବିଡିଓ ତନ୍ମୟ ପାତ୍ର କହିଛନ୍ତି। ରବିବାର ଓ ସୋମବାର ୩ ସନ୍ଦିଗ୍ଧଙ୍କୁ ପରୀକ୍ଷା ପାଇଁ ବ୍ରହ୍ମପୁର ପଠାଯାଇଥିଲା। ପ୍ରାୟ ମାସକ ତଳେ ସେମାନେ ସଙ୍ଗରୋଧ କେନ୍ଦ୍ରରେ ମଧ୍ୟ ଥିଲେ।

ଧରିତ୍ରୀ
DHARITRI
ବୁଧବାର, ୨୯ ଏପ୍ରିଲ, ୨୦୨୦

## କାଠ ବୋଝେଇ ଟ୍ରାକ୍ଟର ଜବତ

ବଇଣ୍ଡା, ୨୮।୪(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ପାଇକସାହିଠାରେ ଏକ ଚୋରା ଶାଳକାଠ ବୋଝେଇ ଟ୍ରାକ୍ଟରକୁ ଧଣ୍ଡାତୋପା ବନ ବିଭାଗ ଜବତ କରିଛି। ପ୍ରଥମେ ପାଇକସାହି ଫରେଷ୍ଟର କିଶୋରୀ ପ୍ରଧାନ ଟ୍ରାକ୍ଟର ଜବତ କରିଥିଲେ ହେଁ କିଛି ସମୟ ପରେ ଛାଡି ଦେଇଥିଲେ। ଏ ନେଇ ଗ୍ରାମବାସୀ ଆଠମଲ୍ଲିକ ଡିଏଫଓଙ୍କୁ ଜଣାଇବାରୁ ଏକ ବିଲମାଳରୁ ଟ୍ରାକ୍ଟର ସହ କାଠ ଜବତ କରାଯାଇଥିଲା। ଫରେଷ୍ଟର କିଶୋରୀ ପ୍ରଧାନ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଆଠମଲ୍ଲିକ ଡିଏଫ୍ଓ ସମ୍ୟକ ସାମନ୍ତରା କହିଛନ୍ତି, ଟ୍ରାକ୍ଟର ଜବତ ହୋଇଛି। ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।



## ସଂକ୍ଷେପରେ

### ୧୩,୬୯୫ ଶ୍ରମିକ କଲେ ପଞ୍ଜୀକରଣ

ଅନୁଗୋଳ ଅଫିସ, ୨୮।୪: ଅନୁଗୋଳ ଜିଲାର ପ୍ରାୟ ୧୭ ହଜାର ଶ୍ରମିକ ଜିଲା ଓ ରାଜ୍ୟ ବାହାରେ କାର୍ଯ୍ୟ କରୁଛନ୍ତି। ଲକ୍‌ଡାଉନ୍ ହଟିବା ପରେ ସେମାନେ ଜିଲାକୁ ଫେରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଜିଲାର ୮ଟି ବ୍ଲକ, ଦୁଇଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସିରେ ମଙ୍ଗଳବାର ସନ୍ଧ୍ୟା ୬ଟା ୩୦ ସୁଦ୍ଧା ମୋଟ୍ ୧୩ ହଜାର ୬୯୫ ଶ୍ରମିକ ରାଜ୍ୟ ବାହାରୁ ଫେରିବାକୁ ପଞ୍ଜୀକରଣ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନୁଗୋଳ ବ୍ଲକକୁ ଫେରିବାକୁ ୨୪୧୬ ଜଣ ନାମ ପଞ୍ଜୀକରଣ କରିଥିବାବେଳେ ଆଠମଲ୍ଲିକ ବ୍ଲକକୁ ୨୬୭୩ ଜଣ, ବଅଁରପାଳ ବ୍ଲକକୁ ୧୨୪୪, ଛେଣ୍ଡିପଦା ବ୍ଲକକୁ ୧୧୨୬, କଣିହାଁ ବ୍ଲକକୁ ୧୧୩୦, କିଶୋରନଗର ବ୍ଲକକୁ ୨୩୩୮, ପାଲଲହଡ଼ା ବ୍ଲକକୁ ୧୯୮୧ ଓ ତାଳଚେର ବ୍ଲକକୁ ୩୭୩ ଜଣ ଫେରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ଅନୁଗୋଳ ପୌରପାଳିକାକୁ ୧୩୨ ଜଣ, ତାଳଚେର ପୌରପାଳିକାକୁ ୧୭୮ ଜଣ ଓ ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳକୁ ଫେରିବାକୁ ୧୦୪ ଜଣ ପଞ୍ଜୀକୃତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

### ଜରିମାନା ଆଦାୟ, ମାମଲା ରୁଜୁ

ଛେଣ୍ଡିପଦା,୨୮।୪(ସ୍ୱ.ପ୍ର.): ମାସ୍କ ନ ପିନ୍ଧି ବାହାରେ ବୁଲିବା ଓ ବିନା ହେଲମେଟରେ ଗାଡ଼ି ଚଳାଉଥିବା ୫୬ ଜଣଙ୍କଠାରୁ ୧୭ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଛେଣ୍ଡିପଦା ପୋଲିସ ୪୩ ଜଣ, ଜରପଡା ପୋଲିସ ୯ ଜଣ, ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ୪ ଜଣଙ୍କଠାରୁ ଜରିମାନା ଆଦାୟ କରିଛି। ବିନା କାରଣରେ ବାହାରେ ବୁଲୁଥିବା ଅଭିଯୋଗରେ ଜରପଡା ପୋଲିସ ଅନ୍ୟ ୪ ଜଣଙ୍କଠାରୁ ୨ଟି ବାଇକ୍ ଜବତ ସହ ସେମାନଙ୍କ ନାମରେ ମାମଲା ରୁଜୁ କରିଛି। ସେହିପରି ଧାର୍ଯ୍ୟ ସମୟ ପରେ ଦୋକାନ ଖୋଲିଥିବା ୧୦ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି।

### ମାସ୍କ ବାଣ୍ଟିଲେ ବ୍ଲକ ଅଧ୍ୟକ୍ଷା



ବଇଣ୍ଡା, ୨୮।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବାମୁର ପଞ୍ଚାୟତ କଳାବେଡା ଓ ରଙ୍ଗମାଟି ଗ୍ରାମରେ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ ୨ ହଜାର ମାସ୍କ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ କୁମାର ପ୍ରଧାନ, ନାରୀନେତ୍ରୀ ଟିକି ପ୍ରଧାନ, ବନିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### କୂଅରୁ କୁଟୁରା ଉଦ୍ଧାର

କଣିହାଁ, ୨୮।୪(ଡି.ଏନ.ଏ.): କଣିହାଁ ବ୍ଲକ ଜମାନିଆଁ ଗ୍ରାମର ଏକ କୂଅରେ ଖସିପଡ଼ିଥିବା କୁଟୁରାକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଯୁବକମାନେ ତାହାକୁ ଉଦ୍ଧାର କରି କଣିହାଁ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଆଣି ଚିକିତ୍ସା କରାଇବା ପରେ ଅପରାହ୍ନରେ କୁଟୁରାଟିକୁ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦେଇଥିବା ରେଞ୍ଜର ନୀଳମଣି ଦେହୁରୀ ପ୍ରକାଶ କରିଛନ୍ତି।

### 'ସର୍ଭ ଫର୍ ପିପୁଲ୍' ପକ୍ଷରୁ ସହାୟତା

ଭାପୁର, ୨୮।୪(ଡି.ଏନ.ଏ.): ଓଡ଼ାପଡା ବ୍ଲକ ଘଟିପିରି ପଞ୍ଚାୟତ ରଥପଦା ଗ୍ରାମର ସାମାଜିକ ଅନୁଷ୍ଠାନ 'ସର୍ଭ ଫର୍ ପିପୁଲ୍' ପକ୍ଷରୁ ଅସହାୟ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଙ୍ଗଠନର ସଦସ୍ୟ ନରେଶ ଚନ୍ଦ୍ର ଦାସ, ବିଜୟ ନାୟକ, ରାଜକିଶୋର ବେହେରା, ସୁବ୍ରତ କୁମାର ନାୟକ, ସତ୍ୟନାରାୟଣ ଦାସ, ରଘୁନାଥ ବେହେରା, ମୁନା ବେହେରା, ବଳରାମ ବେହେରା ପ୍ରମୁଖ ୨୫ରୁ ଉର୍ଦ୍ଧ୍ୱ ଅସହାୟଙ୍କୁ ସାହାଯ୍ୟ କରିଛନ୍ତି।

### ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା, ୨୮।୪(ଡି.ଏନ.ଏ.): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ହଣ୍ଡପା ଓ ଠାକୁରଗଡ଼ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯାଇଛି। ଏଥିସହ ବଇଣ୍ଡା ଗ୍ରାମର ଅଜୟ ପ୍ରଧାନ, ଡଙ୍ଗାଧର ଗ୍ରାମର ଝୁନା ପ୍ରଧାନ, ସୁଶାନ୍ତ ପ୍ରଧାନ, ପେଡ଼ିପଥର ଗ୍ରାମର ଯାମିନ ବେହେରାଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚାଳ ପ୍ରମୁଖ ଚଢ଼ାଉ କରିଥିଲେ।

# ମୁଗଚାଷୀଙ୍କୁ କାଳବୈଶାଖୀ ଚଡ଼କ

ଭୁବନ, ୨୮।୪(ଡି.ଏନ.ଏ.)



କ୍ଷତିଗ୍ରସ୍ତ ମୁଗ ଚାଷୀମାନେ।

- ବର୍ଷାରେ ଗଜା ହୋଇଗଲା
- ୫ ଲକ୍ଷ ଟଙ୍କାର ଫସଲ କ୍ଷତି
- କ୍ଷତିପୂରଣ ଦାବି କଲେ ଚାଷୀ

ଚାଷୀଙ୍କ ଉପରେ ଚଡ଼କ ପକାଇଛି କାଳବୈଶାଖୀ ବର୍ଷା। ଅମଳ ପାଇଁ ଉପାଡ଼ି ଖଳାରେ ରଖାଯାଇଥିବା ମୁଗ ଅଦିନିଆ ବର୍ଷାରେ ଭିଜି ଗଜା ହୋଇଯାଇଛି, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ୩୦ ଚାଷୀ। ଏପରି ଦୁର୍ଦ୍ଦିନରେ ଜିଲା କୃଷି ବିଭାଗ ସହାୟତାରେ ହାତ ବଢ଼ାଇବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଜିଲା କୃଷି ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ କୃଷକ ବିକାଶ ପରିଷଦର ୩୦ଜଣ ଚାଷୀ ଗୋମରଗୋଳ ମୌଜାରେ ମିଳିମିଶି ୩୦ ଏକରରେ ମୁଗଚାଷ କରିଥିଲେ। ଜଣକା ୧୦ ହଜାର ଟଙ୍କା ଲେଖାଏ ବିନିଯୋଗ କରିଥିଲେ। ଚଳିତବର୍ଷ ଅନୁକୂଳ ପାଗ ଯୋଗୁ ଭଲ ଫସଲ ହୋଇଥିଲା। ୨୪ ଏକର ଜମିରେ ହୋଇଥିବା ମୁଗ ଉପାଡ଼ି ସେମାନେ ଖଳାରେ ରଖିଥିଲେ। ହେଲେ ଚଳିତମାସରେ ଲଗାତର ହୋଇଥିବା ବର୍ଷାରେ ସବୁ ଫସଲ ଗଜା ହୋଇଯାଇଛି। ଏଥିରେ ହାରାହାରି ୫ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଚାଷ ପାଇଁ ସେମାନେ ବିଭିନ୍ନ ଘରୋଇ ସଂସ୍ଥାରୁ ଋଣ ଆଣିଥିଲେ। ଏବେ ଫସଲ ନଷ୍ଟ ହୋଇଯିବା ପରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏ ସଂକ୍ରାନ୍ତରେ ସେମାନେ ଜିଲା କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ କ୍ଷତିପୂରଣ ପ୍ରଦାନ କରିବାକୁ ପରିଷଦର ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟି, ସମ୍ପାଦକ ରଥ ସେଠୀ ପ୍ରମୁଖ ନିବେଦନ କରିଛନ୍ତି।

ଏ ନେଇ ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ମିଶ୍ର କୁହନ୍ତି, ଅଭିଯୋଗ ମିଳିବା ପରେ ତଦନ୍ତ କରାଯାଇଛି। ରାଜସ୍ୱ ବିଭାଗ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ସରକାରଙ୍କ ନିକଟକୁ ପଠାଯିବ। କ୍ଷତିପୂରଣ ରାଶି ମଞ୍ଜୁର ହେଲେ ଚାଷୀଙ୍କୁ ପ୍ରଦାନ କରାଯିବ।

## ମଧୁବାବୁଙ୍କୁ ମନେପକାଇଲେ ଆଇନଜୀବୀ

ଢେଙ୍କାନାଳ ଅଫିସ, ୨୮।୪

ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଓକିଲ ଦିବସ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ସାମାଜିକ ଦୂରତା ରଖି ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଟଙ୍କଧର ବେହେରା, ଉପସଭାପତି ସରୋଜ କୁମାର ପାଢୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସେହିପରି ରଥଗଡ଼ାସ୍ଥିତ ଉତ୍ପୁନା କାର୍ଯ୍ୟାଳୟରେ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ରାଜ୍ୟ ସମ୍ପାଦକ ବାହାଦୁର ପାଟସାହାଣୀ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରିଥିଲେ। ସତ୍ୟାନନ୍ଦ ବିଶ୍ୱାଳ, ସରୋଜ ଶତପଥୀ, ଦିଲୀପ ନନ୍ଦ, ମନୋଜ ସାହୁ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଓକିଲ ସଂଘର କର୍ମକର୍ତ୍ତାମାନେ।

## ଟେଷ୍ଟ କିଟ୍ କିଣାରେ ଦୁର୍ନୀତି ଅଭିଯୋଗ

ଢେଙ୍କାନାଳ ଅଫିସ, ୨୮।୪

କରୋନା ସଂକ୍ରମଣ ପରୀକ୍ଷାରେ ଉପଯୋଗ ହେଉଥିବା ଟେଷ୍ଟ କିଟ୍ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଢେଙ୍କାନାଳ ଜିଲା କଂଗ୍ରେସ ଅଭିଯୋଗ ଆଣିଛି। ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ଉକ୍ତ କିଟ୍ ପ୍ରଦାନ କରାଯାଇଥିଲା। ନିକଟରେ ଏଥିରେ ତ୍ରୁଟି ଥିବା ଦର୍ଶାଇ ଫେରାଇ ନେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ପଛରେ ବଡ଼ ଧରଣର ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଛି। ମହାମାରୀ ସମୟରେ ଲୋକଙ୍କ ଜୀବନ ସହିତ ଖେଳିବା ନିନ୍ଦନୀୟ ବୋଲି ଜିଲା କଂଗ୍ରେସ କୋଭିଡ୍ ଆକ୍ସନ କମିଟିର ଅଧ୍ୟକ୍ଷ ଡା. ତୁଷାରକାନ୍ତି ନାୟକ, ଜିଲା ସଭାପତି ସୁରେଶ ପାଣିଗ୍ରାହୀ, ସଂଯୋଜକ ରୁଦ୍ରପ୍ରକାଶ ଶରଣ ପ୍ରମୁଖ କହିଛନ୍ତି। ଜିଲା କୋଭିଡ୍ ହେଲ୍‌ଥ ସେଣ୍ଟର ଏଭଳି ତ୍ରୁଟିପୂର୍ଣ୍ଣ କିଟ୍ ବ୍ୟବହାର ନ କରିବା ଲାଗି ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ହାତୀ ଉପଦ୍ରବରେ ଫସଲ ନଷ୍ଟ

ଢେଙ୍କାନାଳ ଅଫିସ, ୨୮।୪

ଢେଙ୍କାନାଳ ସଦର ରେଞ୍ଜରେ ହାତୀ ଉପଦ୍ରବ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ମହିଷାପାଟସ୍ଥିତ ପ୍ରଭାକର ନାୟକଙ୍କ ଫାର୍ମ ହାଉସ୍‌ରେ ସୋମବାର ରାତିରେ ୪ରୁ ଊର୍ଦ୍ଧ୍ୱ ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ହାତୀପଲ ଆମ୍ବ, କଦଳୀ ବଗିଚା ଉଜାଡ଼ି ଦେଇଛନ୍ତି। ସେହିପରି ଜମିରେ ପଶି କଖାରୁ ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଏଥିସହ ବାରଣ୍ଡାରେ ସାଇତି ରଖାଯାଇଥିବା ଧାନକୁ ଖାଇ ଯାଇଛନ୍ତି। ବନ ବିଭାଗ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।

## ବସ୍‌ରେ ଘରକୁ ଗଲେ ୧୭୯ ଜଣ

### ସରିଛି ୧୪ ଦିନିଆ କ୍ୱାରାଣ୍ଟାଇନ

ଅନୁଗୋଳ ଅଫିସ, ୨୮।୪



ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରେ କ୍ୱାରାଣ୍ଟାଇନ୍‌ରେ ଥିବା ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ କଳାହାଣ୍ଡି ଜିଲାର ୧୭୯ ଜଣ ଲୋକଙ୍କୁ ମଙ୍ଗଳବାର ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। କ୍ୱାରାଣ୍ଟାଇନ ଅବଧି ଶେଷ ହୋଇଯାଇଥିବାରୁ ପ୍ରଶାସନ ପକ୍ଷରୁ ବସ୍ ଯୋଗେ ସମ୍ପୃକ୍ତ ଲୋକମାନଙ୍କୁ ପଠାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଲକ୍‌ଡାଉନ୍ ଉଲ୍ଲଂଘନ କରି ଏହି ବ୍ୟକ୍ତିମାନେ ବିଭିନ୍ନ କାର୍ଯ୍ୟରେ ଆସିଥିବା ବେଳେ ସେମାନଙ୍କୁ ଅନୁଗୋଳ ଜିଲାରେ ପର୍ଯ୍ୟାୟକ୍ରମେ ସଙ୍ଗରୋଧରେ ରଖାଯାଇଥିଲା। ତେବେ ସମ୍ପୃକ୍ତ ୧୭୯ଜଣଙ୍କ ୧୪ ଦିନିଆ କ୍ୱାରାଣ୍ଟାଇନ ସମୟ ଶେଷ ହୋଇଥିବାରୁ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ୫ଟି ବସ୍ ଯୋଗେ ନିଜ ନିଜ ଜିଲାକୁ ପଠାଇ ଦିଆଯାଇଛି। ସୁନ୍ଦରଗଡ଼ ପାଇଁ ୨ଟି ବସ୍‌ରେ ପାଲଲହଡ଼ା, ବଅଁରପାଳ, କଣିହାଁ ବ୍ଲକରେ ସଙ୍ଗରୋଧ ଶେଷ କରିଥିବା ୬୯ ଜଣ, ଦେବଗଡ଼ ପାଇଁ ୨ଟି ବସ୍‌ରେ ପାଲଲହଡ଼ା, ବଅଁରପାଳ, କଣିହାଁ ବ୍ଲକରେ ଥିବା ୬୮ ଜଣ ଓ କେନ୍ଦୁଝର ପାଇଁ ଗୋଟିଏ ବସ୍‌ରେ ବଅଁରପାଳ, ପାଲଲହଡ଼ା, କିଶୋରନଗରରେ ଥିବା ୪୨ ଜଣଙ୍କୁ ପଠାଇ ଦିଆଯାଇଛି। କ୍ୱାରାଣ୍ଟାଇନ୍‌ରେ ଥିବା ଅନ୍ୟମାନଙ୍କୁ ମଧ୍ୟ ଏପରି ପର୍ଯ୍ୟାୟକ୍ରମେ ସେମାନଙ୍କ ଜିଲାକୁ ପଠାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ ଆବଶ୍ୟକ ବସ୍ ବ୍ୟବସ୍ଥା କରିଥିଲେ। ସମସ୍ତ ବସ୍ ଜିଲା କାର୍ଯ୍ୟାଳୟକୁ ଆସିବା ପରେ ଲୋକମାନଙ୍କୁ ନେଇ ସେମାନଙ୍କ ଜିଲାକୁ ଗସ୍ତ କରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଙ୍ଗରୋଧ କେନ୍ଦ୍ର ପାର୍ଶ୍ୱରେ ଚାଲିଛି ପରିବା ବିକ୍ରି



ଟାଉନ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ପରିବା ବିକ୍ରି କରାଯାଉଛି।

ଅନୁଗୋଳ ଅଫିସ, ୨୮।୪

ଅନୁଗୋଳ ପୌର ପ୍ରଶାସନ ପକ୍ଷରୁ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଟାଉନ୍ ହାଇସ୍କୁଲ ଠାରେ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। କିନ୍ତୁ ଉକ୍ତ ସେଣ୍ଟର ପାର୍ଶ୍ୱରେ ଦୈନିକ ପରିବା ବ୍ୟବସାୟୀମାନେ ବେପାର କରୁଛନ୍ତି। କରୋନା ସନ୍ଦିଗ୍ଧମାନଙ୍କୁ ସେଠାରେ ରଖାଯାଉଥିବା ବେଳେ ନିକଟରେ ପରିବା ବ୍ୟବସାୟ ସହରବାସୀଙ୍କୁ ଚିନ୍ତାରେ ପକାଇଛି।

ଜଣେ କି ଦୁଇଜଣ ନୁହନ୍ତି, ଅନେକ ବ୍ୟବସାୟୀ ଟାଉନ ଉଚ୍ଚବିଦ୍ୟାଳୟ ପାର୍ଶ୍ୱରେ ପରିବା ପସରା ମେଲାଉଛନ୍ତି। ପାଖାପାଖି ଏକ ସପ୍ତାହ ହେବ ଏପରି ଘଟଣା ଦେଖିବାକୁ ମିଳୁଛି। ସଚେତନ ଥିବା ଅନେକ ଲୋକ ସେଠାକୁ ପରିବା କିଣିବାକୁ ଯାଉ ନ ଥିବାବେଳେ କେତେଜଣ ଗ୍ରାହକ ନିୟମିତ ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ପରିବା କିଣୁଛନ୍ତି। ହେଲେ ଏ ନେଇ ପୌର ପ୍ରଶାସନ ନିକଟରେ ଖବର ନାହିଁ। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପରିବା ବ୍ୟବସାୟୀଙ୍କୁ ଅନୁଗୋଳ ଷ୍ଟାଡିୟମଠାରେ ବ୍ୟବସାୟ କରିବାକୁ ଅନୁମତି ଦିଆଯାଉଥିବାବେଳେ କିପରି ଟାଉନ୍ ହାଇସ୍କୁଲ ପାର୍ଶ୍ୱରେ ପରିବା ବ୍ୟବସାୟ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଘଟଣା ଉପରେ ନଜର ପଡ଼ିନାହିଁ। କୌଣସି କର୍ମଚାରୀଙ୍କ ନିକଟରୁ ମଧ୍ୟ ସୂଚନା ମିଳିନାହିଁ। ତେବେ ସେଠାରେ ପସରା ମେଲାଉଥିବା ବ୍ୟବସାୟୀଙ୍କୁ ତୁରନ୍ତ ହଟାଯିବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

## ଫେରାର ଭାଟି ମ୍ୟାନେଜରଙ୍କୁ ଖୋଜୁଛି ପୋଲିସ

ଅନୁଗୋଳ ଅଫିସ, ୨୮।୪

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆରେ ଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ ବେଳେ ଫେରାର ହୋଇଯାଇଥିବା ମ୍ୟାନେଜରଙ୍କୁ ଗିରଫ କରିବାକୁ ଅନୁଗୋଳ ପୋଲିସ ଉଦ୍ୟମ ଜାରି ରଖିଛି। ଏହି ଘଟଣାରେ ଭାଟି ମାଲିକ ବିକ୍ରମ କିଶୋର ସାହୁଙ୍କ ସହ ମୋଟ୍ ୪୩ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଭାଟି ମ୍ୟାନେଜର ଧରାପଡ଼ିବା ପରେ ସିଲ୍ ହୋଇଥିବା ଭାଟିରେ କିଭଳି ଚୋରା ମଦ କାରବାର ଚାଲିଥିଲା ସେ ନେଇ ଅଧିକ ତଥ୍ୟ ମିଳିପାରିବ। ଏକ ସ୍ୱତନ୍ତ୍ର ଟିମ୍ ମ୍ୟାନେଜରଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବା ପୋଲିସ ପ୍ରକାଶ କରିଛି। ଅପରପକ୍ଷରେ ବ୍ୟବସାୟୀ ବିକ୍ରମଙ୍କ ନାମରେ ମୋଟ୍ ୫ଟି ଦେଶୀ ମଦ ଭାଟି ଥିବାବେଳେ ତାଙ୍କ ପରିବାର ମାଲିକାନାରେ ୮ଟି ଦେଶୀ ମଦ ଦୋକାନ, ୧୫ଟି ଅଫ୍ ସପ୍ ଓ ଗୋଟିଏ ଅନ୍ ସପ ରହିଥିବା ସହରରେ ଚର୍ଚ୍ଚା ହେଉଛି। ଚୋରା କାରବାର ଚାଲିଥିବା କରଡ଼ାଗାଡ଼ିଆ ଭାଟି ଲାଇସେନ୍ସ ରଦ୍ଦ ପାଇଁ ଇତିମଧ୍ୟରେ ପୋଲିସ ପକ୍ଷରୁ ଜିଲାପାଳଙ୍କୁ ସୁପାରିସ୍ କରାଯାଇଥିବା ବେଳେ ଅବକାରୀ ବିଭାଗର ରିପୋର୍ଟ ମଧ୍ୟ ଜିଲା ପ୍ରଶାସନକୁ ମିଳିସାରିଛି। ତେଣୁ ଘଟଣାର ଅଧିକ ଖୋଳତାଡ଼ କରିବାକୁ ପ୍ରଶାସନ ସଜବାଜ ହେଉଥିବା ସୂଚନା ମିଳିଛି। ଏହାର ତଦନ୍ତ ସରିବା ପରେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ଜିଲାକୁ ଫେରିବେ ୧୩,୧୯୭ ପ୍ରବାସୀ

ଢେଙ୍କାନାଳ ଅଫିସ, ୨୮।୪

ବାହାର ରାଜ୍ୟରେ କାର୍ଯ୍ୟରତ ଢେଙ୍କାନାଳ ଜିଲାର ୧୩,୧୯୭ ଜଣ ପ୍ରବାସୀ ଓଡ଼ିଆ ଘରକୁ ଫେରିବା ଅପେକ୍ଷାରେ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଢେଙ୍କାନାଳ ସଦର ବ୍ଲକର ୩୦ ପଞ୍ଚାୟତ ଅଧୀନ ୧୧୦ ଗ୍ରାମର ୧୧୭୧ଜଣ ପ୍ରବାସୀ ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ପଞ୍ଜୀକୃତ ହୋଇଛନ୍ତି। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଏବିଡିଓ ଝାଡେଶ୍ୱର ଦାସ ସୂଚନା ଦେଇଛନ୍ତି। ପ୍ରବାସୀମାନେ ଫେରିବା ପରେ ପ୍ରତି ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ୍ ଗୃହରେ ରଖାଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି।

## ଶିଶୁମନ୍ଦିର ପକ୍ଷରୁ ମାସ୍କ ବଣ୍ଟନ



ନାଲ୍‌କୋ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ମାସ୍କ ବଣ୍ଟନ କରାଯାଉଛି।

ବଅଁରପାଳ, ୨୮।୪(ଡି.ଏନ.ଏ.)

ନାଲ୍‌କୋ ସରସ୍ୱତୀ ଶିଶୁମନ୍ଦିର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା, ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁଙ୍କ ସହଯୋଗରେ ମଙ୍ଗଳବାର ନାଲ୍‌କୋର ବସଲାସାହି ହଟିଂଠାରେ ମାସ୍କ, ଶୁଖିଲା ଖାଦ୍ୟ, ସାବୁନ ବଣ୍ଟନ କରାଯାଇଛି। ଏଥିସହ କରୋନାରୁ ବର୍ତ୍ତିବା ପାଇଁ ବାରମ୍ବାର ସାବୁନରେ ହାତ ଧୋଇବା, ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବାକୁ ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ବିଶ୍ୱରଞ୍ଜନ ବାରିକ, ନରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ରାସ୍ତାରେ ଯମ, କରୋନା

ଢେଙ୍କାନାଳ ଅଫିସ, ୨୮।୪



ବିଜେଡି ପକ୍ଷରୁ ଢେଙ୍କାନାଳ ସହରରେ ସଚେତନତା କାର୍ଯ୍ୟକ୍ରମ।

- ଅମାନିଆଙ୍କୁ ସତର୍କ କରାଇଲେ ବେଶଧାରୀ
- ଅଭିନବ ଉପାୟରେ ସଚେତନତା ବାର୍ତ୍ତା ବାଣ୍ଟିଲେ

'ମୁଁ ହେଉଛି ଯମରାଜ। ଆଜି ମଇଁଷି ଆଣିନି। ମୋ ସାଙ୍ଗରେ କରୋନା ଆଣିଛି। ଟିକେ ଫାଙ୍କା ପାଇଲେ କରୋନା ମାଡ଼ି ବସିବ।' ମଙ୍ଗଳବାର ଏପରି ସତର୍କବାଣୀ ଶୁଣିବାକୁ ମିଳିଥିଲା ଢେଙ୍କାନାଳ ସହରରେ। ଲକ୍‌ଡାଉନ ନିୟମ ଭଙ୍ଗକରି ରାସ୍ତାରେ ବୁଲୁଥିବା ବଗୁଲିଆଙ୍କୁ ଯମରାଜ ଏବଂ କରୋନା ବେଶଧାରୀ କଳାକାର ଏଭଳି ଅଭିନବ ଢଙ୍ଗରେ ସତର୍କ କରାଇଥିଲେ। ନୋଭେଲ କରୋନା ଭାଇରସ୍ କବଳରୁ ସୁରକ୍ଷିତ ରହିବାକୁ ଢେଙ୍କାନାଳ ବିଜୁ ଜନତା ଦଳ ପକ୍ଷରୁ ଏପରି ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ଯମରାଜ ବେଶରେ ଦେବାଶିଷ ମିଶ୍ର ଏବଂ କରୋନା ବେଶରେ ବିନୋଦ ମହାନ୍ତି ସ୍ଥାନୀୟ ରଥଗଡ଼ାଠାରୁ ବାଜିଚୌକ ଯାଏ ଚାଲିଚାଲି ଜନସାଧାରଣଙ୍କୁ ସଚେତନ କରାଇଥିଲେ। କରୋନା ସଂକ୍ରମଣ ରୋକିବା ଲାଗି ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ଜରୁରୀ କାର୍ଯ୍ୟ ନ ଥିଲେ ପଦାକୁ ନ ବାହାରିବା, ସାବୁନରେ ହାତକୁ ଭଲଭାବେ ଧୋଇବା, ଲକ୍‌ଡାଉନ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସେମାନେ ନିବେଦନ କରିଥିଲେ। ସାମାନ୍ୟ ଭୁଲ୍ ପାଇଁ କରୋନା ସମସ୍ତଙ୍କୁ ଗ୍ରାସ କରିବ ବୋଲି କଳାକାରମାନେ ଚେତାବନୀ ଦେଇଥିଲେ। ବାଜିଚୌକ୍‌ରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ କରୋନା ଯୋଦ୍ଧା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ନେତା ନରୋତ୍ତମ ସାହୁ, ଇନ୍ଦ୍ରମଣି ବେହେରା, ସାଇଶ୍ରୀ ପଟ୍ଟନାୟକ, ସାଗରିକା ମିଶ୍ର, ଦେବୀ ପ୍ରସାଦ ଭୂତିଆ, ସୁରଜ ମହାପାତ୍ର, ଶ୍ରୀକାନ୍ତ ଧଳ, ନିରାକାର ରାଉତ, ଅବିନାଶ ଜେନା, ଶଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲା କାର୍ଯ୍ୟାଳୟରେ ଦୁଇ କଳାକାର ଅଭିନୟ ମାଧ୍ୟମରେ ଅଧିକାରୀ ଏବଂ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ ନାୟକ, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ଟମାଟୋ ବୋଝେଇ ମ୍ୟାକ୍ସ ଦୁର୍ଘଟଣାଗ୍ରସ୍ତ

ଜହ୍ନାପଙ୍କ, ୨୮।୪ (ଡି.ଏନ.ଏ)
ବୌଦ୍ଧ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ-୫୭ର ଜହ୍ନାପଙ୍କ କଲେଜ ଛକ ନିକଟରେ ମଙ୍ଗଳବାର ଭୋର ପ୍ରାୟ ୫ଟା ବେଳେ ବଲାଙ୍ଗୀରରୁ ବୌଦ୍ଧ ଯାଉଥିବା ଏକ ଟମାଟୋ ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ଗାଡି (ନଂ.ଓଡି୧୧ଇ/୩୨୨୩) ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ଟମାଟୋ ଗୁଡିକ ରାସ୍ତାରେ ଛିଟିକି ପଡିଥିଲା। ଡ୍ରାଇଭରଙ୍କୁ ନିଦ ଲାଗିଯିବାରୁ ଏଭଳି ଦୁର୍ଘଟଣା ହୋଇଥିବା କୁହାଯାଉଛି। ଏଥିରେ କେହି ମୃତାହତ ହୋଇନାହାନ୍ତି ।

### ହରିଣ ମାଂସ ଭୋଜିକରି ବାପ ପୁଅ ଗିରଫ

ଜମନକିରା,୨୮।୪ (ଡି.ଏନ.ଏ): ସମ୍ବଲପୁର ଜିଲା ବଡରମା ରେଞ୍ଜ ଅଧୀନ ଆମ୍ବଲାଙ୍ଗ ନିକଟସ୍ଥ ପେଟ୍ରୋଲ ପମ୍ପ ପଛ ପାଖରେ ଥିବା ଏକ ଘରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବନ ବିଭାଗ ଚଢ଼ାଉ କରିଛି। ସେଠାରୁ ସାଢେ ୪ କେଜି ହରିଣ ମାଂସ, ୨ଟି ଟାଙ୍ଗିଆ, ଗୋଟିଏ ପନିକି, ତାରଫାଶ, ତରାଜୁ, ରୋଷେଇ ବାସନ, ରନ୍ଧା ମାଂସ ଜବତ କରାଯାଇଛି। ଘଟଣାସ୍ଥଳରୁ ଦେବେନ୍ଦ୍ର ପ୍ରଧାନ (୬୦) ନାମକ ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ମିତ୍ରଭାନୁ ପ୍ରଧାନ (୪୦)ଙ୍କୁ ବନ ବିଭାଗ ଗିରଫ କରିଛି।

### ୧୧ କୁଇଣ୍ଟାଲ ପୋଚ ନଷ୍ଟ କଲା ପୋଲିସ

ଲଇକେରା, ୨୮।୪ (ଡି.ଏନ.ଏ.): କରୋନାର ଭୟାବହତା ନେଇ ସାରା ଦେଶ ଲକଡାଉନ ହୋଇଥିବା ବେଳେ ପ୍ରାୟତଃ ଦୋକାନ ବଜାର ଏବେ ବି ବନ୍ଦ ରହିଛି । ତେବେ ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ଦେଶୀ ମଦ ପ୍ରସ୍ତୁତ କରୁଥିବାର ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଝାରସୁଗୁଡା ଜିଲା ଲଇକେରା ଥାନା ପୋଲିସ ତାଲଚନକି ଗାଁ ନିକଟ ଜଙ୍ଗଲରୁ ମଦ ରନ୍ଧା ପାଇଁ ପ୍ରସ୍ତୁତ କରାଯାଉଥିବା ପ୍ରାୟ ୧୧ କୁଇଣ୍ଟାଲ ପୋଚକୁ ନଷ୍ଟ କରିଛି। ପୋଲିସ କିନ୍ତୁ କାହାରିକୁ ଧରି ପାରିନାହିଁ ।

### ଜୁଆ ଆଡ୍ଡାରୁ ୧୦ ଖସିଗଲେ

ଲହୁଣୀପଡା,୨୮।୪(ଡି.ଏନ.ଏ.): ଲହୁଣୀପଡା ଥାନା ଅଧୀନ ଲହୁଣୀପଡା ପତିବନ୍ଧ (ପୋଖରୀ) ନିକଟସ୍ଥ ନିର୍ମାଣାଧୀନ ଏକ ପୋଲ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୨ ଜଣଙ୍କୁ ଧରିଛି। ହେଲେ ୧୦ଜଣ ଦୌଡି ଫେରାର ହୋଇଛନ୍ତି। ଗିରଫ ୨ ଅଭିଯୁକ୍ତ ହେଲେ ଅଜୟ ଜୟସ୍ୱାଲ ଓ ଅମ୍ରିତ ରାୟ। ପୋଲିସ ସେଠାରୁ ୪ଟି ବାଇକ୍ ଓ ୫୧୫୦ ଟଙ୍କା ଜବତ କରି ମାମଲା ରୁଜୁ କରିଛି ।

# ଫେରିଲେ ପରିସ୍ଥିତି ଅଣାୟତ୍ତ

ସମ୍ବଲପୁର,୨୮।୪(ବ୍ୟୁରୋ)

ମହାମାରୀ କରୋନା ମୁକାବିଲା ପାଇଁ ସରକାରୀ କଟକଣା ଯୋଗୁ ଟ୍ରେନ, ବସ ଚଳାଚଳ ବନ୍ଦ ରହିଛି। ତେଣୁ ରାଜ୍ୟ ବାହାରେ ଶ୍ରମିକ, ଚାକିରିଆ, ଛାତ୍ରୀଛାତ୍ର ଫସି ରହିଛନ୍ତି। ବର୍ତ୍ତମାନ ଓଡିଶା ସରକାର ସେମାନଙ୍କୁ ଘରକୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଅନେକେ ସମାଲୋଚନା ମଧ୍ୟ କରୁଛନ୍ତି। ବର୍ତ୍ତମାନ ସମ୍ବଲପୁର ଜିଲା ଗ୍ରୀନ୍ ଜୋନରେ ରହିଛି। ଜିଲାରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରୁ ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଲୋକମାନେ ଫେରାର ହୋଇଯାଉଛନ୍ତି। ଏପରିକି ସମ୍ବଲପୁର ଜିଲାରେ ହୋମ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତିମାନେ ନିୟମ ପାଳନ କରୁ ନ ଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ପୋଲିସ ମାମଲା ରୁଜୁ କରିଛି। ଏପରି ପରିସ୍ଥିତିରେ ହଜାର ହଜାର ସଂଖ୍ୟାରେ ରାଜ୍ୟ ବାହାରୁ ଆସିଲେ ପରିସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ବାହାର ଫେରନ୍ତା ମାନଙ୍କୁ ପୋଲିସ କିଭଳି ସୁରକ୍ଷା ଦେବ ବୋଲି ସନ୍ଦେହ ପ୍ରକାଶ ପାଇଛି।

ଅନ୍ୟପକ୍ଷେ ଜିଲା ପ୍ରଶାସନ ବିଭିନ୍ନ ବ୍ଲକ ଓ ମହାନଗର ନିଗମରେ ପ୍ରାୟ ୭ ହଜାର ବେଡ୍‌ର କ୍ୱାରାଣ୍ଟାଇନ ବ୍ୟବସ୍ଥା କରିଛି। ହେଲେ ଏହା ତୁଳନାରେ ରାଜ୍ୟ ବାହାରୁ ଆସୁଥିବା ସଂଖ୍ୟା ଅଧିକ ହୋଇଯିବାର ଆଶଙ୍କା କରାଯାଉଛି। ତେଣୁ ସେମାନଙ୍କୁ କିପରି ରଖାଯାଇ ପାରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହେଲେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଭୟଭୀତ ନ ହେବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ପିଡି ସୁକାନ୍ତ ତ୍ରିପାଠୀ କୁହନ୍ତି, ପ୍ରଶାସନ ସବୁ ଦିଗରେ ପ୍ରସ୍ତୁତ ରହିଛି। ଆବଶ୍ୟକ କ୍ୱାରାଣ୍ଟାଇନ ହୋମ୍ ନିର୍ମାଣ କରାଯାଇଛି। ବେଡ୍‌ସଂଖ୍ୟା ମଧ୍ୟ ଠିକ୍ ରହିଛି। ସେମାନଙ୍କ ପାଇଁ ଆବଶ୍ୟକ ସମାଗ୍ରୀ ସବୁ ମହଜୁଦ ରଖାଯାଇଛି। ଏକା ଦିନରେ ରାଜ୍ୟ ବାହାରୁ କେହି ଆସିବେ ନାହିଁ। ତେଣୁ ପଞ୍ଜୀକରଣକୁ ଦେଖି ବେଡ୍ ସଂଖ୍ୟା ବୃଦ୍ଧି କରାଯାଇ ପାରିବ ବୋଲି ପିଡି ତ୍ରିପାଠୀ କହିଛନ୍ତି। ଅନ୍ୟପଟେ ବାହାରୁ ଫେରିବାକୁ ଥିବା ଲୋକଙ୍କ ବାଟକୁ ଚାହିଁ ବସିଛନ୍ତି ପରିବାର ସଦସ୍ୟ । ଯୁଯୁମୁରା ବ୍ଲକର ରୀନା ଓରାମ କୁହନ୍ତି, ତାଙ୍କ ସ୍ୱାମୀ ପ୍ରକାଶ ଓରାମ ତାମିଲନାଡୁର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଛନ୍ତି । ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି । ପ୍ରକାଶ ଘରକୁ ଫେରିବା ପରେ ସମସ୍ତ ସରକାରୀ ନିୟମ ପାଳନ କରିବୁ ବୋଲି ସେ କହିଛନ୍ତି। ସେହିପରି ବୁଡିଆକଟା ଗ୍ରାମର ଆଶିଷ ରାଜ ବାବା (୨୭) ବାହାରେ କାମ କରୁଛନ୍ତି । ତାଙ୍କ ବାପା ବିଳାସ ବାବା ପୁଅର ଫେରିବା ନେଇ କୟାକୁଦ ପଞ୍ଚାୟତରେ ପଞ୍ଜୀକରଣ କରିଛନ୍ତି। ସେ ମଧ୍ୟ ବହୁତ ଖୁସି ଅଛନ୍ତି ଏବଂ ପୁଅକୁ ଏଠି ରହିବ ଆଉ ବାହାରକୁ ଯିବ ନାହିଁ ବୋଲି ବିଳାସ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ବାହାରେ ରହୁଥିବା ଲୋକଙ୍କ ପାଇଁ ସମ୍ବଲପୁର ମହାନଗର ନିଗମ, ବ୍ଲକ ଅଫିସ, ପଞ୍ଚାୟତ ଅଫିସ ଗୁଡିକରେ ପଞ୍ଜୀକରଣ ସୁବିଧା କରାଯାଇଛି। ଏହାସହ ସରକାର ଅନ୍‌ଲାଇନରେ ମଧ୍ୟ ପଞ୍ଜୀକରଣ କରିବା ବ୍ୟବସ୍ଥା କରିଛନ୍ତି ।

ସମ୍ବଲପୁର ଜିଲା



ସମ୍ବଲପୁର ଜିଲାରେ ରାଜ୍ୟ ବାହାର ଶ୍ରମିକ ଫେରିବା ପାଇଁ ପଞ୍ଜୀକରଣ କରାଯାଉଛି ।



ସଙ୍ଗରୋଧ କେନ୍ଦ୍ରକୁ ଯାଉଥିବା ଶ୍ରମିକ ।

## ଘରକୁ ଫେରୁଥିଲେ, ସଙ୍ଗରୋଧ କେନ୍ଦ୍ରକୁ ଗଲେ

ବାମରା,୨୮।୪(ଡି.ଏନ.ଏ)
ଓଡ଼ିଶାରେ ଥିବା ବାହ୍ୟ ରାଜ୍ୟ ଶ୍ରମିକଙ୍କୁ ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଯୋଗାଇବାର ପ୍ରତିଶ୍ରୁତି ଦେଇ ରାଜ୍ୟ ଛାଡି ନ ଯିବା ପାଇଁ ବାରମ୍ବାର ଅପିଲ କରିଛନ୍ତି। ହେଲେ ଓଡିଶାରୁ ଅନେକ ଶ୍ରମିକ ପଦଯାତ୍ରା, ସାଇକେଲ ଯାତ୍ରା ଓ ଅନ୍ୟାନ୍ୟ ଉପାୟରେ ନିଜ ନିଜ ଘରକୁ ଫେରିବାରେ ଲାଗିଛନ୍ତି । କେତେକ ଏଥିରେ ସଫଳ ହେଉଥିବା ବେଳେ ଅନ୍ୟ କେତେକ ଶ୍ରମିକ ପୋଲିସ ଦ୍ୱାରା ଅଟକରହିତ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ବାଧ ହେଉଛନ୍ତି । ବାମରାରୁ ସାଇକେଲ ଯୋଗେ ପଶ୍ଚିମବଙ୍ଗ ଯାଉଥିବା କେତେକ ଶ୍ରମିକ ଏଭଳି ଫସିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲା ଅଞ୍ଚଳର ୧୨ଜଣ ଶ୍ରମିକ ବାମରା ବ୍ଲକ ସଦର ମହକୁମା ଗଣେଶ ନଗର ଅଞ୍ଚଳରେ ରହି ପୁରୁଣା ଲୁହାଟିଣ କ୍ରୟ ବିକ୍ରୟ କରି ରୋଜଗାର କରି ଆସୁଥିଲେ। କରୋନା ଭାଇରସକୁ ନେଇ ଦେଶରେ ଲକଡାଉନ ଘୋଷଣା ହେବା ପରେ ସେମାନେ ନିଜ ରୋଜଗାର ହରାଇଥିଲେ। ଶେଷରେ ପରିବାର ଓ ଭିଟାମାଟି ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇ ସେମାନଙ୍କ ମଧ୍ୟରୁ ୮ ଜଣ ନିଜ ଘରକୁ ସାଇକେଲରେ ଫେରିଯିବା ପାଇଁ ସ୍ଥିର କରିଥିଲେ। ୧୨ ତାରିଖ ବାମରାରୁ ଘରକୁ ବାହାରିଥିଲେ । ବାଟରେ ବଡଗାଁ ଓ ରାଜଗାଙ୍ଗପୁରରେ କାମ କରୁଥିବା ଅନ୍ୟ କେତେକ ଶ୍ରମିକ ମିଶିଥିଲେ। ଓଡିଶା ସୀମା ଡେଇଁ ସେମାନେ ଝାଡ଼ଖଣ୍ଡ, ରାଞ୍ଚି ,ଧାନବାଦ ଦେଇ ପଶ୍ଚିମବଙ୍ଗ ରାଜ୍ୟରେ ପ୍ରବେଶ କରିବାକୁ ଚେଷ୍ଟା କରିବା ସମୟରେ ସୀମାରେ ମୁତୟନ ଥିବା ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲା ସିଲି ଥାନା ପୋଲିସ ଅଟକାଇଥିଲା। ସମସ୍ତଙ୍କ ସ୍ୱାବ୍ ନମୁନା ପରୀକ୍ଷାକରି ୧୪ ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦେଇଥିବା ସେମାନେ ସୂଚନା ଦେଇଛନ୍ତି।



ଜଣେ କୁମ୍ଭକାର ମାଟି ପାତ୍ର ତିଆରି କରୁଛନ୍ତି ।

## କରୋନା ଉଜାଡ଼ିଦେଇଛି ବେଉସା

ସୋନପୁର,୨୮।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର କୁମ୍ଭକାରମାନେ ବର୍ଷ ସାରା ନିଜର ପାରମ୍ପରିକ ବୃତ୍ତିକୁ ବଜାୟ ରଖି ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ଏଥିରେ ସେମାନଙ୍କ ପରିବାର ଚଳିଥାଏ। ସରକାରୀ ବେସରକାରୀ ସଂସ୍ଥାଗୁଡିକ ମାଟିହାଣ୍ଡି କିଣି ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିଥାନ୍ତି। ମାତ୍ର ଚଳିତ ବର୍ଷ କରୋନା ଯୋଗୁଁ ଜିଲାର କୁମ୍ଭକାର ପ୍ରଭାବିତ ହୋଇଛନ୍ତି। ସମସ୍ତ ସାପ୍ତାହିକ ହାଟ ବନ୍ଦ ଥିବାରୁ ମାଟି ସାମଗ୍ରୀଗୁଡିକ ବିକ୍ରି ହୋଇ ପାରୁନି ।

ସୁବର୍ଣ୍ଣପୁର ସହର କୁମ୍ଭାରପଡାରେ ୪୦କୁମ୍ଭକାର ପରିବାର ବାସ କରନ୍ତି। ସେମାନେ ମାଟିରେ ତିଆରି ଦୀପ, କୁମ୍ଭ, ହାଣ୍ଡି, ପଲମ, ସୁରେଇ, ତେଲୁଣି ଆଦି ବିଭିନ୍ନ ପ୍ରକାର ସାମଗ୍ରୀକୁ ସ୍ଥାନୀୟ ଗ୍ରାମ ଓ ବଜାରରେ ବିକ୍ରି କରିଥାନ୍ତି । ସେହିପରି ବିବାହ, ବ୍ରତ ଓ ଶୁଦ୍ଧକ୍ରିୟା ଆଦି ସାମାଜିକ କାମରେ ମଧ୍ୟ ମାଟି ସାମଗ୍ରୀ ଉପରେ ଆଖପାଖ ଅଞ୍ଚଳର ଲୋକ ନିର୍ଭର କରିଥାନ୍ତି। ଜାନୁଆରୀରୁ ଜୁନ୍ ଯାଏ ମାଟିପାତ୍ରର ଭଲ ବ୍ୟବସାୟ ହୋଇଥାଏ। ଚଳିତ ବର୍ଷ ମଧ୍ୟ କୁମ୍ଭକାରମାନେ ମାଟି ସାମଗ୍ରୀ ତିଆରି କରିଥିଲେ। ହେଲେ କରୋନା ମହାମାରୀ ସବୁ ବିଗାଡି ଦେଲା ବୋଲି କୁହନ୍ତି କୁମ୍ଭାରପଡାର ମାଟିକାରୀଗର ତଥା ଟେରାକୋଟା ଶିଳ୍ପୀ ଅନନ୍ତରାମ ରଣା। ଲକ୍‌ଡାଉନ୍ କଟକଣା ଯୋଗୁଁ ବିବାହ, ବ୍ରତ, ମନ୍ଦିରରେ ପୂଜା ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ବନ୍ଦ କରି ଦିଆଯାଇଛି । ଫଳରେ ତିଆରି ସାମଗ୍ରୀ ସେମିତି ଘରେ ପଡି ରହିଛି। ନିଜ ପରିଶ୍ରମ କଥା ଛାଡନ୍ତୁ ଟ୍ରାକ୍ଟରରେ ମାଟି ଆଣି ପାତ୍ର ଗଢିବା ଓ କାଠ କିଣି ତାକୁ ପୋଡିବାରେ ଯେଉଁ ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ଫେରସ୍ତ ମିଳିବା ସମ୍ଭାବନା ନାହିଁ। କୁମ୍ଭକାରମାନେ ଜୀବିକା ହରାଇଛନ୍ତି। ଭୋକ ଉପବାସରେ ସେମାନଙ୍କୁ ରହିବାକୁ ପଡୁଛି ବୋଲି ପଡାର ବିଦେଶୀ ରଣା, ଭୂମିସୂତା ରଣା ଓ ଅର୍ଜ୍ଜୁନ ରଣା କହିଛନ୍ତି। କରୋନା ଆମ ଜୀବିକା ବୁଡାଇ ଦେଇଛି। ହାଟବଜାର ସବୁ ବନ୍ଦ, ଆମ ମାଟି ନିର୍ମିତ ସାମଗ୍ରୀ କିଣିବ କିଏ ବୋଲି ଦୁଃଖର ସହ କହିଛନ୍ତି ବିନିକା ବ୍ଲକ କୁଇବାହାଲର କୁମ୍ଭକାର ଲବ ସାହୁ। ବର୍ତ୍ତମାନ କୁମ୍ଭକାରମାନଙ୍କ ପାଇଁ ଦୁଇ ଓଳି ଖାଇବା ଯୋଗାଡ କରିବା ମଧ୍ୟ କଷ୍ଟକର ହୋଇପଡିଛି। ତେଣୁ ସରକାର କୁମ୍ଭକାରମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେମାନେ ନିବେଦନ କରିଛନ୍ତି ।

## ୨୫ ଲକ୍ଷ ଟଙ୍କା ଲୋଭରେ ୨୫ ହଜାର ଗଲା

ଲାଞ୍ଜିଗଡ,୨୮।୪(ଡି.ଏନ୍.ଏ)
କଳାହାଣ୍ଡି ଜିଲା ଲାଞ୍ଜିଗଡ ଡମ୍ବ ବିଶିପଡାର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଠକେଇର ଶିକାର ହୋଇଛନ୍ତି। ସେ ହେଲେ ଗଜେନ୍ଦ୍ର ପରାଭୋଇ। ଦିନ ମଜୁରିଆ ଭାବେ କାମ କରି ସେ ପରିବାର ଚଳାନ୍ତି। ତେବେ ଗତ ୨୪ତାରିଖ ନ୍ୟାଶନାଲ ଲଟେରି ନାମକ ଏକ କମ୍ପାନୀରୁ ଏକ ଫୋନ କଲ୍ ଆସିଥିଲା। ୮ମ ଶ୍ରେଣୀରେ ପଢୁଥିବା ପୁଅ ଏହି ଫୋନ୍ କଲ୍ ରିସିଭ କରିଥିଲେ। ୨୫ଲକ୍ଷ ଟଙ୍କାର ଲଟେରି ଉଠିଥିବା ଫୋନ୍ କରିଥିବା ବ୍ୟକ୍ତି ଜଣକ କହିଥିଲେ। ଏ ନେଇ ପୁଅ ବାପାଙ୍କୁ ଜଣାଇ ଥିଲେ। ଏକ ଘଣ୍ଟା ପରେ ପୁଣିଥରେ ଫୋନ୍ ଆସିଥିଲା। ୨୫ହଜାର ଟଙ୍କା ଡିପୋଜିଟ କଲେ ୨୫ଲକ୍ଷ ଟଙ୍କା ଆକାଉଣ୍ଟକୁ ୫ମିନିଟ୍‌ରେ ଡିପୋଜିଟ ହୋଇଯିବ ବୋଲି ସମ୍ପୃକ୍ତ ବ୍ୟକ୍ତି ଲୋଭ ଦେଖାଇଥିଲେ। ଏଣୁ ଲୋଭରେ ପଡି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଆସିଥିବା ୨୦ହଜାର ଟଙ୍କା ଓ ଘରେ ଥିବା ଗହଣା ବନ୍ଧା ପକାଇ ୨୫ହଜାର ଟଙ୍କା ୩୯୦୪୦୦୪୬୦୪୧ ନମ୍ବର ଆକାଉଣ୍ଟରେ ଗଜେନ୍ଦ୍ର ଡିପୋଜିଟ କରିଥିଲେ। ତେବେ ୨୫ହଜାର ଟଙ୍କା ଡିପୋଜିଟ କରିବା ପରେ ପୁଣିଥରେ ୧୦ହଜାର ଟଙ୍କା ଡିପୋଜିଟ୍ ପାଇଁ ଫୋନ୍ ଆସିଥିଲା । ହେଲେ ଘରେ ଯାହା ଟଙ୍କା ଥିଲା ସବୁ ସରି ଯାଇଥିଲା। ସନ୍ଦେହ ହେବାରୁ ଗଜେନ୍ଦ୍ରଙ୍କ ପୁଅ ତାଙ୍କ ପ୍ରଧାନ ଶିକ୍ଷକ ମନୋଜ କୁମାର ମହାକୁଡଙ୍କୁ ଜଣାଇଥିଲେ। ସେମାନେ ଠକେଇର ଶିକାର ହୋଇଥିବା ଶିକ୍ଷକ କହିବା ପରେ ଲାଞ୍ଜିଗଡ ଥାନାରେ ଅଭିଯୋଗ ହୋଇଛି। ଲାଞ୍ଜିଗଡ ଆଇଆଇସି ସତ୍ୟାନନ୍ଦ ପାତ୍ର କହିଛନ୍ତି ଯେ, ଏହାର ତଦନ୍ତ କରିବେ।

## ଚିକିତ୍ସା ଲାଗି ଶିଶୁକନ୍ୟା ଗଲେ ଏସ୍‌ସିବି ମେଡିକାଲ

ବରଗଡ଼ ଅଫିସ୍,୨୮।୪

ନିଆଁରେ ପୋଡ଼ିହୋଇ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଜାଲପାଲି ଗ୍ରାମର ସୁଶୀଲ ଖମାରୀଙ୍କ ଶିଶୁକନ୍ୟା ରୁନି(୧୦)ଙ୍କୁ ମଙ୍ଗଳବାର ପୂର୍ବାହ୍ନରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲକୁ ଅଧିକ ଉନ୍ନତ ଚିକିତ୍ସା ଲାଗି ଏଠାରୁ ସ୍ଥାନାନ୍ତର କରାଯାଇଛି। ରୁନି ଗତ ଫେବୃୟାରୀରେ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ବୁର୍ଲା, କଟକ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ମାତ୍ର ଉଚ୍ଚତର ଚିକିତ୍ସାର ଆବଶ୍ୟକତା ଥିବାରୁ ଅର୍ଥାଭାବ ଯୋଗୁ ସେଠାରୁ ଘରକୁ ଫେରିଆସି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରୁନିଙ୍କ ଚିକିତ୍ସାରେ ଅର୍ଥାଭାବକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେହିପରି ସାମାଜିକ କର୍ମୀ ଦୀପା ବାରିକ ଧରିତ୍ରୀରେ ପ୍ରକାଶିତ ଖବରକୁ ମୁଖ୍ୟମନ୍ତ୍ରୀ, ବରଗଡ଼ ଜିଲାପାଳ ପ୍ରମୁଖଙ୍କୁ ଟୁଇଟ୍ କରି ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ସୋମବାର ରାତିରେ ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା ମଧ୍ୟ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ରୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ପଚାରି ବୁଝିଥିଲେ। ଅନ୍ୟପଟେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଘଟଣା ଜାଣିବା ପରେ ରୁନିଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଫଳରେ ସୋମବାର ରାତିରେ ରୁନିଙ୍କୁ ବୁର୍ଲା ଭିମ୍‌ସାର୍ ଏବଂ ସେଠାରୁ ମଙ୍ଗଳବାର ପୂର୍ବାହ୍ନରେ କଟକ ସ୍ଥାନାନ୍ତର କରାଯାଇଛି ।

**ଅର୍ଥାଭାବରୁ ଚିକିତ୍ସା ନ ହେବା ଘଟଣା**



ଗୁରୁତର ଶିଶୁକନ୍ୟାକୁ ଆମ୍ବୁଲାନ୍ସ ଯୋଗେ କଟକ ନିଆଯାଉଛି ।

## ଭୋକିଲା ପେଟରେ ପୂଜାର୍ଚ୍ଚନା କଷ୍ଟକର

ସମ୍ବଲପୁର, ୨୮।୪ (ବ୍ୟୁରୋ)
କରୋନା ଭୂତାଣୁକୁ ନେଇ କଟକଣା ଯୋଗୁ ସମ୍ବଲପୁରର ଇଷ୍ଟଦେବୀ ସମଲେଇଙ୍କ ଦର୍ଶନ ମାର୍ଚ୍ଚ ୧୯ ତାରିଖରୁ ବନ୍ଦ ରହିଛି। ହେଲେ ଦେବୀଙ୍କ ପୂଜାର୍ଚ୍ଚନା ରୀତିନୀତି ଓ ପରମ୍ପରାରେ କରାଯାଉଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ପୂଜା ଲାଗି ଦୈନିକ ୧ହଜାର ଟଙ୍କା ପ୍ରଦାନ କରୁଛି। ସମଲେଇଙ୍କ ନୂଆବସ୍ତ୍ର, ଅନ୍ନଭୋଗ, ଆଳତି, ପୂଜା ସାମଗ୍ରୀରେ ୧ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି । ଅନ୍ୟପଟେ ମନ୍ଦିର ବନ୍ଦ ଯୋଗୁ ପୂଜକମାନେ କିନ୍ତୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧୨ ପୂଜକ ପରିବାରର ୧୫୦ ଜଣ ସଦସ୍ୟ ଏହାଯୋଗୁ ପ୍ରଭାବିତ ହୋଇଛନ୍ତି। ପୂଜକ ଭାବେ ଏମାନେ କୌଣସି ପ୍ରକାର ସରକାରୀ ସହାୟତା ମଧ୍ୟ ପାଉନାହାନ୍ତି । ଏଣୁ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବା ଆବଶ୍ୟକତା ରହିଛି। ନଚେତ ଭୋକିଲା ପେଟରେ ଦେବୀଙ୍କର ପୂଜାର୍ଚ୍ଚନା କରିବା କାଠିକର ପାଠ ହେବ । ମଙ୍ଗଳବାର ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂଜକମାନେ ଏହା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାମାଜିକ ଦୂରତ୍ୱ ବଜାୟ ରଖି ମୁଖ୍ୟ ପୂଜକ ଅମ୍ବିକାପ୍ରସାଦ ରାଏ, ପ୍ରକାଶ ରାଏ, ଅକ୍ଷୟ ରାଏ, ନିର୍ଭୟ ରାଏ, କୋଦଣ୍ଡ ରାଏ, ସୁଧାଂଶୁ ରାଏ, ଓକିଲ ରାଏ, ସଗନ ରାଏ, ପ୍ରଶାନ୍ତ ରାଏ, ସାରଙ୍ଗ ରାଏ, ଯୋଗେନ୍ଦ୍ର ରାଏ, ଅମିୟ ରାଏ ଉପସ୍ଥିତ ଥିଲେ ।




ମଙ୍ଗଳବାର ସମ୍ବଲପୁର ସମଲେଶ୍ୱରୀ ମନ୍ଦିରର ପୂଜକମାନେ ସେମାନଙ୍କ ସମସ୍ୟା ଉପରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

# ଗ୍ରୀନ୍ ଜୋନ୍‌ରେ ପ୍ରବାସୀ ଶ୍ରମିକ ଭୟ

କରୋନା (କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ ପାଇଁ ଜାରି କରାଯାଇଥିବା ଲକ୍‌ଡାଉନ ଅବଧି ସରିବାକୁ ଆଉ ୫ ଦିନ ବାକି ରହିଲା। ଏପର୍ଯ୍ୟନ୍ତ ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇନାହାନ୍ତି। ବଲାଙ୍ଗୀର ଜିଲା ଏବେ ଗ୍ରୀନ୍ ଜୋନ୍‌ରେ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଅବଧି ଶେଷ ପରେ ରାଜ୍ୟ ବାହାରେ ଫସି ରହିଥିବା ଲକ୍ଷାଧିକ ପ୍ରବାସୀ ଶ୍ରମିକ ଜିଲାକୁ ଫେରିବେ । ଏଭଳି ଚର୍ଚ୍ଚା ହେବା ପରେ ଏହି ଗ୍ରୀନ୍ ଜୋନ ଜିଲାବାସୀଙ୍କୁ କରୋନା ସଂକ୍ରମଣ ଭୟ ଘାରିଛି।

### ସୀମାନ୍ତରେ ସମସ୍ତଙ୍କ ରାପିଡ୍ ଟେଷ୍ଟ ହେଉ



ବିଭିନ୍ନ ରାଜ୍ୟକୁ ଶ୍ରମିକ ଫେରାଇ ଆଣିବା ନେଇ କେନ୍ଦ୍ର ସରକାର ଅନୁମତି ଦେଇନାହାନ୍ତି। ଯଦି ଅନୁମତି ଦିଅନ୍ତି ତେବେ ରାଜ୍ୟ ସୀମାରେ ସମସ୍ତ ଫେରନ୍ତା ପ୍ରବାସୀ ଶ୍ରମିକଙ୍କ ରାପିଡ୍ ଟେଷ୍ଟ ବ୍ୟବସ୍ଥା ସହ ଯେଉଁମାନଙ୍କ ସ୍ୱାସ୍ଥ୍ୟଗତ ଲକ୍ଷଣ ଦେଖାଦେବ ସେମାନଙ୍କୁ ସୀମାରୁ କୋଭିଡ୍ ହସ୍ପିଟାଲ ନେବା ବ୍ୟବସ୍ଥା କରାଯିବା କଥା। ପ୍ରବାସୀ ଶ୍ରମିକଙ୍କୁ ୧୪ ଦିନିଆ କ୍ୱାରାଣ୍ଟାଇନ୍ ସୁବ୍ୟବସ୍ଥା ପାଇଁ ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଟେଣ୍ଟ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଉଚିତ୍ । ଏଭଳି ପରିସ୍ଥିତିରେ ପ୍ରଶାସନ ପ୍ରବାସୀ ଶ୍ରମିକ, ଗାଁ ଓ ସହର ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଲେ ଏହା ବହୁ ମାତ୍ରାରେ ସମସ୍ୟା ସମାଧାନର ବାଟ ଫିଟାଇବ।

—ନରସିଂହ ମିଶ୍ର, ବିଧାୟକ, ବଲାଙ୍ଗୀର

### ପର୍ଯ୍ୟାୟକ୍ରମେ ପ୍ରବାସୀ ଶ୍ରମିକଙ୍କୁ ଅଣାଯାଉ



ଲକ୍‌ଡାଉନ୍ ଅବଧି ଶେଷ ପରେ ଜିଲାକୁ ପ୍ରାୟ ୮୭ ହଜାର ପ୍ରବାସୀ ଶ୍ରମିକ ଫେରିବେ । ଏଭଳି ସ୍ଥିତିରେ ସରପଞ୍ଚମାନେ ଏହାକୁ ପରିଚାଳନା କରିବା ସ୍ଥିତିରେ ନାହାନ୍ତି। ଏହାଦ୍ୱାରା ଜିଲାରେ କରୋନା ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି । ଏଣୁ ପର୍ଯ୍ୟାୟକ୍ରମେ ପ୍ରବାସୀ ଶ୍ରମିକଙ୍କୁ ଜିଲାକୁ ଆଣିବା ବ୍ୟବସ୍ଥା ହେଲେ ତାହା ସୁବିଧାଜନକ ହୋଇପାରନ୍ତା । ଏନେଇ ମୁଁ ଜିଲାପାଳଙ୍କୁ ଚିଠିବି ଲେଖିଛି । ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଦିଗରେ ଉଚିତ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

—ସଙ୍ଗୀତା କୁମାରୀ ସିଂଦେଓ, ଏମ୍‌ପି, ବଲାଙ୍ଗୀର

### ଗାଁ ଯୁବକଙ୍କ ସହାୟତା ନିଆଯାଉ



ସରକାରୀ ହିସାବଠାରୁ ତିନିଗୁଣ ଅଧିକ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି। ବହୁ ସଂଖ୍ୟାରେ ନିର୍ମାଣ ଶ୍ରମିକ ଦେଶର ମହାନଗର ଗୁଡିକରେ ରହିଛନ୍ତି । ଏହି ଶ୍ରମିକଙ୍କ ସଂଖ୍ୟାକୁ ବିଭାଗ ସବୁବେଳେ ଲୁଚାଇବାକୁ ଚେଷ୍ଟା କରିଆସିଛି। ସ୍ଥାନୀୟ ଯୁବକଙ୍କ ସହାୟତା ନିଆଗଲେ ପ୍ରବାସୀ ଶ୍ରମିକଙ୍କ କ୍ୱାରାଣ୍ଟାଇନ୍ ସଫଳ ହେବ । ଏ ଦିଗରେ ଦାଦନ ସର୍ଦ୍ଦାର ଓ ୱାର୍ଡ ସଭ୍ୟମାନଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

—ରାଜୀବ ସଗରିଆ, ସ୍ତମ୍ଭକାର ଓ ଗବେଷକ

(ରିପୋର୍ଟ: ବୀରେନ୍ଦ୍ର ଝାଙ୍କର, ବଲାଙ୍ଗୀର)

## ସଂକ୍ଷେପରେ

### ରାଜସ୍ଥାନରେ ଫସିଛନ୍ତି ୧୩ ଛାତ୍ରୀଛାତ୍ର

ରାୟଗଡ଼ା ଅଫିସ,୨୮।୪ -ରାୟଗଡ଼ା ଜିଲାର ୧୩ ଜଣ ଛାତ୍ରୀଛାତ୍ର ରାଜସ୍ଥାନରେ ଫସିରହିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ମଙ୍ଗଳବାର ଅଭିଭାବକମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ନିବେଦନ କରିଛନ୍ତି। ରାଜସ୍ଥାନର କୋଟା ସହରରେ ରହି ଉପରୋକ୍ତ ଛାତ୍ରୀଛାତ୍ର ମେଡିକାଲ କୋଚିଂ ନେଉଥିଲେ। ଲକ୍‌ଡାଉନ ଯୋଗୁ ସେମାନେ ସେଠାରୁ ଫସିରହି ଏବେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଫସିଥିବା ଛାତ୍ରୀଛାତ୍ରଙ୍କୁ ସରକାର ଉଦ୍ଧାର କରିବା ଅଭିଯାନ ଚଳାଇଥିବା ବେଳେ ଆମ ପିଲାଙ୍କୁ ମଧ ଫେରାଇ ଅଣାଯାଉ ବୋଲି ଅଭିଭାବକମାନେ ଅନୁରୋଧ କରିଛନ୍ତି। ଜିଲାପାଳ ଏନେଇ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ସାଇକେଲରେ ବୁଲି ପୋଲିସ ପକ୍ଷରୁ ସଚେତନତା

ଚିତ୍ରକୋଣ୍ଡା,୨୮।୪(ଡି.ଏନ.ଏ.)- ଚିତ୍ରକୋଣ୍ଡା ଥାନା ପକ୍ଷରୁ ଥାନା ଅଧିକାରୀ ଯୁଗଳ ଶବରଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଟିମ୍ ସାଇକେଲରେ ଚିତ୍ରକୋଣ୍ଡା ପଞ୍ଚାୟତର ୮ଟି ଗ୍ରାମର ପ୍ରତି ଘର ବୁଲି ଲୋକଙ୍କୁ ସଚେତନ କରିଥିଲେ। ଘରେ ରହିବା ସୁରକ୍ଷିତ ରହିବା, ନିଜ ରୁମାଲ, ଗାମୁଛାକୁ ମୁହଁ ରେ ବାନ୍ଧି ମାସ୍କ ଭଳି ବ୍ୟବହାର କରିବା, ସାମାଜିକ ଦୂରତା ରଖିବା, ଜରୁରୀ କାମ ନ ଥିଲେ ଘରୁ ନ ବାହାରିବା, ସାବୁନରେ ହାତ ଧୋଇବାକୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଏସଆଇ ସଂଗ୍ରାମ କେଶରୀ ପାଇକରାୟଙ୍କ ସହ ପୋଲିସ କର୍ମଚାରୀ ଓ ସ୍ଥାନୀୟ ବିଜୁ ଯୁବବାହିନୀର ସଂଯୋଜକ ଦୀପ୍ତି ରଞ୍ଜନ ରଥ ସାମିଲ ହୋଇଥିଲେ।

### ମଦ ଆଣୁଥିବା ବେଳେ ଧରାପଡ଼ିଲେ

ଚନ୍ଦାହାଣ୍ଡି,୨୮।୪- (ଡି.ଏନ.ଏ.) କରୋନା ମୁକାବିଲା ପାଇଁ ସମଗ୍ର ଦେଶରେ ଲକଡାଉନ ଘୋଷଣା କରାଯାଇଛି। ଏଥିପାଇଁ ଗାଡିମୋଟର ଚଳାଚଳ, ସମସକ୍ତ ଦୋକାନ ବନ୍ଦ ରହିଛି। ଏହାର ଫାଇଦା ନେଇ ଚନ୍ଦାହାଣ୍ଡି ଅଞ୍ଚଳରେ କେତେକ ବ୍ୟକ୍ତି ଚୋରା ମଦ କାରବାର ଚଳାଇଛନ୍ତି। ଚନ୍ଦାହାଣ୍ଡି ଥାନା ଅଧିକାରୀ ଅଭୟ ବେହେରା ସୀମାନ୍ତ ଘାଟି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ମୋଟରସାଇକଲ ଯୋଗେ ପ୍ରାୟ ୩୦ ଲିଟର ଦେଶୀ ମଦ ନେଇ ଉମରକୋଟ ଥାନା ନୂଆଗୁଡା ଗ୍ରାମର ମୁକୁନ୍ଦ ଭତ୍ରା ଚନ୍ଦାହାଣ୍ଡି ଅଭିମୁଖେ ଆସୁଥିବା ବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ତାଙ୍କଠାରୁ ମଦ ଜବତ କରାଯାଇଛି। ମୁକନ୍ଦଙ୍କୁ ଗିରଫ କରି ଚନ୍ଦାହାଣ୍ଡି ଥାନାରେ ରଖାଯାଇଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ଥାନା ଅଧିକାରୀ ବେହେରା କହିଛନ୍ତି ।

### ୭୮୦ ଜଣଙ୍କୁ ସହାୟତା

ଦଶମନ୍ତପୁର,୨୮।୪(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକର ୪ଟି ପଞ୍ଚାୟତ ଅଧୀନ ୧୦ଟି ଗ୍ରାମର ୭୮୦ ଜଣ ଗରିବ ପରିବାରଙ୍କୁ 'ହେଲ୍‌ପ ଏ ଚାଇଲ୍ଡ ଅଫ୍ ଇଣ୍ଡିଆ' ପକ୍ଷରୁ ମାସ୍କ ଓ ଶୁଖିଲା ଖାଦ୍ୟ ବଣ୍ଟାଯାଇଛି। ଅର୍ଥ ସଂଯୋଜକ ପ୍ରେମଜିତ ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସହାୟତା କାର୍ଯ୍ୟକ୍ରମରେ ଚଣାବାଡ଼ ସରପଞ୍ଚ କାନ୍ତ ମୁଦୁଲି, ଶିଶୁ ବିକାଶ ସଂଯୋଜକ ସବିର ତୁରୁକ ଯୋଗ ଦେଇଥିଲେ। ଗିର୍ଲିଗୁମ୍ମା, ଚଣାବାଡ଼, ପରଜା ବେଡ଼ାପଦର, ଡୁମ୍ବାଗୁଡ଼ାରେ ଥିବା ୧୦ଟି ଗ୍ରାମର ୭୮୦ ପରିବାରକୁ ଡାଲି, ଖାଇବା ତେଲ, ସାବୁନ, ଚିନି, ମାସ୍କ ପ୍ରଦାନ କରାଯାଇଥିଲା।

### ବିଦ୍ୟାଳୟ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

କାଳିମେଳା,୨୮।୪(ଡି.ଏନ.ଏ.)- ମାଲକାନଗିରି ଜିଲା କାଳିମେଳା ବ୍ଲକ ସଦରସ୍ଥିତ ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟ ପକ୍ଷରୁ କାଲିମେଳା ପଞ୍ଚାୟତ ଅନ୍ତର୍ଗତ ପୁଷ୍ପୁଗୁଡା,ଆଦିବାସୀ କଲୋନୀ ଓ କୁମ୍ଭାରସାହି ଗ୍ରାମରେ ଗ୍ରାମବାସୀଙ୍କୁ କରୋନା ଭୂତାଣୁ ସମ୍ପର୍କରେ ସୋମବାର ସଚେତନ କରାଯାଇଥିଲା। ସାମାଜିକ ଦୂରତା ରକ୍ଷା କରିବା, ଆବଶ୍ୟକ ପଡିଲେ ଘରୁ ବାହାରକୁ ବାହାରିବା, ମାସ୍କ ବ୍ୟବହାର କରିବା ଓ ହାତକୁ ବାରମ୍ବାର ଧୋଇବା ନେଇ ଅବଗତ କରାଯାଇଥିଲା। ଏହି ଅବସରରେ ୩ଶହ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ଆଲୋକ କୁମାର ଅନୁଗୁଳିଆ ସରପଞ୍ଚ କବିତା ମାଡି ସାମିଲ ହୋଇଥିଲେ। ବିଦ୍ୟାଳୟର ସମ୍ପାଦକ ଜୀବନକୃଷ୍ଣ ଦାସ, ସମାଜିକ କର୍ମୀ ଭାସ୍କର ରାଓ, ରଜିତକାନ୍ତ ମିଶ୍ର, ଧ୍ରୁବ ଚରଣ ନାୟକ, ସଞ୍ଜୁଲତା ସେଠୀ,ବିଜୟଲକ୍ଷ୍ମୀ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଏପଟେ ଶଟ୍‌ଡାଉନ୍, ସେପଟେ ସ୍ୱାସ୍ଥ୍ୟ ସର୍ଭେ

■କଣ୍ଟେନମେଣ୍ଟ ଜୋନ୍‌ରେ ପୋଡ଼ାଗଡ଼
■ଘରଓ୍ୱାରି ସ୍ୱାସ୍ଥ୍ୟ ସର୍ଭେ କରୁଛନ୍ତି ୨୬ ଜଣିଆ ଟିମ୍
■କ୍ୱାରାଣ୍ଟାଇନରେ ଆକ୍ରାନ୍ତଙ୍କ ପରିବାର ସଦସ୍ୟ

ଜୟପୁର/ଦଶମନ୍ତପୁର, ୨୮।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଅଞ୍ଚଳକୁ ୪୮ ଘଣ୍ଟା ପାଇଁ ସଟ୍‌ଡାଉନ କରାଯାଇଛି। ପୋଡ଼ାଗଡ଼ର ୩ କିମି ପରିସୀମାକୁ କଣ୍ଟେନମେଣ୍ଟନ ଜୋନ୍ ଘୋଷଣା କରାଯିବା ସହ ସେଠାରେ ପୋଲିସ ମୁତୟନ ହୋଇଛନ୍ତି। କୋରାପୁଟ-ରାୟଗଡ଼ା ମୁଖ୍ୟରାସ୍ତା ପାର୍ଶ୍ୱରେ ଏହି ଗ୍ରାମ ରହିଥିବା ଯୋଗୁ ଦୋକାନ ବଜାର ବନ୍ଦ ରହିଛି।

ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଅବିନାଶ ବାରିକଙ୍କ ସହ ଟିମ୍, ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ, ତହସିଲଦାର ଅଜୟ ପ୍ରକାଶ ତିର୍କି, ବିଡିଓ ଡମ୍ବରୁଧର ମଲ୍ଲିକ ବର୍ତ୍ତମାନ ଅଞ୍ଚଳ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଅନ୍ୟ ସରକାରୀ କର୍ମଚାରୀଙ୍କୁ ନେଇ ୨୬ଜଣିଆ ଟିମ୍ ଗଠନ କରାଯାଇଛି। ଏମାନେ କଣ୍ଟେନମେଣ୍ଟ ଅଞ୍ଚଳରେ ଘରକୁ ଘର ଯାଇ କାହାର ଥଣ୍ଡା, କାଶ କିମ୍ବା ଅନ୍ୟ କିଛି ରୋଗର ଲକ୍ଷଣ ଅଛି କି ନା, ତାହାର ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ କରୁଛନ୍ତି। ଅନ୍ୟପକ୍ଷରେ ଗତ ୧୪ ତାରିଖରେ କଲିକତାରୁ ଫେରିଥିବା ଉକ୍ତ କାରୋନା ରୋଗୀଙ୍କ ସହ ଜଣେ ବୋଲେରୋ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତି ପୋଡ଼ାଗଡ଼ ଫେରିଥିଲେ। ସେମାନଙ୍କ ନମୁନା ଯାଞ୍ଚ କରାଯାଇଥିବା ବେଳେ ରିପୋର୍ଟ ନେଗେଟିଭ ଥିବା ଜଣାପଡ଼ିଥିଲା। ତଥାପି ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ସେହିପରି ବୋଲେରୋ ଚାଳକ ଜଣକ ଦାମନଯୋଡ଼ିର ହୋଇଥିବା ବେଳେ ତାଙ୍କ ପରିବାରର ୩ ଜଣ ଏବଂ କରୋନା ଆକ୍ରାନ୍ତଙ୍କ ପରିବାର ସଦସ୍ୟଙ୍କୁ ମଧ ହୋମ୍ କ୍ୱାରାଣ୍ଟାଇନକୁ ପଠାଯାଇଛି। ସେମାନଙ୍କର ମଧ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି ସ୍ୱାସ୍ଥ୍ୟ ବିଭାଗ। ସେହିପରି କରୋନା ରୋଗୀଙ୍କ ଯାତ୍ରା ସମୟରେ ସେ କାହା ସହ ମିଶିଛନ୍ତି, ସମ୍ପୂର୍ଣ୍ଣ ଟ୍ରାଭେଲ ହିଷ୍ଟ୍ରି ବାହାର କରାଯାଉଥିବା ସିଡିଏମ୍‌ଓ ଡା. ମକରନ୍ଦ ବେଉରା ସୂଚନା ଦେଇଛନ୍ତି ।

## ରାଜ୍ୟର ପ୍ରଥମ ଜିଲା ଭାବେ କୋରାପୁଟରେ ଥର୍ମାଲ ସ୍କାନିଂ



ଜୟପୁର,୨୮।୪(ଡି.ଏନ୍.ଏ.)

ରାଜ୍ୟର ପ୍ରଥମ ଜିଲା ଭାବେ କୋରାପୁଟ ପୋଲିସ ପକ୍ଷରୁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଥର୍ମାଲ ସ୍କାନର ଦ୍ୱାରା ଶରୀର ତାପମାତ୍ରା ଯାଞ୍ଚ କରାଯାଉଛି। ମଙ୍ଗଳବାରଠାରୁ କୋରାପୁଟ ଓ ଜୟପୁର ସହରର ପୋଲିସ ପରସ୍ପର ଶରୀରର ତାପମାତ୍ରା ଯାଞ୍ଚ କରିବା ସହ ବଜାରର ବ୍ୟବସାୟୀଙ୍କ ତାପମାତ୍ରା ମଧ ଯାଞ୍ଚ କରିଛି। ରାଜ୍ୟର ପ୍ରଥମ ଜିଲା ଭାବେ କୋରାପୁଟ ପୋଲିସ ଏହାକୁ ବ୍ୟବହାର କରିଥିବା ଏସ୍‌ପି ମୁକେଶ କୁମାର ଭାମୋ ପ୍ରକାଶ କରିଛନ୍ତି।

# ୨୦ରୁ ଖୋଲିବ ରବିଧାନ ମଣ୍ଡି




ଜିଲାପାଳଙ୍କ ଅଧକ୍ଷତାରେ ଡିଏଲ୍‌ପିସି ବୈଠକ ଚାଲିଛି ।

**ଡିଏଲ୍‌ପିସି ବୈଠକ**
■ଚଳିତ ବର୍ଷ ୬୩ ମଣ୍ଡିରେ ଧାନକିଣା
■ପ୍ରଥମ ପର୍ଯ୍ୟାୟରେ କିଣାଯିବ ୭,୪୧,୭୯୧ କୁଇଣ୍ଟାଲ ଧାନ
■ପଞ୍ଜୀକୃତ ହୋଇଛନ୍ତି ୧୨,୩୭୭ ଚାଷୀ

ଜୟପୁର,୨୮।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଚାଷୀଙ୍କ ଅମଳ ରବିଧାନ କିଣିବା ପାଇଁ ମେ' ୨୦ରୁ ମଣ୍ଡି ଖୋଲିବ। କୋରାପୁଟ ଜିଲା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଡିଏଲ୍‌ପିସି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ୪୧ ହଜାର ୭୯୧ କୁଇଣ୍ଟାଲ ଧାନ କିଣାଯିବ। ଜିଲାର ଜୟପୁର ଉପଖଣ୍ଡରେ ୪୭ ଓ କୋରାପୁଟ ଉପଖଣ୍ଡରେ ୧୬ଟିକୁ ମିଶାଇ ମୋଟ ୬୩ଟି ମଣ୍ଡିରେ ଧାନ କିଣାଯିବ।

ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ଅରୁଆ ଓ ଉଷୁନା ମିଲ ମାଲିକ ମଣ୍ଡିରେ ଧାନକିଣାରେ ଭାଗ ନେଇପାରିବେ ବୋଲି କୁହାଯାଇଛି। ଏନେଇ ସେମାନେ ଗତ ଖରିଫ ଧାନର କଷ୍ଟମ ମିଲିଂର ଶତ ପ୍ରତିଶତ ଚାଉଳ ଫେରସ୍ତ କରିଥିବା ଦରକାର। ସେହିପରି ଆସନ୍ତା ରବିଧାନ କଷ୍ଟମ ମିଲିଂର ଚାଉଳ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ପାଇଁ ଲିଖିତ ଭାବେ ପ୍ରଶାସନକୁ ଦେବା ପାଇଁ ସର୍ତ୍ତ ରଖାଯାଇଛି। ଗତ ୨ ବର୍ଷ ଭଳି ଚଳିତ ବର୍ଷ ମଧ ବାହାର ଜିଲାର ଉଷୁନା ମିଲ୍ କୋରାପୁଟ ଜିଲାର କଷ୍ଟମ ମିଲିଂ ଧାନ ଗ୍ରହଣ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ୩୫୧୬ ଜଣ ନୂତନ ଚାଷୀଙ୍କ ସମେତ ସମୁଦାୟ ୧୨,୩୭୭ ଜଣ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରଘୁରାମ ପଡାଲ, ଏଡିଏମ୍ ଦେବେନ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ଯୋଗ ଦେଇଥିଲେ।

## ଗ୍ରାମଦେବତାଙ୍କ ନିକଟରେ ଶପଥ ନେଲେ ଗ୍ରାମବାସୀ

### କରୋନା ସଚେତନତା

ମାଲକାନଗିରି,୨୮।୪ (ଡି.ଏନ୍.ଏ.)

ମାଲକାନଗରି ଜିଲା ପଡ଼ିଆ ଥାନା ଅନ୍ତର୍ଗତ ବାପନପାଲି ପଞ୍ଚାୟତ ଆଭ୍ୟନ୍ତରୀଣ ତଥା ମାଓବାଦୀପ୍ରବଣ ଅଞ୍ଚଳ ରୂପେ ପରିଚିତ ସିଲାକୋଟା ଗ୍ରାମ। ଏହି ଗ୍ରାମର ଶତାଧିକ ପରିବାର କରୋନା ରୋଗକୁ ଗ୍ରାମରେ ପୂରାଇ ନ ଦେବାକୁ ଗ୍ରାମ ଦେବତାଙ୍କ ନାମରେ ଶପଥ ନେଇଛନ୍ତି। ଉତ୍କଳ ସାମ୍ବାଦିକ ସଂଘ ଜିଲାପାଳଙ୍କ ଅନୁମତି ନେଇ ସେହି ଗ୍ରାମକୁ ଯାଇ ଗ୍ରାମ ବିଶୋଧନ କରିବା ସହ ପ୍ରତ୍ୟେକଙ୍କୁ ମାସ୍କ, ସାବୁନ, ବୃଦ୍ଧାବୃଦ୍ଧ, ଶିଶୁଙ୍କୁ ଶୁଖିଲା ଖାଦ୍ୟପୁଡ଼ିଆ,ମାଣ୍ଡିଆ ବିତରଣ କରିଥିବା ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ସୂଚନା ଦେଇଛନ୍ତି। ବାପନପାଲି ସରପଞ୍ଚ ନର୍ମଦା କାମରାମ, ଜିଆର୍‌ଏସ୍ ଏଲ୍. ତ୍ରିନାଥ, ଶ୍ରୀନିବାସ ପାତ୍ର, ସନୁ ଅନୁଗୁ, ରାଜେଶ କୁମାର ଓଝା, ଗୋବିନ୍ଦ ସରଦାର, ପ୍ରେମାନନ୍ଦ ହାଲଦାର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସାମାଜିକ କର୍ମୀଙ୍କ ଉଦ୍ୟମରେ ରାଶନ ପାଇଲେ ହିତାଧିକାରୀ

କୋରୁକୋଣ୍ଡା, ୨୮।୪(ଡି.ଏନ୍.ଏ.)

କରୋନା ଯୋଗୁ ଲକ୍‌ଡାଉନ୍ ଜାରି ରହିଛି। ସରକାର ପ୍ରତ୍ୟେକ ରାଶନକାର୍ଡଧାରୀ ହିତାଧିକାରୀଙ୍କୁ ୩ମାସର ରାଶନ ସହ ୧ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତସ୍ଥିତ ନାୟକଗୁଡ଼ା ଗ୍ରାମର ବୁଜୁରି ମାଡିଙ୍କୁ ରାଶନ କାର୍ଡ ଥାଇ ମଧ ରାଶନ ସାମଗ୍ରୀ ଦେବାକୁ ରିଟେଲର ମନା କରି ଦେଇଛନ୍ତି। ତାଙ୍କ କାର୍ଡ ନଂ. ୨୧୦୩୧୧୧୨୦୮୮। ଏ ସମ୍ପର୍କରେ ବୁଜୁରିଙ୍କ ସ୍ୱାମୀ ଇର୍ମା ମାଡି ସାମାଜିକ କର୍ମୀ ବିନାୟକ ପାତ୍ରଙ୍କୁ ଜଣାଇଥିଲେ । ବିନାୟକ ଏନେଇ ବିଡିଓ ଦାଶରଥି ସରବୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓ ତାଙ୍କୁ ତୁରନ୍ତ ରାଶନ ସାମଗ୍ରୀ ସହ ୧ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେବା ପରେ ବିତରଣ ଦାୟିତ୍ୱରେ ଥିବା ବ୍ୟକ୍ତି ବୁଜୁରିଙ୍କୁ ଏହା ଯୋଗାଇ ଦେଇଥିଲେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ବମକେଶ ମାଝିଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ବିଷୟରେ ମୋ ପାଖକୁ ଅଭିଯୋଗ ଆସିନି। ତେବେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୨ ସ୍ଥାନରେ ମଧୁବାବୁ ଜୟନ୍ତୀ ପାଳିତ

କାଲିମେଳା/ନବରଙ୍ଗପୁର, ୨୮।୪(ଡି.ଏନ.ଏ./ବି.ପ୍ର.)



ଆଧୁନିକ ଓଡିଶା ପ୍ରଦେଶର ଜନକ ଜାତିପ୍ରାଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୩ ତମ ଜୟନ୍ତୀ କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟାପକ ଡ.ପଦ୍ମଲୋଚର ରାଉତଙ୍କ ବାସଭବନରେ ପରିବାର ସଦସ୍ୟଙ୍କ ଗହଣରେ ମଙ୍ଗଳବାର ପାଳିତ ହୋଇଛି। ସାମାଜିକ ଦୂରତା ରକ୍ଷା କରି ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏହି ଜୟନ୍ତୀ ପାଳନ କରାଯାଇଥିଲା।

ସେହିପରି ନବରଙ୍ଗପୁରରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ବିଚାରପତି ଓ ଆଇନଜୀବୀମାନେ ସହରର ମୁଖ୍ୟ ସଡକ ଓ ଅଦାଲତ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଲୋକଙ୍କୁ ମାସ୍କ ବିତରର କରାଯାଇ କରୋନା ସମ୍ପର୍କରେ ସଚେତନତା କରାଯାଇଥିଲା। ଜିଲା ଜଜ୍ ଅଶୋକ ପଣ୍ଡା, ବିଚାରପତି ଶୋଭନ ଦାଶ, ପ୍ରଣୟ ଦାଶ,ଏସ. ଶୁଭଲକ୍ଷ୍ମୀ, ସଂଘ ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାୟଗଡ଼ାରୁ ଫେରିଲେ ୪୬୧ ପ୍ରବାସୀ ଶ୍ରମିକ

ରାୟଗଡ଼ା ଅଫିସ,୨୮।୪

କୌଣସି କାମରେ ବାହାର ଜିଲାରୁ ଆସିଥିବା ଶ୍ରମିକମାନେ ଲକ୍‌ଡାଉନ ପରଠାରୁ ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଫସି ରହିଥିଲେ। ଜିଲା ପ୍ରଶାସନ ମଙ୍ଗଳବାର ସେମାନଙ୍କୁ ନିଜ ନିଜ ଗ୍ରାମକୁ ପଠାଇବା ବ୍ୟବସ୍ଥା କରିଛି। ରାୟଗଡ଼ା ଜିଲାରେ ରାଜ୍ୟର ୧୩ଟି ଜିଲାର ଶ୍ରମିକମାନେ ଫସିଥିବା ଜଣାପଡ଼ିଛି। ବରଗଡ଼, ବଲାଙ୍ଗୀର, କଟକ, ଗଜପତି, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ସୋନପୁର ଭଳି ଜିଲାର ୪୬୧ ଜଣ ପ୍ରବାସୀ ଶ୍ରମିକ ରାୟଗଡ଼ାରେ ଆସି ଫସି ରହିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଦେୟମୁକ୍ତ ଭାବେ ଗାଁକୁ ଫେରିବା ବ୍ୟବସ୍ଥା କରାଯାଇଛି। ୧୮ଟି ବସ୍ ଓ ୨୦ଟି ବୋଲେରୋ ଯୋଗେ ସେମାନଙ୍କୁ ନିଜ ଗ୍ରାମକୁ ପଠାଯାଇଛି। ସେହି ସମୟରେ ସାମାଜିକ ଦୂରତା ଓ ମାସ୍କ ପରିଧାନକୁ ଗୁରୁତ୍ୱ ଦିଆଯାଇଥିଲା।

## ୧୦୯ ଶ୍ରମିକଙ୍କୁ ନିଜ ଜିଲାକୁ ପଠାଗଲା

ଗୁଣପୁର,୨୮।୪(ଡି.ଏନ୍.ଏ.)



ଗୁଣପୁରୁରେ ଫସିଥିବା ଅନ୍ୟ ଜିଲାର ଶ୍ରମିକଙ୍କୁ ପଠାଯାଉଛି ।

ରାୟଗଡା ଜିଲା ଗୁଣପୁର ବ୍ଲକର ବିଭିନ୍ନ ସ୍ଥାନରେ ଫସିରହିଥିବା ଅନ୍ୟ ଜିଲାର ଶ୍ରମିକଙ୍କୁ ସୋମବାର ବସ୍‌ରେ ନିଜ ନିଜ ଅଞ୍ଚଳକୁ ଛଡ଼ାଯାଇଛି। ଗୁଣପୁର ବ୍ଲକ କାର୍ଯ୍ୟାଳୟରୁ ୪ଟି ବସ୍ ଓ ୩ଟି ବୋଲେରୋରେ ୧୦୯ ଜଣ ଶ୍ରମିକଙ୍କୁ ପଠାଯାଇଥିଲା। ଗଞ୍ଜାମ, ବରଗଡ଼, ନୂଆପଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଜିଲାର ଶ୍ରମିକମାନେ କାମ ପାଇଁ ଆସି ଲକ୍‌ଡାଉନ ଯୋଗୁ ଫସିରହିଥିଲେ। ସେମାନେ ସବୁ ଗୁଣପୁର ବ୍ଲକର ଘନାନ୍ତ୍ରୀ, ଡମ୍ବସରା, ଚାଲକମ୍ବା, ଜଗନ୍ନାଥପୁର ଓ ପୁଟାସିଂ ଅଞ୍ଚଳରେ ରହିଥିଲେ। ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ପଠାଇବା ବ୍ୟବସ୍ଥା କରିଥିଲେ।

## ଶ୍ରମିକଙ୍କୁ ସଚେତନ କଲେ ଅମ୍ବୁଡ୍‌ସମ୍ୟାନ

ନବରଙ୍ଗପୁର,୨୮।୪(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ହାଟଭରଣ୍ଡି ପଞ୍ଚାୟତର ସନରପାରାଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ସାମାଜିକ ଦୂରତା ରକ୍ଷା କରି ଶ୍ରମିକଙ୍କୁ କାର୍ଯ୍ୟ କରିବାକୁ ଜିଲା ଅମ୍ବୁଡ୍‌ସମ୍ୟାନ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସୋମବାର ସଚେତନ କରି ସମସ୍ତଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଛନ୍ତି। ଏହି ସମୟରେ ଏପିଓ ମସିଦାଶ ଖୋସ୍‌ଲା, ସରପଞ୍ଚ ମନୁସରାମ ଗୋଣ୍ଡ, ପିଇଓ ସୁବାସ ଚନ୍ଦ୍ର ଡାଲି, ଜିଆର୍‌ଏସ୍ ଅମରଚାନ୍ଦ ଗୋଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବବେଇ ପଞ୍ଚାୟତର ଅଧୀନ ବିରିପୁରଠାରେ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ କନିଷ୍ଠ ଯନ୍ତ୍ରୀ ଉଦୟନାଥ ମୁର୍ମୁଙ୍କ ତତ୍ତ୍ୱାବଧାନରେ ସଚେତନ କରି ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା।

## ଶଙ୍କରଡ଼ାରେ ସହାୟତା ଦେଲା ପ୍ରଶାସନ, ପୋଲିସ

ଟିକିରି,୨୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ପଞ୍ଚାୟତରେ ସୋମବାର କାଳବୈଶାଖୀ ପ୍ରଭାବରେ ବିଭିନ୍ନ ଗ୍ରାମରେ ଘରଗୁଡ଼ିକ ଭାଙ୍ଗିଥିଲା। ଏହି ଖବର ଟିକିରି ଥାନା ଅଧିକାରୀ ସୁଜ୍ଞାନୀ ସାହୁ, ଏସ୍‌ଆଇ ବିକାଶ ପ୍ରଧାନ ପ୍ରଭାବିତ ଗ୍ରାମକୁ ଯାଇ ରିଲିଫ ଓ ପଲିଥିନ ବାଣ୍ଟିଛନ୍ତି। କାଶୀପୁର ବିଡିଓ ସୁଧାକର ରାଉତ ମଧ ସେହି ଗ୍ରାମ ଗସ୍ତକରି କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ପ୍ରଦାନ କରିଛନ୍ତି।

## ସୋସିଆଲ ମିଡିଆରେ ଭାଇରାଲ ହେଉଛି ଡାକ୍ତରମାନଙ୍କ ସମୂହ ଇସ୍ତଫାପତ୍ର

ଚନ୍ଦାହାଣ୍ଡି,୨୮।୪(ଡି.ଏନ.ଏ.)

ଲକ୍‌ଡାଉନରେ ସମଗ୍ର ଦେଶ ସଙ୍କଟ ଦେଇ ଗତି କରୁଥିବା ବେଳେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଷୟ ନେଇ ବିବାଦ ଥମୁନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ବିଜୟଲକ୍ଷ୍ମୀ ପ୍ରଧାନଙ୍କ ବିରୋଧରେ ବହୁ ଅଭିଯୋଗ ହେବା ପରେ ନିକଟରେ ଏକ ଜିଲାସ୍ତରୀୟ କମିଟି ଏହାର ତଦନ୍ତ କରିଥିଲା। ଏହା ପରେ ଏକ ପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମେଡିକାଲ ଅଫିସରଙ୍କ ବିରୋଧରେ କିଛି ପଦକ୍ଷେପ ଗ୍ରହଣ କରାଗଲେ ଚନ୍ଦାହାଣ୍ଡିର ସମସ୍ତ ଡାକ୍ତର ସମୂହ ଇସ୍ତଫା ଦେବା ନେଇ ନବରଙ୍ଗପୁର ସିଡିଏମଓଙ୍କୁ ହୋଇଥିବା ଏକ ଚିଠିର ନକଲ ସୋସିଆଲ ମିଡ଼ିଆରେ ଘୁରିବୁଲୁଛି। କେତେକ ଆଶାକର୍ମୀଙ୍କ ପାଖକୁ ଯାଇ ମଧ ମେଡିକାଲ ଅଫିସରଙ୍କ ସପକ୍ଷରେ ଦସ୍ତଖତ ସଂଗ୍ରହ କରାଉଥିବା ନଜରକୁ ଆସିଛି। ଏକ୍ଷେତ୍ରରେ ତାଙ୍କୁ ବାପି ଦାସ ସହଯୋଗ କରୁଥିବା ଜଣାପଡ଼ିଛି।

# ସିଲ୍ ସତ୍ତ୍ୱେ ଓଡ଼ିଶା ସୀମାନ୍ତାଞ୍ଚଳ ବ୍ୟବହାର କରୁଛି ଆନ୍ଧ୍ର

କାଶୀନଗର,୨୮।୪(ଡି.ଏନ.ଏ.)



ଆନ୍ଧ୍ର ବ୍ୟବହାର କରୁଥିବା ଓଡ଼ିଶାର ସୀମାନ୍ତ ରାସ୍ତା ।



ଆନ୍ଧ୍ର ପକ୍ଷରୁ ମରାଯାଇଥିବା ଫଳକ ।

କରୋନା ସଂକ୍ରମଣରୁ ଓଡ଼ିଶାର ଗଜପତି ଜିଲାବାସୀଙ୍କୁ ସୁରକ୍ଷା ଦେବା ଲାଗି ଜିଲା ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଛି। କାଶୀନଗର ବ୍ଲକ ପ୍ରଶାସନ ପକ୍ଷରୁ ମଧ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆବଶ୍ୟକ ସ୍ଥଳେ ସୀମା ସିଲ୍ କରାଯାଇଛି। ମାତ୍ର ଆନ୍ଧ୍ର କରୋନା ଭୟରେ ନିଜ ଅଞ୍ଚଳର ରାସ୍ତା ବ୍ୟବହାର ନ କରି ଓଡ଼ିଶା ରାସ୍ତା ବ୍ୟବହାର ପାଇଁ ଏହି ସୀମାକୁ ଭାଙ୍ଗୁଛି। ଖବରରୁ ଜଣାପଡିଛି କାଶୀନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆନ୍ଧ୍ର ଶ୍ରୀକାକୁଲମ ଜିଲାର ଯେଉଁ ସୀମାନ୍ତ ଅଞ୍ଚଳ କାଶୀନଗର ସୀମାକୁ ଲାଗିଛି ସେଠାରେ ମାଟିକାନ୍ଥ ଉଠାଇ ସିଲ୍ କରାଯାଇଛି। କଚ୍ଚା ରାସ୍ତା ସହ ସମ୍ପୃକ୍ତ ସୀମା ଟ୍ରେଞ୍ଚ ଖୋଳାଯାଇ ସିଲ୍ ହୋଇଛି। କେ. ସୀତାପୁର ପଞ୍ଚାୟତ ଅଧୀନ ମନିଗାଁ ଏଫସିଆଇ ଗୋଦାମ ନିକଟରେ ଟ୍ରେଞ୍ଚ ଖୋଳାଯାଇ ସିଲ୍ କରାଯାଇଛି। ଏହା ସମ୍ପୂର୍ଣ୍ଣ ରୂପେ ଓଡିଶାର ଅଞ୍ଚଳ। ଏହା କରଗୁଣ୍ଡା ଜଙ୍ଗଲ ଅଞ୍ଚଳରେ ରହିଛି। ମାତ୍ର ଆନ୍ଧ୍ର ଏହି ଅଞ୍ଚଳ ନିଜର ବୋଲି ଦାବି କରୁଛି। ଏ ସମ୍ପର୍କରେ ତହସିଲଦାର ମିଶ୍ର କହିଛନ୍ତି ଯେ, ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର। ଅନ୍ୟପକ୍ଷରେ ଶ୍ରୀକାକୁଲମ୍ ଜିଲା ପ୍ରଶାସନ ଓ ବତୁର ମଣ୍ଡଳ ପ୍ରଶାସନ କରୋନା ସଙ୍କଟ ସମୟରେ ଜାଣିଶୁଣି ନିଜ ରାଜ୍ୟର ରାସ୍ତା ବ୍ୟବହାର ନ କରି ଓଡ଼ିଶା ରାସ୍ତାକୁ ଚିକିତ୍ସା ହେବାକୁ ଆସିବା ଆଳରେ ବ୍ୟବହାର କରୁଛି। କାଶୀନଗର ପ୍ରଶାସନ ଯେଉଁଠି ଟ୍ରେଞ୍ଚ ଖୋଳିଛି ସେଠାରୁ ଆନ୍ତଃରାଜ୍ୟ ସୀମା ମାତ୍ର ଦେଢ କିମି ଦୂର। ସେଠାରୁ ଏକାଧିକ ଭଲ ରାସ୍ତା ରହିଛି, ଯାହାକୁ ସେମାନେ ବ୍ୟବହାର କରି ଉକ୍ତ ରାସ୍ତାରେ ଅତି ସହଜରେ ଚିକିତ୍ସା ଲାଗି ନିଜ ଅଞ୍ଚଳର ଡାକ୍ତରଖାନାକୁ ଯାଇପାରନ୍ତେ। ଅଥଚ ଆନ୍ଧ୍ରବାସୀ ତାହା ନ କରି ଓଡ଼ିଶାର ରାସ୍ତା ଉପରେ ନିର୍ଭର କରୁଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ରେଲିଗୁଡାଠାରୁ ଆନ୍ଧ୍ର ଡାକ୍ତରଖାନା ଥିବା କୋମଲଗୁଡା ମାତ୍ର ୩ କିମି ଦୂର। ସୀମା ସେପାଖ ଅଧିବାସୀ ଏହି ରାସ୍ତାରେ ମଧ ନିଜ ରାଜ୍ୟର ଡାକ୍ତରଖାନାକୁ ଯାଇପାରନ୍ତେ। ଗଜପତି ଜିଲା ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରି ପଦକ୍ଷେପ ଗ୍ରହଣ କଲେ ଓଡ଼ିଶାର ସୀମାନ୍ତ ଅଞ୍ଚଳ ସୁରକ୍ଷିତ ରହିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଏପ୍ରିଲ ୨୯/୨୦୨୦ Wednesday, April 29/2020

## ସଂକ୍ଷେପରେ

### ଭବିଷ୍ୟନିଧି ପାଣ୍ଠିରୁ ଉଠାଇଲେ ୩ ହଜାର କୋଟି

**ନୂଆଦିଲ୍ଲୀ,୨୮।୪:** ବର୍ତ୍ତମାନ ଲକ୍‌ଡାଉନ ଲାଗି ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଲୋକଙ୍କର ଆର୍ଥିକ ସ୍ଥିତିକୁ କରୋନା ଖରାପ କରିଥିବା ନଜରକୁ ଆସିଛି। ଲକ୍‌ଡାଉନର ବର୍ତ୍ତମାନ ସମୟ ଯାଏ ଲୋକମାନେ ସେମାନଙ୍କ ଭବିଷ୍ୟନିଧି ପାଣ୍ଠି ଖାତାରୁ ଟଙ୍କା ଉଠାଉଥିବା ଦେଖାଯାଉଛି। ଏଭଳି ଭାବେ ପ୍ରାୟ ୮.୨ ଲକ୍ଷ କର୍ମଚାରୀ ୩,୨୪୩.୧୭ କୋଟି ଟଙ୍କା ଉଠାଣ କରିଛନ୍ତି। ଅସୁବିଧାରେ ଥିବା ଲୋକଙ୍କୁ ଉଠାଣ ସୁବିଧା ଦେବା ଲାଗି ଇପିଏଫ୍‌ଓ ପକ୍ଷରୁ ମାର୍ଚ୍ଚ ୨୮ରେ କେତେକ ନିୟମ କୋହଳ କରାଯାଇଥିଲା। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏହି ସମୟରେ ୧୨.୯୧ ଲକ୍ଷ କ୍ଲେମ୍‌କୁ ସମାଧାନ କରାଯାଇଛି।

### ବନ୍ଦର କର୍ମଚାରୀଙ୍କୁ ମିଳିବ ୫୦ ଲକ୍ଷ କ୍ଷତିପୂରଣ



**ନୂଆଦିଲ୍ଲୀ,୨୮।୪:** କରୋନା ସଂକ୍ରମଣରେ କୌଣସି ବନ୍ଦର କର୍ମଚାରୀଙ୍କ ଓ ଶ୍ରମିକଙ୍କର ମୃତ୍ୟୁ ଘଟିଲେ ସେମାନଙ୍କୁ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯିବ। ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଛି। ଦେଶର ସବୁ ପ୍ରମୁଖ ବନ୍ଦରର କର୍ମଚାରୀ ଓ ଶ୍ରମିକଙ୍କ ସହ ଏହି କ୍ଷତିପୂରଣ ସୁବିଧା ଠିକା ଓ ଚୁକ୍ତି ଭିତ୍ତିକ ଶ୍ରମିକ, କର୍ମଚାରୀଙ୍କୁ ମିଳିବ। ମୃତବ୍ୟକ୍ତିଙ୍କ ପରିବାରର ଉତ୍ତରାଧିକାରୀ ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତି ଉପଯୁକ୍ତ ଦାବିଦାର ଏହି ଅର୍ଥ ପାଇପାରିବେ। କର୍ମଚାରୀ ସଂକ୍ରମିତ ହେବାର ଆଶଙ୍କା ରହିଥିବାରୁ ସହାୟତା ପ୍ରଦାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

# ଭବିଷ୍ୟତକୁ ନେଇ ଚିନ୍ତାରେ ଅଟୋ କମ୍ପାନୀ

**ନୂଆଦିଲ୍ଲୀ,୨୮।୪**




ସାରା ଦେଶରେ ଲକ୍‌ଡାଉନ ଏବଂ ଚାହିଦା ହ୍ରାସ ଭଳି ସମସ୍ୟା ସହ ଦେଶର ଅଟୋ କମ୍ପାନୀଗୁଡ଼ିକ ଜୁଝିହେଉଛନ୍ତି। ମାନ୍ଦାବସ୍ଥା ଲାଗି ଗତ ଗୋଟିଏ ବର୍ଷ ହେବ ଦେଶର ଅଟୋ କମ୍ପାନୀ ସମସ୍ୟାରେ ଅଛନ୍ତି। ବର୍ତ୍ତମାନର କୋଭିଡ୍‌-୧୯ ସ୍ଥିତି କମ୍ପାନୀଗୁଡିକର ଚିନ୍ତାକୁ ଆହୁରି ବଢ଼ାଇଛି। ଲକ୍‌ଡାଉନ ବଢିଥିବାରୁ ଏହି ସମୟରେ ଗାଡ଼ି ଶୋ'ରୁମ୍‌ଗୁଡିକ ବନ୍ଦ ରହିଛି। ଚାହିଦା ଫେରାଇ ଆଣିବା ଦିଗରେ ସ୍ୱତନ୍ତ୍ର ଯୋଜନା ହାତକୁ ନେବାର ଆବଶ୍ୟକତା ରହିଛି ବୋଲି ଇଣ୍ଡିଆ ରେଟିଂସ ପକ୍ଷରୁ ମତପ୍ରକାଶ ପାଇଛି। କୋଭିଡ୍‌-୧୯ ପୂର୍ବରୁ ଅଟୋମୋବାଇଲ କମ୍ପାନୀଗୁଡ଼ିକର ବିକ୍ରିରେ ୧୫ରୁ ୨୦% ହ୍ରାସ ଦେଖାଯାଇଥିଲା। ରପ୍ତାନି ଉପରେ ମଧ୍ୟ ଚାପ ରହିଥିବାରୁ କମ୍ପାନୀଗୁଡିକର ଚିନ୍ତା ବଢିଛି। ଗୋଟିଏ ପକ୍ଷେ କହିବାକୁ ଗଲେ ଅଟୋ କମ୍ପାନୀଗୁଡିକ ଆଗାମୀ ଦିନକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ଭବିଷ୍ୟତରେ ବିକ୍ରି ଧାରାର ରୂପରେଖ କିଭଳି ରହିବ ତାକୁ ନେଇ ଶିଳ୍ପ ପକ୍ଷରୁ ଠିକ୍ ଆକଳନ କରାଯାଇପାରି ନାହିଁ।

ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆର ମାର୍ଚ୍ଚରେ ଅଟୋଡିଲରଙ୍କ ପାଖକୁ ଗାଡି ପ୍ରେରଣ ପ୍ରାୟ ୪୭% ଖସିଛି। ସେହିଭଳି ୨୦୧୯ ମାର୍ଚ୍ଚ ତୁଳନାରେ ଚଳିତ ବର୍ଷ ମାର୍ଚ୍ଚରେ ଗାଡି ଡେସ୍‌ପାଚ୍ ପ୍ରାୟ ୩୦ରୁ ୯୦% ଖସିଥିବା କମ୍ପାନୀଗୁଡିକ କହିଛନ୍ତି। ଆଗାମୀ ୨ ତ୍ରୈମାସ ଲାଗି ଗାଡ଼ି ରପ୍ତାନି ପ୍ରଭାବିତ ରହିବ ବୋଲି ଇକ୍ରା ପକ୍ଷରୁ ଆଶଙ୍କା କରାଯାଇଛି। ପ୍ରମୁଖ କମ୍ପାନୀଗୁଡିକ ୨୦ରୁ ୫୦% ରପ୍ତାନି ହ୍ରାସର ସାମ୍ନା କରିପାରନ୍ତି। ଶିଳ୍ପ କେବେ ସ୍ଥିତାବସ୍ଥାକୁ ଫେରିବ ସେ ନେଇ କହି ହେବ ନାହିଁ ବୋଲି ଚକାନ ଭିତ୍ତିକ ଜଣେ ଅଟୋ କମ୍ପୋନେଣ୍ଟ ମାନୁଫାଚରର ମତ ଦେଇଛନ୍ତି। ଏହି କ୍ଷେତ୍ରରେ କାମ କରୁଥିବା କ୍ଷୁଦ୍ର ୟୁନିଟଗୁଡିକ ସରକାରଙ୍କ ସହାୟତା ଆଶାରେ ରହିଛନ୍ତି। ଉକ୍ତ କ୍ଷେତ୍ରଗୁଡିକରେ ଚାକିରି ଯିବାର ଆଶଙ୍କା ଉପୁଜିଥିବାରୁ ଟିକସ ରିହାତି ସହ ଅନ୍ୟ ସୁବିଧା ଦେବା ଉପରେ ଶିଳ୍ପ ପକ୍ଷରୁ ଦାବି ଉଠିଛି।

# ମାନ୍ଦା ପଡ଼ିବ ଆଇଟି ନିଯୁକ୍ତି



**ବାଙ୍ଗାଲୋର,୨୮।୪:** ଚଳିତ ବର୍ଷ ଦେଶର ଆଇଟି କମ୍ପାନୀଗୁଡ଼ିକରେ ନିଯୁକ୍ତି ଫିକା ପଡ଼ିପାରେ। ସେହିଭଳି ବରିଷ୍ଠ କର୍ମଚାରୀଙ୍କ ବେତନ ୨୦ରୁ ୨୫% ହ୍ରାସ ହୋଇ ପାରେ। ମହାମାରୀ ଯୋଗୁ କମ୍ପାନୀଗୁଡିକ ଏଭଳି ନିଷ୍ପତ୍ତି ନେବେ ବୋଲି ଆଇଟି ଶିଳ୍ପ ବିଶେଷଜ୍ଞ ଟି.ଭି.ମୋହନଦାସ ପାଇ ସୂଚନା ଦେଇଛନ୍ତି। ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ୍ ଲିମିଟେଡ୍‌ରେ ମୁଖ୍ୟ ବିତ୍ତ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ପାଇ କହିଛନ୍ତି ଯେ, ଚଳିତ ବର୍ଷ ଆଇଟି ଶିଳ୍ପରେ ଯେଭଳି ଘଟଣା ସାମ୍ନାକୁ ଆସିଲା ତାହା କେବେ ଦେଖାଯାଇ ନ ଥିଲା। ଶିଳ୍ପର ୯୦% କର୍ମଚାରୀ ଏବେ ଘରୁ କାମ କରୁଛନ୍ତି। କ୍ଲାଏଣ୍ଟଙ୍କଠାରୁ ଅନୁମତି ନେଇ କମ୍ପାନୀଗୁଡିକ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମକରିବା ସୁବିଧା ଦେଇଛନ୍ତି। ଘରେ ଆଇଟି ଭିତ୍ତିଭୂମି ମଧ୍ୟ ବିକଶିତ ହେବା ସହ କାମ ଚାଲୁ ରହିଛି। ସ୍ଥିତି ଏବେ ଠିକ୍ ହୋଇ ନ ଥିବାରୁ କମ୍ପାନୀଗୁଡିକ ଆଗାମୀ ଦିନରେ ମଧ୍ୟ ସାମାଜିକ ଦୂରତ୍ୱ ବଜାୟ ରଖିବେ। ହୁଏତ କେତେଜଣ କର୍ମଚାରୀ କର୍ମକ୍ଷେତ୍ରକୁ ଫେରିପାରନ୍ତି। ଏଭଳି ସ୍ଥିତିରେ କମ୍ପାନୀଗୁଡିକ ନୂଆ ନିଯୁକ୍ତି କଥା ଚିନ୍ତା କରି ନ ପାରନ୍ତି ବୋଲି ପାଇ ମତ ରଖିଛନ୍ତି।

# ଟିକସ ବୃଦ୍ଧି ପ୍ରସଙ୍ଗରେ ୩ ଅଧିକାରୀଙ୍କୁ ଚାର୍ଜଶିଟ

**ନୂଆଦିଲ୍ଲୀ,୨୮।୪:** ଅତି ଧନୀଙ୍କ ଉପରେ ଟିକସ ବୃଦ୍ଧି କରିବା ନେଇ ସରକାରଙ୍କୁ ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍)ର ୫୦ ଜଣ ଅଧିକାରୀ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)କୁ ପ୍ରସ୍ତାବ ଦେଇଥିଲେ। ଆୟକରରେ ବୃଦ୍ଧି ନେଇ ମଧ୍ୟ ପ୍ରସ୍ତାବ ରହିଥିଲା। ଏହି ପ୍ରସ୍ତାବ ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଥିବା ବେଳେ ଏହାକୁ ସରକାର ଖାରଜ କରିଦେଇଛନ୍ତି। ଉକ୍ତ ରିପୋର୍ଟ ଦେଇଥିବା ୩ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ସିବିଡିଟି ପକ୍ଷରୁ ସୋମବାର ଚାର୍ଜଶିଟ୍ ଜାରି କରାଯାଇଛି। ଅଫିସିଆଲ ଚ୍ୟାନେଲରେ ବୋର୍ଡକୁ ରିପୋର୍ଟ ପଠାଇବା ପରିବର୍ତ୍ତେ ଅଫିସର ସୋସିଆଲ ମିଡିଆରେ ଏହାକୁ ପ୍ରଘଟ କରିଥିଲେ। ସେହିଭଳି ୫୦ଜଣ ଅଧିକାରୀଙ୍କୁ ପଥଭ୍ରଷ୍ଟ କରିଥିବା ମଧ୍ୟ ସିବିଡିଟି ପକ୍ଷରୁ କୁହାଯାଇଛି। ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଚ୍ୟାଲେଞ୍ଜିଂ ସମୟ ଦେଇ ଗତି କରୁଥିବାରୁ ଏଭଳି କାର୍ଯ୍ୟ ଦ୍ୱାରା ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଥିବାରୁ ପ୍ରଥମେ ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହାକୁ ବିଚାର କରି ସିବିଡିଟି ଚାର୍ଜଶିଟ ଜାରି କରିଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଚାର୍ଜଶିଟ ଜାରି ହୋଇଥିବା ଅଧିକାରୀଙ୍କ ମଧ୍ୟରେ ୧୯୮୮ ବ୍ୟାଚ୍ ଆଇଆର୍‌ଏସ୍ ପ୍ରଶାନ୍ତ ଭୂଷଣ, ୨୦୦୧ ବ୍ୟାଚ୍ ଆଇଆର୍‌ଏସ୍ ପ୍ରକାଶ ଦୁବେ, ୧୯୮୯ ଆଇଆର୍‌ଏସ୍ ସଞ୍ଜୟ ବାହାଦୁର ରହିଛନ୍ତି।

### ଭାରତର ରେଟିଂ ଉପରେ ଚାପ ଆସିପାରେ

**ନୂଆଦିଲ୍ଲୀ, ୨୮।୪:** ଭାରତର ସୋଭରେନ ରେଟିଂ ଉପରେ ଚଳିତ ବର୍ଷ ଚାପ ଆସିପାରେ। ଭାରତ ଚଳିତ ବର୍ଷ ନିମ୍ନ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ଏହାଦ୍ୱାରା ଦେଶର ବିତ୍ତୀୟ ପରିଦୃଶ୍ୟ ଖରାପ ହେବା ନେଇ ଆଶଙ୍କା ଉପୁଜିଛି। ବିତ୍ତୀୟ ଶୃଙ୍ଖଳା ବିଗିଡ଼ିଲେ ଏହା ଭାରତର ରେଟିଂ ଉପରେ ଅଧିକ ଚାପ ପକାଇବ ବୋଲି ଫିଚ୍ ରେଟିଂ ପକ୍ଷରୁ କୁହାଯାଇଛି। କରୋନା ନିୟନ୍ତ୍ରଣକୁ ଆସିଲେ ସରକାର ବିତ୍ତୀୟ ଧାରାକୁ ପୁଣି ଥରେ ବ୍ୟବସ୍ଥିତ କରିବେ ବୋଲି ଏହା କହିଛି। ୨୦୧୯ ଡିସେମ୍ବରରେ ଏହା ଭାରତର ରେଟିଂକୁ ବିବିବି- କରିଥିଲା। ଆର୍ଥିକ ବର୍ଷ ୨୦୨୧ରେ ଭାରତର ବିକାଶ ହାର ୦.୮% ରହିବ ବୋଲି ଏହି ଏଜେନ୍ସି ଆକଳନ କରିଛି। ଭାରତର ଅଭିବୃଦ୍ଧି ହାର ୫.୬% ରହିବ ବୋଲି ଏହା ପୂର୍ବରୁ ଆକଳନ କରିଥିଲା।

# ଏଡିବି ଦେଲା ୧୨ ହଜାର କୋଟି ସହାୟତା

**ନୂଆଦିଲ୍ଲୀ,୨୮।୪**




କୋଭିଡ୍‌-୧୯ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ଭାରତକୁ ୧.୫ ବିଲିୟନ ଡଲାର( ପ୍ରାୟ ୧୨ ହଜାର କୋଟି ଟଙ୍କା)ର ଋଣ ସହାୟତା ସମ୍ପର୍କରେ ମଙ୍ଗଳବାର ଘୋଷଣା କରିଛି। ଗରିବ, ସାମାଜିକ ଦୁର୍ବଳ ବର୍ଗ ଏବଂ ମହାମାରୀକୁ ରୋକିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ଏଭଳି ଋଣ ମଞ୍ଜୁର କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଭାରତ ସରକାରଙ୍କ ସହ ରହିଛୁ ବୋଲି ଏଡିବିର ସଭାପତି ଏମ୍.ଆଶାକାୱା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଭାରତୀୟ ଦୀର୍ଘମିଆଦୀ ଯୋଜନାଗୁଡ଼ିକୁ ସହାୟତା ଦିଗରେ ଏଡିବି ସର୍ବଦା ଯୋଗଦାନ ରଖିଛି। ଭାରତର ଉନ୍ନତିରେ ଏକ ଅଂଶୀଦାର ଭାବେ ବୃହତ୍ ଯୋଜନାର ଏକ ଅଂଶଭାବରେ ତ୍ୱରିତ ଋଣ ମଞ୍ଜୁର କରାଯାଇଛି। କୋଭିଡ୍‌-୧୯ ପ୍ରୋଗ୍ରାମ ଦିଗରେ ଏହି ସହାୟତା ଦ୍ୱାରା ଭାରତ ଲାଭବାନ ହେବା ନେଇ ଆଶାବାଦୀ ରହିଥିବା ସେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ କୋଭିଡ୍ ଯୋଗୁ ସାରା ବିଶ୍ୱ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଭାରତ ଏଥିଲାଗି ଲକ୍‌ଡାଉନ ହୋଇ ରହିଛି। ଏହି ମାରାତ୍ମକ ଭୂତାଣୁ ଦ୍ୱାରା ଭାରତରେ ଏବେ ୨୯,୪୩୫ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଛନ୍ତି। ୬୮୬୯ ଜଣ ଏବେ ଠିକ୍ ହୋଇଛନ୍ତି। ଏମାନଙ୍କୁ ହସ୍ପିଟାଲରୁ ଘରକୁ ଛଡ଼ାଯାଇଛି। ସରକାରୀ ଡାଟା ମୁତାବକ ୯୩୪ ଜଣ ଏହାଦ୍ୱାରା ମୃତ୍ୟୁମୁଖରେ ପଡ଼ିଛନ୍ତି।

## ଖେଳ ଖବର

### ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ହରାଇଲା ଭାରତ

**ନୂଆଦିଲ୍ଲୀ, ୨୮।୪ (ପି.ଟି.):** ଆୟୋଜକ ଫି' ଦାଖଲ କରିପାରି ନ ଥିବାରୁ ଭାରତ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ୨୦୨୧ ଆୟୋଜନ ଅଧିକାର ହରାଇଛି। ଇଭେଣ୍ଟର ଆୟୋଜନ ପାଇଁ ୨୦୧୭ରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିକୁ ରଦ୍ଦ କରାଯାଇଛି। ଇଣ୍ଟରନ୍ୟାଶନାଲ ଆମେଚର ବକ୍ସିଂ ଆସୋସିଏଶନ (ଆଇବା) ତରଫରୁ ମଙ୍ଗଳବାର ଘୋଷଣା କରାଯାଇଛି। ହୋଷ୍ଟ ସିଟି ଏଗ୍ରିମେଣ୍ଟ ଅନୁସାରେ ନୂଆଦିଲ୍ଲୀ ଆବଶ୍ୟକ ଫି' ଦାଖଲ କରିପାରି ନ ଥିଲା। ଚୁକ୍ତି ରଦ୍ଦ କରାଯିବା ଦ୍ୱାରା ଜରିମାନା ବାବଦରେ ଭାରତ ୫୦୦ ଆମେରିକୀୟ ଡଲାର ଦେବ। ଭାରତରେ ପ୍ରଥମ ଥର ପାଇଁ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥାନ୍ତା। ଏହି ଇଭେଣ୍ଟ ବର୍ତ୍ତମାନ ସର୍ବିଆର ସହର ବେଲ୍‌ଗ୍ରେଡ୍‌ରେ ହେବ। ଏହି ବଡ଼ ଇଭେଣ୍ଟର ଆୟୋଜନ ସକାଶେ ସର୍ବିଆ ନିକଟରେ ସମସ୍ତ ପ୍ରକାର ସାମର୍ଥ୍ୟ ରହିଛି ବୋଲି ଆଇବା ସଭାପତି ମହମ୍ମଦ ମୋସ୍ତାସେନ୍ ପ୍ରକାଶ କରିଛନ୍ତି।

# କରୋନା ନିୟନ୍ତ୍ରଣ ନ ହେଲେ ବାତିଲ ହେବ ଅଲିମ୍ପିକ୍ସ

**ଟୋକିଓ, ୨୮।୪ (ଏଏଫ୍‌ପି)**



କୋଭିଡ୍‌-୧୯ ମହାମାରୀ ଶେଷ ନ ହେଲେ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଶେଷରେ ବାତିଲ ହେବ ବୋଲି କହିଛନ୍ତି ଟୋକିଓ ୨୦୨୦ ଅଧ୍ୟକ୍ଷ ୟୋସରୋ ମୋରି। ଭାଇରସ୍ ସଂକ୍ରମଣ କାରଣରୁ ଟୋକିଓ ଅଲିମ୍ପିକ୍ସକୁ ବର୍ଷେ ଘୁଞ୍ଚାଇ ଦିଆଯାଇଥିଲା। ମହାମାରୀ ନିୟନ୍ତ୍ରଣକୁ ନ ଆସିଲେ ଆସନ୍ତା ବର୍ଷ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ବାତିଲ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ୨୦୨୧ ଜୁଲାଇ ୨୩ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମହାମାରୀ କାରଣରୁ ଆଉଥରେ ସ୍ଥଗିତ ରଖିବା କିମ୍ବା ଘୁଞ୍ଚାଇବା ସମ୍ଭବ ନୁହଁ ବୋଲି ଜାପାନର 'ନିକ୍କାନ ସ୍ପୋର୍ଟ୍ସ ଡେଲି'କୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ଯଦି ଏହି ଭାଇରସ୍‌ର ପ୍ରକୋପ ପୂର୍ବଭଳି ଆସନ୍ତାବର୍ଷ ବଜାୟ ରହେ ତା'ହେଲେ ଅଲିମ୍ପିକ୍ସକୁ ବାତିଲ କରିବା ଛଡ଼ା ଅନ୍ୟ ଉପାୟ ନାହିଁ। ପୂର୍ବରୁ ଅଲିମ୍ପିକ୍ସ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ବାତିଲ ହୋଇଥିଲା। ତେବେ ଏଥର ଏକ ଅଦୃଶ୍ୟ ଶତ୍ରୁ ବିରୋଧରେ ଲଢେଇ ଚାଲିଛି। ଯଦି ଏହି ଭୂତାଣୁ ନିୟନ୍ତ୍ରଣକୁ ଆସେ ତା'ହେଲେ ଅଲିମ୍ପିକ୍ସ ଆୟୋଜନ ହେବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି।

ତେବେ ଅଲିମ୍ପିକ୍ସ ବାତିଲ ହେବା ସମ୍ପର୍କରେ ଟୋକିଓ ୨୦୨୦ ମୁଖପାତ୍ର ମାସା ଟାକାୟା କିଛି କହିବାକୁ ମନା କରିଦେଇଛନ୍ତି। ମୋରି ଦେଇଥିବା ମନ୍ତବ୍ୟ ତାଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବୋଲି ସେ କହିଛନ୍ତି। ପୂର୍ବରୁ ଆଥଲେଟ, ବିଭିନ୍ନ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଫେଡେରେଶନଗୁଡିକର ଚାପ ଆଗରେ ମୁଣ୍ଡ ନୁଆଁଇ ଜାପାନ ଆୟୋଜକ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ (ଆଇଓସି) ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। କରୋନା ଭାଇରସ୍ ବିରୋଧରେ ଚାଲିଥିବା ଏହି ଲଢେଇରେ ବିଜୟୀ ହେବା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ଗୋଟିଏ ବର୍ଷ ପର୍ଯ୍ୟାପ୍ତ ହେବ କି ନା ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଭାଇରସ ପାଇଁ ଯଦି କୌଣସି ଭ୍ୟାକ୍‌ସିନ ବା ଟିକା ପ୍ରସ୍ତୁତ ନ କରାଯାଇପାରେ ତା'ହେଲେ ଆସନ୍ତାବର୍ଷ ଅଲିମ୍ପିକ୍ସ ଆୟୋଜନ କରିବା କଷ୍ଟକର ହୋଇପଡିବ ବୋଲି ଜାପାନ ମେଡିକାଲ ଆସୋସିଏଶନ ମୁଖ୍ୟ ୟୋଶିଟାକେ ୟୋକୋକୁରା କହିଛନ୍ତି। କରୋନା ଭାଇରସକୁ ନିୟନ୍ତ୍ରଣ କରିବାରେ ଜାପାନ ମଧ୍ୟ ଆଖିଦୃଶିଆ ସଫଳତା ହାସଲ କରିପାରି ନାହିଁ। ତେବେ ବର୍ତ୍ତମାନ ଏ ନେଇ ଆକଳନ କିମ୍ବା ଆଶଙ୍କା ପ୍ରକାଶ କରିବା ଠିକ୍ ହେବ ନାହିଁ ବୋଲି ଟୋକିଓ ୨୦୨୦ ମୁଖପାତ୍ର ଟାକାୟା କହିଛନ୍ତି।

ଖର୍ଚ୍ଚାକାଟ ପାଇଁ ଆୟୋଜକମାନେ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବକୁ ମିଳିତ ଭାବେ ଆୟୋଜନ କରିବାକୁ ଆଲୋଚନା କରୁଛନ୍ତି। ଏହି ଯୋଜନା ଅନୁସାରେ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଜୁଲାଇ ୨୩ରେ ଆୟୋଜନ ହେବ।

# ଅରୁଣ କୁମାର ଆମେରିକା କ୍ରିକେଟ ଟିମ୍ କୋଚ୍

**ଚେନ୍ନାଇ, ୨୮।୪ (ପି.ଟି.):** ପୂର୍ବତନ କର୍ଣ୍ଣାଟକ ବ୍ୟାଟ୍ସମ୍ୟାନ ଜେ. ଅରୁଣ କୁମାର ମଙ୍ଗଳବାର ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) କ୍ରିକେଟ ଟିମ୍‌ର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଅରୁଣ କୁମାର କ୍ରିକେଟ ମହଲରେ ଜଣାଶୁଣା। ସେ ବହୁ ବର୍ଷ ଧରି କର୍ଣ୍ଣାଟକ ଦଳ ସହିତ କାର୍ଯ୍ୟ କରିଛନ୍ତି। ଆଇପିଏଲ୍ ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଇଲେଭେନ ପଞ୍ଜାବର ବ୍ୟାଟିଂ କୋଚ୍ ମଧ୍ୟ ଥିଲେ। ୟୁଏସଏ କ୍ରିକେଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଏନ୍ ହିଗିନ୍ସ କହିଛନ୍ତି, କୋଚ୍ ପଦବୀ ପାଇଁ ଯେତେଜଣ ପ୍ରାର୍ଥୀ ଥିଲେ ସେମାନଙ୍କ ମଧ୍ୟରୁ ପୂର୍ବତନ ରଣଜୀ ଓ ଆଇପିଏଲ୍ ଖେଳାଳି ଏବଂ କୋଚ୍ ଅରୁଣ କୁମାରଙ୍କୁ ଆମେ ପସନ୍ଦ କରିଥିଲୁ। ସିଇଓ ପୁଣି କହିଛନ୍ତି ଯେ, ଅରୁଣ କୁମାର ଇତିମଧ୍ୟରେ ହ୍ୟୁଷ୍ଟନଠାରେ ଅନୁଷ୍ଠିତ ଏକ ଟ୍ୟାଲେଣ୍ଟ କ୍ୟାମ୍ପକୁ ଆସି ସପୋର୍ଟ ଷ୍ଟାଫ୍, ସିଲେକ୍ଟର୍ସ ଏବଂ ଖେଳାଳିମାନଙ୍କ ସହିତ ସାକ୍ଷାତ କରି ଯାଇଛନ୍ତି। ସେ ଆମ ସହିତ ଆଲୋଚନା ମଧ୍ୟ ଜାରି ରଖିଛନ୍ତି। ଅରୁଣ କୁମାରଙ୍କ



ପାଇଁ ୱାର୍କିଂ ଭିଜା ଯୋଗାଡ଼ ହୋଇଯିବା ପରେ ସେ ଆମେରିକାରେ ରହି ଖେଳାଳି ମାନଙ୍କୁ ତାଲିମ ଦେବ। ଅରୁଣ କୁମାର ପୁଡୁଚେରୀ ଟିମ୍‌ର ଦାୟିତ୍ୱରେ ମଧ୍ୟ ଥିଲେ। ମାତ୍ର ଆସୋସିଏଶନର ଅଫିସିଆଲଙ୍କ ସହିତ ତାଙ୍କର ମତଭେଦ ହେବାରୁ ସେ ଫେବ୍ରୁୟାରୀରେ ପଦତ୍ୟାଗ କରିଥିଲେ। କୋଭିଡ୍‌-୧୯ ମହାମାରୀ ଯୋଗୁ ଅରୁଣ କୁମାର ବର୍ତ୍ତମାନ ଆମେରିକା ଗସ୍ତ କରିପାରୁ ନାହାନ୍ତି।

# ନ୍ୟୁଜିଲାଣ୍ଡ ଫେରିଲେ ମାଇକ୍ ହେସନ

**ନୂଆଦିଲ୍ଲୀ, ୨୮।୪ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର କ୍ରିକେଟ ଅପରେଶନ ଡାଇରେକ୍ଟର ମାଇକ୍ ହେସନ ମଙ୍ଗଳବାର ନ୍ୟୁଜିଲାଣ୍ଡ ଫେରିଯାଇଛନ୍ତି। କୋଭିଡ୍‌-୧୯ ମହାମାରୀ ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ୍ ଲାଗୁ କରାଯାଇଥିବାରୁ ସେ ମାସାଧିକ କାଳ ଭାରତରେ ଅଟକି ରହିଥିଲେ। ଆଇପିଏଲ୍‌ର ୧୩ତମ ସଂସ୍କରଣରେ ଭାଗ ନେବା ଲାଗି ନ୍ୟୁଜିଲାଣ୍ଡର ପୂର୍ବତନ ଖେଳାଳି ଓ କୋଚ୍ ମାର୍ଚ୍ଚ ୫ରେ ଭାରତରେ ପହଞ୍ଚିଥିଲେ। ଲକ୍‌ଡାଉନ୍ ପରେ ସମସ୍ତ ବିମାନସେବାକୁ ସସ୍‌ପେଣ୍ଡ କରାଯାଇଥିବାରୁ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ଗୋଟିଏ ଦିନ ବସ୍ ଯାତ୍ରା ପରେ ସେ ମୁମ୍ବାଇ ବିମାନ ବନ୍ଦରରେ ପହଞ୍ଚିଥିଲେ। ବସ୍ ଯାତ୍ରା ସମୟରେ



ପାର୍ଶ୍ୱ ଦୃଶ୍ୟ ଅତ୍ୟନ୍ତ ମନ ମୁଗ୍ଧକର ଥିଲା ବୋଲି ସେ କହିଛନ୍ତି। ତାଙ୍କ ସ୍ୱଦେଶ ଫେରିବା ବ୍ୟବସ୍ଥା ପାଇଁ ସେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତରେ ଥିବା ନ୍ୟୁଜିଲାଣ୍ଡ ଦୂତାବାସ, ନ୍ୟୁଜିଲାଣ୍ଡ ବୈଦେଶିକ ମନ୍ତ୍ରଣାଳୟ ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡର୍ନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କରୋନାଭାଇରସ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ସେମାନଙ୍କ ଦେଶରେ ଗତମାସରୁ ଲକ୍‌ଡାଉନ୍ ଲାଗୁ କରିବା ସହ ଯାତାୟାତରେ କଟକଣା ଜାରି କରିଛନ୍ତି। ୪୫ ବର୍ଷୀୟ ହେସନଙ୍କୁ ଏଥିପାଇଁ ବେଙ୍ଗାଲୁରୁରେ ଅଟକିବାକୁ ପଡ଼ିଥିଲା। ଭାରତରେ ଲକ୍‌ଡାଉନ୍‌ର ମିଆଦକୁ ଇତିମଧ୍ୟରେ ମେ ୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡରେ ମଙ୍ଗଳବାରଠାରୁ କଟକଣା କୋହଳ କରାଯାଇଛି। କାର୍ଯ୍ୟସୂଚୀ ଅନୁସାରେ ଆଇପିଏଲ୍ ମାର୍ଚ୍ଚ ୨୯ରୁ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ମହାମାରୀ ଯୋଗୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯାଇଛି।

# ସରୱନଙ୍କୁ 'ସାପ' କହିଲେ ଗେଲ୍

**ନୂଆଦିଲ୍ଲୀ, ୨୮।୪:** କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ)ର ଜାମାଇକା ତଲୱାସ ଫ୍ରାଞ୍ଚାଇଜ୍ କ୍ରିସ୍ ଗେଲ୍‌ଙ୍କୁ ଅପରିବର୍ତ୍ତିତ ରଖି ନାହିଁ। ଏହା ପଛରେ ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ ରାମନରେଶ ସରୱନଙ୍କ ପ୍ରଚ୍ଛନ୍ନ ହାତରହିଛି ବୋଲି ଅନୁଭବ କରୁଛନ୍ତି ଗେଲ୍। ଏଥିପାଇଁ ସେ ସରୱନଙ୍କୁ ଏକ 'ସାପ' ଏବଂ ବର୍ତ୍ତମାନ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା 'କରୋନା ଭାଇରସଠାରୁ ମାରାତ୍ମକ' ବୋଲି ଗେଲ୍ ନିଜ ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ମାଧ୍ୟମରେ ପ୍ରକାଶ କରିଛନ୍ତି। ଗେଲ୍ ସିପିଏଲର ପ୍ରଥମ ୪ ସଂସ୍କରଣ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ଜାମାଇକା ତଲୱାସ ପକ୍ଷରୁ ଖେଳିଥିଲେ। ପରବର୍ତ୍ତୀ ୨ ସିଜନ ସେଣ୍ଟ କିଟ୍ସ ଓ ନେଭିସ ପ୍ୟାଟ୍ରିଅଟ୍ସ ପକ୍ଷରୁ ଖେଳିବାପରେ ଗତ ସିଜନରେ ପୁଣି ତଲୱାସରେ ଯୋଗ ଦେଇଥିଲେ। ସେ ଏହି




ଫ୍ରାଞ୍ଚାଇଜ୍ ପକ୍ଷରୁ ନିଜର ଦ୍ୱିତୀୟ ମ୍ୟାଚରେ ଶତକ ହାସଲ କରିଥିଲେ ମଧ୍ୟ। ମାତ୍ର ଓଭରଅଲ୍ ପ୍ରଦର୍ଶନ ଦୃଷ୍ଟିରୁ ତଲୱାସ ପଏଣ୍ଟ ଟେବୁଲର ନିମ୍ନରେ ରହିଥିଲା। ତଲୱାସ ଫ୍ରାଞ୍ଚାଇଜ୍ ଅପରିବର୍ତ୍ତିତ ନ ରଖିବାରୁ ଗେଲ୍ ୨୦୨୦ ସିପିଏଲ ସିଜନରେ ସେଣ୍ଟ ଲୁସିଆ ଜୁକ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏହି ଦଳର ଅଧିନାୟକ ଅଛନ୍ତି ଡାରେନ ସାମି ଏବଂ କୋଚ୍ ଆଣ୍ଡି ଫ୍ଲାୱାର।

ସରୱନଙ୍କ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତାରେ ଗେଲ୍ କହିଛନ୍ତି ଯେ, ''ତଲୱାସ ନିଷ୍ପତ୍ତିରେ କ'ଣ ସ୍ୱଚ୍ଛତା ରହିଛି। ଏଥିରେ ତୁମେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛ। ଆମେ ଦୀର୍ଘଦିନଧରି କିପରି ଖେଳି ଆସିଛନ୍ତି ସେ ସମ୍ପର୍କରେ ତୁମେ ମୋ ଜନ୍ମଦିନ ପାର୍ଟିରେ ବଡ଼ ଭାଷଣ ଦେଇଥିଲ। ମାତ୍ର ପର ମୁହୂର୍ତ୍ତରେ ବଦଳିଗଲ। ତୁମେ ଏକ ସାପ। ତୁମେ ଜାଣିଛ ଯେ କ୍ୟାରିବିୟାନ କ୍ରିକେଟରେ ତୁମେ ଲୋକପ୍ରିୟ ନୁହଁ। ତୁମେ ଜଣେ ପ୍ରତିଶୋଧ ପରାୟଣ ବ୍ୟକ୍ତି ଏବଂ ଏବେ ମଧ୍ୟ ଅପରିପକ୍ୱ। ମୋତେ ଦଳରୁ ବାହାର କରିବାକୁ ଯୋଜନା କରିବା ସହ ପଛରୁ ଛୁରିକାଘାତ କରିଛ। ଏଥିପାଇଁ ହିଁ ଲୋକମାନେ ତୁମକୁ ଅଣଦେଖା କରନ୍ତି''। ଗେଲ୍ ଆହୁରି କହିଛନ୍ତି ଯେ, ''୧୯୯୬ରେ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ମୁଁ ଏକମାତ୍ର ସକ୍ରିୟ ଅଛି। ଅନ୍ୟ ସମସ୍ତେ ଅବସର ନେଇ ଯାଇଛନ୍ତି। ମୁଁ ଏକମାତ୍ର ଏହି ଯୁଗର ପ୍ରତିନିଧିତ୍ୱ କରୁଛି ଏବଂ ଏମେ ମଧ୍ୟ ଦୃଢ଼ ଅଛି। ଗେଲ୍ ଏବେ ମଧ୍ୟ ଖେଳୁଛି ଏବଂ ସଫଳତା ପାଉଛି ବୋଲି ଦେଖି କେତେକ ଆଘାତ ପାଉଛନ୍ତି। ମୁଁ ପୂର୍ବତନ ଏବଂ ବର୍ତ୍ତମାନର ଖେଳାଳିଙ୍କ କଥା କହୁଛି। ସମୟ ଆସିଲେ ପୁଣି ତୁମସହ ଦେଖାହେବ''।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ